(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Wednesday, November 10/2021 | ★★★★

୪୭ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ମୁଖ୍ୟ ପାରିଲେନି, ଅଫିସର କରିବେ



ଭୁବନେଶ୍ୱର ଲୋକସେବା ଭବନରେ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ତରୀୟ ଏବଂ ଏକ ମେମେଣ୍ଟୋ ଉପହାରରେ ଦେଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

***ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଛି ଜଳ, ସୀମାକୁ ନେଇ କେତେକ ବିବାଦ। ଏହାର ରାଜନୈତିକ ସ୍ତରରେ ସମାଧାନ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମଙ୍ଗଳବାର ଭୁବନେଶ୍ୱର ଆସି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଉଭୟ ମୁଖ୍ୟମନ୍ତ୍ରୀ ପାରିଲେନାହିଁ ବିବାଦ ସମାଧାନ ହୋଇପାରିଲା ନାହିଁ। ଶେଷରେ ଏହି ଦାୟିତ୍ୱ ଅଫିସରଙ୍କ ଉପରେ ନ୍ୟସ୍ତ କରାଯାଇଛି।***

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

କୋଟିଆ ଗ୍ରାମପୁଞ୍ଜ, ନେରେଡି ବ୍ୟାରେଜ, ଝଞ୍ଜାବତୀ ଜଳପ୍ରପାତ, ପୋଲାଭରମ, ବାହୁଦା ନଦୀ ଜଳ ଛାଡ଼ିବା ପ୍ରସଙ୍ଗ ଏବଂ ବାଲିମେଳା ଓ ଅପର ସିଲେରୁ ଜଳ ବିଦ୍ୟୁତ କ୍ଷେତ୍ର ଆଦି ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମାଧାନ ପାଇଁ ଆନ୍ଧ୍ର ଏବଂ ଓଡ଼ିଶା ସରକାରଙ୍କ ଅଫିସରମାନେ ମିଳିତ ଭାବେ କାମ କରିବେ। ଆନ୍ଧ୍ର ଏବଂ ଓଡ଼ିଶା ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ସକାଶେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ଆନ୍ଧ୍ର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଉଭୟ ରାଜ୍ୟ ପକ୍ଷରୁ ମିଳିତ ବିବୃତି ଜାରି କରାଯାଇଛି। ତଦନୁଯାୟୀ ମିଳିତ ଏନ୍‌ଓସି ପ୍ରସଙ୍ଗକୁ ତୁଟାଇବା ପାଇଁ ଦୁଇ ସରକାର କାର୍ଯ୍ୟ କରିବେ। ଏଥିସହିତ ଉଭୟ ରାଜ୍ୟ ମାଓବାଦୀ

## ଓଡ଼ିଶା-ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଦମନ ସହ ଗଞ୍ଜେଇ ଚାଷ ମୂଳୋତ୍ପାଟନ କରିବା ଦିଗରେ ପରସ୍ପର ସହଯୋଗ କରିବେ।

ଶ୍ରୀକାକୁଲମଠାରେ ଥିବା ବି.ଆର. ଆମ୍ବେଦକର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତେଲଗୁ ଚେୟାର ସ୍ଥାପନ କରିବାକୁ ଉଭୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ଉଭୟ ରାଜ୍ୟର ସୀମାବର୍ତ୍ତୀ ସ୍କୁଲଗୁଡ଼ିକରେ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି ଦେବା ସହ ବହି ଯୋଗାଇ ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ ଉଭୟ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ବିବାଦଗୁଡ଼ିକୁ ମିଳିତ ସହଯୋଗ ଏବଂ ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଦେଇ ☞ପୃଷ୍ଠା-୪

## ଏପଟେ ଆଲୋଚନା, ସେପଟେ ଆନ୍ଧ୍ରର ଅନୁପ୍ରବେଶ

**କୋରାପୁଟ,୯।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲାର ସୀମାନ୍ତ କୋଟିଆ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ମଙ୍ଗଳବାର ଭୁବନେଶ୍ୱରଠାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗମୋହନ ରେଡ୍ଡି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ସମୟରେ ମଧ୍ୟ ଆନ୍ଧ୍ର ଓଡ଼ିଶାର କୋଟିଆର ସୀମାନ୍ତ ଗ୍ରାମରେ ପ୍ରବେଶ କରିବାକୁ ପଛଘୁଞ୍ଚା ଦେଇନାହିଁ। କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମଠାରେ ଆନ୍ଧ୍ର ଗ୍ରାମସଭା କରି ସ୍ଥାନୀୟ ଲୋକଙ୍କୁ ଆନ୍ଧ୍ରର ବିଭିନ୍ନ ଯୋଜନାରେ ସାମିଲ ପାଇଁ ଲୋଭ ଦେଖାଇଛି। ଆନ୍ଧ୍ରର ବିଜୟନଗରମ୍ ଜିଲା ସାଲୁର ମଣ୍ଡଳମର ପାର୍ବତୀପୁର ପିଏଆଇଟିଡିଏ ଗୁପ୍ତେଶ୍ୱର ରାଓ ଏବଂ ସୂର୍ଯ୍ୟ ନାରାୟଣଙ୍କ ନେତୃତ୍ୱରେ ଅଧିକାରୀମାନେ କୋଟିଆର ଧୂଳିପଦର ଗ୍ରାମରେ ପହଞ୍ଚି ଏକ ଗ୍ରାମସଭା କରିବା ସହିତ ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ଉପରେ ଆଲୋଚନା କରିଛନ୍ତି। ସେଠାରେ କେତେଜଣ ମହିଳା ଓ ଶିଶୁଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିବା ଜଣାପଡ଼ିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କ୍ରିପ୍ଟୋ ଆଇନ






# ମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼

**ନୂଆପଡ଼ା ଅଫିସ,୯।୧୧**

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କର ବହିଷ୍କାର ଦାବିରେ ବିଭିନ୍ନ ଜିଲାରେ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ଏଭଳିସ୍ଥିତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ବଣ୍ଟନ ପାଇଁ ଆସିଥିବା ମନ୍ତ୍ରୀଙ୍କୁ ମଙ୍ଗଳବାର ନୂଆପଡ଼ା ଜିଲାରେ ଅଣ୍ଡାମାଡ଼ କରାଯାଇଛି। ଜିଲାର ତରବୋଡ କଲୋନୀପଡା ଓ ବଙ୍ଗଳାପଡା ଗୋଦାମ ଛକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଗାଡିକୁ ଭାଜପା କର୍ମୀମାନେ ଦଳୀୟ ପତାକା ଦେଖାଇବା ସହ କଳାପତାକା ପ୍ରଦର୍ଶନ କରି ଅଣ୍ଡାମାଡ଼ କରିଥିଲେ। ସୂଚନା ଯେ, ଭବାନୀପାଟଣାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏସକେୱାଇ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବାବେଳେ ନର୍ଲାଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏବଂ କଲମପୁର ବ୍ଲକକୁ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଯାଇଥିବା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଗାଡି ଉପରକୁ କଳାପତାକା ପ୍ରଦର୍ଶନ କରିବା ସହ ଅଣ୍ଡାମାଡ଼ କରାଯାଇଥିଲା।



ନୂଆପଡ଼ା ଜିଲା ତରବୋଡ କଲୋନୀପଡା ଓ ବଙ୍ଗଳାପଡା ଗୋଦାମ ଛକରେ ଭାଜପା କର୍ମୀମାନେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଗାଡି ଉପରକୁ ଅଣ୍ଡା ମାଡ଼ କରୁଛନ୍ତି।

# ‘ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି ସରକାର’

**ଝାରସୁଗୁଡ଼ା ଅଫିସ,୯।୧୧**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ୨ଦିନିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ସହରର ଏକ ହୋଟେଲରେ ମଙ୍ଗଳବାର ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ସେ କହିଥିଲେ, ସାରା ରାଜ୍ୟରେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ଜନସାଧାରଣଙ୍କ ସ୍ୱର ଉଠିଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଏହାର ସିବିଆଇ ତଦନ୍ତ ସହ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବି ଜୋର୍ ଧରିଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସୁରକ୍ଷା ଦେଇଆସୁଛନ୍ତି। ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନର ବିରୋଧ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଗତ ସୋମବାର କଳାହାଣ୍ଡି ଜିଲା ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ତାଙ୍କ ସହିତ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର ମଞ୍ଚରେ ଅଭିଭାଷଣ ରଖିଥିଲେ। ଜଣେ ମନ୍ତ୍ରୀଙ୍କ ନାମରେ ଆରୋପ ରହିଥିବାବେଳେ ସେ ପୁଣି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଅଭିଭାଷଣ ଦେବା ଓଡ଼ିଶାବାସୀଙ୍କ ସ୍ୱାଭିମାନକୁ କୁଠାରଘାତ ଦେଇଛି। ମୁଖ୍ୟମନ୍ତ୍ରୀ ଭାବୁଛନ୍ତି ମୋ ସହିତ ଜନସାଧାରଣ ରହିଛନ୍ତି, ମୋତେ ଭୋଟ୍ ଦେଉଛନ୍ତି। ଯିଏ ଯେତେ ଦୋଷ କଲେ ମଧ୍ୟ ମୁଁ ତା ଉପରେ ହାତ ରଖିଦେଲେ ସାତ୍‌ଖୁଣ୍ ମାପ୍ ହୋଇଯିବ। ଓଡ଼ିଶାର ଲୋକ ଏ ସମ୍ବେଦନ ହୀନତାକୁ ଦେଖୁଛନ୍ତି, ନିଶ୍ଚିତ ଭାବେ ଆଗାମୀ ଦିନରେ ଜବାବ ଦେବେ ବୋଲି ସେ କହିଛନ୍ତି। ମମିତା ମେହେରଙ୍କ ହତ୍ୟାକୁ ନେଇ ତାଙ୍କ ପରିବାରକୁ କାହିଁକି ସେ ସମବେଦନା ଜଣାଇଲେ ନାହିଁ। ସେ କ’ଣ ତାଙ୍କ ପରିବାର ସଦସ୍ୟ ନୁହନ୍ତି। ସାଢେ ୪କୋଟି ଓଡିଆଙ୍କ ମଧ୍ୟରେ ତାଙ୍କ ମା’ବାପା ଆସୁନାହାନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବରଗଡ ଏମ୍‌ପି ସୁରେଶ ପୂଜାରୀ, ମନମୋହନ ସାମଲ, ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ବିଧାୟକ ରବି ନାୟକ, ଜିଲା ଭାଜପା ସଭାପତି ମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

# ଦର ବୃଦ୍ଧିକୁ ଏଏପିର ବିରୋଧ





ଆମ ଆଦ୍‌ମୀ ପାର୍ଟି ପୁରୀ ଶାଖା ପକ୍ଷରୁ ମଙ୍ଗଳବାର ପୁରୀ କଚେରିଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପୁରୀ ଅଫିସ,୯।୧୧**

ଦେଶ ତଥା ରାଜ୍ୟରେ ବିଜୁଳି, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଅତ୍ୟଧିକ ଦରବୃଦ୍ଧି ସହ ବିଭିନ୍ନ ସମସ୍ୟାକୁ ନେଇ ଆମ ଆଦ୍‌ମୀ ପାର୍ଟି(ଏଏପି) ପୁରୀ ଶାଖା ପକ୍ଷରୁ ମଙ୍ଗଳବାର ପୁରୀ କଚେରିଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି ଯେ, ସରକାର ପେଟ୍ରୋଲ ଓ ଡିଜେଲରେ ଯେଉଁ ଟିକସ ହ୍ରାସ କରିଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ଏବେ ବି ଉଭୟର ଦାମ ଲିଟର ପ୍ରତି ୧୦୦ ଟଙ୍କା ଉପରେ ରହିଛି। କେନ୍ଦ୍ର ସରକାର ଖାଇବା ତେଲ ଉପରେ ଶୁଳ୍କ କମ୍ କରିଥିବା ଘୋଷଣା କରିଥିଲେ ମଧ ଏବେ ବି ଖାଇବା ତେଲ ଲିଟର ପ୍ରତି ୨୦୦ ଟଙ୍କା ରହିଛି। ସରକାରଙ୍କ ବହୁ ପ୍ରଚାରିତ ଦର ହ୍ରାସ ସାଧାରଣ ଲୋକଙ୍କ ଉପରେ ବୋଝ କମାଇ ନାହିଁ। ରନ୍ଧନ ଗ୍ୟାସ ଦାମରେ ଅହେତୁକ ବୃଦ୍ଧି ପାଇ ତାହା ସିଲିଣ୍ଡର ପ୍ରତି ୧୦୦୦ ଟଙ୍କାରେ ପହଞ୍ଚିଛି। ଏପରିସ୍ଥଳେ ଉଜ୍ଜ୍ୱଳା ଯୋଜନାରେ ଦିଆଯାଇଥିବା ମାଗଣା ଗ୍ୟାସ୍ ଚୁଲ୍ଲା ଏକ ପରିହାସର ବିଷୟ। ଏହାବ୍ୟତୀତ ପରିବା ସାମଗ୍ରୀ ଦର ମଧ ବଢ଼ି ଚାଲିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମର ଚାହିଦା ବଢି ପ୍ରାୟ ୨ଗୁଣ ହୋଇଥିବା ବେଳେ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇପାରୁ ନାହିଁ ଓ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ବହୁ ବିଳମ୍ବରେ ମଜୁରି ମିଳୁଛି। ସେହିପରି ଗତ ୧୨ ମାସ ମଧ୍ୟରେ ରାଜ୍ୟ ସରକାର ୨ଥର ବିଦ୍ୟୁତ୍ ଦର ବୃଦ୍ଧି କରି ମଧ୍ୟବିତ୍ତ ପରିବାର ଉପରେ ବୋଝ ଲଦିଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଏହି ସବୁ ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିସହ ଚାଷୀଙ୍କ ଖରିଫ ଫସଲ ପାଇଁ ସାର ଅଭାବ ଦୂର କରିବା ପାଇଁ ଉଭୟ ସରକାର ତୁରନ୍ତ ବିହିତ ପଦକ୍ଷେପ ନିଅନ୍ତୁ। ରାଜ୍ୟର ପ୍ରତ୍ୟେକ ଜିଲା କିମ୍ବା ବ୍ଲକରେ ସ୍ୱତନ୍ତ୍ର ସେଲ ଗଠନ କରାଯାଇ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଉଦ୍ଦିଷ୍ଟ ଶ୍ରମିକଙ୍କୁ କାମ ଓ ମଜୁରି ଯୋଗାଇ ଦିଅନ୍ତୁ ବୋଲି ଦଳ ଦାବି କରିଛି। ଜିଲା ଆବାହକ ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ବଶିଷ୍ଠ ରଥ, ଜିଲା ଲିଗାଲ ସେଲ୍ ଅଧ୍ୟକ୍ଷ ଏମ.ଏ ଖାନ୍, , ଜିଲା ସାମାଜିକ ମିଡିଆ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଜିଲା ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ଜିଲା ଯୁବ ସଂଗଠକ ରୁଦ୍ର ପଡ଼ିଆରୀ, ସାମାଜିକ କର୍ମୀ ପବିତ୍ର ମୋହନ ଦଳାଇ ଏବଂ ଗଙ୍ଗାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ଗୋଷ୍ଠୀ ବିବାଦ: ଲାଭ ଉଠାଇବେ ବିରୋଧୀ

**ରଘୁନାଥପୁର, ୯।୧୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ଶେଷ ହେବା ପରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟଙ୍କ ପ୍ରାର୍ଥିତ୍ୱକୁ ନେଇ ଉଷ୍ମତା ଦେଖା ଦେଇଛି। ପଞ୍ଚାୟତସ୍ତରରେ ବିଜେଡିର ବହୁ ନେତା ସଂରକ୍ଷଣ ଯୋଗୁ ପ୍ରାର୍ଥୀ ହେବାରୁ ବାଦ ପଡ଼ିବେ। ଅନେକ ନୂଆ ଚେହେରା ପ୍ରାର୍ଥୀ ହେବା ପାଇଁ ଲବି କଲେଣି। ବ୍ଲକରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ଦଳୀୟ ସମର୍ଥନରେ କେଉଁ ଗୋଷ୍ଠୀର କର୍ମୀ ସୁଯୋଗ ପାଇବେ ସେନେଇ ଅଙ୍କକଷା ଚାଲିଛି। ପ୍ରାର୍ଥିତ୍ୱକୁ ନେଇ ବିବାଦ ମଧ୍ୟକୁ ପଶିବାକୁ ନେତାମାନେ ଚାହୁଁନାହନ୍ତି। ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ଉପନିର୍ବାଚନ ଜିତି ତାଙ୍କ ପୁତ୍ର ବିଜୟଶଙ୍କର ଏବେ ତିର୍ତ୍ତୋଲ ବିଧାୟକ ହୋଇଛନ୍ତି। ରାଜନୀତିରେ ସେ ପରିପକ୍ୱ ନ ଥିବାବେଳେ ବ୍ଲକସ୍ତରୀୟ ଦଳୀୟ କର୍ମକର୍ତ୍ତା ଓ ଛାମୁଆ କର୍ମୀଙ୍କୁ ଏକତ୍ର କରିବା କଷ୍ଟକର ହୋଇପଡୁଛି। ଏ ସମ୍ପର୍କରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର କୁହନ୍ତି, ବିଧାୟକ ଦାସଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୋଣସି ନିର୍ଦ୍ଦେଶ ଆସିନି। ନିର୍ଦ୍ଦେଶ ମିଳିଲେ ବ୍ଲକ ସଭାପତି ଓ ଅନ୍ୟମାନଙ୍କୁ ନେଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ।

# ‘ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ’





ଟିଟିଲାଗଡ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଟିଟିଲାଗଡ଼, ୯।୧୧ (ଡି.ଏନ.ଏ)**

ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଫାଶିଦଣ୍ଡ ଏବଂ ଏଥିରେ ସମ୍ପୃକ୍ତ ଥିବା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ସହ ଗିରଫ ଦାବି କରିଛି ବଲାଙ୍ଗୀର ଜିଲା ଟିଟିଲାଗଡ ଭାଜପା। ଦଳ ପକ୍ଷରୁ ମଙ୍ଗଳବାର ଏ ନେଇ ସ୍ଥାନୀୟ ପୌର ପରିଷଦ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଘଟଣାକୁ ଘଣ୍ଟ ଘୋଡାଉ ଥିବା ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀରବତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ମମିତାଙ୍କୁ ନ୍ୟାୟ ନ ମିଳିବା ଯାଏ ମୁଖ୍ୟମନ୍ତ୍ରୀ, ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ସାମାଜିକ ବାସନ୍ଦ କରାଯିବ ବୋଲି ଭାଜପା ନେତାମାନେ କହିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା ମିଡିଆ ସେଲ ପ୍ରଭାରୀ ଆଲୋକ ନାୟକ, ଯୁବମୋର୍ଚ୍ଚାର ରାଜ୍ୟ ପରିଷଦ ସଦସ୍ୟ ନରସିଂ ସିଂ, ଜିଲା ସମ୍ପାଦକ ପବିତ୍ର ସାହୁ, ନଗର ଉପସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ କୁନା ଭାଟି ପ୍ରମୁଖ ଉପସ୍ଥିତ ଥିଲେ।





ଗ୍ୟାସ ଦର ବୃଦ୍ଧିକୁ ନେଇ ନୂଆଦିଲ୍ଲୀସ୍ଥିତ ପେଟ୍ରୋଲିୟମ ଓ ନ୍ୟାଚୁରାଲ୍ ଗ୍ୟାସ୍ ମନ୍ତ୍ରଣାଳୟ ସମ୍ମୁଖରେ ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ୭ ବରିଷ୍ଠ କଂଗ୍ରେସ ନେତା ନିଲମ୍ବିତ

**ଭଦ୍ରକ ଅଫିସ,୯।୧୧:** ପ୍ରଦେଶ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ମଙ୍ଗଳବାର ଦଳରୁ ୭ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଏ ସମ୍ପର୍କରେ ଏକ ପ୍ରେସ ବିବୃତ୍ତି ଜରିଆରେ ଜଣାଇଛନ୍ତି। ସମ୍ପୃକ୍ତ ନେତାମାନେ ହେଲେ ୧୩ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଅତୁଲ୍ୟ ନାୟକ, ୨୭ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସେକ ସମଦାନୀ, ଉପସଭାପତି ଦିଲୀପ ନାୟକ, ୪ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଉର୍ମିଳା ଚୌଧୁରୀ, ୨ନମ୍ବର ୱାର୍ଡର ପୂର୍ବତନ କାଉନସିଲର କାମେଶ ପରିଡ଼ା, ୧୮ ନମ୍ବର ୱାର୍ଡର ସେକ୍ ନଇମ(ସେବାଦଳ) ଏବଂ ପୂର୍ବତନ ରାଜ୍ୟ ସମ୍ପାଦକ ଗେଲଟୁଆ ପଞ୍ଚାୟତର ଦେବରୂପ ମହାନ୍ତି।

# କେନ୍ଦ୍ରାପଡ଼ା ପୌର ନିର୍ବାଚନ ପାଇଁ ବାଟ ଫିଟିଲା

**କେନ୍ଦ୍ରାପଡ଼ା ଅଫିସ, ୯।୧୧**

କେନ୍ଦ୍ରାପଡ଼ା ପୌର ନିର୍ବାଚନ ୨୦୧୬ ମସିହାରୁ ବନ୍ଦ ରହିଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଥିପାଇଁ ବାଟ ଖୋଲିଛି। ହାଇକୋର୍ଟ ଜଷ୍ଟିସ ବିଶ୍ୱଜିତ ମହାନ୍ତି ଏଥିପାଇଁ ହୋଇଥିବା ମାମଲାକୁ ଅକ୍ଟୋବର ୩୦ରେ ଶୁଣାଣି କରିଥିଲେ। ଏଥିସହ ଅଭିଯୋଗକାରୀ ସହରର ମୁକ୍ତାର ଖାଁଙ୍କ ମାମଲା ପ୍ରତ୍ୟାହାର ପାଇଁ ନିବେଦନକୁ ଗ୍ରହଣ କରିଛନ୍ତି। ମାମଲାଟି ବନ୍ଦ ହେବା ଖବର ମଙ୍ଗଳବାର ପ୍ରକାଶ ପରେ ପୌର ନିର୍ବାଚନ ପାଇଁ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ମୁକ୍ତାର ଖାଁ କହିଛନ୍ତି, ପୌର ନିର୍ବାଚନରେ ସଂରକ୍ଷଣ ୫୦ ପ୍ରତିଶତ ରହିବାକୁ ରାଜ୍ୟ ସରକାର ବିଲ୍ ପାସ କରିଛନ୍ତି। ତେବେ ୨୦୧୬ ମସିହା ଏପ୍ରିଲରେ ପ୍ରକାଶ ପାଇଥିବା ଚୂଡାନ୍ତ ସଂରକ୍ଷଣ ତାଲିକା ୬୪ ପ୍ରତିଶତକୁ ଅତିକ୍ରମ କରିଥିଲା। ସେହିପରି ସୀମା ନିର୍ଦ୍ଧାରଣ ନେଇ ଆପତ୍ତି ଥିବାରୁ ଉଚ୍ଚ ନ୍ୟାୟାଳୟରେ ଏ ନେଇ ମାମଲା (ନଂ.୯୧୩୭/୧୬) ହୋଇଥିଲା। ଚଳିତବର୍ଷ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ପୌର ନିର୍ବାଚନ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅପେକ୍ଷା ଥିବାରୁ ଏଥିରେ ସାମିଲ ହୋଇ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ମାମଲା ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ ବୋଲି କହିଛନ୍ତି। ଅପରପକ୍ଷରେ ସମସ୍ତ ରାଜନୈତିକ ଦଳର ଜିଲା ସଭାପତିମାନେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ମତ ଦେଇଛନ୍ତି।

# ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛି ବିଜେଡି: କଂଗ୍ରେସ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ଅପରାଧୀମାନେ ଅପରାଧ ଘଟାଇ ‘ଶଂଖ’ର ଖୋଳପା ଭିତରେ ପଶିଯାଇ ସୁରକ୍ଷା ପାଉଛନ୍ତି। ରାଜ୍ୟବାସୀ ଏହି ଶଙ୍ଖାସୁରଙ୍କ ଉତ୍ପାତ ଯୋଗୁ ତ୍ରାହିତ୍ରାହି ଡାକିଲେଣି। ସମସ୍ତ ଓଡ଼ିଆଙ୍କ ପ୍ରାର୍ଥନା ଶୁଣି ପ୍ରଭୁ ଜଗନ୍ନାଥ ଶଙ୍ଖାସୁରଙ୍କୁ ବଧ କରିବେ ବୋଲି କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ମମିତା ମେହେର ହତ୍ୟାଘଟଣାକୁ ମାସେ ପୂରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତ କଲେ। ହେଲେ ପୀଡ଼ିତ ପରିବାରକୁ ସାନ୍ତ୍ୱନା, ସମବେଦନା ଜଣାଇଲେ ନାହିଁ। ଏହି ଘଟଣାରେ ଅପରାଧର ପୃଷ୍ଠପୋଷକ କୁହାଯାଉଥିବା ବିବାଦୀୟ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ ମଞ୍ଚାସୀନ ହୋଇ ନାରୀ ଜାତି ଓ ମମିତା ପରିବାର ପ୍ରତି ବିଦ୍ରୂପ କରିଛନ୍ତି। କିନ୍ତୁ କଂଗ୍ରେସ ମନ୍ତ୍ରୀଙ୍କ ବହିଷ୍କାର ସହ ଗିରଫ ଦାବି କରି ଆସୁଛି। ପରୀ ହତ୍ୟାକାଣ୍ଡ, ମାହାଙ୍ଗା ଡବଲ ମର୍ଡର ଘଟଣା ଏବଂ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାର ତଦନ୍ତ ବାଟବଣା ହୋଇଥିବା ମୃତ ବ୍ୟକ୍ତିଙ୍କ ମାତାପିତା ଅଭିଯୋଗ କରିଛନ୍ତି। ଏଭଳି ଘଟଣାଗୁଡ଼ିକର ସମୀକ୍ଷା କଲେ ପୋଲିସ୍ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଥିବା ସ୍ପଷ୍ଟ ଜଣାପଡୁଛି। ନବୀନ ମୁଖ୍ୟମନ୍ତ୍ରୀ ପଦରେ ରହିଲେ ରାଜ୍ୟବାସୀଙ୍କ ପାଇଁ କ୍ଷତିକାରକ ବୋଲି କଂଗ୍ରେସ ଅଭିଯୋଗ କରିଛି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ଗଞ୍ଜାମ ବିଜେଡିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବଢୁଛି

**ବ୍ରହ୍ମପୁର ଅଫିସ,୯।୧୧**

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ ପ୍ରକ୍ରିୟା ଜୋରଦାର ହୋଇଛି। ରାଜନୈତିକ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ବ୍ଲକ ଓ ପଞ୍ଚାୟତସ୍ତରରେ ଶାସକ ବିଜେଡିର ଅସନ୍ତୁଷ୍ଟ କର୍ମୀଙ୍କ ସଂଖ୍ୟା ବଢୁଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ଶେରଗଡ଼ ଓ ହିଞ୍ଜିଳି ଏବଂ ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀର ଦିଗପହଣ୍ଡି ବ୍ଲକରେ ବିଜେଡି କର୍ମୀଙ୍କ ଅସନ୍ତୋଷ ପଦାକୁ ଆସୁଛି। ଗତ ୨ ତାରିଖରେ ସହଦେବଟିକରପଡ଼ାରେ ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ମୁହାଁମୁହିଁ ଓ ଦଳର ପତାକା ପୋଡ଼ି ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷରେ ଗୋପାଳପୁର ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ୍‌ଗୁଡ଼ିକ ପ୍ରତି ବିଜେଡି ଅଧିକ ଗୁରୁତ୍ୱ ଦେଇଛି।

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ସେହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକରେ ୩ ଏବଂ କୁକୁଡ଼ାଖଣ୍ଡି ବ୍ଲକରେ ଗୋଟିଏ ଜିଲା ପରିଷଦ ଜୋନ୍ ରହିଛି। ୨୦୧୭ ନିର୍ବାଚନରେ ବିଜେଡିର ସବୁପ୍ରକାର କୌଶଳ ସତ୍ତ୍ୱେ ଦୁଇଟି ଜୋନ୍ ଭାଜପା ଦଖଲ କରିଥିଲା। ୨୦୨୨ ନିର୍ବାଚନରେ ସବୁ ଜୋନ୍ କିଭଳି ବିଜେଡି ହାତେଇବ ସେଥିପାଇଁ ପ୍ରୟାସ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଘନ ଘନ ଗୋପାଳପୁର ଗସ୍ତରେ ଆସି ଜୋନ୍‌ସ୍ତରୀୟ ବୈଠକ କରୁଛନ୍ତି। ଏବେ ବି ରଙ୍ଗେଇଲୁଣ୍ଡା ବ୍ଲକରେ ପ୍ରଦୀପଙ୍କ ପ୍ରଭାବ ଥିବାରୁ ବିଜେଡି ପକ୍ଷରେ ମୁଣ୍ଡବିନ୍ଧାର କାରଣ ହୋଇଛି।

ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ସାନଖେମୁଣ୍ଡି ଆସନ ବିଜେଡି ହାତରୁ ଖସିଯାଇଛି। ରମେଶ ଜେନା କଂଗ୍ରେସ ବିଧାୟକ ହୋଇଛନ୍ତି। ଅନ୍ୟପକ୍ଷରେ ଦଳ ତାଙ୍କୁ ଜିଲା ସଭାପତି କରିଛି। ନିଜ ନିର୍ବାଚନମଣ୍ଡଳୀ ସମେତ ଜିଲାର ସବୁ ବିଧାନସଭା କ୍ଷେତ୍ରରେ ସଂଗଠନ ବିସ୍ତାର ଲାଗି ସେ ବୁଲୁଛନ୍ତି।



■ ପଞ୍ଚାୟତ ନିର୍ବାଚନରେ ପ୍ରତିକୂଳ ପ୍ରଭାବ ଆଶଙ୍କା
■ ଜିଲା ପରିଷଦ ଜୋନ୍‌କୁ ଶାସକ ଦଳର ଗୁରୁତ୍ୱ
■ ଟକ୍କର ଦେବାକୁ ଭାଜପା, କଂଗ୍ରେସ ପ୍ରସ୍ତୁତ

୨୦୧୭ ନିର୍ବାଚନରେ କଂଗ୍ରେସ ସଂଗଠନ ଦୁର୍ବଳ ଥିଲା। ତେଣୁ ଜିଲାର ୬୯ ଜୋନ୍‌ରୁ କେବଳ କୁକୁଡ଼ାଖଣ୍ଡି ବ୍ଲକର ଗୋଟିଏ ଜୋନ୍‌ରେ ଦଳର ପ୍ରାର୍ଥୀ ଜିତିଥିଲା। ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପାକୁ ମୁକାବିଲା ପାଇଁ କଂଗ୍ରେସ ପ୍ରସ୍ତୁତ ହେଉଛି। ଭାଜପା ପକ୍ଷରୁ ମଧ ନୂଆ ରଣନୀତି ପ୍ରସ୍ତୁତ କରାଯାଇଛି। ଭାଜପା ଟାର୍ଗେଟରେ ବିଜେଡି ଅଛି। ଗତ ନିର୍ବାଚନରେ ୬୪ ଜୋନ୍‌ରେ ବିଜେଡି ବାଜିମାତ କରିଥିଲା। ତେବେ ଆଗାମୀ ନିର୍ବାଚନ ସହଜସାଧ୍ୟ ନ ହେବାର ରାଜନୈତିକ ବିଶ୍ଳେଷକ ଅନୁମାନ କରୁଛନ୍ତି। ଭାଜପା ଓ ବିଜେଡି ପ୍ରତି ବିଭିନ୍ନ କାରଣରୁ ଜନଅସନ୍ତୋଷ ଥିବାରୁ ଏହାର ଫାଇଦା ନେବାକୁ କଂଗ୍ରେସର ଲକ୍ଷ୍ୟ ରହିଛି।

ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ବିଜେଡି ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ହୋଇଛନ୍ତି। ସେ ବହୁବାର ଆସି ବିଧାୟକ ଓ ଜିଲା ବିଜେଡି ସଭାପତିଙ୍କ ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀ ବୁଲି ଜିଲା ପରିଷଦ ପାଇଁ ପ୍ରାର୍ଥୀ ଚୟନ ଲାଗି ଆଲୋଚନା କରୁଛନ୍ତି। ଜିଲା ପର୍ଯ୍ୟବେକ୍ଷକ ଥିବା ସତ୍ତ୍ୱେ କେବଳ ସାନଖେମୁଣ୍ଡି ପାଇଁ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଗତ ସପ୍ତାହକ ମଧ୍ୟରେ ସେ ଦୁଇଥର ଆସି ଧରାକୋଟ ଓ ସାନଖେମୁଣ୍ଡି ବ୍ଲକରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ଅନ୍ୟ ନେତା ଏବଂ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସଂଗଠନ ସୁଦୃଢ଼ ଏବଂ ଜିଲା ପରିଷଦ ଜୋନ ପ୍ରାର୍ଥୀ ନେଇ ଗୁରୁତ୍ୱ ଦେଇଛନ୍ତି। ତେଣୁ ଗୋପାଳପୁର ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଆଶଙ୍କାରେ ଥିବା ଆଲୋଚନା ପରିସରକୁ ଆସିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୧୨,୭୭,୨୧୯ | ୫୦,୭୫,୨୭୫ | ୨୨,୭୪,୯୪,୯୫୨ |
| ଭାରତ | ୩,୪୩,୭୬,୨୯୮ | ୪,୬୧,୩୭୫ | ୩,୩୭,୬୬,୦୮୧ |
| ଓଡ଼ିଶା | ୧୦,୪୪,୦୪୧ | ୮୩୬୪(+୫୩) | ୧୦,୩୩,୦୨୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପୋଲିସ ପୁଅ ବନ୍ଧୁକ ମୁନରେ ଲୁଟିଲେ ୧୫ ଲକ୍ଷ

**ସୁନ୍ଦରଗଡ,୯।୧୧(ଡି.ଏନ୍.ଏ.)**

ମଙ୍ଗଳବାର ଦିନ ଦ୍ୱିପ୍ରହରରେ ସ୍ଥାନୀୟ ଆକ୍ସିସ ବ୍ୟାଙ୍କରୁ ବନ୍ଧୁକ ମୁନରେ ଜଣେ ପୋଲିସ ଏଏସଆଇଙ୍କ ପୁଅ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଛନ୍ତି। ହେଲେ ଏନ୍‌କାଉଣ୍ଟର କରି ପୋଲିସ ବାବୁଙ୍କ ଲୁଟେରା ପୁଅ ଜୟଦେବ ନାଏକ (୨୫)ଙ୍କୁ କାବୁ କରାଯାଇ ଲୁଟ ଟଙ୍କା ଜବତ ହୋଇଛି। ଜୟଦେବଙ୍କ ବାମ ଗୋଡରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଲୁଟେରା ବ୍ୟବହାର କରିଥିବା ତାଙ୍କ ବାପାଙ୍କ ଏକ ସର୍ଭିସ ରିଭଲଭର ଓ ସ୍କୁଟି (ଓଡି ୧୬ଇ ୮୨୪୩) ଜବତ ହୋଇଛି। ଫିଲ୍ମି ଷ୍ଟାଇଲରେ ହୋଇଥିବା ଏହି ଲୁଟ୍ ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୨ଟା ସମୟରେ ଜୟଦେବ ସ୍ଥାନୀୟ ହସ୍ପିଟାଲ ରୋଡସ୍ଥିତ ଆକ୍ସିସ ବ୍ୟାଙ୍କ ମଧ୍ୟକୁ ଏକ ବ୍ୟାଗ ନେଇ ପ୍ରବେଶ କରିଥିଲେ। ସେ ଦ୍ୱିତୀୟ ମହଲାରେ ଥିବା କ୍ୟାଶ କାଉଣ୍ଟର ନିକଟକୁ ଯାଇ ସେଠାରେ ବସିଥିବା କ୍ୟାସିୟର ରିଙ୍କୁ ପରିଡାଙ୍କୁ ଟଙ୍କା ଉଠାଇବା ପାଇଁ ଏକ ସ୍ଲିପ୍ ଦେଇଥିଲେ। ଏହି ସମୟରେ ଜୟଦେବ ହଠାତ୍ ନିଜ ପକେଟରୁ ଏକ ରିଭଲଭର ବାହାର କରି ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଭୟଭୀତ କରିବା ସହ କାଉଣ୍ଟରରେ ଥିବା ସମସ୍ତ ଟଙ୍କା ଦେବାକୁ କହିଥିଲେ। ପାଟି ଶୁଣି ତଳ ମହଲାରେ ବସିଥିବା ବ୍ୟାଙ୍କ ମ୍ୟାନେଜର ଲୋକେଶ୍ୱର ମହାରଣା ସେଠାରେ ପହଞ୍ଚି



ଥିଲେ। ମାତ୍ର ଜୟଦେବ ତାଙ୍କ ପିଠି ପଛରେ ରିଭଲଭର ଲଗାଇ କାଉଣ୍ଟରରେ ଥିବା ପ୍ରାୟ ୧୫ରୁ ୨୦ ଲକ୍ଷ ଟଙ୍କା ଲୁଟି ନେଇ ଆଣିଥିବା ବ୍ୟାଗରେ ଧରି ସେଠାରୁ ଚମ୍ପଟ ମାରିଥିଲେ। ଲୁଟେରା ଜଣକ ବ୍ୟାଙ୍କରୁ ବାହାରି ରାସ୍ତାରେ ଯାଉଥିବା ଜଣେ ସ୍କୁଟି ଚାଳକଙ୍କୁ ରିଭଲଭର ଦେଖାଇ ବ୍ୟାଙ୍କ ଠାରୁ ପ୍ରାୟ ୧ କିମି ଦୂର ଶଙ୍କରା ଗ୍ରାମ ନିକଟରେ ଛାଡି ଦେବାକୁ କହିଥିଲେ। ଖବରପାଇ ଏସପି ସାଗରିକା ନାଥ , ଟାଉନ ଆଇଆଇସି ସୂର୍ଯ୍ୟକାନ୍ତି ଦାଶ, ଏସଆଇ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ସମେତ ପୋଲିସ ଟିମ୍ ବ୍ୟାଙ୍କରେ ପହଞ୍ଚିଥିଲେ। ପୋଲିସ ଟିମ୍ ପିଛା କରିବାରୁ ଲୁଟେରା ଜଣକ ଶଙ୍କରାର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଘର ଭିତରକୁ ପଶି ଯାଇଥିଲେ। ପୋଲିସ ପହଞ୍ଚି ଯିବାରୁ ପାଖରେ ଥିବା ଅନ୍ୟ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଛାତ ଉପରକୁ ଫିଲ୍ମି ଷ୍ଟାଇଲରେ ଡେଇଁ ପଡି ଖସି ଯିବାକୁ ଉଦ୍ୟମ କରିଥଲେ। ଏହି ସମୟରେ ପୋଲିସ ଓ ଲୁଟେରା ମୁହାଁମୁହିଁ ହୋଇଥିଲେ। ଟାଉନ୍ ଥାନା ଏସ୍‌ଆଇ ଲକ୍ଷ୍ମୀକାନ୍ତ ପ୍ରଧାନ ଓ ୪ଜଣ ଏପିଆର କନଷ୍ଟେବଳ କାବୁ କରିବାକୁ ଉଦ୍ୟମ ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଲୁଟେରା ପ୍ରଥମେ ପୋଲିସ ଉପରକୁ ୨ରାଉଣ୍ଡ ଗୁଳିଚାଳନା କରିଥିଲା। ଫଳରେ ଏସଆଇ ପ୍ରଧାନ ଲୁଟେରାକୁ ଧରିବା ପାଇଁ ୪ ରାଉଣ୍ଡ ଗୁଳି ଚାଳନା କରିଥିଲେ। ପରେ ତାଙ୍କୁ କାବୁ କରାଯାଇ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଲୁଟେରା ଫିଙ୍ଗି ଦେଇଥିବା ଟଙ୍କା ଭର୍ତ୍ତି ବ୍ୟାଗ ଜବତ ହୋଇଛି। କେତେ ଟଙ୍କା ଜବତ ହୋଇଛି ସଠିକ ଜଣାପଡିନାହିଁ। ପୋଲିସ ଏହି ଘଟଣାରେ ଟାଉନ ଥାନା କେଶ ନଂ ୩୦୨/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସର ସାଇଣ୍ଟିଫିକ୍ ଟିମ୍ ବ୍ୟାଙ୍କ ଓ ଗୁଳି ବିନିମୟ ହୋଇଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଛି।

WANTED
ଧରିତ୍ରୀ DHARITRI Oriya daily
is looking for
ACCOUNTS EXECUTIVES
- Candidates should have at least 3 years+ experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

# ବିଏସ୍‌କେୱାଇ କାର୍ଡଧାରୀଙ୍କୁ ମାଗଣା ଚିକିତ୍ସା ଯୋଗାଅ

- ଘରୋଇ ହସ୍ପିଟାଲକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ନେଇଥିବା ଟଙ୍କା ଫେରାଅ

**କଟକ ଅଫିସ,୯।୧୧:** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ହିତାଧିକାରୀଙ୍କଠାରୁ କଟକର ଏକ ଅଗ୍ରଣୀ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଟଙ୍କା ଆଦାୟ କରିବା ଘଟଣାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଆସନ୍ତା ୧୨ ତାରିଖ ମଧ୍ୟରେ ଚିକିତ୍ସିତ ରୋଗୀଙ୍କୁ ଆଇସିୟୁ ବାବଦ ଅଗ୍ରିମ ନେଇଥିବା ୩୦ ହଜାର ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ୩୫ ହଜାର ଟଙ୍କା ୭ଦିନ ଭିତରେ ଫେରାଅ। ସେହିପରି କାର୍ଡର ନିୟମ ମୁତାବକ ହସ୍ପିଟାଲ କର୍ତ୍ତୃପକ୍ଷ ମାଗଣାରେ ଚିକିତ୍ସା କରାଇବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ପୁରୀ ଜିଲା ଗୋପ ଅଞ୍ଚଳର ଆରତୀ ଚାଟାର୍ଜୀ ପିଟିଶନରେ ଦର୍ଶାଇଥିଲେ, ଗରିବ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ଚିକିତ୍ସା ଯୋଗାଇଦେବାକୁ ବିଏସ୍‌କେୱାଇ କାର୍ଡ ପ୍ରଚଳନ କରାଯାଇଛି। ସେହି କାର୍ଡ ଧରି କିଡ୍‌ନୀ ରୋଗ ଚିକିତ୍ସା ପାଇଁ ସ୍ୱାମୀ ମଳୟ କୁମାର ଚାଟାର୍ଜୀଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ଗତ ୭ ତାରିଖରେ ଯାଇଥିଲେ। ଉକ୍ତ ହସ୍ପିଟାଲ ବିଏସ୍‌କେୱାଇ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ବେଡ୍ ଓ ଆଇସିୟୁ ନଥିବା ଆଳ ଦେଖାଇ ମାଗଣା ଚିକିତ୍ସା କରିବାକୁ ମନା କରିଥିଲେ। ପରେ ଆରତୀ ଟଙ୍କା ପଇଠ କରି ସ୍ୱାମୀଙ୍କ ଚିକିତ୍ସା କରାଇବାକୁ ରାଜି ହୋଇଥିଲେ। ତଦନୁଯାୟୀ, ଆଇସିୟୁ ବାବଦକୁ ୩୦ ହଜାର ଟଙ୍କା ଅଗ୍ରିମ ପଇଠ କରିବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ମେଡିସିନ ଓ ଅନ୍ୟ ଚିକିତ୍ସା ବାବଦକୁ ୩୫ ହଜାର ଟଙ୍କା ଦାଖଲ କରିଥିଲେ। ହସ୍ପିଟାଲର ଏଭଳି ମନମାନି ବିରୋଧରେ ଗତ ୮ ତାରିଖରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସୋମବାର ଏହାର ଶୁଣାଣି କରି ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଟଙ୍କା ଫେରାଇବା ପାଇଁ ନୋଟିସ ଜାରି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ଗୌରବ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନୋଟିସ

**କଟକ ଅଫିସ,୯।୧୧:** ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ତଥ୍ୟ ଲିକ୍ ମାମଲାରେ ହାଇକୋର୍ଟ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥାକୁ ନୋଟିସ ଜାରି କରିଛନ୍ତି। ଉକ୍ତ ମାମଲାର ତଦନ୍ତର ସ୍ଥିତି(ଷ୍ଟାଟସ) ରିପୋର୍ଟ ଦାଖଲ କରିବାପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏ.କେ.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୭ରେ ହେବ।

**ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲା**

**ସିବିଆଇ, ଏନ୍‌ଆଇଏ ଦ୍ୱାରା ତଦନ୍ତ କରିବାକୁ ହାଇକୋର୍ଟରେ ହୋଇଛି ଆବେଦନ**

ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଚୋରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାବେଳେ ରାଜ୍ୟ ସରକାର ଏହାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଡିଆର୍‌ଡିଓ ତଥ୍ୟ ଲିକ୍ ଘଟଣାରେ ବିଦେଶୀ ମହିଳାଙ୍କ ସମ୍ପୃକ୍ତି ସମ୍ପର୍କରେ ଜଣାପଡ଼ିଛି। ତେଣୁ ଏହି ଘଟଣାର ତଦନ୍ତ ସିବିଆଇ ବା ଏନ୍‌ଆଇଏ ଦ୍ୱାରା କରାଯିବା ଉଚିତ୍। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ତଦନ୍ତ କଲେ ପ୍ରକୃତ ଦୋଷୀ ଧରାପଡ଼ିବେ। ତେଣୁ ଏହି ମାମଲାର ତଦନ୍ତ ସିବିଆଇ କିମ୍ବା ଏନ୍‌ଆଇଏ ଭଳି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେବାକୁ ଗତ ସେପ୍ଟେମ୍ବର ୨୮ରେ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଉକ୍ତ ଆବେଦନକୁ ଗ୍ରହଣ କରି ନୋଟିସ ଜାରି କରିଥିବା ଆଇନଜୀବୀ ଅରୁଣ ସୂଚନା ଦେଇଛନ୍ତି।

ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଓଡ଼ିଶା ପୋଲିସ ଡିଆର୍‌ଡିଓର ୫ କର୍ମଚାରୀଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ଜଣେ ରହସ୍ୟମୟୀ ମହିଳାଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଏପରି କି ଉକ୍ତ ମହିଳାଙ୍କ ୪ଟି ଫେସ୍‌ବୁକ୍ ଆକାଉଣ୍ଟ ପାକିସ୍ତାନରୁ ଅପରେଟ୍ ହେଉଥିବା ଜଣାପଡ଼ିଥିଲା। ପ୍ରକ୍ସି ଆଇପି ଜରିଆରେ ଉକ୍ତ ମହିଳା ଲୋକେଶନ ଲୁଚାଉଥିଲେ। ପାକିସ୍ତାନରୁ ଅପରେଟ କରୁଥିଲେ ମଧ୍ୟ ଆମେରିକା, ଜର୍ମାନୀ, ଭାରତର ଆଇପି ଦର୍ଶାଉଥିଲେ। ଉକ୍ତ ରହସ୍ୟମୟୀ ହନିଟ୍ରାପ୍‌ରେ ଡିଆର୍‌ଡିଓର ୫ଜଣ କର୍ମଚାରୀଙ୍କ ପରି ରାଜସ୍ଥାନ ଯୋଧପୁରସ୍ଥିତ ମିଲିଟାରି ଇଞ୍ଜିନିୟରିଂ ସର୍ଭିସର ଜଣେ କର୍ମଚାରୀ ପଡ଼ିଥିଲେ। ସେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସର ବହୁ ଗୁରୁତ୍ୱପୂର୍ଣ୍ଣ ଚିଠି ପତ୍ରର ଫଟୋ ମହିଳାଙ୍କ ନିକଟକୁ ପଠାଇଥିଲେ। ଏନେଇ ଗତ ଅକ୍ଟୋବର ୧୫ରେ ରାଜସ୍ଥାନରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଉପରୋକ୍ତ ଜଣେ ଅଭିଯୁକ୍ତଙ୍କଠାରୁ ମୁମ୍ବାଇର ଜଣେ ମହିଳା ୪୦ହଜାର ଟଙ୍କା ଧାର ନେଇ ଫେରାଇଥିବା ଜଣାପଡ଼ିଛି।

Azadi Ka Amrit Mahotsav



ସମୂହତା ଦିଗରେ
ଏକ ନୂତନ ପଦକ୍ଷେପ

ଭାରତୀୟ ରିଜର୍ଭ ବ୍ୟାଙ୍କ
ଦ୍ୱାରା ଦୁଇଟି ଅଭିନବ ଏବଂ ଗ୍ରାହକ-କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ

ଆରବିଆଇ ରିଟେଲ ଡାଇରେକ୍ଟ ଯୋଜନା
- ଖୁଚୁରା ନିବେଶକାରୀଙ୍କ ପାଇଁ ସରକାରୀ ପ୍ରତିଭୂତିରେ ନିବେଶ କରିବାର ନୂଆ ସୁଯୋଗ
- ଖୁଚୁରା ନିବେଶକାରୀ ସହଜରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ନିଜର ସରକାରୀ ପ୍ରତିଭୂତି ଖାତା ଅନଲାଇନରେ ନିଃଶୁଳ୍କ ଖୋଲି ପାରିବେ ଏବଂ ମେଣ୍ଟେନ କରିପାରିବେ
- ଖୁଚୁରା ନିବେଶକାରୀଙ୍କ ପାଇଁ ଡିଜିଟାଲ ମଞ୍ଚରେ ସରକାରୀ ପ୍ରତିଭୂତି କ୍ରୟ ଏବଂ ବିକ୍ରୟ କରିବା ଅତ୍ୟନ୍ତ ସରଳ

ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଲୋକପାଳ ଯୋଜନା
- 'ଏକ ରାଷ୍ଟ୍ର-ଏକ ଲୋକପାଳ'- ଏକ ପୋର୍ଟାଲ, ଏକ ଇମେଲ ଏବଂ ଏକ ଠିକଣା ସହିତ
- ଗ୍ରାହକ ମାନଙ୍କର ଅଭିଯୋଗ ଦାଖଲ କରିବା, ଦସ୍ତାବିଜ ଜମା କରିବା, ଷ୍ଟାଟସ ଟ୍ରାକ କରିବା ଏବଂ ଫିଡବ୍ୟାକ ଦେବା ପାଇଁ ଏକକ ପ୍ରକ୍ରିୟାକରଣ କେନ୍ଦ୍ର
- ଆରବିଆଇ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଅଭିଯୋଗ ପାଇଁ ସମନ୍ୱିତ ଯୋଜନା
- ଅଭିଯୋଗ ଦାଖଲ କରିବା ଏବଂ ଅଭିଯୋଗ ସମାଧାନର ସୂଚନା ପାଇବାରେ ସହାୟତା ପାଇଁ ବହୁଭାଷୀ-ସମର୍ଥିତ ଟୋଲ-ଫ୍ରୀ ନମ୍ବର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା ଭର୍ଚୁଆଲ ଲଞ୍ଚ
ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ
ଉପସ୍ଥିତିରେ
12 ନଭେମ୍ବର, 2021 ସକାଳ 11.00 ସମୟରେ

ଲଞ୍ଚ ଇଭେଣ୍ଟ ଦେଖିବା ପାଇଁ ସ୍କାନ କରନ୍ତୁ
କିମ୍ବା ଲଗଇନ କରନ୍ତୁ : https://pmindiawebcast.nic.in

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

RBI Says | Reserve Bank of India | RBI Says | ReserveBankOfIndia

**ଆଜିର ମନ୍ତବ୍ୟ**

"କୋଭିଡ୍ ଟିକାକରଣ ପ୍ରମାଣପତ୍ରକୁ ଗ୍ରହଣ ପାଇଁ ୯୬ଟି ଦେଶ ଭାରତ ସହିତ ସହମତ ହୋଇଛନ୍ତି।

– ମନସୁଖଲାଲ୍ ମାଣ୍ଡବ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରେୟାଂଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ କେତେ ଭାଉ?
ଆମେ ମାମୁଁଙ୍କ ବସାରେ ଖାଉ।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ ବୁଝିବା ଆବଶ୍ୟକ ପଡ଼ି ନ ଥାଏ। ସେହିପରି ମାଗଣାରେ ଖାଉଥିବା ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ଚିକ୍କଣ, ମେଘ ଗରଜନ
ଭଲା ସାଜିଥିଲା ତୁମକୁ
କେଉଁ ନାରୀ ତୁମ ମୁହଁ ବାନ୍ଧିଦେଲା
କଥା ନ କହିଲ ଆମକୁ ?**

ମନର ମଣିଷ ଯେତେବେଳେ ଦୂରେଇ ଦିଏ ତଥା ଆଡ଼ ଆଡ଼ ହୋଇ କଥା ନ କହେ, ସେତେବେଳେ ତାହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁନଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିଳାଙ୍କ ସାମଗ୍ରୀ ଫିଙ୍ଗିଦେଲା ପୋଲିସ

## ଅମାନବୀୟ ବ୍ୟବହାରର ଭିଡିଓ ଭାଇରାଲ



**ପୁରୀ ଅଫିସ,୯।୧୧**

ଜଣେ ମହିଳାଙ୍କ ପ୍ରତି ପୁରୀ ପୋଲିସର ଅମାନବୀୟ ବ୍ୟବହାର ସାମ୍ନାକୁ ଆସିଛି। ମଙ୍ଗଳବାର ଶ୍ରୀମନ୍ଦିର ନୋ ପାର୍କିଂ ଜୋନରେ ଜଣେ ମହିଳା ବସି ବଳିତା ବିକ୍ରି କରୁଥିବା ବେଳେ ପୋଲିସ ଆକ୍ରୋଶର ଶିକାର ହୋଇଛନ୍ତି। ପୋଲିସ କର୍ମଚାରୀ ତାଙ୍କୁ ସଂପୃକ୍ତ ଅଞ୍ଚଳରୁ ଉଠିଯିବାକୁ ଧମକାଇବା ସହ ତାଙ୍କ ସାମଗ୍ରୀ ଫିଙ୍ଗି ନଷ୍ଟ କରିଛନ୍ତି। ମହିଳା ଜଣକ କାକୁତିମିନତି ହୋଇ ନିଜ ସାମଗ୍ରୀ ମାଗୁଥିଲେ ମଧ ତାଙ୍କୁ ସମ୍ପୃକ୍ତ ପୋଲିସ କର୍ମଚାରୀ ଫେରାଇବା ପରିବର୍ତ୍ତେ ହଇରାଣ କରିବା ଉଦ୍ଦେଶ୍ୟରେ ଏଣେତେଣେ ଦୌଡ଼ାଉଛନ୍ତି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଫଳରେ ଉକ୍ତ ଘଟଣା ସାମ୍ନାକୁ ଆସିଛି।

ଏହି ଭିଡିଓକୁ ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଲେଙ୍କା ନିଜ ଫେସବୁକ୍ ପେଜ୍‌ରେ ଶେୟାର କରି ଜଣେ ନିରାଶ୍ରୟ ମହିଳାଙ୍କ ସହ ପୁରୀ ପୋଲିସର ଏଭଳି ଅମାନବୀୟ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ନୋ ପାର୍କିଂ ଜୋନ୍‌ରେ ବଡ଼ ବଡ଼ ନେତା ଓ ପ୍ରଭାବଶାଳୀ ବ୍ୟକ୍ତି ବିଗତ ଦିନରେ ଗାଡ଼ି ରଖିବାର ନଜିର ରହିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ନାମରେ କେବଳ କିଛି ଜରିମାନା ଆଦାୟ କରିଛି। ମାତ୍ର ପୋଲିସ ବିନା ଅନୁମତିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଯାନବାହନ କିଭଳି ପ୍ରବେଶ କରୁଛି ସେ ନେଇ କେବେ ତଦନ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ପେଟପାଟଣା ପାଇଁ ବଡ଼ଦାଣ୍ଡରେ ବସି ସ୍ୱଳ୍ପ ରୋଜଗାର କରୁଥିବା ନିରାଶ୍ରୟ ଲୋକଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାରକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି କର୍ମସ୍ଥାନରେ ତ୍ରିବେଣୀ ସଂଗମ ପରି ତିନୋଟି ଶୁଭପ୍ରଦ ଗ୍ରହଙ୍କ ସମାବେଶରୁ ସୁଖ, ସୌଭାଗ୍ୟ ପ୍ରାପ୍ତି ହେବ। ସମ୍ମାନଯୁକ୍ତ କର୍ମକ୍ଷେତ୍ର, ବନ୍ଧୁମିଳନ, ବ୍ୟବସାୟିକ ଉନ୍ନତି ଓ ଯାତ୍ରାରେ ଲକ୍ଷ୍ୟପୂରଣ ହୋଇପାରିବ। କୃତ୍ତିକା ସକାଶେ ଦୁଃଚିନ୍ତା ମନକୁ ଆନ୍ଦୋଳିତ କରିବ। ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବ ଏବଂ ଶୁଭ ଖବର ପାଇବେ।

**ବୃଷ**

ଆଜି ଭାଗ୍ୟଭାବସ୍ଥ ଗ୍ରହମାନେ ଆପଣଙ୍କୁ କୌଣସି କ୍ଷେତ୍ରରେ ନିରାଶ ହେବାକୁ ଦେବେ ନାହିଁ। କିନ୍ତୁ ରୋହିଣୀ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯାଇପାରେ।

**ମିଥୁନ**

ଯାତ୍ରା ସମୟରେ ଅପରିଚିତଙ୍କ କଥା ବିଶ୍ୱାସ କରି ହଇରାଣରେ ପଡ଼ିବେ। ଗତକାଲିର କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। ମୃଗଶିରା ନକ୍ଷତ୍ର ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। କିନ୍ତୁ ଅପରାହ୍ନେ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ**

କାର୍ଯ୍ୟ ସାଧନରେ ନିଜର ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ପୁନର୍ବସୁ ନକ୍ଷତ୍ର ସକାଶେ ଯାନ ବାହାନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, କିଛିଦିନ ଅଟକି ରହି ଯାଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ ଓ ଆଇନ ଅଦାଲତର ରାୟ ସପକ୍ଷରେ ଯିବ।

**ସିଂହ**

ଅଟକି ରହିଥିବା କାମଗୁଡ଼ିକ ଆଜି ହିଁ ଶେଷ କରିବାକୁ ମନସ୍ଥ କରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଉତ୍ତରାଫାଲଗୁନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା**

ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ହସ୍ତା ନକ୍ଷତ୍ର ପାଖ, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା**

ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ସ୍ୱାତୀ ନକ୍ଷତ୍ର ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ସାମାଜିକ ସ୍ତରରେ ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି।

**ବିଛା**

ଆଜି ଦିନସାରା ଟେନ୍ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଅନୁରାଧା ନକ୍ଷତ୍ର ଭୁଲ୍ ରାସ୍ତାରେ ପାଦଦେଇ ଅସୁବିଧାରେ ପଡ଼ିପାରନ୍ତି। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତାରୁ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ।

**ଧନୁ**

କଚେରି ମାମଲାର ଟେନ୍ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ବନ୍ଧୁବର୍ଗ ଏବଂ ସହକର୍ମୀଙ୍କର ପ୍ରଶଂସା ପାଇ ଖୁସି ହେବେ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଯାତ୍ରା ସମୟରେ ଅପରିଚିତ ଚିନ୍ତାର କାରଣ ହୋଇପାରନ୍ତି।

**ମକର**

ଆତ୍ମୀୟଙ୍କ ଶତ୍ରୁତା, ଈର୍ଷାପରାୟଣ, ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ପାଇବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନରେ ପାଇ ଖୁସି ହୋଇପାରନ୍ତି। ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜିଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ**

ଆଜି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତଭିଷା ନକ୍ଷତ୍ର ସାହିତ୍ୟ,ସାମ୍ବାଦିକତା,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ କୌଣସି କାମ ଅଟକିବ ନାହିଁ।

**ମୀନ**

ଆଜି ପରିବାର କଥାନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ । ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ ।

## classifieds Everyday

0674-2580101, 2549302



MATRIMONIAL

**BRIDE WANTED**

Required bride for Halua Brahmin boy 35yrs. B.Tech, Govt. Job, own house. Only son. 9337774265. D-70251

**GROOM WANTED**

Government Hospital ରେ ଚାକିରି କରୁଥିବା 41 ବୟସ୍କା divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ବରପାତ୍ର ଦରକାର। 7681060805. D-22174



real estate

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/ General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

**Plot for Sale, 2000sqft (15nos) per sqft-2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

Residential plot available at New Forest Park and building at Pokhariput, Bhubaneswar. 7978751719. D-71325

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ଫ୍ଲାଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71199

**Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି** Commercial / Residential Plot **ମିଳୁଛି । 9337028135.** D-71733

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

ପାରାଦୀପ Smart Industrial Port City ରେ ବଡ଼ବନ୍ଧ ରେଲ୍‌ୱେ ଷ୍ଟେସନ୍ ପାଖରେ 1 acre ଘରବାଡ଼ି commercial ଜାଗା ବିକ୍ରିହେବ। ଷ୍ଟାର୍ ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ପାଇଁ ଉପଯୁକ୍ତ। ଇଚ୍ଛୁକ ବ୍ୟକ୍ତି, Sharing Holder, Broker. 8917413036. D-71901

**300-900sqft commercial space for office Rent, Dolamundai-Badambadi Road, Cuttack-8917690567.** D-22209

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

**ମୋର Patia Bigbazar ପାଖରେ ଗୋଟେ apartment, ଗୋଟେ simplex, Kalarahangaରେ sqft. 1300/-, Raghunathapurରେ 2700/- plot for sale. 7381334443.** D-71815



to-let

Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar-751019 was let-out to Bank. Contact: 9871816986. D-71436

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211



healthcare

Ashirvaad Saloon and SPA get good massage for your health tha best therapy. 7077181074. D-71808

Monalisa massage Club: All types Body massage with hiprofile smart lady rooms service available. 9708545108. D-22204

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

Newly open SPA positively health benefit with expert. Contact: 7749976301. D-71194

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Newly open spa center, November Dhamaka 599/-, Smart therapist. 8455987557. D-71434

Refreshing your mind and body with the best therapy. 7873794731. D-71197

Newly open full body massage ladies and gents. 8327740003. D-71813

Newly open SPA positively health benefits by expert therapist. 7846814019. D-71433

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com



education

Medical Exam Registration- BAMS, BHMS, BUMS, BDS, BPT, ANM, GNM, DPharma, Dental Hygiene, DHMS, DAMS, DUMS, Only Sms/ W.A- 9893869473 (Only Practitioners). D-22206



business

Khurdha, Bhubaneswarରେ electric wiring & repairing କରିବାକୁ ଚାହୁଁଛନ୍ତି କି, ଯୋଗାଯୋଗ Mahapatra Electric. 9437555851, 8917561502. D-71812

**LOST**

କବଲା ଓ ଜମିପଟ୍ଟା ହଜିଛି:- ଏତଦ୍ୱାରା ମୁଁ ସ୍ମୃତି ରଞ୍ଜନ ବେହେରା, ପିତା- ପବନା ବେହେରା, ଗ୍ରାମ- କଦଳୀମୁଣ୍ଡା, ପୋ- କିଶୋରଗଞ୍ଜ, ଜିଲ୍ଲା- ଅନୁଗୋଳ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ଗତ ତା୦୩।୧୧।୨୦୨୧ ରିଖ ଦିନ ମୋର କବଲା ଓ ଜମିପଟ୍ଟା ନମ୍ବର ୧୦୦/୯୧ ବଇଣ୍ଡାରୁ ହଣ୍ଡପା ଯିବା ମଧ୍ୟରେ ହଜିଯାଇଛି। ତେଣୁ ଯେଉଁ ସହୃଦୟ ବ୍ୟକ୍ତି ପାଇଥିବେ ଦୟାକରି ଏହି ମୋବାଇଲ ନମ୍ବର- 9556262872ରେ ଯୋଗାଯୋଗ କରିବାକୁ ନିବେଦନ। ଧ-୨୨୨୧୪

**AFFIDAVIT**

By virtue of an affidavit on dated 09.11.2021, I Gazala Yasmin, W/o- Hazari Mukhtar Alam, At- C-18, Lingaraj Vihar, Pokhariput, PS- Airport, Bhubaneswar, Dist- Khordha, Odisha change my name from Gajala Yasmin to Gazala Yasmin in all purposes. D-71435

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୫ରୁ ଭୁବନେଶ୍ୱର-ନୟାଗଡ଼ ମଧ୍ୟରେ ମେମୁ ଟ୍ରେନ୍ ଚଳାଚଳ



**ଭୁବନେଶ୍ୱର,୯।୧୧:** ଭୁବନେଶ୍ୱର ଏବଂ ନୟାଗଡ଼ ଟାଉନ୍ ମଧ୍ୟରେ ଆସନ୍ତା ୧୫ ତାରିଖଠାରୁ ବର୍ତ୍ତମାନର ପାରମ୍ପରିକ କୋଚ୍ ବଦଳାଇ ମେମୁ ଟ୍ରେନ୍ ଚଳାଚଳ କରାଇବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କ୍ରମାଙ୍କ ନମ୍ବର ୦୮୪୨୩-୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱରରୁ ନଭେମ୍ବର ୧୫ରୁ ଏବଂ ନୟାଗଡ଼ ଟାଉନରୁ ନଭେମ୍ବର ୧୬ରୁ ମେମୁ ଟ୍ରେନ୍ କୋଚ ସହିତ ଚଳାଚଳ କରିବ ବୋଲି ଜଣାପଡ଼ିଛି। ଏହି ଟ୍ରେନ୍‌ରେ ୬ଟି ମେମୁ କୋଚ୍ ଏବଂ ଦୁଇଟି ମୋଟର କାର୍ ମେମୁ କୋଚ୍ ଉପଲବ୍ଧ ରହିବ ବୋଲି ସୂଚନା ମିଳିଛି। ସେହିଭଳି ଏହି ଟ୍ରେନ୍ ପାଇଁ ସ୍ଥିରୀକୃତ ସମୟ ସାରଣୀ ଓ ରହଣି ସ୍ଥାନ ପୂର୍ବପରି ଅପରିବର୍ତ୍ତିତ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ଏପଟେ ଆଲୋଚନା,...

ପ୍ରଥମ ପୃଷ୍ଠାରୁ...

ଆନ୍ଧ୍ରର ଏପରି କାର୍ଯ୍ୟ ନେଇ ଜିଲାର ବହୁ ବୁଦ୍ଧିଜୀବୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ କୋଟିଆ ସଙ୍ଗଠନର ସଦସ୍ୟ ତଥା କୋରାପୁଟ ଓକିଲସଂଘ ସଭାପତି ଅଜିତ ପାତ୍ର କହିଛନ୍ତି, କୋଟିଆ ପ୍ରସଙ୍ଗକୁ ରାଜନୈତିକ ସ୍ତରରେ ସମାଧାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିବା ଓ ଏନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଆନ୍ଧ୍ର ଅଧିକାରୀମାନେ ଧୂଳିପଦର ଗ୍ରାମରେ ଅନୁପ୍ରବେଶ କରି ସ୍ଥାନୀୟ ଲୋକଙ୍କୁ ପ୍ରଭାବିତ କରିବା ଯୁକ୍ତିଯୁକ୍ତ ନୁହେଁ। ଏଥିଯୋଗୁ କୋଟିଆ ବିବାଦର ସମାଧାନ ନେଇ ସନ୍ଦେହ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ଦୁଇ ଦିନ ତଳେ ଆନ୍ଧ୍ରର ପାର୍ବତୀପୁରମ ପିଏ ଆଇଟିଡିଏ ଆର. କୋମରନାଥ ଓ ଅନ୍ୟ ଅଧିକାରୀ କୋଟିଆ ପଞ୍ଚାୟତର ମାଡକାର, ଫଗୁଣ ସିନେରି, ଫାଟୁସିନେରି, କାନଦୋରା, ଡୋଲିଆମ୍ବ, ସଲପଗୁଡା ଆଦି ଗ୍ରାମକୁ ଯାଇ ଲୋକଙ୍କୁ ଆନ୍ଧ୍ରର ବିଭିନ୍ନ ଯୋଜନା ଉପରେ କହି ସେମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ।

## ମୁଖ୍ୟ ପାରିଲେନି...

ସମାଧାନ କରିବାକୁ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ନିଷ୍ପତ୍ତି ହୋଇଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ସିଧା ରାଜ୍ୟ ଅତିଥି ଭବନକୁ ଆସିଥିଲେ। ଏହା ପରେ ଲୋକସେବା ଭବନ ଯାଇଥିଲେ। ସେଠାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତାଙ୍କୁ ଉତ୍ତରୀୟ ଏବଂ ଏକ ମେମେଣ୍ଟୋ ଉପହାର ଦେଇ ସ୍ୱାଗତ କରିଥିଲେ। ଜଗନମୋହନ ମଧ ନବୀନଙ୍କୁ ଉତ୍ତରୀୟ ଏବଂ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ୪୫ ମିନିଟ୍ ଧରି ଜଳ ସମ୍ପଦ, ସୀମା ବିବାଦ, ଶକ୍ତି ଏବଂ ମାଓବାଦୀ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହାସହିତ ଉଭୟ ରାଜ୍ୟ ଗୌରବମୟ ଇତିହାସ ଓ ଐତିହ୍ୟ ଉପରେ ମଧ ଆଲୋଚନା ହୋଇଛି। ସୂଚନାଥାଉ କି ବିଗତ ବର୍ଷଗୁଡିକରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଭୟ ରାଜ୍ୟ ପରସ୍ପରକୁ ପୂର୍ଣ୍ଣ ସହାୟତା ଯୋଗାଇଛନ୍ତି।

ସନ୍ଧ୍ୟା ୭ଟାରେ ଜଗନମୋହନ ଆନ୍ଧ୍ର ଫେରିଯାଇଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଦୀର୍ଘ ଦିନ ଧରି ଲାଗି ରହିଥିବା ସୀମା ସମସ୍ୟା ସମାଧାନ କରିବା ଦିଗରେ କେତେଦୂର ସହାୟକ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ଲଘୁଚାପ: ଉପକୂଳ, ଦକ୍ଷିଣରେ ହାଲୁକା ବର୍ଷା

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୧୧ ତାରିଖରେ ଏହା ତାମିଲନାଡୁ ଉପକୂଳ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୪ ତାରିଖରୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଧୀରେ ଧୀରେ ଶୀତ ବଢ଼ିଲାଣି। ମଙ୍ଗଳବାର ରାଜ୍ୟର ୭ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ରେକର୍ଡ କରାଯାଇଛି। ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସହ ଦାରିଙ୍ଗବାଡ଼ି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୨.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ଓ କେନ୍ଦୁଝରରେ ୧୩.୮, କୋରାପୁଟରେ ୧୪.୦, ଝାରସୁଗୁଡ଼ାରେ ୧୪.୬, ଭବାନୀପାଟଣାରେ ୧୪.୯, ଭୁବନେଶ୍ୱରରେ ୧୭.୪ ଓ କଟକରେ ୧୭.୫ ଡିଗ୍ରୀ ରେକର୍ଡ କରାଯାଇଛି।

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# କ୍ରିପ୍ଟୋ ଆଇନ

କ୍ରିପ୍ଟୋ କରେନ୍ସି ହେଉଛି ଏକ ଡିଜିଟାଲ ବା ଭର୍ଚୁଆଲ ମୁଦ୍ରା। ଏହାକୁ ସ୍ପର୍ଶ କରି ହେଉ ନ ଥିଲେ ମଧ୍ୟ କାରବାର ଦ୍ରୁତଗତିରେ ବଢ଼ି ଚାଲିଛି। ୯ ନଭେମ୍ବରରେ ବିଶ୍ୱ କ୍ରିପ୍ଟୋ ବଜାର ପୁଞ୍ଜି ୩ ଟ୍ରିଲିୟନ ବା ୩ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଭାରତରେ ଏଥିପ୍ରତି ନିଶା ଏତେ ବଢ଼ିଗଲାଣି ଯେ ରିସ୍କ ନେବା ଲାଗି ପୁଞ୍ଜି ବିନିଯୋଗକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି। ବଜାରରେ ମିଳୁଥିବା କ୍ରିପ୍ଟୋ କରେନ୍ସି ମଧ୍ୟରେ ଆଗରେ ବିଟ୍‌କଏନ୍ ରହିଥିବା ବେଳେ କାର୍ଡାନୋ ଓ ଡୋଜ୍‌କଏନ୍ ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଛି। କ୍ରିପ୍ଟୋଗ୍ରାଫି ବ୍ୟବହାର କରାଯାଇ କେନ୍ଦ୍ରୀକରଣ ବା ସେଣ୍ଟ୍ରାଲାଇଜ୍‌ଡ ପରିବର୍ତ୍ତେ ଡିସେଣ୍ଟ୍ରାଲାଇଜ୍‌ଡ ବା ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ଏହାର କାରବାର ହୋଇଥାଏ। ଏହି ବ୍ୟବସାୟରେ ଅର୍ଥ ବିନିଯୋଗ କରୁଥିବା ବ୍ୟକ୍ତିର ମୁଣ୍ଡ ଉପରେ ବିପଦ ଥାଏ, ଯାହାକି ପୁଞ୍ଜି ବିନିଯୋଗ ହେଉଥିବା ଅନ୍ୟାନ୍ୟ ବେପାରରେ ମଧ୍ୟ ରହିଥାଏ। ଏହା ମଧ୍ୟ ସତ୍ୟ ଯେ, ଯେଉଁ ବ୍ୟବସାୟରେ ଅଧିକ ବିପଦ ରହେ, ସେଠି ଅଧିକ ଲାଭ ରହେ।

କ୍ରିପ୍ଟୋ କରେନ୍ସିର ଆବଶ୍ୟକତା ବିଷୟରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ମୁଦ୍ରାର ପ୍ରଚଳନ ଉପରେ ଦୃଷ୍ଟି ଦେବା। ଅତୀତରେ ଜିନିଷପତ୍ର କିଣିବା ବାର୍ଟାର ସିଷ୍ଟମ ବା ବଦଳ ବେପାର ମାଧ୍ୟମରେ କରାଯାଉଥିଲା। ତାହା ସୁବିଧାଜନକ ନ ହେବାରୁ ସୁନାକୁ ଏହାର ମାଧ୍ୟମ କରାଗଲା। ତେଣୁ ଯେଉଁ ଦେଶ ନିକଟରେ ଅଧିକ ସୁନା ଗଚ୍ଛିତ ଥିଲା ତାହା ଧନୀ ବିବେଚିତ ହେଉଥିଲା। ତଥାପି କେଜି କେଜି ସୁନା ଧରି ସାମଗ୍ରୀ କିଣିବା ସହଜ ନ ହେବାରୁ ମୁଦ୍ରାର ଆବଶ୍ୟକତା ପଡ଼ିଲା। କୁହାଯାଏ ପ୍ରାଚୀନ ଇଜିପ୍ଟରେ ପ୍ରଥମେ ମୁଦ୍ରାର ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟରେ ସୁନା ବଦଳରେ ମୁଦ୍ରା ଛପାଗଲା। ସୁନାର ଗଚ୍ଛିତ ପରିମାଣ ନିର୍ଦ୍ଧାରଣ କରିଥାଏ କେତେ ନୋଟ୍ ଛପାଯିବ। ଉଲ୍ଲେଖଯୋଗ୍ୟ ଯେ, ଚାଇନା ପ୍ରଥମେ କାଗଜ ମୁଦ୍ରା ପ୍ରଚଳନ କରିଥିଲା। ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାପୀ ବଜାରରେ କାରବାର ଲାଗି କାଗଜ ମୁଦ୍ରାର ଚାହିଦା ବୃଦ୍ଧି ପାଇଲା। ତେବେ ପ୍ରତ୍ୟେକ ଦେଶ ଏହା ଉପରେ ନିୟନ୍ତ୍ରଣ ରଖିବା ଲାଗି ସରକାରୀ ସ୍ତରରେ ବ୍ୟବସ୍ଥା କଲେ। ଭାରତ କଥା ଦେଖିଲେ କେନ୍ଦ୍ର ସରକାର ଏକ ଟଙ୍କିଆ ନୋଟ୍ ଛପାଇବା ଲାଗି ସମସ୍ତ କ୍ଷମତା ରଖିଥିବା ବେଳେ ଅନ୍ୟ ନୋଟ୍‌ଗୁଡ଼ିକ ପ୍ରିଣ୍ଟ୍ କରିବାର କର୍ତ୍ତୃତ୍ୱ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ରହିଛି। ମୁଦ୍ରାକୁ ନିୟନ୍ତ୍ରଣ କରିବା ଲାଗି ଭାରତ ଭଳି ସବୁ ଦେଶର ସରକାର ନିର୍ଦ୍ଦିଷ୍ଟ ସଂସ୍ଥା ରଖିଛନ୍ତି। ତେବେ ଭାରତ ଯେଉଁଭଳି ଭାବେ ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ କଲା, ସେବେଠାରୁ ଭାରତୀୟ ମୁଦ୍ରା ଉପରେ ଜନସାଧାରଣଙ୍କ ବିଶ୍ୱାସ କମିଗଲା। ଅର୍ଥାତ୍ ମୋଦି ସରକାର କାରସାଦି କରି ଲୋକଙ୍କ ଅର୍ଥକୁ ଅକାମୀ କରିଦେଲେ। ଏହାଦ୍ୱାରା ଜନସାଧାରଣ ନିଜ ଅର୍ଥ ଉଠାଇବା ଲାଗି କଲବଲ ହେଲେ। କଷ୍ଟାର୍ଜିତ ଧନ ଉପରେ ସରକାର ନିୟନ୍ତ୍ରଣ କରିବାରୁ ସେହି ମୁଦ୍ରା ଉପରେ ଅବିଶ୍ୱାସ ଜନ୍ମିଲା। କେବଳ ସାଧାରଣ ଭାରତୀୟ ନାଗରିକ ନୁହନ୍ତି, ମୁକେଶ ଅମ୍ବାନୀଙ୍କ ପରି ବିଶିଷ୍ଟ ଶିଳ୍ପପତି ଏବେ ଲଣ୍ଡନରେ ରହିବାକୁ ପସନ୍ଦ କଲେଣି। ଆହୁରି ସମ୍ବେଦନଶୀଳ ଘଟଣା ହେଉଛି ଯେ, ଭାରତରେ ସବୁ କ୍ଷେତ୍ରରେ ଅଧିକ ଟିକସ ନିଆଯାଉଥିବାରୁ ଅନେକେ ତାହାକୁ ଫାଙ୍କିବାକୁ ଚେଷ୍ଟା କରୁଛନ୍ତି। ଏପରି କି ଟାକ୍ସ ହାଭେନ୍ ବା ଟିକସର ସ୍ୱର୍ଗ କୁହାଯାଉଥିବା କେତେକ ଦେଶରେ ଲୋକେ ବ୍ୟବସାୟ କରିବାକୁ ଚାଲିଯାଉଛନ୍ତି। କେନ୍ଦ୍ର ସରକାର ଏହିଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରୁଥିବାରୁ ନାଗରିକମାନେ ଧରିନେଲେଣି ପାରମ୍ପରିକ ଭାରତୀୟ ଟଙ୍କା ବଦଳରେ ଭର୍ଚୁଆଲ ମୁଦ୍ରାରେ କାରବାର କରିବା ଭଲ। କାରଣ ଏହା ଉପରେ କାହାରି ନିୟନ୍ତ୍ରଣ ରହି ନ ଥାଏ। ଫଳରେ ନିଜେ ଯେତେ ବିନିଯୋଗ କଲେ ସେହି ଅନୁଯାୟୀ ଲାଭ ମିଳିପାରୁଛି। ଏକ ତଥ୍ୟ ଅନୁଯାୟୀ ଭାରତରେ ଏବେ ଦେଢ଼ କୋଟିରୁ ଅଧିକ ଲୋକ କ୍ରିପ୍ଟୋ କରେନ୍ସିରେ ନିବେଶ କରିଛନ୍ତି।

ଭାରତରେ ଭର୍ଚୁଆଲ କରେନ୍ସିକୁ ଲିଗାଲ ଟେଣ୍ଡର ବା ବୈଧ ମୁଦ୍ରାର ଅନୁମତି ମିଳିବାର ସମ୍ଭାବନା ଏବେ ଦେଖାଯାଉ ନାହିଁ। ଏଭଳି ସ୍ଥିତିରେ ଭର୍ଚୁଆଲ ଆସେଟ୍ ଉପରେ ଏକ ଆଇନ ଆଣିବା ପାଇଁ ଭାରତ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶୀତକାଳୀନ ଅଧିବେଶନରେ ଏହା ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇପାରେ ବୋଲି କୁହାଯାଉଛି। ଏଠାରେ ଉଲ୍ଲେଖ କରାଯାଇପାରେ, ସରକାରଙ୍କ ଅଧୀନରେ ନ ରହି ସ୍ୱାଧୀନ ଭାବେ ନିଜ ମୁଦ୍ରା କାରବାର ଲାଗି କ୍ରିପ୍ଟୋ କରେନ୍ସି ସହାୟକ ହେବ ବୋଲି କେତେକେ କହିଲେଣି। ବିମୁଦ୍ରୀକରଣ ଭଳି ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ପଦକ୍ଷେପ ଜନସାଧାରଣଙ୍କୁ ସରକାରଙ୍କ ନିୟନ୍ତ୍ରଣାଧୀନ ଅର୍ଥ ବ୍ୟବସ୍ଥାଠାରୁ ଦୂରେଇ ଯିବାକୁ ବାଧ୍ୟ କରୁଛି। ଏଭଳି ସ୍ଥିତି ଲାଗି ରହିଲେ ଦେଶରେ ଟିକସ ଆଦାୟର ପରିମାଣ ହ୍ରାସ ପାଇପାରେ। ଶେଷରେ ଏହା ଦେଶର ପ୍ରଗତି ଏବଂ ଉନ୍ନତିକୁ ଯଦି ବାଧା ପହଞ୍ଚାଏ, ତେବେ ସେଥିପାଇଁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଭିମୁଖ୍ୟ କେବଳ ଦାୟୀ ହେବ।

## ଚିରନ୍ତନୀ

ଉଭା ହେଲ ହେ ମାନବ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ। -(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 5 | 7 | | |
| | | | 4 | 3 | | | | |
| | 4 | 8 | 7 | | | | | 9 |
| | | | | 6 | | | | |
| | | 6 | | 4 | | | | 3 |
| | 9 | 1 | 2 | | | | | |
| 8 | | | | | 4 | | | |
| 7 | | | | | | 5 | | 1 |
| | | 3 | 5 | | 2 | 9 | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | 6 | 7 | 3 | 4 | 8 | 1 |
| 7 | 4 | 8 | 5 | 2 | 1 | 6 | 9 | 3 |
| 1 | 3 | 6 | 4 | 8 | 9 | 5 | 7 | 2 |
| 6 | 7 | 1 | 8 | 5 | 4 | 3 | 2 | 9 |
| 3 | 8 | 2 | 9 | 1 | 6 | 7 | 4 | 5 |
| 5 | 9 | 4 | 2 | 3 | 7 | 1 | 6 | 8 |
| 4 | 6 | 3 | 1 | 9 | 8 | 2 | 5 | 7 |
| 9 | 2 | 7 | 3 | 4 | 5 | 8 | 1 | 6 |
| 8 | 1 | 5 | 7 | 6 | 2 | 9 | 3 | 4 |

ଗତକାଲିର ଉତ୍ତର

# ଆତ୍ମପ୍ରେମର ପ୍ରଦର୍ଶନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ସବୁଠାରୁ ବେଶି ଭଲପାଏ ନିଜକୁ। ନିଜର ଚେହେରା, ହାବଭାବ, କର୍ମ ଅନ୍ୟମାନଙ୍କ ନିମନ୍ତେ ଗ୍ରହଣୀୟ ନ ହେଲେ ମଧ୍ୟ ସେସବୁକୁ ସେ ନକାରାତ୍ମକ ଦୃଷ୍ଟିରେ ଦେଖେନାହିଁ। ପ୍ରତ୍ୟେକ ବ୍ୟକ୍ତି ଚାହେଁ ଲୋକେ ତାକୁ ସୁନ୍ଦର କହନ୍ତୁ, ଭଲ ଲୋକ କହନ୍ତୁ ଓ ତାକୁ ଭଲପାଆନ୍ତୁ। ମଣିଷ ତା'ର ଏହି ଇଚ୍ଛାକୁ ସହଜରେ ସର୍ବସମ୍ମୁଖରେ ପ୍ରକାଶ କରିବାର ସୁଯୋଗ ପାଉ ନ ଥିଲା। ମାତ୍ର ଆଜି ମଣିଷର ଏହି ଇଚ୍ଛାକୁ ପୂରଣ କରିଛି ଫେସ୍‌ବୁକ୍। ଏବେ ଲୋକେ ବିଭିନ୍ନ ପଟଭୂମିରେ, ବିଭିନ୍ନ ଭଙ୍ଗୀରେ ନିଜର ଫଟୋ ଉତ୍ତୋଳନ କରି ସେଗୁଡ଼ିକୁ ଛାଡ଼ିଦେଉଛନ୍ତି ଫେସ୍‌ବୁକ୍‌ରେ ଓ ଅପେକ୍ଷା କରୁଛନ୍ତି ଜାଣିବା ପାଇଁ କେତେ ଜଣ ତାକୁ ଲାଇକ୍ କରୁଛନ୍ତି ଓ କେତେଜଣ ପ୍ରଶଂସାସୂଚକ ମନ୍ତବ୍ୟ ଦେଉଛନ୍ତି। ଆଜି ଫେସ୍‌ବୁକ୍ ହୋଇଛି ଆତ୍ମବିଜ୍ଞାପନର ଏକ ମାଧ୍ୟମ। କୌଣସି ପୁରସ୍କାର ବା ପ୍ରମାଣପତ୍ରଟିଏ ପାଇଲେ ସର୍ବସାଧାରଣଙ୍କ ଗୋଚରାର୍ଥେ ଆମେ ତାକୁ ଫେସ୍‌ବୁକ୍ ମାଧ୍ୟମରେ ପ୍ରସାରିତ କରୁଛୁ। ନିଜ ଡିଣ୍ଡିମ ନିଜେ ପିଟିଚାଲିଛୁ। ଫେସ୍‌ବୁକ୍‌କୁ ଆମେ ବ୍ୟବହାର କରୁଛୁ ନିଜ ପାଇଁ, ପ୍ରଶଂସା ସାଉଁଟିବା ପାଇଁ। ଆମେ କେଉଁଠିକୁ ଗଲୁ, କ'ଣ ଖାଇଲୁ, କ'ଣ ରୋଷେଇ କଲୁ ସେଗୁଡ଼ିକର ଛବି ମଧ୍ୟ ଆଜି ଫେସ୍‌ବୁକ୍‌ରେ ସ୍ଥାନ ପାଉଛି। ସତେଯେପରି ଆମର ବ୍ୟକ୍ତିଗତ ଜୀବନଚର୍ଯ୍ୟା ସମସ୍ତେ ଜାଣିବା ନିହାତି ଜରୁରୀ। ହସ୍ପିଟାଲରେ ପୁତ୍ର କିମ୍ବା କନ୍ୟାଟିଏ ଜନ୍ମ ନେଲେ ତା'ର ଚିତ୍ର ମଧ୍ୟ ଫେସ୍‌ବୁକ୍‌ରେ ପ୍ରସାରିତ ହେଉଛି। ଅନେକେ ନିଜ ପୁଅ, ଝିଅ, ନାତି ନାତୁଣୀଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରୁଛନ୍ତି ଫେସ୍‌ବୁକ୍‌ରେ। ବନ୍ଧୁମାନେ ସୁନ୍ଦର ଶବ୍ଦରେ ଆଶୀର୍ବାଦ ଢାଳି ଦେଉଛନ୍ତି। ଆମେ ଅନ୍ୟର ମଙ୍ଗଳ କାମନା କରି ଈଶ୍ୱରଙ୍କୁ ପ୍ରାର୍ଥନା କରୁ। ମାତ୍ର ଫେସ୍‌ବୁକ୍‌ରେ କେତୋଟି ଆଶୀର୍ବାଦାତ୍ମକ ଶବ୍ଦ ଲେଖିଦେଲେ ତାହା କିପରି ଅନ୍ୟର ମଙ୍ଗଳ କରିବ ତାହା ବୁଝାପଡୁନାହିଁ। ତଥାପି କିଛି ସୁମନ୍ତବ୍ୟ ପାଇଗଲେ ଆମେ ବିଭୋର। ଅବଶ୍ୟ ଫେସ୍‌ବୁକ୍‌ର ସକାରାତ୍ମକ ବ୍ୟବହାର ମଧ୍ୟ ହେଉଛି। ଯେଉଁମାନଙ୍କ ସୃଜନଶୀଳ ପ୍ରତିଭା ଅଛି ସେମାନେ ଗଳ୍ପ, କବିତା ଲେଖି ଫେସ୍‌ବୁକ୍‌ରେ ସ୍ଥାନ ଦେଉଛନ୍ତି ଓ ବହୁସଂଖ୍ୟକ ପାଠକମାନଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ମାତ୍ର ଏମାନଙ୍କ ସଂଖ୍ୟା ନଗଣ୍ୟ। ବେଳେବେଳେ ଏହା ବୌଦ୍ଧିକ ଆଲୋଚନାର କ୍ଷେତ୍ର ଭାବରେ ମଧ୍ୟ ବ୍ୟବହୃତ ହେଉଛି। ଏହା ସ୍ୱାଗତଯୋଗ୍ୟ। ମାତ୍ର ସେହି ବୌଦ୍ଧିକ ଆଲୋଚନା ବେଳେବେଳେ ଏଭଳି ବିବାଦୀୟ ହେଉଛି ଯେ, କେହି କେହି ପରସ୍ପରକୁ ଆକ୍ଷେପ ଓ ପ୍ରତିଆକ୍ଷେପ କରି କଟୁଭାଷା ପ୍ରୟୋଗ କରୁଛନ୍ତି। ଅନେକ ସମୟରେ ସେମାନେ ଅଶ୍ଳୀଳ ଓ ଅଭଦ୍ର ଭାଷା ବ୍ୟବହାର କରି ଫେସ୍‌ବୁକ୍‌ରେ ଏକ କଳୁଷିତ ପରିବେଶ ସୃଷ୍ଟି କରୁଛନ୍ତି। ବେଳେବେଳେ ଫେସ୍‌ବୁକ୍ ଏକ ବାକ୍-ରଣକ୍ଷେତ୍ରରେ ପରିଣତ ହେଉଛି। ବୋଧହୁଏ ଯଦି ମାର୍କ ଜୁକରବର୍ଗ ଫେସ୍‌ବୁକ୍ ଏପରି ଅପବ୍ୟବହୃତ ହେବ ବୋଲି ଜାଣିଥା'ନ୍ତେ, ହୁଏତ ସେ ଏହାର ପ୍ରଚଳନ କରି ନ ଥାଆନ୍ତେ।

ଫେସ୍‌ବୁକ୍ ଆଜି ଆତ୍ମପ୍ରେମର ଏକ ପ୍ରଦର୍ଶନୀ କ୍ଷେତ୍ର। ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି ନାର୍ସିସାସ୍ ଲକ୍ଷଣ। ଗ୍ରୀକ୍ କିମ୍ବଦନ୍ତୀ ଅନୁସାରେ ନାର୍ସିସାସ ଥିଲେ ଅତ୍ୟନ୍ତ ସୁନ୍ଦର। ସେହି ତରୁଣ ଜାଣି ନ ଥିଲା ତା'ମୁହଁଟି କେତେ ସୁନ୍ଦର। ଦିନେ ସେ ଏକ ସରୋବର କୂଳରେ ବୁଲୁବୁଲୁ ଜଳରେ ତା'ର ପ୍ରତିଫଳନ ଦେଖିଲା ଓ ନିଜ ଲାବଣ୍ୟରେ ମୁଗ୍ଧ ହେଲା। ଶେଷରେ ଜଳ ମଧ୍ୟକୁ ଡେଇଁ ଜୀବନ ହାରିଲା। ନାର୍ସିସାସ୍‌କୁ ନେଇ କିମ୍ବଦନ୍ତୀର ବିଭିନ୍ନ ରୂପ ଥିଲେ ମଧ୍ୟ ନାର୍ସିସାସ୍‌କୁ ଏକ ସ୍ଥୂଳ ଆତ୍ମପ୍ରେମର ଉଦାହରଣ ଭାବରେ ଗ୍ରହଣ କରାଯାଏ। ଯେଉଁମାନେ ନିଜ ସମ୍ପର୍କରେ ଅତି ଉଚ୍ଚଧାରଣା ପୋଷଣ କରନ୍ତି ଓ ସୁଯୋଗ ପାଇବାମାତ୍ରେ ନିଜର ଗୁଣଗାନ କରନ୍ତି, ସେମାନେ ଏହି ବିକଳତାରେ ପୀଡ଼ିତ ବୋଲି ଧରି ନିଆଯାଏ। ନିଜ ରୂପର ପ୍ରେମରେ ପଡ଼ିବା ଏକ ମାନସିକ ବିକଳତା ଓ ଏହାକୁ କୁହାଯାଏ ନାରସିସିଜମ୍। ନିଜକୁ ଅଧିକ ଗୁରୁତ୍ୱ ଦେବା ଓ ଆତ୍ମପ୍ରଶଂସାରେ ଲିପ୍ତ ହେବା ହେଉଛି ଏହାର ଲକ୍ଷଣ। ଏବେ ଏହାକୁ କୁହାଯାଉଛି 'ବ୍ୟକ୍ତିତ୍ୱ ଅସଂହତି'। ଏହି ତତ୍ତ୍ୱର ପ୍ରବକ୍ତା ହିଞ୍ଜ୍‌କୋ କୋହୁଟ୍‌ଙ୍କ ଭାଷାରେ ନିଜ ସମ୍ପର୍କରେ ଅତିରଞ୍ଜିତ ଧାରଣା କରିବା ହେଉଛି ଏହି ବିକଳତାର ଲକ୍ଷଣ (Grandiose Ideas or actions beginning at early adult-hood, Indicated by such signs and symptoms as self Importance and boastfulness)। ଏହି ସ୍ଥୂଳ ଆତ୍ମପ୍ରେମର ଆଉ ଏକ ବିକଟ ରୂପ ହେଉଛି ସେଲ୍‌ଫି ଅର୍ଥାତ୍ ନିଜ ଫଟୋ ନିଜେ ଉଠାଇବା। ଏହି ମାନସିକ ବିକଳତା ଅନେକ ମୃତ୍ୟୁର କାରଣ ହେବା ପରେ ମଧ୍ୟ ସେଲ୍‌ଫି ନେବା କମିନାହିଁ। ତରୁଣମାନଙ୍କଠାରେ ଥିବା ଦୁଃସାହସ ପ୍ରତି ଆକର୍ଷଣ ସେଲ୍‌ଫି ମଧ୍ୟଦେଇ ପ୍ରକାଶ ପାଇଛି। କେହିକେହି ଉଚ୍ଚ ଜଳପ୍ରପାତରେ, ପର୍ବତ ଶିଖରରେ, ବିପଦସଙ୍କୁଳ ସ୍ଥାନମାନଙ୍କରେ ସେଲ୍‌ଫି ଉତ୍ତୋଳନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ମାତ୍ର ସେଲ୍‌ଫି ଉତ୍ତୋଳନ କରୁ କରୁ କେହି କେହି ଜୀବନ ହାରିଥିବା ମଧ୍ୟ ପ୍ରମାଣ ମିଳିଛି। ଅତୀତରେ ସଙ୍କଟାପନ୍ନ ପରିସ୍ଥିତିରୁ ଲୋକଙ୍କୁ ଉଦ୍ଧାର କରିବାରେ ତରୁଣମାନେ ଦୁଃସାହସିକ କାର୍ଯ୍ୟ କରୁଥିଲେ। ଆଜି ତାହା ସ୍ଥୂଳ ଆତ୍ମପ୍ରେମର ପ୍ରଦର୍ଶନ ଭାବରେ ସେଲ୍‌ଫିର ରୂପ ନେଇଛି। ଏହା ହିଁ ବିଡ଼ମ୍ବନା।

ଏହି ଆତ୍ମପ୍ରେମ ଆଜି ରାଜନୈତିକ ଲୋକମାନଙ୍କୁ ମଧ୍ୟ କବଳିତ କରିଛି। ସହରର ଛକଗୁଡ଼ିକରେ, ପାର୍କଗୁଡ଼ିକରେ ନେତାମାନଙ୍କ ଯୋଡ଼ହସ୍ତରେ ହାସ୍ୟକର ଭଙ୍ଗୀରେ ବିରାଟ ଚିତ୍ର ସ୍ଥାନ ପାଉଛି। ଏହା ମଧ୍ୟ ସେଲ୍‌ଫି ମାଦକତାର ଆଉ ଏକ ରୂପ। କେହି କେହି ରାଜନେତା ନିଜ ପ୍ରତିମୂର୍ତ୍ତି ନିର୍ମାଣ କରି ସହରର ଛକରେ ବା ପାର୍କରେ ପ୍ରତିଷ୍ଠା କରୁଛନ୍ତି। ଦିନେ ଇଜିପ୍ଟର ରାଜା ଓଜିମାଣ୍ଡିଆସ୍ ମଧ୍ୟ ନିର୍ମାଣ କରାଇଥିଲେ ନିଜର ଏକ ପ୍ରକାଣ୍ଡ ପ୍ରତିମୂର୍ତ୍ତି। ସେ ବିଶ୍ୱାସ କରୁଥିଲେ ତାଙ୍କ ପରାକ୍ରମ ଓ କୀର୍ତ୍ତି ଚିରକାଳ ଅନ୍ୟ ରାଜାମାନଙ୍କ ମନରେ ଈର୍ଷା ସଞ୍ଚାର କରୁଥିବ। ତାଙ୍କ ଆଗରେ ସେମାନେ କେତେ ଦୁର୍ବଳ ଓ ଦୟନୀୟ ତାହା ଭାବି ସେମାନେ ହତାଶ ଅନୁଭବ କରୁଥିବେ। ପ୍ରତିମୂର୍ତ୍ତିର ପାଦଦେଶରେ ସେ ଖୋଦିତ କରାଇଥିଲେ, ''ମୁଁ ଓଜିମାଣ୍ଡିଆସ୍, ରାଜାମାନଙ୍କର ରାଜା। ହେ ଶକ୍ତିଶାଳୀ ରାଜାମାନେ! ମୋର କୃତିତ୍ୱକୁ ଦେଖ ଓ ମୋ ସଙ୍ଗେ ସମାନ ପରିଗଣିତ ହେବାର ଆଶା ପରିତ୍ୟାଗ କର।'' ମାତ୍ର ମରୁଭୂମିରେ ଠିଆ ହୋଇଥିବା ସେହି ପ୍ରତିମୂର୍ତ୍ତି ଆଜି ବିଧ୍ୱଂସ। ପାଦପୀଠ ଉପରେ ଛିଡ଼ା ହୋଇ ରହିଛି ପ୍ରତିମୂର୍ତ୍ତିର ଦୁଇଟି ପ୍ରକାଣ୍ଡ ଗୋଡ଼। ଅନ୍ୟ ଅଂଶ ଧ୍ୱଂସ ହୋଇଯାଇଛି। ମରୁଭୂମିର ବାଲି ମଧ୍ୟରେ ଅର୍ଦ୍ଧ ଅନାବୃତ ହୋଇ ପଡ଼ିରହିଛି ମୂର୍ତ୍ତିର ଭଗ୍ନ ମୁହଁ। କାରିଗରର କଳାକୌଶଳ ଯୋଗୁ ସେହି ମୁହଁରେ ଏବେ ବି ପ୍ରତିଫଳିତ ହେଉଥିବା ଔଦ୍ଧତ୍ୟର ଅଭିବ୍ୟକ୍ତିକୁ ସତେଯେପରି ମହାକାଳ ଉପହାସ କରୁଛି। ତା' ସତ୍ତ୍ୱେ ମଣିଷର ଆତ୍ମପ୍ରେମ ଓ ଆତ୍ମବିଜ୍ଞାପନର ମୋହ ଚୂର୍ଣ୍ଣ ହୋଇନାହିଁ। ଏହି ମୋହ ଓଜିମାଣ୍ଡିଆସ୍ ଭିତରୁ ଖସି ଆସି ବହୁ ବ୍ୟକ୍ତିବର୍ଗଙ୍କୁ ବିଶେଷକରି ରାଜନେତାମାନଙ୍କୁ ଆୟତ୍ତ କରି ରଖିଛି। ଏଣୁ ସର୍ବତ୍ର ଗଢ଼ିଉଠୁଛି ଅନେକ ପ୍ରତିମୂର୍ତ୍ତି।

ସଂପ୍ରତି ଲେଖକମାନଙ୍କ ସଂଖ୍ୟା ଅପ୍ରତ୍ୟାଶିତ ଭାବରେ ବଢ଼ିଛି। ତା'ସାଙ୍ଗକୁ ନିଜ ବହି ପ୍ରକାଶ କରିବାର ବିକଳତା ମଧ୍ୟ କମ୍ ନୁହେଁ। ଏହି ବିକଳତାର ସୁଯୋଗ ନେଉଛନ୍ତି ବିଭିନ୍ନ ପ୍ରକାଶନ ସଂସ୍ଥା। ଲେଖକ ବହି ପ୍ରକାଶନ ବ୍ୟୟର ସିଂହଭାଗ ନିଜେ ବହନ କରି ନିଜକୁ ପ୍ରଚାରିତ କରିବାର ଆକାଂକ୍ଷା ପୋଷଣ କରୁଛନ୍ତି। ଅଥଚ ଦିନ ଥିଲା, ପ୍ରକାଶକମାନେ ଲେଖକ ପାଖରେ ପହଞ୍ଚି ତାଙ୍କର ବହି ପ୍ରକାଶ କରିବାକୁ ଅନୁମତି ଲୋଡୁଥିଲେ। ଲେଖକଙ୍କୁ ଟଙ୍କାଟିଏ ମଧ୍ୟ ଦେବାକୁ ପଡୁ ନ ଥିଲା, ବରଂ ଲେଖକ ପ୍ରକାଶକଙ୍କ ପାଖରୁ ପାଉଥିଲା ରଚକପ୍ରାପ୍ୟ (royalty)। ପୁନଶ୍ଚ ବହିଟିଏ ପ୍ରକାଶ ପାଇଲେ ଲେଖକ ନିଜେ ଭବ୍ୟ ଲୋକାର୍ପଣ ଉତ୍ସବ ଆୟୋଜନ କରୁଛନ୍ତି ଓ ନିଜକୁ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଭାବରେ ପ୍ରତିପାଦନ କରିବାର ପ୍ରୟାସ କରୁଛନ୍ତି। ଏହା ମଧ୍ୟ ଆତ୍ମପ୍ରେମର ଆଉ ଏକ ରୂପ। ହୁଏତ ଏହି ଲେଖକ ମଧ୍ୟ ଏହି ଆତ୍ମପ୍ରେମରୁ ମୁକ୍ତ ନୁହେଁ। ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ଏହି ଆତ୍ମପ୍ରେମରୁ ଆମେ ଯେତେଶୀଘ୍ର ମୁକ୍ତ ହେବା ତାହା ଆମର ବ୍ୟକ୍ତିତ୍ୱର ବିକାଶ ପାଇଁ ସେତେ ମଙ୍ଗଳ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ
ମୋ: ୯୪୩୭୩୨୯୨୬୩

# ଅସାଥୀ ଗାଁସାଥୀ



ମମତା ପଣ୍ଡା

ଗାଁସାଥୀମାନେ ଗାଁର ସାଥୀ। ଏମାନେ ସମସ୍ତଙ୍କର ସାଥୀ ହୋଇ ବି ନିଜେ ଅସାଥୀ। ରୋଜଗାର ନ ଥିବାରୁ ଏମାନଙ୍କ ପାରିବାର ପଣିଆରେ ବିମୁଖ ହୋଇ ପରିବାର ଅନେକ ସମୟରେ ମରିବାର ରାସ୍ତା ଦେଖାଇ ଦେଉଛନ୍ତି। ପରିଜନ ସାଜୁଛନ୍ତି ଅରିଜନ। ମୁହଁ ମୋଡୁଛନ୍ତି ବନ୍ଧୁବାନ୍ଧବ। ବୟସ ଗଡ଼ିଗଲେ ବି ପ୍ରେମ ଓ ବିବାହଠାରୁ ଅନେକେ ଅନେକ ଦୂରରେ। ଏମାନଙ୍କୁ ଏପରି ସ୍ଥିତିରେ ପକାଇଛନ୍ତି ସ୍ୱୟଂ ସରକାର।

ଓଡ଼ିଶାର ସମସ୍ତ ୫୩ ହଜାର ରାଜସ୍ୱ ଗ୍ରାମରେ ବ୍ଲକ କାର୍ଯ୍ୟାଳୟ ମାଧ୍ୟମରେ ୨୦୦୮ ମସିହାରେ ଓ ଗାଁସାଥୀ ଚୟନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଏନ୍ଆର୍ଇଜିଏ (ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ)-୨୦୦୫ ଅନୁସାରେ ଓଡ଼ିଶାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଏହି ଯୋଜନା ଅଧୀନ କାମକୁ ତ୍ୱରାନ୍ୱିତ କରିବା ପାଇଁ ଗାଁସାଥୀମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଯୁକ୍ତି ଦିଆଯାଇଥିଲା। ସମସ୍ତ ରାଜସ୍ୱ ଗ୍ରାମରୁ ସେତେବେଳେ ଯେତେ ଦରଖାସ୍ତ ପଡ଼ିଥିଲା ସେଥିରୁ ଯିଏ ସର୍ବାଧିକ ନମ୍ବର ସହିତ ସର୍ବାଧିକ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ଥିଲେ ତାଙ୍କୁ ହିଁ ସେହି ରାଜସ୍ୱ ଗ୍ରାମର ଗାଁସାଥୀ ଭାବେ ଚୟନ କରାଯାଇଥିଲା। ଏହା ସହିତ ଜଣେ ମହିଳାଙ୍କୁ ଦ୍ୱିତୀୟ ଗାଁସାଥୀରୂପେ ଚୟନ କରାଯାଇଥିଲା। ଏହାର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସପ୍ତମ ପାସ ରଖାଯାଇଥିଲା। କିନ୍ତୁ ଦେଶରେ ବେକାରି ସମସ୍ୟା ଚରମରେ ଥିବାବେଳେ ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯାଇଥିବାରୁ ଅନେକ ଗ୍ରାମରେ ବିଏ, ଏମ୍ଏ ପାସ ଉଚ୍ଚଶିକ୍ଷିତ ଯୁବକ ଗାଁସାଥୀରୂପେ ନିଯୁକ୍ତ ହୋଇଥିଲେ। ଆଦିବାସୀ-ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଆଦିବାସୀମାନଙ୍କୁ ହିଁ ପ୍ରାଧାନ୍ୟ ଦିଆଯାଇଥିଲା। ଏହା ସହ ୨୫୦୦ ଟଙ୍କା ମାସିକ ପ୍ରୋତ୍ସାହନ ରାଶି ମିଳିବାର ପ୍ରତିଶ୍ରୁତି ଦିଆଯାଇଥିଲା।

କିନ୍ତୁ ଏହି ଗାଁସାଥୀମାନେ ସାଜିଲେ ଦୁର୍ନୀତିଗ୍ରସ୍ତ ନେତା ଓ ଠିକାଦାରମାନଙ୍କ ବାଟର କଣ୍ଟା। ତେଣୁ ଏମାନଙ୍କୁ ଉପେକ୍ଷା ବା ବାଇପାସ କରି ମନରେଗା କାମ କରାଗଲା। ଅନେକ ଜାଗାରେ କିଛି ଅଧିକାରୀ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏନ୍‌ଜିଓ ହାତରେ ମନରେଗା କାମକୁ ଟେକିଦେଉଥିବା ବେଳେ କେଉଁଠି ସରକାରୀ କର୍ମଚାରୀଙ୍କ ନାମରେ ଜାଲିଆତି କରି ଅର୍ଥ ହଡ଼ପ କରାଯାଉଛି। ମହାରାଷ୍ଟ୍ରରେ ଦୀପିକା ପାଦୁକୋନଙ୍କ ଭଳି ଫିଲ୍ମଷ୍ଟାରଙ୍କ ନାମରେ ମଧ୍ୟ ଜବ କାର୍ଡ କରି ଅର୍ଥ ହଡ଼ପ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। କନ୍ଧମାଳ ଜିଲା ବାଲିଗୁ ବ୍ଲକ ଶଲାଗୁ ଗ୍ରାମପଞ୍ଚାୟତରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାସ୍ତା ନିର୍ମାଣ ନ କରି ଚଳୁ କରାଯାଇଛି। ହେଲେ ଯିଏ ଏହି କାମକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ଗ୍ରାମଗୁଡ଼ିକରୁ ନିଯୁକ୍ତ ହୋଇଥିଲେ ସେମାନଙ୍କ ଭିତରୁ କେହି କେହି ଆଜି ଯାଏ ଟଙ୍କାଟିଏ ମଧ୍ୟ ପାଇ ନାହାନ୍ତି। ତମାମ ରାଜ୍ୟରେ ୧୪୭ ବିଧାୟକ ଥାଇ ମଧ୍ୟ କେହି ଏମାନଙ୍କ ସମସ୍ୟା ପ୍ରତି ସାମାନ୍ୟତମ ଦୃଷ୍ଟି ଦେଇ ନାହାନ୍ତି କିମ୍ବା ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରି ନାହାନ୍ତି। ଏମାନେ କେମିତି ଜୀବନ ଯାପନ କରୁଛନ୍ତି ତାହା ସେମାନଙ୍କୁ ହିଁ ଜଣା। ଏମାନଙ୍କ ଭିତରୁ କେହି କେହି ଆତ୍ମହତ୍ୟା କରିଥିବା ବେଳେ ଅନେକେ ମାନସିକ ଭାରସାମ୍ୟ ହରାଇ ପାଗଳ ହୋଇଯାଇଛନ୍ତି। ଅନେକେ ଅବିବାହିତ ରହିବାକୁ ବାଧ୍ୟ ହୋଇଛନ୍ତି। ନିଜର ପେଟପାଟଣା ପାଇଁ କେତେକେ ବାହାରକୁ ଦାଦନ ଶ୍ରମିକ ଭାବେ ଚାଲିଯାଇଛନ୍ତି। ଯେଉଁମାନେ ଜବ୍‌କାର୍ଡଧାରୀଙ୍କୁ କାମ ଯୋଗାଇବା କଥା, ସେମାନେ ନିଜେ କାମ ଅନ୍ୱେଷଣ ପାଇଁ ବାହାରକୁ ଯାଉଛନ୍ତି। ୧୩ ବର୍ଷ ଭିତରେ କୌଣସି ଗଣମାଧ୍ୟମ ପକ୍ଷରୁ ଏହାକୁ ଏକ ଗୁରୁତର ସମସ୍ୟା ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇନାହିଁ।

ଗାଁସାଥୀ ଚୟନ ପରେ ପରେ କିଛିକାଳ ସେମାନଙ୍କୁ ୱାର୍କ ସାଇଟ ସୁପରଭାଇଜର ରୂପେ ନିୟୋଜନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେତେକ ସ୍ଥାନରେ ସେମାନଙ୍କ ଦୈନିକ ମଜୁରି ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ଅନୁସାରେ ମୁଣ୍ଡପିଛା ୪ ଟଙ୍କା ଧାର୍ଯ୍ୟ ହୋଇଥିଲା। ତାହା କାହାକୁ ମିଳିଛି ତ କାହାକୁ ନାହିଁ। ଏହାପରେ ଗାଁସାଥୀ ବା ୱାର୍କ ସାଇଟ ସୁପରଭାଇଜର ପଦରୁ ସେମାନଙ୍କୁ ଅପସାରଣ କରାଯାଇଛି। ଏମିତି କି ଅନେକ ଗାଁସାଥୀଙ୍କୁ ଆଜି ପର୍ଯ୍ୟନ୍ତ ଏନ୍ଆର୍ଇଜିଏସ୍ କାମରେ ସାମିଲ କରାଯାଇ ନାହିଁ, ଯେଉଁ କାମ ବିନା ଗାଁସାଥୀରେ ନ ହେବା କଥା। ଏଠି ପ୍ରଶ୍ନ ଉଠୁଛି, କାହିଁକି ଏମାନଙ୍କୁ ରାଜସ୍ୱ ଗ୍ରାମମାନଙ୍କରେ ନିଯୁକ୍ତ କରାଯାଇଥିଲା, ପୁଣି କାହିଁକି ଅପସାରଣ କରାଗଲା। ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ପକ୍ଷରୁ ଅନେକ ସ୍ଥାନରେ ଗାଁସାଥୀମାନଙ୍କୁ ଏଡେଇ କିମ୍ବା ଅପସାରଣ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍ଆର୍ଇଜିଏସ୍) କାମ ସବୁକୁ ମେଶିନ ଲଗାଇ କରାଯାଉଛି, ଯାହା ବେଆଇନ ଓ ଦୁର୍ନୀତିର ଦ୍ୟୋତକ।

ଏମିତି ଅବସ୍ଥାରେ ଦୀର୍ଘ ୧୩ ବର୍ଷ ବିତିଯାଇଥିବା ବେଳେ ଗାଁସାଥୀଙ୍କ ହକ୍ ପାଇଁ ଅଣ୍ଟା ଭିଡ଼ିଥିଲେ ଅବ୍ୟୟଭାରତୀ ଶେଖାୱତ ରାଜପୁତ ଜୈନ। ତାଙ୍କ ଉଦ୍ୟମରେ ବ୍ଲକ, ଜିଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ ଗାଁସାଥୀମାନଙ୍କର ସଂଗଠନ ଗଢ଼ିଉଠିଲା। ରାଷ୍ଟ୍ରପତି ଭବନ ଦ୍ୱାରା ପଞ୍ଜୀକୃତ ଭିଲେଜ ଆଣ୍ଡ୍ ମେଟ ଡେଭଲପ୍‌ମେଣ୍ଟ କମିଟି ଇଣ୍ଡିଆ ମାଧ୍ୟମରେ ଏମାନଙ୍କୁ ଯତ୍‌ସାମାନ୍ୟ ଭତ୍ତା ଦେବା ଆରମ୍ଭ ହୋଇଛି। ଏ.ଏସ.ଆର୍. ଜୈନ ଅଫିସିଏଟ ମେଟ ଏମ୍ପ୍ଲୟୀ ଗଭର୍ନମେଣ୍ଟ ଏଜେଣ୍ଟ ଏଜେନ୍ସି, ରେଭିନ୍ୟୁ ଭିଲେଜ ଓ ଅଧୀନରେ ପଞ୍ଜୀକୃତ ଗାଁସାଥୀଙ୍କୁ ମାସିକ ସର୍ବନିମ୍ନ ୫୦୦ ଟଙ୍କା ୨, ୪, ୬ ବା ୧୨ ମାସରେ ଥରେ ଦିଆଯାଉଛି। ପରେ ଏମାନେ ଯେପରି ୧୦୦୦ରୁ ୫୦୦୦ ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ସେହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ସମୁଦ୍ରକୁ ଶଙ୍ଖେ ପଣା ସଦୃଶ ହେଲେ ମଧ୍ୟ ଭବିଷ୍ୟତ ପାଇଁ କିଛି ଆଶା ସଞ୍ଚାର କରିଛି।

ଉତ୍ତରପ୍ରଦେଶ ସରକାର କରୋନା କାଳରେ ଗାଁସାଥୀମାନଙ୍କୁ ମାସିକ ୧୦ ହଜାର ଟଙ୍କା ଦରମା ପଇଠ କରିଛନ୍ତି। ଏହି ଯୋଜନାରେ କ୍ରମାଗତ ତିନିବର୍ଷ କାମ କଲାପରେ ନିୟମିତ ହେବାର ନିୟମ ରହିଥିବା ବେଳେ ରାଜ୍ୟ ସରକାର ଏ ଦିଗରେ କିଛି ବି ପଦକ୍ଷେପ ନେଇନାହାନ୍ତି। ଗରିବର ବନ୍ଧୁ ବୋଲାଉଥିବା ଓଡ଼ିଶା ସରକାର ଏମାନଙ୍କ ଦୟନୀୟ ସ୍ଥିତି ଉପରେ ଦୃକ୍‌ପାତ କରିବା ବାଞ୍ଛନୀୟ।

ତିରଣ, ଜଗତ୍‌ସିଂହପୁର
ମୋ- ୭୯୭୮୭୩୧୧୪୭

## ଏଇ ଭାରତରେ

କଷ୍ଟାର୍ଜିତ ଅର୍ଥରେ ଆରାମରେ ରହିବା କଥା ଚିନ୍ତା ନ କରି ପରିବେଶ ଓ ଜଳ ସୁରକ୍ଷାରେ ମଜ୍ଜିଯାଇଛନ୍ତି ଡ. ରାଘବେନ୍ଦ୍ର ଆର୍। ସେ କର୍ନାଟକର ମହୀଶୂରସ୍ଥିତ ଶେଷାଦ୍ରିପୁରମ୍ ଡିଗ୍ରୀ କଲେଜରେ ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍ଏସ୍ଏସ୍)ର ପ୍ରୋଗ୍ରାମ କୋର୍ଡିନେଟର ଭାବେ କାର୍ଯ୍ୟରତ। ୨୦୧୭ରେ ସେ ପ୍ରଥମେ ୪ଟି ପୋଖରୀ ଓ ୮ଟି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇ ପାଖାପାଖି ୧୫୦୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଇଥିଲେ। ଛାତ୍ରମାନଙ୍କ ସହଯୋଗରେ ଏବେ ସୁଦ୍ଧା ସେ ୨୨ଟି ଅତି ପୁରାତନ ଅର୍ଥାତ୍ ଟିପୁ ସୁଲତାନ ଓ ବ୍ରିଟିଶ ଅମଳର ହ୍ରଦ, ପୋଖରୀ ପୁନରୁଦ୍ଧାର କରିସାରିଲେଣି। ଏଥିରେ ସ୍ଥାନୀୟ ନଗରନିଗମ ଓ ପ୍ରତ୍ନତତ୍ତ୍ୱ ବିଭାଗ ସହଯୋଗ କରୁଛି। ଏହି ଅଭିଯାନରେ ରାଘବେନ୍ଦ୍ର ୩୦୦ ପୁରୁଣା ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ସାମିଲ କରିପାରିଛନ୍ତି। ବଡ଼ କଥା ହେଉଛି, ସ୍ୱେଚ୍ଛାସେବୀଙ୍କ ଖାଇବା ଖର୍ଚ୍ଚ ସମେତ ଅନ୍ୟ ସବୁ ଖର୍ଚ୍ଚ ସେ ତାଙ୍କ ପକେଟରୁ କରୁଛନ୍ତି। କରୋନା ମହାମାରୀ ଲକ୍‌ଡାଉନ ସମୟରେ ତାଙ୍କ ଦରମା ୩୦% କାଟି ଦିଆଯାଇଥିଲେ ମଧ୍ୟ ସେତେବେଳେ ସେ ଏହି କାର୍ଯ୍ୟ ଜାରି ରଖିଥିଲେ। ସ୍ଥାନୀୟ ଲୋକମାନେ ବି ତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୬

- ତାମିଲନାଡୁର ରାଜ୍ୟପାଳ ଚେନା ରେଡ୍ଡୀ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପାଇଁ ପ୍ରଶାସକ ଭାବେ ନିଯୁକ୍ତି ପାଇଛନ୍ତି।
- ମଣିପୁର ରାଜ୍ୟପାଳ ଭାବେ ଓ.ଏନ୍. ଶ୍ରୀବାସ୍ତବ ଶପଥ ଗ୍ରହଣ କରିଛନ୍ତି।
- ଓଡ଼ିଶାର ସର୍ବପୁରାତନ ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ପରିଚିତ କଟକର ଇଞ୍ଜିନିୟରିଂ ସ୍କୁଲ (ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ)ର ଛାତ୍ରାବାସରୁ ଅଶ୍ଳୀଳ ଚଳଚ୍ଚିତ୍ର, ଚରସ ଓ ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୫ ଜଣ ଅଣଛାତ୍ରଙ୍କୁ ଗିରଫ କରାଯାଇଛି।

# ପାଠକ ଶ୍ରେଷ୍ଠ ବିଚାରକ

## ଉଚ୍ଚଶିକ୍ଷାରେ ମନମୁଖି କାର୍ଯ୍ୟ

ମହାଶୟ,

ଉଚ୍ଚଶିକ୍ଷା ବିଭାଗରେ କରୋନା ସମୟରେ ଅଧ୍ୟାପକମାନେ ଇଣ୍ଟରନେଟ ଜରିଆରେ କ୍ଲାସ କରୁଥିଲେ। ଏହାପରେ ମଧ୍ୟ ଆକ୍ରୋଶମୂଳକ ଭାବେ ୭ ଘଣ୍ଟା କାର୍ଯ୍ୟ କ୍ଷେତ୍ରରେ ରହିବା ଏବଂ କରୋନା ପ୍ରକୋପ ଥିବା ବେଳେ ବାୟୋମେଟ୍ରିକରେ ଟିପଚିହ୍ନ ଦିଆଯାଉଛି। ଅଧ୍ୟାପକମାନେ ପାଠ ପଢ଼ାଇବା ଜରୁରୀ ନା କଲେଜରେ ରହିବା ଜରୁରୀ, ତାହା ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିବା ଉଚିତ। ଶ୍ରେଣୀ ଗୃହରେ ୪୫ ମିନିଟ ଠିଆ ହୋଇ ପାଠ ପଢ଼ାଇବା ପାଇଁ କେତେ ପରିଶ୍ରମ କରିବାକୁ ପଡ଼େ ତାହା ଚେୟାର ଟେବୁଲରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଷ୍ପତ୍ତି ନେଉଥିବା ବାବୁମାନେ ବୁଝନ୍ତୁ। ସମାନ କାମ କରି ସମାନ ଦରମା ପାଉ ନ ଥିବା ତାରତମ୍ୟ ନେଇ ବିବେକାନୁମୋଦିତ ଓ ସାମ୍ବିଧାନିକ ପଦକ୍ଷେପ ଗ୍ରହଣ କରି ପାରୁ ନ ଥିବା ଉଚ୍ଚଶିକ୍ଷା ବିଭାଗର ଏଭଳି ପଦକ୍ଷେପ କେବଳ ଦେଖେଇ ହେବା ବ୍ୟତୀତ ଅନ୍ୟ କିଛି ନୁହେଁ। ଏବେ ବାୟୋମେଟ୍ରିକ ବ୍ୟବସ୍ଥା କୋଭିଡ୍ ନେଇ କେନ୍ଦ୍ର ଗାଇଡ ଲାଇନର ଏବଂ ମାନବାଧିକାରର ଉଲ୍ଲଂଘନ। କୌଣସି ରାଜ୍ୟରେ ଏପରି ହୋଇ ନ ଥିବା ବେଳେ ରାଜ୍ୟ ସରକାରଙ୍କ କୌଣସି ବିଭାଗ ମଧ୍ୟ ଏହା କାର୍ଯ୍ୟକାରୀ କରି ନାହାନ୍ତି। ଏପରି ମନମୁଖି କାର୍ଯ୍ୟ ନେଇ ସରକାରଙ୍କ ବିରୋଧରେ ଅସନ୍ତୋଷ ଦାନା ବାନ୍ଧୁଛି।

– ସ୍ମିତା ସ୍ୱାଇଁ, ଚଣ୍ଡୀଖୋଲ, ଯାଜପୁର

## ଅସ୍ଥାୟୀ ହମ୍ପ୍‌ସ ହେଉ

ଶିଖରପୁର ଟ୍ରାଫିକ୍ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି, ଯଦ୍ଦ୍ୱାରା ବହୁ ଧନଜୀବନ ହାନି ଘଟିବାରେ ଲାଗିଛି। ଫ୍ଲାଇଓଭର ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ହମ୍ପ୍‌ସ ନିର୍ମାଣ କରାଯାଉ, ଯାହା ଗାଡ଼ିର ବେଗକୁ ଯଥେଷ୍ଟ ହ୍ରାସ କରିପାରିବ। ଏପରି କି ଗାଡ଼ି ଚାଳକମାନେ ଟ୍ରାଫିକ୍ ଛକରେ ଗାଡ଼ି ଅତିକ୍ରମ କରୁଥିବା ଜାଣି ମଧ୍ୟ ଭୁଲ୍ କରିଥା'ନ୍ତି।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାରତରେ ବ୍ୟାଙ୍କିଙ୍ଗ୍ ସେବା ଦେଇପାରେ ଏଚ୍ଏସ୍‌ବିସି**

ଏଚ୍ଏସ୍‌ବିସି ହୋଲ୍ଡିଂ ପିଏଲ୍‌ସି ଭାରତରେ ପୁଣି ଥରେ ପ୍ରାଇଭେଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ କ୍ଷେତ୍ରରେ ପ୍ରବେଶ କରିପାରେ। ଏ ସମ୍ପର୍କିତ ବିଭିନ୍ନ ଦିଗ ଉପରେ କମ୍ପାନୀ ବିଚାର କରୁଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେହିଭଳି ଚାଇନାରେ ଥିବା ଏହାର ରିଟେଲ ୱେଲ୍‌ଥ ମ୍ୟାନେଜମେଣ୍ଟ ବିଜ୍‌ନେସ ଲାଗି ନୂଆ ନିଯୁକ୍ତି ପ୍ରଦାନ ଦିଗରେ ଅଗ୍ରସର ହେଉଛି। ବାଣିଜ୍ୟ ଅଭିବୃଦ୍ଧିରେ ଏସିଆକୁ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଗଢ଼ି ତୋଳିବା ଦିଗରେ କମ୍ପାନୀ କାମ କରୁଛି।

## ସଂକ୍ଷେପରେ

### ଡିନର୍ସ କ୍ଲବ୍ ଉପରୁ କଟକଣା ଉଠାଇଲା ଆର୍‌ବିଆଇ

**ନୂଆଦିଲ୍ଲୀ,୯।୧୧:** କ୍ରେଡିଟ୍ କାର୍ଡ ଇସ୍ୟୁ କରୁଥିବା କମ୍ପାନୀ ଡିନର୍ସ କ୍ଲବ୍ ଉପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକଣା ଉଠାଇଛି। ଫଳରେ କମ୍ପାନୀ ନୂଆ କଷ୍ଟମରଙ୍କୁ ସେବା ଯୋଗାଇପାରିବ। କେନ୍ଦ୍ରୀୟ ବ୍ୟାଙ୍କର ଡାଟା ସଂରକ୍ଷଣ ନିୟମ ପାଳନ କରିବାରେ ଡିନର୍ସ କ୍ଲବ ସକ୍ଷମ ହେବା ଯୋଗୁ କଟକଣା କୋହଳ ହୋଇଥିବା ଜଣାପଡ଼ିଛି। ଏପ୍ରିଲ ୨୩ରେ ଆର୍‌ବିଆଇ ଏକ ଅର୍ଡର ଜାରି କରିବା ସହ କମ୍ପାନୀକୁ ବାରଣ କରିଥିଲା। ଫଳରେ ମେ ମାସ ପହିଲାଠାରୁ କମ୍ପାନୀ ନୂଆ ଗ୍ରାହକଙ୍କୁ ଯୋଡ଼ିପାରୁ ନ ଥିଲା। ସ୍ଥାନୀୟ ଡାଟା ସଂରକ୍ଷଣ ଆଇନ ପାଳନ ନ ହେବା ଯାଏ ଏହି କଟକଣା ଜାରି ରହିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରି ଦେଇଥିଲା। ଡିନର୍ସ କ୍ଲବ ସମେତ ଆମେରିକାନ ଏକ୍ସପ୍ରେସ ଭଳି କମ୍ପାନୀ ଉପରେ ଏଭଳି କଟକଣା ଲାଗିଥିଲା। ସେହିଭଳି ନିୟମ ଅବମାନନା କରିବାରୁ ଆମେରିକାନ ମାଷ୍ଟରକାର୍ଡ ଉପରେ ଜୁଲାଇ ୨୨ରେ କଟକଣା ଲାଗିଥିଲା।

### କ୍ରିପ୍ଟୋ କରେନ୍ସି କାର୍ଡ ଲଞ୍ଚ କରିବ ମାଷ୍ଟରକାର୍ଡ

**ନୂଆଦିଲ୍ଲୀ,୯।୧୧:** ପେମେଣ୍ଟ କାର୍ଡ ନେଟୱର୍କ କମ୍ପାନୀ ମାଷ୍ଟରକାର୍ଡ ଏସିଆ କ୍ଷେତ୍ରରେ ପ୍ରଥମ ଥର ଲାଗି କ୍ରିପ୍ଟୋ କରେନ୍ସି କାର୍ଡ ଲଞ୍ଚ କରିବ। ଏଥି ଲାଗି କମ୍ପାନୀ କ୍ରିପ୍ଟୋକରେନ୍ସିର ୩ ପ୍ଲାଟଫର୍ମ ସହ ଚୁକ୍ତି କରିଛି। ଏହା ମଧ୍ୟରେ କ୍ରିପ୍ଟୋ ପ୍ଲାଟଫର୍ମ ଅମ୍ବର, ବିଟ୍‌ଫ୍ଲବ ଏବଂ କଏନଜାର ରହିଛି। ମାଷ୍ଟରକାର୍ଡର ଏହି ସେବା ଦ୍ୱାରା ଯେଉଁ ବ୍ୟକ୍ତି ବିଶେଷ ନିଜର ପସନ୍ଦଯୋଗ୍ୟ କରେନ୍ସିକୁ ବଦଳାଇବାକୁ ଚାହୁଁନାହାନ୍ତି ସେମାନେ ମାଷ୍ଟରକାର୍ଡ ଦ୍ୱାରା କେଉଁଠାରେ ବି କ୍ରିପ୍ଟୋ ନେଣଦେଣ କରିପାରିବେ। କ୍ରିପ୍ଟୋକରେନ୍ସିକୁ ନିଜ ପ୍ଲାଟ ଫର୍ମରେ ସାମିଲ କରିବା ଲାଗି ଚଳିତ ବର୍ଷ ଫେବୃଆରୀରେ କମ୍ପାନୀ ଘୋଷଣା କରିଥିଲା। ମାଷ୍ଟରକାର୍ଡର ଏସିଆ ପାସିଫିକ କାର୍ଯ୍ୟନିର୍ବାହୀ ଉପସଭାପତି ରାମା ଶ୍ରୀଧର କହିଛନ୍ତି, କ୍ରିପ୍ଟୋ କରେନ୍ସି କ୍ଷେତ୍ରକୁ ଲୋକ ଉତ୍ସାହିତ ଭାବେ ପ୍ରବେଶ କରୁଛନ୍ତି। ଏହା ନିବେଶର ଏକ ନୂଆ ପ୍ଲାଟଫର୍ମ ଭାବେ ଉଭା ହୋଇଛି।

# ଅଟୋ ସେକ୍ଟର ଲାଗି ପାର୍ବଣ ଫିକା

<u>ନୂଆଦିଲ୍ଲୀ,୯।୧୧</u>



- କଞ୍ଚାମାଲ ଅଭାବ ଯୋଗୁ ଅଭିବୃଦ୍ଧି ପ୍ରଭାବିତ
- ୧୦ ବର୍ଷର ସର୍ବନିମ୍ନ ସ୍ତରରେ ବିକ୍ରି
- କେବଳ ଉତ୍ତର ପ୍ରଦେଶରେ ଯାନ ବିକ୍ରି ବଢ଼ିଛି

ଚଳିତ ବର୍ଷ ପାର୍ବଣରେ ଦେଶର ଅଟୋମୋବାଇଲ କମ୍ପାନୀଗୁଡ଼ିକର ବିକ୍ରି ପ୍ରଭାବିତ ସ୍ଥିତିରେ ରହିଛି। ଗତ ୧୦ ବର୍ଷର ପାର୍ବଣ ବଜାର କଥା ବିଚାରକୁ ନେଲେ ଚଳିତ ବର୍ଷର ବିକ୍ରି ସବୁଠାରୁ ଖରାପ ସ୍ଥିତିରେ ରହିଛି। ଗତ ବର୍ଷ ପାର୍ବଣ ତୁଳନାରେ ଚଳିତ ବର୍ଷ ସମାନ ଅବଧିରେ ଯାନ ପଞ୍ଜୀକରଣ ପ୍ରାୟ ୨ ଗୁଣା ହ୍ରାସ ହୋଇଛି। ପାସେଞ୍ଜର ଯାନ ବଜାରରେ ଚିପ୍ ସଙ୍କଟ ଯୋଗୁ ଯୋଗାଣରେ ବାଧା ଉପୁଜିଛି। ଏହାବାଦ ଟୁହ୍ୱିଲର୍ସ ସେଗ୍‌ମେଣ୍ଟରେ ମଧ୍ୟ ବିକ୍ରି ପ୍ରଭାବିତ ରହିଛି।

ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପାର୍ବଣର ୩୦ ଦିନରେ ପାସେଞ୍ଜର ଯାନର ଖୁଚୁରା ବିକ୍ରି ପ୍ରାୟ ଏକତୃତୀୟାଂଶ ହ୍ରାସ ଘଟିଛି। ଚଳିତ ବର୍ଷ ୩ ଲକ୍ଷ ପାସେଞ୍ଜର ଯାନ ଡେଲିଭରି ହୋଇଛି। ଏହା ଗତବର୍ଷ ୪.୫୫ ଲକ୍ଷ ୟୁନିଟ ରହିଥିଲା। ସରକାରଙ୍କ ବାହନ ପୋର୍ଟାଲ ମୁତାବକ, ୨.୩୮ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଏହା ୨୦୨୦ରେ ୩.୦୫ ଲକ୍ଷ ୟୁନିଟ ଥିଲା। ଗତ ବର୍ଷ ତୁଳନାରେ ବିକ୍ରି ୨୨% କମିଛି। ୨ ଚକିଆ ଯାନ ପଞ୍ଜୀକରଣ ୧୧% କମି ୧.୦୭ ଲକ୍ଷ ୟୁନିଟ ରହିଛି। ଟ୍ରାକ୍ଟର ପଞ୍ଜୀକରଣ ୧୩% ନିମ୍ନରେ ରହିଛି। ବାହନ ପୋର୍ଟାଲ ଦେଶର ୮୫% ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରୁ ଗାଡି ପଞ୍ଜୀକରଣ ସଂଖ୍ୟା ଆଧାରରେ ଡାଟା ପ୍ରସ୍ତୁତ କରିଥାଏ।

ଫେଡେରେଶନ ଅଫ୍ ଅଟୋମୋଟିଭ ଡିଲର୍ସ ଆସୋସିଏଶନର ଅଧ୍ୟକ୍ଷ ଭିଙ୍କେଶ ଗୁଲାଟି କହିଛନ୍ତି, ଗତ ୧୦ ବର୍ଷର ପାର୍ବଣ ବଜାର ଦେଖିଲେ ଚଳିତ ବର୍ଷ ବିକ୍ରି ସବୁଠାରୁ ନିମ୍ନରେ ରହିଛି। ଏସ୍‌ୟୁଭି ଏବଂ ଲକ୍‌ଜୁରି ବାହନର ଚାହିଦା ରହିଥିଲେ ମଧ୍ୟ ସେମି କଣ୍ଡକ୍ଟର ଅଭାବ ଯୋଗୁ ଯୋଗାଣ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ପାସେଞ୍ଜର ଯାନ ଚାହିଦା ମଧ୍ୟ କମିଛି। ଯାନ ଡେଲିଭରି ନେବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିବାକୁ ପଡୁଛି। ପାର୍ବଣରେ ମୋଟ ଯାନ ବିକ୍ରିରେ ପାସେଞ୍ଜର ଯାନର ବିକ୍ରି ଅଂଶ ୨୧.୫%କୁ କମିଛି। କେବଳ ଉତ୍ତର ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକରେ ଯାନ ଚାହିଦା କମିଛି। ଉତ୍ତର ପ୍ରଦେଶରେ ଯାନ ପଞ୍ଜୀକରଣ ୩.୫% ବଢ଼ିଛି। ମହାରାଷ୍ଟ୍ର, କର୍ନାଟକ ଏବଂ କେରଳ ଭଳି ରାଜ୍ୟରେ ଯାନ ବିକ୍ରି ୬ରୁ୯% କମ୍ ରହିଛି। ବିହାର, ଦିଲ୍ଲୀ, ଗୁଜରାଟ, ପଞ୍ଜାବ, ରାଜସ୍ଥାନ ଏବଂ ହରିୟାଣା ଭଳି ସ୍ଥାନରେ ବିକ୍ରି ୧୫ରୁ ୨୨% ନିମ୍ନରେ ରହିଛି। ଏହି ସମୟରେ ୩ ଚକିଆ ଯାନ ବିକ୍ରି ୬୭% ନିମ୍ନରେ ରହିଛି।

### ୨୨ ହଜାର ଇଭି ଚାର୍ଜିଂ ଷ୍ଟେଶନ ବସାଇବେ ତେଲ କମ୍ପାନୀ

<u>ନୂଆଦିଲ୍ଲୀ,୯।୧୧</u>

ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି) ସମେତ ୨ ଅନ୍ୟ ରାଷ୍ଟ୍ରାୟତ୍ତ ତେଲ କମ୍ପାନୀ ୨୨ ହଜାର ଇ-ଯାନ ଚାର୍ଜିଂ ଷ୍ଟେଶନ ବସାଇବେ। ୩ରୁ ୫ ବର୍ଷରେ ଏହି ଇ-ଯାନ ଚାର୍ଜିଂ ଭିତ୍ତିଭୂମି ବିକାଶ ଲାଗି କମ୍ପାନୀଗୁଡ଼ିକ ଯୋଜନା ରଖିଛନ୍ତି। ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ନେଟ୍ ଜିରୋ କରିବା ଲାଗି ସରକାରଙ୍କ ଲକ୍ଷ୍ୟ ହାସଲ ଦିଗରେ ଅଂଶୀଦାରମାନେ ବର୍ତ୍ତମାନ ଯୋଗଦାନ ରଖୁଥିବା କୁହାଯାଉଛି। ଏଦିଗରେ ଦେଶର ସର୍ବବୃହତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ୍ ୧୦ ହଜାର ଚାର୍ଜିଂ ଷ୍ଟେଶନ ବସାଇବାକୁ ଯୋଜନା ରଖିଛି ବୋଲି ଏହାର ଅଧ୍ୟକ୍ଷ ଏସ୍.ଏମ୍.ବୈଦ୍ୟ କହିଛନ୍ତି। ସେହିଭଳି ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡ଼ିକ ଯଥାକ୍ରମେ ୭ ହଜାର ଏବଂ ୫ ହଜାର ଲେଖାଏ ଷ୍ଟେଶନ ବସାଇବେ। ଆସନ୍ତା ବର୍ଷ ଆଇଓସି ୨ ହଜାର ଷ୍ଟେଶନ ବସାଇବ ବୋଲି ଜଣାପଡ଼ିଛି।

# ୯୦ ହଜାର ଡଲାର ଟପିପାରେ ବିଟ୍‌କଏନ

<u>ନୂଆଦିଲ୍ଲୀ,୯।୧୧</u>



**ବର୍ଷ ଶେଷ ସୁଦ୍ଧା ମୂଲ୍ୟ ୧.୩୫ ଲକ୍ଷ ଡଲାର ରହିପାରେ**

କ୍ରିପ୍ଟୋକରେନ୍ସି ମୂଲ୍ୟରେ ଲଗାତର ବୃଦ୍ଧି ଦେଖାଯାଉଛି। ସବୁଠାରୁ ଲୋକପ୍ରିୟ କ୍ରିପ୍ଟୋକରେନ୍ସି କୁହାଯାଉଥିବା ବିଟ୍‌କଏନ ମୂଲ୍ୟ ମଙ୍ଗଳବାର ୬୭,୮୦୩ ଡଲାର ଛୁଇଁଛି। ପ୍ରାୟ ୬ ମାସରେ ବିଟ୍‌କଏନ ମୂଲ୍ୟ ୨ ଗୁଣା ବଢ଼ିଛି। ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ଲୋକପ୍ରିୟ କ୍ରିପ୍ଟୋକରେନ୍ସି ଇଥର ମୂଲ୍ୟ ମଧ୍ୟ ବଢ଼ିଚାଲିଛି। ଇଥରର ମୂଲ୍ୟ ବର୍ତ୍ତମାନ ୪,୮୨୫ ଡଲାର ସ୍ତରରେ ରହିଛି। ଅକ୍ଟୋବର ପରଠାରୁ ଏହି ୨ କରେନ୍ସି ଡଲାର ତୁଳନାରେ ୭୦%ରୁ ଅଧିକ ରିଟର୍ନ ଦେଇଥିବା କୁହାଯାଉଛି। ବିଟ୍‌କଏନ ସମେତ ଅନ୍ୟ କରେନ୍ସିଗୁଡ଼ିକ ଅକ୍ଟୋବର ପରଠାରୁ ଲଗାତର ଅଭିବୃଦ୍ଧି ଜାରି ରଖିଛନ୍ତି। ଗତ ମାସରେ ଆମେରିକା କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍) ଆରମ୍ଭ କରିଥିବାରୁ କ୍ରିପ୍ଟୋ କାରବାରରେ ବୃଦ୍ଧି ଦେଖାଯାଇଛି। ଏହା ପ୍ରଥମ ବିଟ୍ କଏନ ଇଟିଏଫ୍ ଲଞ୍ଚ କରିଥିବା ଜଣାପଡ଼ିଛି। ସୋମବାର ପ୍ରଥମ ଥର ଲାଗି କ୍ରିପ୍ଟୋ କରେନ୍ସିର ବଜାର ପୁଞ୍ଜୀକରଣ ୩ ଲକ୍ଷ କୋଟି ଡଲାର ଟପିଛି। ଭାରତରେ ବର୍ତ୍ତମାନ ୧.୫ କୋଟିରୁ ଊର୍ଦ୍ଧ୍ୱ ଲୋକ କ୍ରିପ୍ଟୋକରେନ୍ସିରେ ନିବେଶ କରୁଥିବା ଜଣାପଡ଼ିଛି।

୨୦୨୧ରେ ଏପ୍ରିଲରେ ପ୍ରଥମ ଥର ଲାଗି କ୍ରିପ୍ଟୋକରେନ୍ସି ମୂଲ୍ୟ ରେକର୍ଡ ସ୍ତରରେ ରହିଥିଲା। ଏହି ସମୟରେ ବିଟ୍ କଏନର ମୂଲ୍ୟ ୬୪,୮୮୯ ଡଲାର ସ୍ତରରେ ଥିଲା। ଏହା ପରେ ଉକ୍ତ କରେନ୍ସିର ମୂଲ୍ୟରେ ବୃହତ୍ ପରିମାଣର ହ୍ରାସ ହେବା ଯୋଗୁ ପ୍ରାୟ ୩୦ ହଜାର ଡଲାର ସ୍ତରକୁ ଖସି ଆସିଥିଲା। ଜୁଲାଇ ତୁଳନାରେ ବିଟ୍ କଏନ ମୂଲ୍ୟ ୧୦୦% ବଢ଼ିଛି। ଖୁବ୍ ଶୀଘ୍ର କ୍ରିପ୍ଟୋକରେନ୍ସି ମୂଲ୍ୟ ୧ ଲକ୍ଷ ଡଲାର ଟପିପାରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। କ୍ରିପ୍ଟୋକୁ ନିଜ ପୋର୍ଟଫୋଲିଓରେ ସାମିଲ କରିବା ଲାଗି ଅଧିକାଂଶ ବଜାର ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି। ୨୦୩୦ ବେଳକୁ ଭାରତରେ କ୍ରିପ୍ଟୋ ବଜାର ୨୪୧ ନିୟୁତ ଡଲାର ଟପିବ ବୋଲି ଆକଳନ କରାଯାଇଛି। ୨୦୦୮ରେ ବିଟ୍ କଏନ ଆରମ୍ଭ ହୋଇଥିଲା। ତେବେ ଆସନ୍ତା ମାସରେ ଏହାର ମୂଲ୍ୟ ୯୮ ହଜାର ଡଲାର ଏବଂ ବର୍ଷ ଶେଷ ସୁଦ୍ଧା ୧.୩୫ ଲକ୍ଷ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି।

# ୩ ହଜାର ଯାନ ଡେଲିଭରି ଦେଲା ରେନୋ

<u>ନୂଆଦିଲ୍ଲୀ,୯।୧୧</u>

ରେନୋ ଇଣ୍ଡିଆ ପକ୍ଷରୁ ଧନ୍‌ତେରସ ଏବଂ ଦୀପାବଳି ଉପଲକ୍ଷେ ୩ ହଜାର ୟୁନିଟ ଯାନ ଡେଲିଭରି ପ୍ରଦାନ କରାଯାଇଛି। ଦେଶ ମଧ୍ୟରେ କରୋନା ଯୋଗୁ ବଜାର ଚ୍ୟାଲେଞ୍ଜିଂ ସ୍ଥିତିରେ ରହିଛି। ଏହା ସତ୍ତ୍ୱେ ମଧ୍ୟ କମ୍ପାନୀ ଏହାର ଦୃଢ ପ୍ରଡକ୍ଟ କୌଶଳ ଯୋଗୁ ଅଭିବୃଦ୍ଧିଧାରା ଜାରି ରଖିବାରେ ସକ୍ଷମ ହୋଇଛି। ଭାରତରେ କାରବାର କ୍ଷେତ୍ରରେ କମ୍ପାନୀ ୧୦ତମ ବର୍ଷରେ ପଦାର୍ପଣ କରିଛି। ଡେଲିଭରି ହୋଇଥିବା ଯାନଗୁଡିକ ମଧ୍ୟରେ ସଦ୍ୟତମ ଅଫରିଂ ରେନୋ କାଇଗର ରହିଛି। ଇନ୍ଧନ ଦକ୍ଷତା କ୍ଷେତ୍ରରେ ଏହା ସେଗ୍‌ମେଣ୍ଟରେ ସର୍ବୋତ୍ତମ ବୋଲି କୁହାଯାଉଛି। ରେନୋ ଟ୍ରାଇବରକୁ ନିକଟରେ ଗ୍ଲୋବାଲ ଏନ୍‌କ୍ୟାପ୍ ୪ ଷ୍ଟାର ନିରାପତ୍ତା ରେଟିଂ ଆୱାର୍ଡ ପ୍ରଦାନ କରାଯାଇଛି। ଯାନଟି ଆକର୍ଷଣୀୟ, ଅଭିନବ ଏବଂ ସୁଲଭ ହୋଇଥିବାରୁ ଗେମ୍ ଚେଞ୍ଜର ହୋଇଥିବା କମ୍ପାନୀ କହିଛି। ପାର୍ବଣ ଋତୁରେ ଗ୍ରାହକଙ୍କଠାରୁ ଭଲ ରେସ୍‌ପନ୍ସ ଲାଭ କରିଥିବା ରେନୋ ଇଣ୍ଡିଆ ଅପରେଶନ୍ସର କଣ୍ଟ୍ରି ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲାପାଲେ କହିଛନ୍ତି। ଏଏମ୍‌ଟି ଏବଂ ସିଭିଟି ଭାରିଆଣ୍ଟଗୁଡିକୁ ଗ୍ରାହକଙ୍କଠାରୁ ଭଲ ପାଇବା ମିଳିଛି। ମେଟ୍ରୋ ସହର ବ୍ୟତୀତ ଗ୍ରାମାଞ୍ଚଳ ବଜାରରେ କମ୍ପାନୀ ଅଭିବୃଦ୍ଧି ଧାରା ଜାରି ରଖିଛି। ଏହି ଧାରା ବଜାୟ ରହିବା ସହ ରେନୋ ପରିବାରକୁ ଅଧିକ ଲୋକଙ୍କୁ ଯୋଡ଼ିବାରେ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମାମିଲାପାଲେ ମତ ରଖିଛନ୍ତି।

### ଜନଧନ ଖାତା ଯୋଗୁ ଅପରାଧ କମିଛି: ଏସ୍‌ବିଆଇ

<u>ନୂଆଦିଲ୍ଲୀ,୯।୧୧</u>

କେନ୍ଦ୍ର ସରକାର ବର୍ତ୍ତମାନ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ ଦେଉଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ରାଜ୍ୟ ସ୍ତରରେ ଜନଧନ ଯୋଜନା ଦ୍ୱାରା ଲୋକଙ୍କ ଖାତା ଖୋଲାଯାଉଛି। ଯେଉଁ ରାଜ୍ୟଗୁଡ଼ିକରେ ଏଭଳି ଆକାଉଣ୍ଟ ଖୋଲାଯାଇଛି ଉକ୍ତ ସ୍ଥାନଗୁଡ଼ିକରେ ଅପରାଧ, ମଦ, ତମାଖୁର ଚାହିଦା କମିଛି। ଜନଧନ-ଆଧାର-ମୋବାଇଲ ଯୋଗୁ ଏଭଳି ହୋଇଥାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ବ୍ୟାଙ୍କଗୁଡ଼ିକ ଜନଧନ ଯୋଜନା ଅନ୍ତର୍ଗତ ଆକାଉଣ୍ଟଧାରୀଙ୍କୁ ମାଗଣା ଦୁର୍ଘଟଣା ବୀମା ସୁବିଧା ପ୍ରଦାନ କରୁଛନ୍ତି। ଏହି ସୁବିଧା ଥିବା ୩୧.୬୭ କୋଟି କାର୍ଡ ଜାରି କରାଯାଇଛି। ରୁପେ ଡେବିଟ କାର୍ଡରେ ୨ ଲକ୍ଷ ଟଙ୍କାର ମୁକ୍ତ ବୀମା ପ୍ରଦାନ କରାଯାଉଛି।

## ଫୁରସତ୍

# ବିଜ୍ଞାନ ଦ୍ୱାରା ବିଶ୍ୱ ଶାନ୍ତି



**ବିଶ୍ୱ ବିଜ୍ଞାନ ଦିବସ**

ବିଶ୍ୱ ଶାନ୍ତି ସାମ୍ପ୍ରତିକ ସମୟରେ ଅପରିହାର୍ଯ୍ୟ ହୋଇପଡ଼ିଛି। ବିଜ୍ଞାନର ବିକାଶ ସହିତ ବିଭିନ୍ନ ଦେଶ ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ପୁଣି ଏଥିରେ ଆଣବିକ ଶକ୍ତିର ଉପଯୋଗ କରାଯାଉଛି। ଏହାଦ୍ୱାରା ବିଶ୍ୱ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୧୦ରେ ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି। ଏହି ଦିବସ ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥାଏ। ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ଶାନ୍ତି ଏବଂ ବିକାଶ ଲାଗି ବିଶ୍ୱ ବିଜ୍ଞାନ ଦିବସ ପାଳନ ସକାଶେ ୨୦୦୧ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ୟାରିସଠାରେ ୨୦୦୧ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହି ଦିବସ ପାଳନକୁ ଅନୁମୋଦନ ମିଳିଥିଲା। ଏହା ପୂର୍ବରୁ ଅକ୍ଟୋବର ୨୦୦୦ରେ ୟୁନେସ୍କୋର କାର୍ଯ୍ୟନିର୍ବାହୀ ବୋର୍ଡ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲା। ୨୦୦୨ ନଭେମ୍ବର ୧୦ରେ ପ୍ରଥମ ଥର ପାଇଁ ଏହା ପାଳନ କରାଯାଇଥିଲା। ବିଜ୍ଞାନକୁ ସମାଜ ସହିତ ଅଧିକ ଘନିଷ୍ଠ କରିବା ସହିତ ଲୋକଙ୍କୁ ବିଜ୍ଞାନର ବିକାଶ ବିଷୟରେ ଅବଗତ କରାଇବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଆମେ ନିଜ ଘର ବୋଲି କହୁଥିବା ପୃଥିବୀର ସୁରକ୍ଷା ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥାଏ। ଶାନ୍ତିପୂର୍ଣ୍ଣ ଭାବେ ବିଜ୍ଞାନର ଉପଯୋଗ କରାଇବା ଉଦ୍ଦେଶ୍ୟ ନେଇ ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ପ୍ରଚାର କରାଯାଇଥାଏ।

# କୁକର କଫି



**ନୂଆଦିଲ୍ଲୀ:** ପ୍ରେସର କୁକରରେ ତିଆରି ହେଉଛି କଫି। ଏକଥା ଶୁଣି ହୁଏତ ସମସ୍ତଙ୍କୁ ଅଜବ ମନେହୋଇପାରେ। ହେଲେ ଏମିତି ଏକ ଭିନ୍ନ ଢଙ୍ଗରେ ନିଜ ଷ୍ଟାଇଲରେ କଫି ତିଆରି କରୁଛନ୍ତି ଜଣେ ବ୍ୟକ୍ତି। କଫି ତିଆରି କରିବାରେ ତାଙ୍କର ଏହି ଷ୍ଟାଇଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରେସର କୁକରରେ ତିଆରି ହେଉଛି କଫି। ତେଣୁ ହଜାର ହଜାର ଟଙ୍କା ଦେଇ ଏବେ ଆଉ କଫି ମେଶିନ କିଣିବାର ଆବଶ୍ୟକତା ନାହିଁ। ପ୍ରେସର କୁରରରେ କଫି ତିଆରି କରାଯାଇପାରୁଥିବାର ଏକ ଭିଡିଓ ପ୍ରଥମେ ଦେଖିବାକୁ ମିଳିଥିଲା ଏଚ୍‌ଏମ୍‌ଏମ୍ ନାମରେ ଏକ ୟୁଟ୍ୟୁବ ଚ୍ୟାନେଲରେ। ଏବେ ଏହି ଭିଜୁଆଲ୍ ଅତି ଶୀଘ୍ର ଭାଇରାଲ ହେବାରେ ଲାଗିଛି। ଭିଜୁଆଲରେ ୬୦ ବର୍ଷର ଜଣେ ବ୍ୟକ୍ତି କଫି ମେଶିନ ବଦଳରେ ପ୍ରେସର କୁକରରେ ନିଜ ଷ୍ଟାଇଲରେ କଫି ତିଆରି କରୁଛନ୍ତି। ପ୍ରେସର କୁକରକୁ ସେ କଫି ମେଶିନରେ ବଦଳାଇବା ପାଇଁ ସେ ପ୍ରଥମେ ପରୀକ୍ଷା କରି ସଫଳ ହୋଇଛନ୍ତି। ପ୍ରେସର କୁକର ମାଧ୍ୟମରେ ସେ ତାଙ୍କ ଦୋକାନରେ କଫି ତିଆରି କରି ବିକ୍ରି କରୁଛନ୍ତି। ଦୋକାନରେ ତାଙ୍କର ଏଭଳି ଷ୍ଟାଇଲରେ କଫି ନେବା ପାଇଁ ଲୋକଙ୍କର ଖୁବ୍ ଆକର୍ଷଣ ବି ଦେଖିବାକୁ ମିଳିଥାଏ। ତେବେ ଦୋକାନରେ ଏଭଳି ଦେଶୀ ଷ୍ଟାଇଲର କଫି ମେଶିନ ଏବେ ସୋସିଆଲ ମିଡିଆରେ ପ୍ରବଳ ବେଗରେ ଭାଇରାଲ ହେବାରେ ଲାଗିଛି। ଏକ ମିନିଟର ଏହି ଭିଜୁଆଲଟିକୁ ଦେଖିବା ସହିତ ଲୋକେ ବାରମ୍ବାର ଶେୟାର କରୁଛନ୍ତି। ଏବେ ସୁଦ୍ଧା ଏହି ଭିଡିଓକୁ ଲୋକେ ୩ କୋଟିରୁ ଅଧିକ ଥର ଦେଖି ସାରିଲେଣି। ସୋସିଆଲ ମିଡିଆରେ ଏଭଳି ଯୋଗାଡ଼ କରି ବିଭିନ୍ନ ମେଶିନ ତିଆରି କରିବାର ବହୁ ଭିଜୁଆଲ ପୂର୍ବରୁ ମଧ୍ୟ ଦେଖିବାକୁ ମିଳିଛି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ ରବିନାରାୟଣ ସାହୁ
(ଭଟିମୁଣ୍ଡା, ଟାଙ୍ଗି, କଟକ)
ଧରାସ୍ପର୍ଶ - ୨୧.୧୨.୧୯୫୧
ସର୍ଗବାସ - ୨୧.୧୧.୨୦୨୦

ବାପା ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ନିରବରେ ଅଫେରାପଥର ଯାତ୍ରୀ ହୋଇଗଲ। ଚାହୁଁ ଚାହୁଁ ତୁମ ବିନା ବିତିଗଲାଣି ଏକ ବର୍ଷ। ତୁମେ ଥିଲ ଆମର ପରିଚୟ ଗର୍ବ ଓ ଗୌରବ। ତୁମର ଅବର୍ତ୍ତମାନରେ ଆମେ ଏବେ ପିତୃହୀନ। ତୁମର ଆଦର୍ଶକୁ ପାଥେୟ କରି ସମାଜରେ ବାଟ ଚାଲିବା ଶିଖିଥିଲୁ। ପରମପାଦରେ ତୁମେ ଶାନ୍ତିରେ ରୁହ। ଆମକୁ କୃପା ଦୃଷ୍ଟିରେ ଚାହିଁଥାଅ। ତୁମ ଭଳି ବାପା ଆମକୁ ଜନ୍ମ ଜନ୍ମାନ୍ତରରେ ମିଳୁଥାଉ। ତୁମର ଅଭୁଲା ସ୍ମୃତି ଏଣିକି ଅଭାଗା ପୁତ୍ର-କନ୍ୟା, ପତ୍ନୀ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀଙ୍କ ଭବିଷ୍ୟତର ପୁଞ୍ଜି।

ଆପଣଙ୍କର ଶୋକସନ୍ତପ୍ତ
ରଞ୍ଜନ, ପ୍ରଜ୍ଞିତା, ଜୟନ୍ତ
ଶ୍ରୀକାନ୍ତ, କଳ୍ପନା
ଧ-୭୦୭୫୭

# ରାସ୍ତାରେ ରୋମାନ୍ସ ମହଙ୍ଗା ପଡ଼ିଲା



ଆୟୁଷ୍ମାନ ଖୁରାନା

**ମୁମ୍ବାଇ:** ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଶୁଟିଂ ସମୟରେ ରାସ୍ତାରେ ରୋମାନ୍ସ କରିବା ମହଙ୍ଗା ପଡ଼ିଛି। କାରଣ ତାଙ୍କୁ ପୋଲିସ ଜେରାର ସମ୍ମୁଖୀନ ହେବାକୁ ପଡ଼ିଛି। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ। ଆୟୁଷ୍ମାନ ଏବଂ ଅଭିନେତ୍ରୀ ବାଣୀ କପୁର ତାଙ୍କର ନୂଆ ଫିଲ୍ମ 'ଚଣ୍ଡିଗଡ କରେ ଆଶିକି' ପାଇଁ ଚଣ୍ଡିଗଡରେ ଶୁଟିଂ ହୋଇଛି। ଫିଲ୍ମର ଏକ ରୋମାଣ୍ଟିକ ସିନ୍‌ରେ ଉଭୟ ପୋଜ ଦେଉଥିଲେ। ଏହି ସମୟରେ ଜଣେ ପୋଲିସ ଅଧିକାରୀ ଆସି ତାଙ୍କୁ ଧରିଥିଲେ। କେବଳ ସେତିକି ନୁହେଁ ଦୁହିଁଙ୍କୁ ଜେରା ମଧ୍ୟ କରିଥିଲେ। ଏ ନେଇ ନିକଟରେ ଆୟୁଷ୍ମାନ ନିଜେ ଖୁଲାସା କରିଛନ୍ତି। ଫିଲ୍ମ 'ଚଣ୍ଡିଗଡ କରେ ଆଶିକି'ର ଟ୍ରେଲର ଲଞ୍ଚ୍ ଇଭେଣ୍ଟ ବେଳେ ଆୟୁଷ୍ମାନ ଏ ସମସ୍ତ ଘଟଣାର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଚଣ୍ଡିଗଡରେ ଯଦି କୌଣସି ପୋଲିସ ଅଫିସର ଦମ୍ପତିଙ୍କୁ ରୋମାନ୍ସ କରିବା ଦେଖି ନିଅନ୍ତି ତେବେ ତାଙ୍କୁ ଛାଡନ୍ତି ନାହିଁ। ଶୁଟିଂ ବେଳେ ଆମକୁ ମଧ୍ୟ କିଛି ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡିଥିଲା। ପୋଲିସ ଅଧିକାରୀ ଜଣକ ଆମ ପାଖକୁ ଆସି ଆମକୁ ଜେରା କରିଥିଲେ। ତେଣୁ ଚଣ୍ଡିଗଡରେ ଶୁଟିଂ କରିବା କଷ୍ଟକର ହୋଇଯାଇଥିଲା ବୋଲି ସେ କହିଛନ୍ତି। ଅଭିଷେକ କପୁରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ଲିଡ୍ ରୋଲରେ ଆୟୁଷ୍ମାନ ଏବଂ ତାଙ୍କ ପାର୍ଟନର ଭାବେ ପ୍ରଥମ କରି ଅଭିନୟ କରିଛନ୍ତି ବାଣୀ। ଏଥିରେ ଆୟୁଷ୍ମାନଙ୍କୁ ଜଣେ ଜିମ ଟ୍ରେନର ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମର ଅଧିକାଂଶ ଶୁଟିଂ ଚଣ୍ଡିଗଡରେ କରାଯାଇଛି। ଫିଲ୍ମଟି ଆସନ୍ତା ଡିସେମ୍ବର ୧୦ ତାରିଖରେ ବଡ ପରଦାରେ ରିଲିଜ ହେବ।

# କୁକୁଡ଼ା ରକ୍ତ ଇଞ୍ଜେକ୍ସନ ନେଉଛନ୍ତି ଚାଇନା ଶିଶୁ

**ବେଜିଂ:** ଚାଇନା ଲୋକମାନେ ସେମାନଙ୍କର ଅଜବ ଖାଦ୍ୟ ଏବଂ ପାନୀୟ ପାଇଁ ସାରା ବିଶ୍ୱରେ ଜଣାଶୁଣା। କୁହାଯାଏ ଯେ, ଚାଇନିଜମାନେ ସବୁ ଜୀବଜନ୍ତୁ ଖାଇବାରେ ପାରଙ୍ଗମ। ଏବେ ସେହିଭଳି ଏକ ଅଜବ କଥା ସାମ୍ନାକୁ ଆସିଛି। ଏଠାକାର ଲୋକମାନେ କୁକୁଡା ରକ୍ତକୁ ଇଞ୍ଜେକ୍ସନ ପୂରାଇ ପିଲାଙ୍କୁ ଦେଉଛନ୍ତି। ସେମାନଙ୍କ ମତରେ ଏହାଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଏହି ଇଞ୍ଜେକ୍ସନ ନେବା ପରେ କର୍କଟ ଏବଂ କେଶ ଝଡ଼ା ସମସ୍ୟା ଦୂର ହୋଇପାରିବ। କୁକୁଡା ରକ୍ତରେ ଷ୍ଟେରଏଡ ମିଳିଥାଏ, ଯାହା ପିଲାମାନଙ୍କୁ ଅଧ୍ୟୟନ ଏବଂ କ୍ରୀଡ଼ାରେ ଫୁର୍ତ୍ତି କରିଥାଏ। ଚାଇନାରେ ଶିଶୁଙ୍କୁ କୁକୁଡା ରକ୍ତ ଦେବା ପାଇଁ ଉତ୍ସାହିତ କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଚାଇନାର ପିଲାମାନଙ୍କର ଦୃଷ୍ଟି ଶକ୍ତି ଦୁର୍ବଳ। ପିଲାମାନଙ୍କୁ ଏଥିରୁ ମୁକୁଳାଇବା ପାଇଁ ଅଭିଭାବକମାନେ ଏହି ଉପାୟ ଆପଣାଉଛନ୍ତି।

# ଜଳବାୟୁ ପରିବର୍ତ୍ତନର ପ୍ରଥମ ରୋଗୀ

**ଓଟାୱା:** ଜଳବାୟୁ ପରିବର୍ତ୍ତନ ଯେ କେତେଦୂର ଭୟାବହ ତାହାର ପ୍ରମାଣ ଏବେ ଦେଖାଯିବା ଆରମ୍ଭ ହେଲାଣି। କାନାଡାର ଜଣେ ୭୦ ବର୍ଷ ବୟସ୍କା ମହିଳା ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିଛନ୍ତି। ଏହା ପୃଥିବୀର ପ୍ରଥମ ଜଳବାୟୁ ପ୍ରଭାବିତ ମାମଲା ବୋଲି କୁହାଯାଉଛି। ଆଗକୁ ସଚେତନ ନ ହେଲେ ନୂଆ ବିପଦ ମାଡ଼ି ଆସିବା ସହିତ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ଥିବା ପରିବେଶବିତମାନେ ମତପୋଷଣ କରିଛନ୍ତି। ମହିଳାଙ୍କୁ କାନାଡାର କୁଟନାୟ ଲେକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତର କାଇଲ ମେରିଟ ମହିଳାଙ୍କର ଚିକିତ୍ସା କରୁଛନ୍ତି। ସ୍ଥାନୀୟ ଖବରକାଗଜ ଟାଇମ୍ସ କଲମନିଷ୍ଟରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଛି। ଅତ୍ୟଧିକ ଗରମ ଏବଂ ଲୁ ଯୋଗୁ ମହିଳାଙ୍କ ଅବସ୍ଥା ଗୁରୁତର ହୋଇଥିବା ଡାକ୍ତର ମେରିଟ କହିଛନ୍ତି।

**କେମିତି ମଦ ଛାଡିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯, ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇଂଲଣ୍ଡ-ନ୍ୟୁଜିଲାଣ୍ଡ ସେମିଫାଇନାଲ ଆଜି

ଆବୁଧାବି, ୯।୧୧

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ବୁଧବାର ଏଠାରେ ଅନୁଷ୍ଠିତ ହେବ। ଏଥିରେ ଟାଇଟଲ ଫେଭରାଇଟ ଇଂଲଣ୍ଡ ଏବଂ ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଇଂଲଣ୍ଡ ପ୍ରତିଯୋଗିତା ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ସ୍ଥାନ ପକ୍କା କରି ନେଇଥିଲା। ମାତ୍ର ଏହି ଦଳ ଏବେ ଖେଳାଳିଙ୍କ ଆହତ ଜନିତ ସମସ୍ୟା ଦେଇ ଗତି କରୁଛି। ଏହାଛଡ଼ା ଶେଷ ଗ୍ରୁପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟ ଦଳକୁ ଚିନ୍ତାରେ ପକାଇଛି।

**ଟି୨୦ ବିଶ୍ୱକପ୍**


ଇଅନ ମୋର୍ଗାନ


କେନ୍ ୱିଲିୟମସନ

ସୁପର-୧୨ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ, ବାଂଲାଦେଶକୁ ୮ ଉଇକେଟରେ, ଅଷ୍ଟ୍ରେଲିଆକୁ ୮ ଉଇକେଟରେ ଏବଂ ଶ୍ରୀଲଙ୍କାକୁ ୨୬ ରନରେ ହରାଇ ସେମିରେ ପ୍ରବେଶ କରିଥିବା ଇଂଲଣ୍ଡ ଦଳ ଦକ୍ଷିଣ ଆଫ୍ରିକା ନିକଟରୁ ୧୦ ରନରେ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଜାସନ ରୟ ଆହତ ହେବା ଇଂଲଣ୍ଡକୁ ଶକ୍ତ ଧକ୍କା ପହଞ୍ଚାଇଛି। ଜାସନ ଓ ଜୋସ ବଟଲର ଚଳିତ ଟୁର୍ନାମେଣ୍ଟରେ ଓପନିଂ ଯୋଡ଼ିରେ ବିସ୍ଫୋରକ ବ୍ୟାଟିଂ କରି ଇଂଲଣ୍ଡକୁ ଫାଇଦାରେ ରଖିଥିଲେ। ଜାସନଙ୍କ ଅନୁପସ୍ଥିତିରେ ଜନି ବେୟାରଷ୍ଟୋଙ୍କୁ ବଟଲରଙ୍କ ସହ ଓପନିଂ ପାର୍ଟନର କରାଯାଇପାରେ। ବଟଲରଙ୍କଠାରୁ ଆଉ ଏକ ମ୍ୟାଚ ବିଜୟୀ ଇନିଂସ ଆଶା କରୁଛି ଇଂଲଣ୍ଡ। ସାମ ବିଲିଙ୍ଗ୍ସ ମିଡିଲ ଅର୍ଡରରେ ବ୍ୟାଟିଂ କରିପାରନ୍ତି। ସବୁଠାରୁ ଭଲ କଥା ହେଲା ମିଡିଲ ଅର୍ଡରରେ ଅନେକ ବ୍ୟାଟର ଉପଯୋଗୀ ଇନିଂସ ଖେଳି ଇଂଲଣ୍ଡକୁ ସେମିଫାଇନାଲରେ ପ୍ରବେଶ କରାଇଛନ୍ତି। ଟାଇମଲ ମିଲ୍ସ ଆହତ ସମସ୍ୟା ଯୋଗୁ ଓହରି ଯାଇଥିବାରୁ ଇଂଲଣ୍ଡର ବୋଲିଂ ବିଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଡେଥ୍ ଓଭରରେ ମିଲ୍ସ ଚମତ୍କାର ବୋଲିଂ କରି ଆସୁଥିଲେ। ତାଙ୍କ ଅନୁପସ୍ଥିତିରେ ବିପକ୍ଷ ଦଳ ଫାଇଦା ଉଠାଇବା ସମ୍ଭାବନା ରହିଛି। ପାୱାର ପ୍ଲେ ଏବଂ ମିଡିଲ ଓଭର ଗୁଡ଼ିକରେ ଉଇକେଟ ନେବାକୁ ଦୁଇ ସ୍ପିନର ମୋଇନ ଅଲୀ ଓ ଆଡିଲ ରଶିଦଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ୨୦୧୯ ଦିନିକିଆ ବିଶ୍ୱକପ୍‌ର ଘଟଣା ମଧ୍ୟ ଦୁଇ ଦଳର ମନେ ଥିବ। ସେତେବେଳେ ବାଉଣ୍ଡାରୀ ନିୟମ ଅନୁସାରେ ଇଂଲଣ୍ଡ ବିଜେତା ଘୋଷିତ ହୋଇଥିଲା। ଏହା ପରଠାରୁ ଇଂଲଣ୍ଡ ସ୍ଥିର ପ୍ରଦର୍ଶନ ଦେଇ ଆସିଛି। ଏହି ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ମଧ୍ୟ ଜିତିଛି।

ଚଳିତ ଟୁର୍ନାମେଣ୍ଟର ସୁପର-୧୨ ପର୍ଯ୍ୟାୟରେ ପାକିସ୍ତାନଠାରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ କିନ୍ତୁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତକୁ ୮ ଉଇକେଟରେ, ସ୍କଟଲାଣ୍ଡକୁ ୧୬ ରନରେ, ନାମ୍ବିଆକୁ ୫୨ ରନରେ ଏବଂ ଆଫଗାନିସ୍ତାନକୁ ୮ ଉଇକେଟରେ ହରାଇ ଏହି ଦଳ ସେମିଫାଇନାଲରେ ପହଞ୍ଚିଥିଲା। ଟୁର୍ନାମେଣ୍ଟରେ ଏହି ଦଳର ବୋଲିଂ ବିଭାଗ ସବୁଠାରୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇ ଆସିଛି। ଏହି ଦଳ ଭାରତକୁ ୧୧୦ ଓ ଆଫଗାନିସ୍ତାନକୁ ୧୨୫ ରନରେ ସୀମିତ ରଖି ନିଜ ବୋଲିଂ ଶକ୍ତିର ପରିଚୟ ଦେଇଥିଲା। ଦୁଇ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଏବଂ ଟିମ୍ ସୌଦି ପ୍ରଭାବୀ ରହି ଆସିଛନ୍ତି। ଲୋକି ଫର୍ଗୁସନଙ୍କ ଅନୁପସ୍ଥିତି ଏହି ଦଳକୁ ଚିନ୍ତାରେ ପକାଇଥିଲେ ହେଁ ଆଡାମ ମିଲ୍‌ନେ ତାଙ୍କର ସଫଳ ବଦଳ ଖେଳାଳି ବୋଲି ପ୍ରମାଣିତ କରିଛନ୍ତି। ଦୁଇ ସ୍ପିନର ଇଶ୍ ସୋଧି ଓ ମିଚେଲ ସାଣ୍ଟନର ମଧ୍ୟ ଚମତ୍କାର ବୋଲିଂ କରି ଆସିଛନ୍ତି। ଓପନର ମାର୍ଟିନ ଗୁପଟିଲ, ଡାରିଲ ମିଚେଲ ବଢ଼ିଆ ଫର୍ମରେ ଅଛନ୍ତି। ଶାରଜା ଓ ଦୁବାଇ ତୁଳନାରେ ଆବୁଧାବି ପିଚ୍ ବ୍ୟାଟରଙ୍କୁ ଅଧିକ ସହାୟତା କରିଥାଏ। ତେଣୁ ପ୍ରଥମ ସେମିଫାଇନାଲ ହାଇସ୍କୋରିଂ ମ୍ୟାଚ ହେବା ଆଶା କରାଯାଉଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲୀ, ଜନି ବେୟାରଷ୍ଟୋ, ସାମ୍ ବିଲିଙ୍ଗ୍ସ, ଜୋସ ବଟଲର, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଂଷ୍ଟୋନ, ଡାୱିଦ ମଲନ, ଆଡିଲ ରଶିଦ, ଜେମ୍ସ ଭିନ୍ସ, ଡାଭିଡ ୱିଲି, କ୍ରିସ୍ ୱୋକ୍ସ, ମାର୍କ ଉଡ୍, ଟମ୍ କୁରାନ, ରିସି ଟୋପ୍‌ଲେ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟଡ୍ ଆସ୍‌ଲେ, ଟ୍ରେଣ୍ଟ ବୋଲ୍ଟ, ମାର୍କ ଚାପ୍‌ମ୍ୟାନ, ଡେଭୋନ କନ୍‌ୱେ, ମାର୍ଟିନ ଗୁପଟିଲ, କାଏଲ ଜେମିସନ, ଡାରିଲ ମିଚେଲ, ଜେମ୍ସ ନିଶାମ, ଗ୍ଲେନ୍ ଫିଲିପ୍ସ, ମିଚେଲ ସାଣ୍ଟନର, ଟିମ୍ ସିଫର୍ଟ, ଇଶ୍ ସୋଧି, ଟିମ୍ ସୌଦି, ଆଡାମ ମିଲ୍‌ନେ।

**ମ୍ୟାଚ ଆରମ୍ଭ: ରାତି ୭ଟା ୩୦।**

## ହାଇକୋର୍ଟ ଗଲେ ହକି କୋଚ୍ ସାଙ୍ଗୱାନ

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ହକି କୋଚ୍ ସନ୍ଦୀପ ସାଙ୍ଗୱାନ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ସମସ୍ତ ପ୍ରକାର ଯୋଗ୍ୟତା ଥାଇ ମଧ୍ୟ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ୨୦୨୧ ବର୍ଷ ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାର (ନିୟମିତ ଶ୍ରେଣୀ) ପାଇଁ ହୋଇଥିବା ତାଲିକାରୁ ତାଙ୍କ ନାମକୁ ବାଦ୍ ଦେଇଛି। ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ବିଚାର ପାଇଁ ସେ କୋର୍ଟରେ ନିବେଦନ କରିଛନ୍ତି। ଜଷ୍ଟିସ ରେଖା ପିଲାଇ ଆବେଦନକୁ ଗ୍ରହଣ କରିବା ସହ ମନ୍ତ୍ରଣାଳୟଠାରୁ ଏବିଷୟରେ ବିବରଣୀ ଜାଣିବାକୁ ଚାହିଁଛନ୍ତି। ମାମଲାର ପରବର୍ତ୍ତି ଶୁଣାଣି ନଭେମ୍ବର ୧୨ରେ ହେବ। ସାଙ୍ଗୱାନଙ୍କ ତରଫରୁ ସିନିୟର ଆଡଭୋକେଟ ରାହୁଲ ମେହେରା ପ୍ରତିନିଧିତ୍ୱ କରୁଛନ୍ତି। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା ଓ ଷ୍ଟାଣ୍ଡିଂ କନସେଲ ଅନୀଲ ସୋନୀ ମୋକଦ୍ଦମା ପରିଚାଳନା କରୁଛନ୍ତି।

## ରାହିଙ୍କୁ ରୌପ୍ୟ, ମନୁଙ୍କୁ ମିକ୍ସଡ ସ୍ୱର୍ଣ୍ଣ

**ରୋକ୍ଲ (ପୋଲାଣ୍ଡ), ୯।୧୧ (ପି.ଟି.):** ପ୍ରେସିଡେଣ୍ଟ୍ସ କପ୍‌ର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତୀୟ ଶୁଟର ରାହି ସାର୍ନୋବତ୍ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଭାରତର ଏହି ଦକ୍ଷ ଶୁଟର ଫାଇନାଲରେ ୩୧ ସ୍କୋର କରିଥିଲେ। ପିସ୍ତଲରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଶେଷ ଦୁଇଟି ସିରିଜରେ ସେ କିଛି ଗୁରୁତ୍ୱପୂର୍ଣ୍ଣ ଶଟ୍ ମିସ୍ କରିଥିଲେ। ଜର୍ମାନୀର ଭେନେକାମ୍ପ ୩୩ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିଲେ। ମାଥିଲ୍‌ଡେ ଲାମୋଲି ୨୭ ସ୍କୋର କରି ବ୍ରୋଞ୍ଜ ପାଇଥିଲେ। ୨୫ ମିଟର ବ୍ୟକ୍ତିଗତ ଇଭେଣ୍ଟରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ମନୁ ଭାକର ତୁର୍କୀର ଓଜଗୁର୍ ଭାର୍ଲିକଙ୍କୁ ସାଥୀ କରି ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ମିକ୍ସଡ ଟିମ୍ ପ୍ରତିଯୋଗିତା ଜିତିଛନ୍ତି। ଫାଇନାଲରେ ଏହି ଯୋଡ଼ି ଚାଇନିଜ/ଇଣ୍ଡୋନିଆନ ଯୋଡ଼ି ଜିଆଓ ଓ ପିଟର ଓଲେକ୍ସଙ୍କୁ ୯-୭ ବ୍ୟବଧାନରେ ହରାଇ ଦେଇଥିଲେ। ପୂର୍ବରୁ ଆଇଏସଏସଏଫ୍ ୱାର୍ଲ୍ଡ କପ୍ ଫାଇନାଲ୍ସ ଭାବେ ପରିଚିତ ଏହି ସିଜନ ଶେଷ ଟୁର୍ନାମେଣ୍ଟରେ ଭାରତ ୫ ପଦକ ଲାଭ କରିପାରିଛି। ଅନ୍ତିମ ଦିବସରେ ଭାକରଙ୍କ ସ୍ୱର୍ଣ୍ଣ ପଦକ ଓ ସାର୍ନୋବତ୍‌ଙ୍କ ରୌପ୍ୟ ବ୍ୟତୀତ ଟୁର୍ନାମେଣ୍ଟରେ ପୂର୍ବରୁ ସୌରଭ ଚୌଧାରୀ ବ୍ୟକ୍ତିଗତ ରୌପ୍ୟ ଓ ଅଭିଷେକ ବର୍ମା ଏକ ବ୍ରୋଞ୍ଜ ପଦକ ଲାଭ କରିସାରିଥିଲେ।

# ଅସିଫ୍, ଲାଉରା 'ପ୍ଲେୟର ଅଫ୍ ଦି ମନ୍ଥ'

ଦୁବାଇ, ୯।୧୧ (ପି.ଟି.)


ଅସିଫ୍ ଅଲି ଓ ଲାଉରା ଡେଲାନ।

ପାକିସ୍ତାନ ବ୍ୟାଟର ଅସିଫ୍ ଅଲି ଓ ଆୟର୍ଲାଣ୍ଡ ଅଲରାଉଣ୍ଡର ଲାଉରା ଡେଲାନି ମଙ୍ଗଳବାର ଅକ୍ଟୋବର ମାସ ପାଇଁ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ପୁରୁଷ ବିଭାଗ ପରସ୍କାର ଦୌଡ଼ରେ ଅସିଫ୍ ବାଂଲାଦେଶର ଶକିବ ଅଲ ହସନ ଓ ନାମ୍ବିଆର ଡେଭିଡ୍ ୱିଜ୍‌ଙ୍କୁ ପରାସ୍ତ କରିଥିଲେ। ମହିଳା ବିଭାଗରେ ଲାଉରା ଟିମ୍‌ମେଟ ଗାବି ଲିୱିସ ଓ ଜାମ୍ବିଆର ମ୍ୟାରି-ଆନି ମୁସୋଣ୍ଡାଙ୍କୁ ପଛରେ ପକାଇଥିଲେ। ଅକ୍ଟୋବରରେ ଚଳିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ରେ ଅସିଫ୍ ପାକିସ୍ତାନ ତରଫରୁ ୩ଟି ମ୍ୟାଚ ଖେଳି ୫୨ରନ କରିବା ସହ ଅପରାଜିତ ରହିଥିଲେ। ତାଙ୍କ ଷ୍ଟ୍ରାଇକିଂ ରେଟ୍ ୨୭୩.୬୮ ରହିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନ ବିଜୟ ମ୍ୟାଚରେ ସେ ୧୨ଟି ବଲ୍‌ରୁ ଦ୍ରୁତ ଅପରାଜିତ ୨୭ ରନ ସଂଗ୍ରହ କରି ଅପରାଜିତ ରହି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଫଗାନିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ସେ କିନ୍ତୁ ଚର୍ଚ୍ଚାକୁ ଆସିଥିଲେ। ଏହି ମ୍ୟାଚରେ ବିଜୟ ପାଇଁ ପାକିସ୍ତାନ ଶେଷ ଦୁଇ ଓଭରରେ ୨୪ ରନ ଆବଶ୍ୟକ କରୁଥିଲା। ୧୯ତମ ଓଭରରେ ଅସିଫ୍ ୪ ଛକା ଲଗାଇ ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଅସିଫ୍‌ଙ୍କ ପ୍ରଦର୍ଶନ ଉପରେ ଟିପ୍ପଣୀ ଦେବାକୁ ଯାଇ ଆଇସିସି ଭୋଟିଂ ଏକାଡେମୀ ସଦସ୍ୟ ଇର୍ଫାନ ପଠାନ କହିଛନ୍ତି, ବିଶେଷ କରି ଦଳକୁ ପରାଜୟ ମୁହଁରୁ ବଞ୍ଚାଇ ବିଜୟୀ କରାଇବାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ। ସେ କେବଳ ଥରେ ନୁହେଁ ଦଳ ପାଇଁ ଦୁଇଥର ଏପରି କାର୍ଯ୍ୟ କରିଛନ୍ତି। ଅସିଫ୍ ଯଦିଓ ତାଙ୍କର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ କମ୍ ରନ ସଂଗ୍ରହ କରିଛନ୍ତି ସେ ଚାପରେ ଥିବା ଅବସ୍ଥାରେ ବିପକ୍ଷ ଦଳଠାରୁ ବିଜୟକୁ ଛଡ଼ାଇ ଆଣିବା ଅନ୍ୟମାନଙ୍କଠାରୁ ଫରକ ଆଣିଦେଉଛି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ଅଧିନାୟିକା ଡେଲାନିଙ୍କର ଜିମ୍ବାୱେ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୩-୧ ବିଜୟରେ ବିଶେଷ ଭୂମିକା ରହିଥିଲା। ଏଥିରେ ସେ ଅଲରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେ ୧୮୯ ରନ ସଂଗ୍ରହ କରିବା ସହ ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଲାଉରାଙ୍କ ପ୍ରଦର୍ଶନ ଉପରେ ଟିପ୍ପଣୀ ଦେବାକୁ ଯାଇ ଆଇସିସି ଭୋଟିଂ ଏକାଡେମୀ ସଦସ୍ୟା ଲିସା ଷ୍ଟାଲେକର କହିଛନ୍ତି, ଲାଉରା ତାଙ୍କ ଦେଶ ତରଫରୁ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଛନ୍ତି। ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ପ୍ରଦର୍ଶନ ଉପରେ ଦଳ ଅଧିକ ନିର୍ଭରଶୀଳ। ତେଣୁ ଚାପରେ ରହି ଦଳର ଅଧିନାୟକତ୍ୱ କରିବା ସହଜ କଥା ନୁହେଁ।

# ପଣ୍ଡିଚେରୀଠୁ ବି ହାରିଲା ଓଡ଼ିଶା

ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି)


ଶୁଭ୍ରାଂଶୁ ସେନାପତି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶାର ଖରାପ ପ୍ରଦର୍ଶନ ଜାରି ରହିଛି। ଲକ୍ଷ୍ନୌରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଅପେକ୍ଷାକୃତ ଦୁର୍ବଳ ପଣ୍ଡିଚେରୀ ନିକଟରୁ ୬ ଉଇକେଟରେ ହାରି ଯାଇଛି। ୫ ମ୍ୟାଚରୁ ମାତ୍ର ୧ ବିଜୟ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଛି। ଫଳରେ ଦଳ ଏଲିଟ-ଏ ଗ୍ରୁପ୍‌ରେ ୫ମ ସ୍ଥାନରେ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ କରିଥିଲା। ଶୁଭ୍ରାଂଶୁ ସେନାପତି ୩୦ ବଲ୍‌ରୁ ସର୍ବାଧିକ ୩୯ ରନ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ସଫଳ ହୋଇ ନ ଥିଲେ। ବିପକ୍ଷ ଦଳର ସୁବୋଧ ଭାଟି ୪ଟି ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭରତ ଭୂଷଣ ଶର୍ମାଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ପଣ୍ଡିଚେରୀ ୧୯ ଓଭରରେ ମାତ୍ର ୪ ଉଇକେଟ ହ୍ୱାରାଇ ୧୩୬ ରନ ସଂଗ୍ରହ କରି ନେଇଥିଲା। ପି.କେ. ଡୋଗ୍ରା ୪୪ ବଲ୍‌ରୁ ୫୪ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶା କେବଳ ଗୋଆକୁ ହରାଇବାକୁ ସକ୍ଷମ ହୋଇଥିବାବେଳେ ତାମିଲନାଡୁ, ମହାରାଷ୍ଟ୍ର, ପଞ୍ଜାବ ଓ ପଣ୍ଡିଚେରୀ ନିକଟରୁ ପରାଜିତ ହୋଇଛି।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

## ପୂର୍ବତନ ଏମ୍‌ସିସି ମୁଖ୍ୟ ବ୍ରାଉ୍‌ଶଙ୍କ ପରଲୋକ

**ଆଡିଲେଡ୍, ୯।୧୧ (ଏପି):** ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଦିବା-ରାତ୍ର ଟେଷ୍ଟର ପ୍ରସ୍ତାବକ କିଥ୍ ବ୍ରାଉ୍‌ଶଙ୍କର ୫୮ ବର୍ଷ ବୟସରେ ପରଲୋକ ହୋଇଛି। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ବ୍ରାଉ୍‌ଶ ଇଂଲଣ୍ଡକୁ ଯିବା ପୂର୍ବରୁ ୧୯୮୦ ଦଶକରେ ଅଷ୍ଟ୍ରେଲିଆରେ ଟାସ୍‌ମାନିଆ ତରଫରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳୁଥିଲେ। ୨୦୦୬ରେ ସେ ପ୍ରଥମ ଅଣ-ଇଂଲିଶ ବ୍ୟକ୍ତି ଭାବେ ଏମ୍‌ସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱ ଗ୍ରହଣ କରିଥିଲେ।

# ଓଡ଼ିଶା ଦଳର ପ୍ରସ୍ତୁତି ସନ୍ତୋଷଜନକ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି)


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଚଳିତ ମାସ ୨୮ରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ କେରଳରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗତ ୧ ମାସ ଧରି କଟକର ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ମହିଳା ଫୁଟବଲ ଦଳର କୋଚିଂ କ୍ୟାମ୍ପ ଚାଲିଛି। ଓଡ଼ିଶା ଦଳର ପ୍ରସ୍ତୁତି ମୋଟାମୋଟି ସନ୍ତୋଷଜନକ ରହିଛି ବୋଲି ଦଳର କୋଚ୍ ତଥା ପୂର୍ବତନ ଭାରତୀୟ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ), ଏଆଇଏଫ୍‌ଏଫ୍ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଚାଲିଥିବା ଏହି କ୍ୟାମ୍ପରେ ପଶ୍ଚିମବଙ୍ଗରୁ ଆସିଥିବା ଅଭିଜ୍ଞ କୋଚ୍ କ୍ରିସପିନ୍ ଛେତ୍ରୀ ସହାୟତା କରୁଛନ୍ତି। ଜାତୀୟ ଚାମ୍ପିୟନଶିପ୍‌ରେ ଖେଳିବା ପାଇଁ ଓଡ଼ିଶା ଦଳ ଚଳିତ ମାସ ୨୫ ତାରିଖରେ କେରଳ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। କରୋନା ମହାମାରୀଜନିତ କଟକଣା ପାଇଁ ଗତବର୍ଷ ଏହି ଟୁର୍ନାମେଣ୍ଟ ସମ୍ଭବ ହୋଇପାରି ନ ଥିଲା। ଓଡ଼ିଶା ଦଳର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି।

# ବ୍ରାଜିଲ ବିପକ୍ଷରେ ପ୍ରଥମେ ଖେଳିବ ଭାରତ

ନୂଆଦିଲ୍ଲୀ, ୯।୧୧ (ପି.ଟି.)


ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

ଆସନ୍ତାବର୍ଷ ହେବାକୁଥିବା ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତି କାର୍ଯ୍ୟର ଏକ ଅଂଶ ବିଶେଷ ସ୍ୱରୂପ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବ। ଏଥିରେ ଭାରତ ପ୍ରଥମ ଥର ପୂର୍ବତନ ବିଶ୍ୱକପ୍ ରନର୍ସ-ଅପ୍ ବ୍ରାଜିଲ ସହ ମୁକାବିଲା କରିବ। ଏହି ଟୁର୍ନାମେଣ୍ଟ ବ୍ରାଜିଲର ମାନାଉସ୍‌ଠାରେ ନଭେମ୍ବର ୨୫ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଫିଫା ତାଲିକାରେ ୩୭ତମ ସ୍ଥାନରେ ରହିଥିବା ଚିଲି ଓ ଭେନିଜୁଏଲା (୫୬ତମ)। ଭାରତୀୟ ମହିଳା ଫୁଟ୍‌ବଲ ଦଳ ବର୍ତ୍ତମାନ ଫିଫା ର୍‌ୟାଙ୍କିଂ ତାଲିକାର ୫୭ତମ ସ୍ଥାନରେ ରହିଛି। ବିଶ୍ୱର ୭ ନମ୍ବର ର୍‌ୟାଙ୍କିଂପ୍ରାପ୍ତ ବ୍ରାଜିଲ ହେଉଛି ୨୦୦୭ ବିଶ୍ୱକପ୍ ରନର୍ସ-ଅପ୍ ଏବଂ ୨୦୦୪ ଓ ୨୦୦୮ରେ ଅଲିମ୍ପିକ୍ସ ରୌପ୍ୟ ବିଜେତା। ଏହି ଦଳର ଅଧିନାୟିକା ଅଛନ୍ତି ସୁପର ଷ୍ଟାର ମାର୍ଟା ଭିଏରା ଡି' ସିଲ୍‌ଭା। ତାଙ୍କୁ ବିଶ୍ୱର ଅନ୍ୟତମ ମହାନ ମହିଳା ଫୁଟ୍‌ବଲର ବିବେଚନା କରାଯାଉଛି। ମାର୍ଟା ୬ଥର ୱାର୍ଲ୍ଡ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ୨୦୦୭ ବିଶ୍ୱକପ୍‌ରେ ସେ ଶ୍ରେଷ୍ଠ ଖେଳାଳି ଓ ଟପ୍ ସ୍କୋରର ବିବେଚିତ ହୋଇଥିଲେ। ସେ ୧୬୭ ମ୍ୟାଚରେ ୧୧୨ ଗୋଲ ଦେଇ ବ୍ରାଜିଲର ଟପ୍ ଇଣ୍ଟରନ୍ୟାଶନାଲ ସ୍କୋରର ରହିଛନ୍ତି। ୩୫ବର୍ଷୀୟା ମାର୍ଟା ଏଥିରେ ଖେଳିବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ଭାରତୀୟ ମହିଳା ଟିମ୍ ପାଇଁ ଏହା ଏକ କଠିନ ଟୁର୍ନାମେଣ୍ଟ। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) କହିଛି ବ୍ରାଜିଲ, ଚିଲି ଅବା ଭେନିଜୁଏଲା ହେଉ ଭାରତର ଜାତୀୟ ସିନିୟର ଦଳ ପ୍ରଥମ ଥର ଏହି ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ଯାଉଛି। ଏଏଫ୍‌ସି ମହିଳା ଏସିଆନ କପ୍ ଆସନ୍ତା ବର୍ଷ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ମୁମ୍ବାଇ ଓ ପୁଣେଠାରେ ଖେଳା ଯିବାର କାର୍ଯ୍ୟକ୍ରମ ରହିଛି।

**ମହିଳା ଫୁଟ୍‌ବଲ କାର୍ଯ୍ୟସୂଚୀ**

ନଭେମ୍ବର ୨୫: ଭାରତ ବନାମ ବ୍ରାଜିଲ
ନଭେମ୍ବର ୨୮: ଭାରତ ବନାମ ଚିଲି
ଡିସେମ୍ବର ୧: ଭାରତ ବନାମ ଭେନିଜୁଏଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Wednesday, November 10/2021 | ପୃଷ୍ଠା-୧



## ରୋହିତ ଶର୍ମା ଅଧିନାୟକ

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ପାଇଁ ରୋହିତ ଶର୍ମାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି।

୦୮

୦୩

## ବଲିଉଡ୍‌ରେ ଦୀପିକାଙ୍କ ୧୪ ବର୍ଷ

ଫିଲ୍ମ 'ଓମ୍ ଶାନ୍ତି ଓମ'ରୁ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ଅଭିନେତ୍ରୀ ଦୀପିକା ପାଡୁକୋନ୍ ଇଣ୍ଡଷ୍ଟ୍ରିରେ ୧୪ ବର୍ଷ ପୂରଣ କରିଛନ୍ତି।



## ମା' ଆଗରେ କୂଅରେ ପଡ଼ି ଜୀବନ ହାରିଲେ ୨ ପୁଅ

ସମ୍ବଲପୁର,୯।୧୧(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ସୋମବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ମାଆ ଆଖି ଆଗରେ କୂଅରେ ପଡ଼ି ଜୀବନ ହାରିଛନ୍ତି ୨ ପୁଅ। ସେମାନେ ହେଲେ ସୁଶୀଲ ତ୍ରିପାଠୀ (୪୦) ଓ ସୁନୀଲ ତ୍ରିପାଠୀ (୩୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ମୁତାବକ ସୁନୀଲ ଓ ସୁଶୀଲ କଲୋନୀର ଏକ କୂଅ ଚାନ୍ଦିନୀରେ ବସିଥିଲେ। କୌଣସି କାରଣରୁ ହଠାତ୍ ସୁନୀଲ କୂଅ ଭିତରକୁ ଢଳିବା ଆରମ୍ଭ କରିଥିଲେ। ଏହାଦେଖି ସୁଶୀଲ ଭାଇ ସୁନୀଲଙ୍କ ହାତ ଧରି ପକାଇଥିଲେ। ହେଲେ ଭାରସାମ୍ୟ ହରାଇ ଉଭୟେ କୂଅରେ ପଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ଦୁଇଭାଇଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଜିଲା ସଦର ☞ପୃଷ୍ଠା-୬

# ବାର୍ଡ ଫ୍ଲୁ ଆଶଙ୍କା

- ଖୋର୍ଦ୍ଧାରେ କାଉ ମଡ଼କ
- ପରୀକ୍ଷା ପାଇଁ ପଠାଗଲା ନମୁନା

ଭୁବନେଶ୍ୱର(ବ୍ୟୁରୋ)/ବେଗୁନିଆ, ୯।୧୧(ଡି.ଏନ୍.ଏ.)/

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୋତଲାଙ୍ଗ ଗ୍ରାମରେ ମଙ୍ଗଳବାର କାଉ ମଡ଼କ ଦେଖିବାକୁ ମିଳିଛି। ଅଚାନକ କାଉ ମରୁଥିବାରୁ ବାର୍ଡ ଫ୍ଲୁ ଆଶଙ୍କା କରାଯାଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କାଉ ମରିଥିବା ଜଣାପଡ଼ିଛି। ଖବରପାଇ ବେଗୁନିଆ ପ୍ରାଣୀ ଚିକିତ୍ସାଳୟର ଏକ ଡାକ୍ତରୀ ଟିମ୍ ପହଞ୍ଚି ମୃତ କାଉଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

ମିଳିଥିବା ସୂଚନାନୁସାରେ, ସକାଳ ପ୍ରାୟ ୯ଟାରେ କୋତଲାଙ୍ଗ ଗାଁ ଦାଣ୍ଡରେ ଗୋଟିଏ କାଉ ମରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପରେ ଉଡ଼ିଯାଉଥିବା କେତେକ କାଉ ଗୋଟିକ ପରେ ଗୋଟିଏ ତଳେ ମରି ପଡ଼ିଥିଲେ। ଗାଁ ଲୋକେ ବାର୍ଡ ଫ୍ଲୁ ଆଶଙ୍କା କରି ବେଗୁନିଆ ପ୍ରାଣୀ ଚିକିତ୍ସାଳୟକୁ ଖବର ଦେଇଥିଲେ। ଖବରପାଇ ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତ କାଉଙ୍କୁ ଏକାଠି କରି ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତ ଏବଂ ମୃତଦେହ କଟକ ଜିଲା ଫୁଲନଖରାସ୍ଥିତ ପ୍ରାଣୀ ଚିକିତ୍ସାଳୟ ତଥା ଗବେଷଣା କେନ୍ଦ୍ରକୁ ପଠାଯାଇଛି। ସେଠାରେ ଯଦି କୌଣସି ସନ୍ଦେହ କରାଯାଏ ତେବେ ଭୋପାଳସ୍ଥିତ ପ୍ରାଣୀ ବିଜ୍ଞାନ କେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ କି ନାହିଁ ସ୍ପଷ୍ଟ ହେବ ବୋଲି ଡା. ରାଉତ କହିଛନ୍ତି। ମୃତ କାଉଙ୍କୁ ଗାଁର ଏକ ନିଛାଟିଆ ସ୍ଥାନରେ ପୋତି ଦିଆଯାଇଛି। ☞ପୃଷ୍ଠା-୬



କୋତଲାଙ୍ଗ ଗ୍ରାମରେ ମରି ପଡ଼ିଥିବା କାଉ।

## କଟକ ବାଲିଯାତ୍ରା ହେବ ନାହିଁ



କଟକ ଅଫିସ,୯।୧୧

ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଐତିହାସିକ କଟକ ବାଲିଯାତ୍ରା ହେବ ନାହିଁ। କୋଭିଡ୍‌କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାରେ ଯଦିଓ ସଂକ୍ରମଣ ତଳମୁହାଁ ହୋଇଛି, ତଥାପି ଜନସମାଗମ ବଢ଼ିଲେ ଏହା ବୃଦ୍ଧି ପାଇବା ଆଶଙ୍କା ରହିଛି। ଏପରି ସ୍ଥିତିରେ ବାଲିଯାତ୍ରା ସମ୍ଭବ ନୁହେଁ ବୋଲି ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଗଣମାଧ୍ୟମକୁ କହିଛନ୍ତି। ତେବେ ବାଲିଯାତ୍ରା ନ ହେବା ଖବର କ୍ଷୁଦ୍ର ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନିରାଶ କରିଛି। ବାଲିଯାତ୍ରାକୁ ରାଜ୍ୟ ତଥା ରାଜ୍ୟ ବାହାର ଅନେକ ବ୍ୟବସାୟୀ ଚାତକ ପରି ଚାହିଁ ରହିଥାନ୍ତି। ପ୍ରତ୍ୟେକ ବର୍ଷ ବାଲିଯାତ୍ରା ଉପର ଓ ତଳ ପଡ଼ିଆରେ ୧୮ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବେପାର କରିଥାନ୍ତି। ଏପରିକି ଗୋଟିଏ ଦିନରେ ବାଲିଯାତ୍ରାରେ ୧୦କୋଟି ଟଙ୍କାର କାରବାର ମଧ୍ୟ ହୋଇଥାଏ। ହେଲେ ବାଲିଯାତ୍ରା ନ ହେବା ଖବର ସେମାନଙ୍କୁ ନିରାଶ କରିଛି । ୨୦୨୦ରେ ମଧ୍ୟ କୋଭିଡ୍ ଯୋଗୁ ବାଲିଯାତ୍ରା ବନ୍ଦ ହୋଇଥିଲା।

# ଆଶିଷଙ୍କ ବନ୍ଧୁକରୁ ଗୁଳି ଫୁଟିଥିଲା

**ଲଖିମପୁର ଖେରି ହିଂସାରେ ଯାଇଥିଲା ୮ ଜୀବନ**



ଲଖିମପୁର ଖେରି,୯।୧୧

୮ ଜଣଙ୍କ ଜୀବନ ଯାଇଥିବା ଲଖିମପୁର ଖେରି ହିଂସା ବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ବନ୍ଧୁକରୁ ଗୁଳି ଫୁଟିଥିଲା। ମଙ୍ଗଳବାର ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି ରିପୋର୍ଟରୁ ଏହି ବିଷୟ ସ୍ପଷ୍ଟ ହେବା ପରେ ନିର୍ବାଚନମୁହାଁ ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ଘେରିବା ପାଇଁ ବିରୋଧୀଙ୍କୁ ଆଉ ଏକ ଅସ୍ତ୍ର ମିଳିଯାଇଛି।

ଅକ୍ଟୋବର ୩ରେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ତିକୁନିଆରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷଙ୍କ ଗାଡ଼ି ସେମାନଙ୍କ ଉପରକୁ ମାଡ଼ିଯାଇଥିଲା। ଏଥିରେ ଆନ୍ଦୋଳନରତ ୪ ଚାଷୀ ଓ ଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ହିଂସା ଉଗ୍ରରୂପ ନେଇଥିଲା। ହିଂସା ବେଳେ ଆଶିଷ ଓ ଅନ୍ୟ ଅଭିଯୁକ୍ତ ଅଙ୍କିତ ଦାସ ଅନେକ ରାଉଣ୍ଡ ଗୁଳି ଚଳାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଲଖିମପୁର ପୋଲିସ ଦୁଇ ଅଭିଯୁକ୍ତଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜବତ କରିଥିଲା। ଜବତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଅକ୍ଟୋବର ୧୫ରେ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ଲାବ୍‌କୁ ପଠାଯାଇଥିଲା। ଦୁଇ ଅଭିଯୁକ୍ତ ଚାଷୀଙ୍କ ଅଭିଯୋଗକୁ ଖଣ୍ଡନ ☞ପୃଷ୍ଠା-୬

# ଅବହେଳା ନିଆଁରେ ୪ ଶିଶୁ ଦଗ୍ଧ

*କାହାକୁ ଦିନେ ହୋଇଥିଲା ତ ଆଉ କିଏ ନ'ଦିନର ହୋଇଥିଲେ। ସେମାନେ ମା' ପେଟରୁ ଏଇତ ଭୂମିଷ୍ଠ ହୋଇଥିଲେ। ଦୁନିଆ ଦେଖି ନ ଥିଲେ। ଏପରି କି ନବଜାତଙ୍କ ନାମକରଣ ମଧ୍ୟ କରାଯାଇ ନ ଥିଲା। ଡାକ୍ତରଙ୍କ ଅନୁମତି ମିଳିଲେ ଘରକୁ ନେବା ପାଇଁ ମା'ବାପାମାନେ ଖୁସିରେ ଅପେକ୍ଷା କରିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୁହୂର୍ତ୍ତକ ମଧ୍ୟରେ ଆଖି ବୁଜିଦେଲେ ୪ ଜଣ ଶିଶୁ। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳସ୍ଥିତ କମଳା ନେହେରୁ ହସ୍ପିଟାଲରେ ସୋମବାର ରାତିରେ ଘଟିଥିବା ଏହି ଦୁଃଖଦ ଘଟଣା ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଶିଶୁଙ୍କ ପ୍ରତି ସମ୍ବେଦନଶୀଳତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।*

ଭୋପାଳ,୯।୧୧

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳସ୍ଥିତ କମଳା ନେହେରୁ ଶିଶୁ ହସ୍ପିଟାଲରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଅଗ୍ନିକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ କମଳା ନେହେରୁ ହସ୍ପିଟାଲର ତୃତୀୟ ମହଲାରେ ଥିବା ସ୍ପେଶାଲ ନ୍ୟୁ ବର୍ନ କେୟାର ୟୁନିଟ(ଏସ୍‌ଏନ୍‌ସିୟୁ)ରେ ୪୦ ଶିଶୁ ଚିକିତ୍ସିତ ହେଉଥିଲେ। ସୋମବାର ରାତି ପ୍ରାୟ ୯ଟାରେ ଶର୍ଟ ସର୍କିଟ ଯୋଗୁ ହଠାତ୍ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ସମଗ୍ର ୱାର୍ଡକୁ ବ୍ୟାପିଯାଇଥିଲା। ମା'ବାପାମାନେ ସେମାନଙ୍କ ପିଲାଙ୍କୁ ଖୋଜି ବୁଲୁଥିଲେ। ଖବର ପାଇ ଡାକ୍ତରୀ ଶିକ୍ଷାମନ୍ତ୍ରୀ ବିଶ୍ୱାସ ସାରଙ୍ଗ ଓ ଅନ୍ୟମାନେ ସେଠାରେ ପହଞ୍ଚି ୱାର୍ଡ ଭିତର ଧୂଆଁରେ ଅନ୍ଧକାର ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଶିଶୁମାନଙ୍କୁ ସେଠାରୁ ଏକ ପାଖ ୱାର୍ଡକୁ ନିଆଯାଇଥିଲା। ଫତେଗଡ଼ ଫାୟାର ଷ୍ଟେଶନର ଅଗ୍ନିଶମ ୧୦ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ୩ ଶିଶୁ ଆଖି ବୁଜିସାରିଥିଲେ। ପରେ ଆଉ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୬

**ଭୋପାଳର କମଳା ନେହେରୁ ହସ୍ପିଟାଲ ଏସ୍‌ଏନ୍‌ସିୟୁରେ ଭୟାବହ ଅଗ୍ନିକାଣ୍ଡ**

### ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ସିପିସିଆର୍

ନୂଆଦିଲ୍ଲୀ,୯।୧୧

ଭୋପାଳର କମଳା ନେହେରୁ ହସ୍ପିଟାଲ ନିଆଁରେ ୪ ନବଜାତଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଶିଶୁଙ୍କ ଅଧିକାର ସୁରକ୍ଷା ପାଇଁ ଜାତୀୟ କମିଶନ (ଏନ୍‌ସିପିସିଆର୍) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏନ୍‌ସିପିସିଆର୍ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କୁ ଏହାର ତଦନ୍ତ ପାଇଁ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଟିମ୍‌ରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ☞ପୃଷ୍ଠା-୬

# ସ୍ଥପତି ସୁଦର୍ଶନ ସାହୁଙ୍କୁ ପଦ୍ମ ବିଭୂଷଣ

- ଆଉ ୧୧୮ ଜଣଙ୍କୁ ପଦ୍ମ ପୁରସ୍କାର, ଓଡ଼ିଶାରୁ ୬
- ବାଲ୍‌ସୁବ୍ରମଣ୍ୟମଙ୍କୁ ମରଣୋତ୍ତର ସମ୍ମାନ

ନୂଆଦିଲ୍ଲୀ, ୯।୧୧

ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଆଉ ୧୧୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୦ଜଣଙ୍କୁ ପଦ୍ମ ଭୂଷଣ ଓ ୧୦୧ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ ସମାରୋହ ଦୁଇଦିନରେ ୪ଟି ପର୍ଯ୍ୟାୟରେ ଆୟୋଜନ କରାଯାଇଥିଲା। ସୋମବାର ୨୦୨୧ ବର୍ଷ ପାଇଁ ଦୁଇଟି ପର୍ଯ୍ୟାୟରେ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ମୋଟ୍ ୬ ଜଣଙ୍କୁ ପଦ୍ମ ପୁରସ୍କାର ମିଳିଛି। ଓଡ଼ିଶାର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଛି। ସେହିପରି କଳା ପାଇଁ ପୂର୍ଣ୍ଣମାସୀ ଜାନି, ସାହିତ୍ୟ ଓ ଶିକ୍ଷା ପାଇଁ ରଜତ କୁମାର କର ଏବଂ ନନ୍ଦ ପୃଷ୍ଟି, ସାମାଜିକ ସେବା ପାଇଁ ଶାନ୍ତି ଦେବୀ, ଔଷଧ ପାଇଁ କୃଷ୍ଣମୋହନ ପାଠୀଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ସୂଚନାଯୋଗ୍ୟ, ସୋମବାର ଓଡ଼ିଶାର ୧୧ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ହୃଦ୍‌ରୋଗ ବିଶେଷଜ୍ଞ ବେଲେ ମୋନାପ୍ପା ହେଜ୍ (ମେଡିସିନ୍), ପ୍ରଖ୍ୟାତ କଣ୍ଠଶିଳ୍ପୀ ଏସ୍.ପି. ବାଲ୍‌ସୁବ୍ରମଣ୍ୟମ(ମରଣୋତ୍ତର), ବିଜ୍ଞାନ ଏବଂ ଇଞ୍ଜିନିୟରିଂ ପାଇଁ ନରିନ୍ଦର ସିଂ କପାନୀ (ମରଣୋତ୍ତର)ଙ୍କୁ ☞ପୃଷ୍ଠା-୬





ସ୍ଥପତି ସୁଦର୍ଶନ ସାହୁଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ପଦ୍ମବିଭୂଷଣରେ ସମ୍ମାନିତ କରୁଛନ୍ତି। ପଦ୍ମଶ୍ରୀ ଗ୍ରହଣ ପରେ ୧୦୪ ବର୍ଷ ବୟସ୍କ ନନ୍ଦ ପୃଷ୍ଟି ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ କରୁଛନ୍ତି।

# ଧରାପଡ଼ିବା ଭୟରେ ୨୦ଲକ୍ଷ ଫୋପାଡ଼ି ଦେଲେ

*ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଉ ଜଣେ କୋଟିପତି ସରକାରୀ ବାବୁ। ସେ ହେଉଛନ୍ତି ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର ତଥା ସିଭିଲ ଇଞ୍ଜିନିୟର ପ୍ରତାପ କୁମାର ସାମଲ। ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ପ୍ରତାପ ଘରେ ରଖିଥିବା ଟଙ୍କା ଭର୍ତ୍ତି ପେଟିକୁ ପଡ଼ୋଶୀଙ୍କ ଛାତ ଉପରକୁ ଫୋପାଡ଼ି ଦେଇଥିଲେ। ଫୋପାଡ଼ି ଥିବା ଟଙ୍କା ପ୍ରାୟ ୨୦ଲକ୍ଷ ହୋଇଥିବାବେଳେ ତାଙ୍କ ନିକଟରୁ ମୋଟ ନଗଦ ୩୮.୧୨ଲକ୍ଷ ଟଙ୍କା ଜବତ କରାଯାଇଛି। ଏଥିସହ ପ୍ରତାପ, ତାଙ୍କ ସ୍ତ୍ରୀ ଓ ପୁଅଙ୍କ ନାମରେ ଥିବା ପ୍ରାୟ ୨୨ଟି ପ୍ଲଟ ଏବଂ ୫ଟି କୋଠା ଚିହ୍ନଟ କରାଯାଇଛି। ଚଢ଼ାଉ ପ୍ରକ୍ରିୟା ଜାରି ରହିଥିବାରୁ ପ୍ରକୃତ ସମ୍ପତ୍ତିର ଆକଳନ କରାଯାଇପାରି ନାହିଁ।*

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓପିଏଚ୍‌ଡବ୍ଲ୍ୟୁସିର ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କ ବିଭିନ୍ନ ସ୍ଥାନରେ ଥିବା ଘରେ ଚଢ଼ାଉ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ସକାଳେ ଏକକାଳୀନ ଭୁବନେଶ୍ୱରସ୍ଥିତ ଓପିଏଚ୍‌ଡବ୍ଲ୍ୟୁସି କାର୍ଯ୍ୟାଳୟ, ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ପ୍ରତାପ ରହୁଥିବା ଆପାର୍ଟମେଣ୍ଟ, ବାଲେଶ୍ୱର ସିମୁଳିଆସ୍ଥିତ ତାଙ୍କ ପୈତୃକ ଘର ଓ ସମ୍ପର୍କୀୟଙ୍କ ଘର ସମେତ ୯ ସ୍ଥାନରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ପ୍ଲଟ ☞ପୃଷ୍ଠା-୬

**ଭିଜିଲାନ୍ସ ଜାଲରେ 'ଓପିଏଚ୍‌ଡବ୍ଲ୍ୟୁସି'ର ଡେପୁଟି ମ୍ୟାନେଜର**



ନୟାପଲ୍ଲୀସ୍ଥିତ କୋଠା, ଜବତ ଟଙ୍କା ଏବଂ ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର ପ୍ରତାପ ସାମଲ ।



ଉତ୍ତର ପ୍ରଦେଶରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଭାଜପା ଏବଂ ସମାଜବାଦୀ ପାର୍ଟି ସାମ୍ପ୍ରଦାୟିକ ରଙ୍ଗ ଦେବା ଲାଗି ଉଦ୍ୟମ ଚଳାଇଛନ୍ତି। ଭାଜପା ସରକାର ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏସ୍‌ପି ସହ ହାତ ମିଳାଇଛି।

-ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ସଂକ୍ଷେପରେ

### ସ୍କୁଲରେ ଜଳିଗଲେ ୨୦ ଶିଶୁ

**ନିଆମେ,୯।୧୧:** ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ନାଇଜରରେ ଥିବା ଅଧିକାଂଶ ସ୍କୁଲର ଛାତ ନାହିଁ। ଉପରେ କେବଳ ନଡ଼ା ଛପର ଛାଉଣି ଥିବାରୁ ନିଆଁକୁ ସବୁବେଳେ ଡର। ଦେଶର ଦ୍ୱିତୀୟ ବୃହତ୍ ସହର ମାରାଡିସ୍ଥିତ ଏଭଳି ଏକ ପ୍ରାଥମିକ ସ୍କୁଲରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ପିଲାଙ୍କ ଜଳିଯାଇ ପ୍ରାଣ ହରାଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ମୃତକମାନଙ୍କ ବୟସ ୩ରୁ ୮ ବର୍ଷ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ଅସ୍ଥାୟୀ ସ୍କୁଲ ଉପରେ ନଡ଼ା ଛପର ଥିବାରୁ ସହଜରେ ନିଆଁ ବ୍ୟାପିଯାଇଥିଲା। ଗତ ଏପ୍ରିଲରେ ମଧ୍ୟ ଏକ ଅନୁରୂପ ଅଗ୍ନିକାଣ୍ଡରେ ୨୦ ଶିଶୁଙ୍କ ଜୀବନ ଯାଇଥିଲା। ସଦ୍ୟ ଅଗ୍ନିକାଣ୍ଡକୁ ନେଇ ୟୁନିସେଫ୍ ପ୍ରତିନିଧି ଷ୍ଟେଫାନୋ ସାଭି ଶୋକବ୍ୟକ୍ତ କରିଛନ୍ତି। ପାଠ ପଢୁଥିବା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଦୁଃଖର କଥା। ଏଭଳି ଘଟଣାକୁ ଏଡ଼ାଇବା ଏବଂ ସୁରକ୍ଷିତ ପରିବେଶରେ ଶିକ୍ଷାଦାନ ଲାଗି ୟୁନିସେଫ୍ ଉଦ୍ୟମ ଜାରି ରଖିବ ବୋଲି ସେ କହିଛନ୍ତି।

### ପାକ୍‌କୁ ସର୍ବବୃହତ୍ ଯୁଦ୍ଧଜାହାଜ ଦେଲା ଚାଇନା



**ବେଜିଂ, ୯।୧୧:** ଭାରତକୁ ହିନ୍ଦ୍ ମହାସାଗର ପଟୁ ଘେରିବାକୁ ଲାଗିପଡ଼ିଥିବା ଚାଇନା କ୍ରମାଗତ ଭାବେ ପାକିସ୍ତାନ ସହ ବନ୍ଧୁତା ବଢ଼ାଉଛି। 'ଆର୍ମ ରେସ୍'ରେ ପାକିସ୍ତାନକୁ ଆଗୁଆ ରଖିବା ପାଇଁ ଏହାର ନୌସେନାକୁ ଚାଇନା ସର୍ବବୃହତ୍ ଏବଂ ଅତ୍ୟାଧୁନିକ ଯୁଦ୍ଧଜାହାଜ ହସ୍ତାନ୍ତର କରିଛି। ଚାଇନା ଶିପ୍ ବିଲ୍ଡିଂ କର୍ପୋରେଶନ ଲିମିଟେଡ୍ (ସିଏସ୍‌ଏସ୍‌ସି) ଦ୍ୱାରା ନିର୍ମିତ ଏହି ଯୁଦ୍ଧ ଜାହାଜ ଟାଇପ୍ ୦୫୪ଏ/ପି ପିଏନ୍‌ଏସ୍ ତୁଗ୍ରିଲକୁ ସାଂଘାଇଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକ୍ ସେନାକୁ ହସ୍ତାନ୍ତର କରାଯାଇଥିବା ସିଏସ୍‌ଏସ୍‌ସି ସୋମବାର ଏକ ବିବୃତିରେ ଘୋଷଣା କରିଛି। ଚାଇନା ଏହି ଶ୍ରେଣୀର ୪ଟି ଯୁଦ୍ଧଜାହାଜ ନିର୍ମାଣ କରି ପାକିସ୍ତାନକୁ ଦେବା ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପରେ ଚାଇନା ଆଉ ୩ଟି ଯୁଦ୍ଧଜାହାଜ ପାକ୍ ନୌସେନାକୁ ହସ୍ତାନ୍ତର କରିବ। ଏହି ଉଚ୍ଚ କ୍ଷମତା ସମ୍ପନ୍ନ ଜାହାଜ ଭୂପୃଷ୍ଠରୁ ଭୂପୃଷ୍ଠ, ଭୂପୃଷ୍ଠରୁ ବାୟୁ ଏବଂ ଜଳ ମଧ୍ୟରେ ଯୁଦ୍ଧ କରିବା ସହିତ ବ୍ୟାପକ ନିରୀକ୍ଷଣ କ୍ଷମତା ସମ୍ପନ୍ନ ବୋଲି ଚାଇନା ପକ୍ଷରୁ କୁହାଯାଇଛି। ୨୦୧୭ରେ ଟାଇପ୍ ୦୫୪ ଯୁଦ୍ଧ ଜାହାଜ ପାଇଁ ଉଭୟ ଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଅଗଷ୍ଟ ୨୦୨୦ରେ ପ୍ରଥମ ଯୁଦ୍ଧ ଜାହାଜ ପ୍ରସ୍ତୁତ କରାଯାଇଥିଲା। ଚାଇନା ନୌସେନା ସମୁଦ୍ରରେ ଅନ୍ୟୂନ ୩୦ ଟାଇପ୍‌୦୫୪ ଯୁଦ୍ଧ ଜାହାଜ ନିୟୋଜିତ କରିଛି। ଏଥିରେ ଅତ୍ୟାଧୁନିକ ରାଡାର ସିଷ୍ଟମ ଏବଂ ଅଧିକ ପରିମାଣର କ୍ଷେପଣାସ୍ତ୍ର ସହିତ ବହୁଦୂର ପର୍ଯ୍ୟନ୍ତ ମିଶାଇଲ ଉତ୍‌କ୍ଷେପଣ କରିବାର କ୍ଷମତା ରହିଥିବା ପିଏଲ୍‌ଏ ନାଭାଲ ରିସର୍ଚ୍ଚ ଏକାଡେମୀ ପକ୍ଷରୁ କୁହାଯାଇଛି। ଯୁଦ୍ଧଜାହାଜ ବ୍ୟତୀତ ପାକିସ୍ତାନ ବାୟୁସେନା ସହ ମିଶି ଚାଇନା ଜେଏଫ୍-୧୭ ଥଣ୍ଡର୍ ଫାଇଟର ଯୁଦ୍ଧ ବିମାନ ନିର୍ମାଣରେ ପାର୍ଟନରଶିପ୍ କରିଛି।

# 'ଜାତୀୟ ସ୍ୱାର୍ଥ ହାନି କରିଛି କେନ୍ଦ୍ର'

**ନୂଆଦିଲ୍ଲୀ, ୯।୧୧**





ପଓ୍ୱନ ଖେରା

ଫ୍ରାନ୍ସରୁ ରାଫାଲ ଯୁଦ୍ଧ ବିମାନ କିଣିବା ପାଇଁ ଭାରତ ସହ ହୋଇଥିବା ଚୁକ୍ତିରେ ୬୫ କୋଟି ଟଙ୍କା ଲାଞ୍ଚ କାରବାର, ନକଲି ଇନ୍‌ଭଏସ୍ ପ୍ରସ୍ତୁତ ଆଦି ବେଆଇନ କାର୍ଯ୍ୟକଳାପକୁ ନେଇ ମିଡିଆପାର୍ଟ ପୋର୍ଟାଲରେ ରିପୋର୍ଟ ପ୍ରକାଶ ପାଇବା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ଏ ନେଇ କଂଗ୍ରେସ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ମଙ୍ଗଳବାର ଅଭିଯୋଗ ଆଣିଛନ୍ତି, ଫ୍ରାନ୍ସ କମ୍ପାନୀ ସହ ଚୁକ୍ତିରେ ହୋଇଥିବା ଦୁର୍ନୀତି ଓ ସତ ଲୁଚାଇବାକୁ ଯାଇ ଭାଜପା ଅପରେଶନ 'କଭର ଅପ୍' ଦ୍ୱାରା ଦୋଷୀଙ୍କୁ ସୁରକ୍ଷା ଦେଇଛି। ମଧ୍ୟସ୍ଥ ସୁଶେନ ଗୁପ୍ତା କେନ୍ଦ୍ର ସରକାରଙ୍କ ନିକଟରୁ ଗୋପନୀୟ ତଥ୍ୟ ହାସଲ କରିଥିବାର ପ୍ରମାଣ ଥିଲେ ସୁଦ୍ଧା ତାହାର ତଦନ୍ତ କରାଯାଇନାହିଁ। ଭାଜପା ସରକାର ଜାତୀୟ ନିରାପତ୍ତାକୁ ବଳି ଦେଇ ବାୟୁସେନାର ସ୍ୱାର୍ଥହାନି କରିଛି। ଏଥିଯୋଗୁ ରାଜକୋଷକୁ ହଜାର ହଜାର କୋଟି ଟଙ୍କାର କ୍ଷତି ହୋଇଛି ବୋଲି ସେ କହିଛନ୍ତି।

ପଓ୍ୱନ ଆହୁରି ଅଭିଯୋଗ କରିଛନ୍ତି, ସଦ୍ୟ ପ୍ରଘଟ ହୋଇଥିବା ରିପୋର୍ଟ ଅନୁସାରେ, ରାଫାଲ ଚୁକ୍ତିରେ ବେଆଇନ କାମକୁ ଘଷ୍ଟ ଘୋଡ଼ାଇବା ପାଇଁ ମୋଦି ସରକାର ସିବିଆଇ-ଇଡି ସହ ବୁଝାମଣା କରିଛନ୍ତି। ୨୦୧୯ ମାର୍ଚ୍ଚ ୨୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣେ ମଧ୍ୟସ୍ଥଙ୍କ ଘରେ ଚଢ଼ାଉବେଳେ ଗୋପନୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଦସ୍ତାବିଜ୍ ଜବତ

### ରାଫାଲ ଦୁର୍ନୀତି: ଭାଜପାକୁ କଂଗ୍ରେସର ଟାର୍ଗେଟ

କରିଥିଲା। ସେହି ଦସ୍ତାବିଜ୍‌ରେ ୨୦୧୫ ଅଗଷ୍ଟ ୧୦ର ବେଞ୍ଚମାର୍କ ପ୍ରାଇସ୍ ଡକ୍ୟୁମେଣ୍ଟ, ଚୁକ୍ତିନାମାର ରେକର୍ଡ, ପ୍ରତିରକ୍ଷା ମନ୍ତ୍ରଣାଳୟ କରିଥିବା ହିସାବର ଏକ୍ସଏଲ୍ ଶିଟ୍, ୟୁରୋଫାଇଟର ଭାରତକୁ ୨୦ ପ୍ରତିଶତ ଛାଡ଼ ଅଫର କରିଥିବାର ରେକର୍ଡ ଆଦି ରହିଥିଲା। ଏତେ ସବୁ ପ୍ରମାଣ ହାତରେ ଲାଗିବା ସତ୍ତ୍ୱେ ଇଡି କାହିଁକି ଏ ଦିଗରେ ତଦନ୍ତ କରି ନ ଥିଲା, ମୋଦି ସରକାର ଡାସଲ୍ଟ ଆଭିଏଶନ ଏବଂ ପ୍ରତିରକ୍ଷା ଡକ୍ୟୁମେଣ୍ଟ ଲିକ୍ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୮ ଅକ୍ଟୋବର ୪ରେ ଭାଜପାର ଦୁଇ ପୂର୍ବତନ ମନ୍ତ୍ରୀ ଯଶୱନ୍ତ ସିହ୍ନା ଏବଂ ଅରୁଣ ସୌରି ଓ ଜଣେ ବରିଷ୍ଠ ଆଇନଜୀବୀ ରାଫାଲ ଚୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିକଟରେ ଅଭିଯୋଗ କରିଥିଲେ। ୨୦୧୮ ଅକ୍ଟୋବର ୧୧ରେ ମରିସସ୍ ସରକାର ସିବିଆଇକୁ ରାଫାଲ ଡିଲ୍ ସହ ସଂଯୋଗ ଥିବା ଆର୍ଥିକ କାରବାରର ଡକ୍ୟୁମେଣ୍ଟ ମଧ୍ୟ ସିବିଆଇକୁ ପ୍ରଦାନ କରିଥିଲେ। କିନ୍ତୁ ଏହା ପରେ ମୋଦି ସରକାର ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଅକ୍ଟୋବର ୨୩ରେ ହଟାଇ ଦେଇଥିଲେ। ରାଫାଲ ଷଡ଼ଯନ୍ତ୍ର ଉପରେ ପରଦା ପକାଇବା ପାଇଁ ଏହା କେନ୍ଦ୍ର ସରକାରଙ୍କ ଉଦ୍ୟମ ଥିଲା ବୋଲି ପଓ୍ୱନ କହିଛନ୍ତି।

### କମିଶନ ବିନା କାମ କରେନି କଂଗ୍ରେସ



ସମ୍ବିତ ପାତ୍ର

ରାଫାଲ ଚୁକ୍ତି ଦୁର୍ନୀତି ବାବଦରେ ଫ୍ରାନ୍ସ ମିଡିଆପାର୍ଟ ରିପୋର୍ଟ ଉପରେ କଂଗ୍ରେସକୁ ସମାଲୋଚନା କରିଛନ୍ତି ଭାଜପା ମୁଖପାତ୍ର ସମ୍ବିତ ପାତ୍ର। କଂଗ୍ରେସ ଶାସନରେ ଥିବାବେଳେ ୨୦୦୭ରୁ ୨୦୧୨ ମଧ୍ୟରେ ଉକ୍ତ ଯୁଦ୍ଧବିମାନ କ୍ରୟ ବାବଦରେ ମଧ୍ୟସ୍ଥ ସୁଶେନ ଗୁପ୍ତା ୬୫ କୋଟି ଟଙ୍କା କମିଶନ ନେଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ବିନା କମିଶନରେ କଂଗ୍ରେସ କୌଣସି କାମ କରେନାହିଁ। ତେଣୁ ଆଇଏନ୍‌ସି (ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସ)ର ନାମ 'ଆଇ ନିଡ୍ କମିଶନ' ରହିବା ଉଚିତ ବୋଲି ସମ୍ବିତ କହିଛନ୍ତି। ଏହି ଫାଇଟର ଜେଟ୍ କ୍ରୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରର ଭାଜପା ସରକାରଙ୍କ ବିରୋଧରେ ମିଛ, ଗୁଜବ ଏବଂ ଭୁଲ୍ ତଥ୍ୟ ଦେଇଆସୁଥିଲେ ବୋଲି ସମ୍ବିତ ଅଭିଯୋଗ କରିଛନ୍ତି। ମୋଦି ସରକାରଙ୍କ ବେଳେ ହୋଇଥିବା ରାଫାଲ ଡିଲ୍‌ରେ କୌଣସି ତ୍ରୁଟି କିମ୍ବା ଦୁର୍ନୀତି ହୋଇ ନ ଥିବା ସୁପ୍ରିମକୋର୍ଟ ଏବଂ ସିଏଜି ମଧ୍ୟ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଇଟାଲୀରୁ ରାହୁଲ ଏହା ଉପରେ ଏବେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ କହିଛନ୍ତି।

### ସତ୍ୟ ସହ ଥିଲେ ଡର ନାହିଁ: ରାହୁଲ

ଦୁର୍ନୀତିଗ୍ରସ୍ତ ଭାଜପା ସରକାର ବିରୋଧରେ ଲଢ଼େଇ ଜାରି ରଖିବାକୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଯଦି ତୁମେ ତୁମେ ସତ୍ୟ ସହ ଜଡ଼ିତ ତେବେ ଡରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ରାଫାଲ ଚୁକ୍ତିରେ ହୋଇଥିବା ଲାଞ୍ଚ କାରବାର ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ରାହୁଲ ହାଶ୍‌ଟ୍ୟାଗ୍ ରାଫାଲସ୍କାମ୍‌ରେ ଏକ ଟୁଇଟ୍ କରିଛନ୍ତି।



ରାହୁଲ ଗାନ୍ଧୀ

### ନୌସେନାରେ ଆଇଏନ୍‌ଏସ୍ ଭେଲା

**ମୁମ୍ବାଇ, ୯।୧୧**

ଭାରତୀୟ ନୌସେନାରେ ସୋମବାର ପ୍ରୋଜେକ୍ଟ ପି-୭୫ର ଚତୁର୍ଥ ସ୍କର୍ପିନ୍ ଶ୍ରେଣୀର ବୁଡ଼ାଜାହାଜ ଆଇଏନ୍‌ଏସ୍ ଭେଲା ସାମିଲ ହୋଇଛି। ମାଜାଗନ୍ ଡକ୍ ଶିପ୍ ବିଲ୍ଡର ଲିମିଟେଡ(ଏମ୍‌ଡିଏଲ୍) 'ଭେଲା'କୁ ନୌସେନାକୁ ହସ୍ତାନ୍ତର କରିଛି। ଏମ୍‌ଡିଏଲ୍ ପରିଚାଳନା ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଭାଇସ୍-ଆଡମିରାଲ ନାରାୟଣ ପ୍ରସାଦ ଏବଂ ରିଅର ଆଡ୍‌ମିରାଲ କେ. ପି. ଅରବିନ୍ଦନ୍ ଏହି ବୁଡ଼ାଜାହାଜକୁ ହସ୍ତାନ୍ତରବେଳେ ସ୍ୱାକ୍ଷର କରିଛନ୍ତି। ଫ୍ରାନ୍ସ ସହଯୋଗରେ ଭାରତରେ ନିର୍ମିତ ୬ଟି ଯୁଦ୍ଧ ବୁଡ଼ାଜାହାଜ ମଧ୍ୟରୁ ଏହା ଚତୁର୍ଥ। ଏହି ଜାହାଜ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଅଞ୍ଚଳରେ ଭାରତର ପ୍ରତିରକ୍ଷା ଦକ୍ଷତା ବୃଦ୍ଧି କରିବ।

### ବିଷାକ୍ତ ମଦ ପିଇ ୪ ମୃତ

**ପାଟନା, ୯।୧୧**

ବିଷାକ୍ତ ମଦ ପିଇ ବିହାର ମୁଜାଫରପୁରର ୪ ଜଣଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସକାଳେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପରେ ଆଉ ଦୁଇ ଜଣଙ୍କ ଜୀବନ ଯାଇଛି। ସେମାନେ ସୋମବାର ସନ୍ଧ୍ୟାରେ ମଦ ପିଇଥିବା ଜଣେ ମୃତକଙ୍କ ପରିବାର ପକ୍ଷରୁ କୁହାଯାଇଛି। ଆଉ କେତେଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

### ୨୨ରେ କୋଭାକ୍ସିନକୁ ସ୍ୱୀକୃତି ଦେବ ବ୍ରିଟେନ

**ନୂଆଦିଲ୍ଲୀ, ୯।୧୧**

ହାଇଦ୍ରାବାଦ ସ୍ଥିତ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭିଡ୍ ଟିକା କୋଭାକ୍ସିନକୁ ବ୍ରିଟେନ୍ ଆସନ୍ତା ୨୨ ତାରିଖରେ ସ୍ୱୀକୃତି ଦେବ। ଏହି ଟିକା ନେଇଥିବା ଅର୍ନ୍ତଜାତୀୟ ଯାତ୍ରୀଙ୍କ ଉପରୁ କଟକଣା ହଟାଯିବ ବୋଲି ବ୍ରିଟେନ ସରକାରଙ୍କ ପକ୍ଷରୁ ଜାରି ନୂଆ ଗାଇଡଲାଇନରେ ଦର୍ଶାଯାଇଛି। ଏଥିସହିତ ଫାଇଜର ବୟୋଏନ୍‌ଟେକ୍, ଅକ୍ସଫୋର୍ଡ ଆଷ୍ଟ୍ରାଜେନିକା, ମଡର୍ଣ୍ଣା, ଜନ୍‌ସନ୍ ଆଣ୍ଡ୍ ଜନସନ୍, ସିନୋଭାକ୍ ଏବଂ ସିନୋଫାର୍ମକୁ ମଧ୍ୟ ବ୍ରିଟେନ ସ୍ୱୀକୃତିପ୍ରାପ୍ତ ତାଲିକାରେ ରଖିବ। ଏହି ଟିକା ନେଇଥିବା ବ୍ୟକ୍ତି ଇଂଲଣ୍ଡରେ ପହଞ୍ଚିବା ପରେ ସେମାନଙ୍କୁ ଆଇସୋଲେଶନରେ ରହିବାକୁ ପଡ଼ିବ ନାହିଁ।

## ବିପତ୍ତି ଆଣିଲା ଚେନ୍ନାଇ ବର୍ଷା



**ଚେନ୍ନାଇ,୯।୧୧**

### ୫ ମୃତ

ଲଗାଣ ବର୍ଷା ଚେନ୍ନାଇକୁ ବିପତ୍ତି ନେଇଆସିଛି। ବର୍ଷା ବିପ୍ରାତ ଯୋଗୁ ତାମିଲନାଡୁରେ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହାସହ ବହୁ ଘର ଭାଙ୍ଗିଯାଇଛି। ଚେନ୍ନାଇ, ତ୍ରିଚି ଓ ମଦୁରାଇ ଜିଲା ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏମ୍.କେ. ଷ୍ଟାଲିନ୍ ସରକାର ୯ ଜିଲାରେ ସ୍କୁଲ ଓ କଲେଜଗୁଡ଼ିକୁ ୨ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି। ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ହୋଇଥିବାରୁ ବୁଧବାର ଓ ଗୁରୁବାର ତାମିଲନାଡୁ ସମେତ ପଣ୍ଡିଚେରୀରେ ପ୍ରବଳ ବର୍ଷା ହେବା ନେଇ ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି।

## ଜୋରାମ୍‌ଥାଙ୍ଗା ଦୋଷମୁକ୍ତ

**ଆଇଜଲ, ୯।୧୧**

### ବେଆଇନ ସମ୍ପତ୍ତି, କ୍ଷମତା ଅପବ୍ୟବହାର ମାମଲା



କ୍ଷମତାର ଅପବ୍ୟବହାର ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଏକ ସ୍ୱତନ୍ତ୍ର କୋର୍ଟ ମିଜୋରାମ୍ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କୁ ଦୋଷମୁକ୍ତ କରିଛନ୍ତି। ଦୁର୍ନୀତି ନିରୋଧୀ ସଂସ୍ଥା ପିପୁଲ ରାଇଟ୍ ଟୁ ଇନଫର୍ମେଶନ ଏବଂ ଡେଭେଲପମେଣ୍ଟ ଇମ୍ପ୍ଲିମେଣ୍ଟିଂ ସୋସାଇଟି ଅଫ୍ ମିଜୋରାମ (ପିଆର୍‌ଆଇଏସ୍‌ଏମ୍) ସମେତ ବରିଷ୍ଠ ନାଗରିକ ଆସୋସିଏଶନ ମିଜେରାମ ଉପା ପଲ୍ ୨୦୦୯ରେ ଜୋରାମଥାଙ୍ଗାଙ୍କ ବିରୋଧରେ ମାମଲା କରିଥିଲେ। ୨୦୦୭ରେ ଜୋରାମଥାଙ୍ଗା ଶିରଫିରର ଆଇ ପୁକ୍ ଅଞ୍ଚଳରେ ନିଜ ଜମି ପାଇଁ କୃଷି ବିଭାଗରୁ ଲୁହା ରଡ୍ ଏବଂ ତାର ଜାଲି ଆଣିବା ପାଇଁ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏଥିସହ ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଦୁର୍ନୀତି ନିରୋଧୀ ବ୍ୟୁରୋ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଥିଲା।

## 'ମୋ ମନ୍ତ୍ରୀ ହିନ୍ଦୀ ଜାଣନ୍ତି ନାହିଁ'

**ଆଇଜଲ, ୯।୧୧**

ମିଜୋରାମ ମନ୍ତ୍ରୀମାନେ ହିନ୍ଦୀ ଜାଣନ୍ତି ନାହିଁ। ସେମାନଙ୍କ ମଧ୍ୟରୁ କେତେକ ଇଂଲିଶ ମଧ୍ୟ କହିପାରିବେ ନାହିଁ। ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମିଜୋ ଭାଷା ଜଣା ନ ଥିବା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ବଦଳାନ୍ତୁ ବୋଲି ମିଜୋରାମ ମୁଖ୍ୟମନ୍ତ୍ରୀ ପୁ ଜୋରାମ୍‌ଥାଙ୍ଗା କହିଛନ୍ତି। ରେଣୁ ଶର୍ମାଙ୍କ ବଦଳରେ ଶାସନ ସଚିବ ଭାବେ ଜେ. ସି. ରାମଥାଙ୍ଗାଙ୍କୁ ନିଯୁକ୍ତ କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଅକ୍ଟୋବର ୨୯ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ରେଣୁ ଶର୍ମାଙ୍କୁ ମିଜୋରାମ ଶାସନ ସଚିବ ନିଯୁକ୍ତି କରାଯାଇଥିବା ଉଲ୍ଲେଖ ରହିଥିଲା। ବର୍ତ୍ତମାନ ମୁଖ୍ୟ ସଚିବ ଥିବା ଗୁଜରାଟ କ୍ୟାଡରର ଲାଲ୍‌ନୁନମାୱିଆ ଚୁଆଉଗୋ ଅବସର ନେବା ପରେ ଅତିରିକ୍ତ ଶାସନ ସଚିବ ରାମଥାଙ୍ଗାଙ୍କୁ ଉକ୍ତ ପଦବୀରେ ରଖିବାକୁ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା କହିଛନ୍ତି।

### ଫେରିଲେ ୪ ମହାକାଶଚାରୀ

**ୱାଶିଂଟନ୍, ୯।୧୧**

ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଏବଂ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ପକ୍ଷରୁ ପୃଥିବୀ କକ୍ଷକୁ ଯାଇଥିବା ୪ ମହାକାଶଚାରୀ ୧୯୯ ଦିନ ପରେ ମଙ୍ଗଳବାର ଭୂପୃଷ୍ଠକୁ ଫେରିଛନ୍ତି। ନାସା ମହାକାଶଚାରୀ ଶେନ୍ କିମ୍‌ବ୍ରୋ ଏବଂ ମେଗାନ୍ ମ୍ୟାକ୍‌ଆର୍ଥର, ଜାପାନର ଆକିହିକୋ ହୋଶିଦେ, ୟୁରୋପ ସ୍ପେସ୍ ଏଜେନ୍ସିର ଥୋମାନ୍ ପେସ୍କ୍ୟୁଏଟ ଫ୍ଲୋରିଡାର ପେନ୍‌ସାକୋଲା ଉପକୂଳରେ ଅବତରଣ କରିଥିଲେ। ନାସାର ସ୍ପେସ୍‌ଏକ୍ସ କ୍ରିଉ-୨ ମିଶନରେ ସେମାନେ ୧୬୮ ଦିନ ପାଇଁ ଯାଇଥିଲେ ହେଁ ଅର୍ନ୍ତଜାତୀୟ ସ୍ପେସ୍ ଷ୍ଟେଶନରେ ୧୯୯ ଦିନ ରହଣି କରି ରେକର୍ଡ କରିଛନ୍ତି।



ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୬) ଚାଲିଥିବାବେଳେ ଏକ୍ସଟିନଶନ୍ ରେବେଲିୟନ୍ ରେଡ୍ ରେବେଲ ବ୍ରିଗେଡ୍‌ର ଜଣେ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଜଳବାୟୁ ବୈଜ୍ଞାନିକମାନଙ୍କୁ ଗବେଷଣାର ଅଧିକ ସୁଯୋଗ ଦେବା ଲାଗି ପର୍ଯ୍ୟାପ୍ତ ପାଣ୍ଠି ଯୋଗାଣ କରାଯାଉ ବୋଲି ସେ ଦାବି କରିଛନ୍ତି।

# 'ନୱାବ ମଲିକଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ୍'

**ମୁମ୍ବାଇ,୯।୧୧**

### ହସିନା ପାର୍କରଙ୍କ ଜମି କିଣିଛନ୍ତି ମଲିକ: ଫଡ଼ନବିସ୍



### ଆଜି ମନ୍ତ୍ରୀ ଫୁଟାଇବେ ହାଇଡ୍ରୋଜେନ ବୋମା



ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ନୱାବ ମଲିକଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ୍ ରହିଛି। ସେ ଓ ତାଙ୍କ ପରିବାର ସଦସ୍ୟମାନେ ଅଣ୍ଡରୱାର୍ଲ୍ଡ ସହିତ ଜଡ଼ିତ ଲୋକଙ୍କଠାରୁ ଜମି କିଣିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ପ୍ରଭାବଶାଳୀ ନେତା ନୱାବ ମଲିକଙ୍କ ବିରୋଧରେ ମଙ୍ଗଳବାର ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ବିଧାନସଭାର ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼୍‌ନବିସ୍। ଅନ୍ୟପକ୍ଷେ ଏହି ଅଭିଯୋଗକୁ ମଲିକ ଖଣ୍ଡନ କରିବା ସହ ବୁଧବାର ହାଇଡ୍ରୋଜେନ ବୋମା ଫୁଟାଇବେ ବୋଲି ଭାଜପା ନେତା ଫଡ଼୍‌ନବିସ୍‌ଙ୍କୁ ଚେତାବନୀ ଦେଇଛନ୍ତି।

କେଉଁକଥା ଯାଇ କେଉଁଠିପହଞ୍ଚିଲାଣି। ରାଜନୀତି ପାଇଁ ସବୁକିଛିକୁ ଘାଣ୍ଟିଚକଟି ଲୋକଙ୍କ ଆଗରେ ଥୋଇବାରେ ଲାଗିଛନ୍ତି ମହାରାଷ୍ଟ୍ରର ଶାସକ ଓ ବିରୋଧୀ ନେତା। ଆର୍ୟନ ଶାହରୁଖ ଖାନ୍ ଡ୍ରଗ୍ସ ପାର୍ଟି ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମୁମ୍ବାଇ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡେଙ୍କ ଗୋଟିଏ ପରେ ଗୋଟିଏ କାରନାମା ଉପରୁ ନୱାବ ମଲିକ ପରଦା ହଟାଇବାରେ ଲାଗିଛନ୍ତି। ଆର୍ୟନଙ୍କୁ ଗିରଫ ନୁହେଁ, ବରଂ ଅପହରଣ ଉଦ୍ୟମ କରାଯାଇଥିଲା। ୨୫ କୋଟି ଟଙ୍କା ରାନ୍‌ସମ୍ ଅସୁଲ ପାଇଁ ହୋଇଥିବା ଏହି ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଭାଜପା ନେତା ମୋହିତ କାମ୍ବୋଜ ହୋଇଥିବାବେଳେ ଏଥିରେ ୱାଙ୍ଖଡେ ସାମିଲ ଥିଲେ ବୋଲି ରବିବାର ମଲିକ ଅଭିଯୋଗ ଆଣିଥିଲେ। ମଲିକ ଏହା ପୂର୍ବରୁ ଦେବେନ୍ଦ୍ର ଫଡ଼୍‌ନବିସ୍ ଏବଂ ତାଙ୍କ ସ୍ତ୍ରୀ ଅମୃତା ଫଡ଼୍‌ନବିସ୍‌ଙ୍କ ସହ ଜଣେ ଡ୍ରଗ୍ସ ଡିଲରଙ୍କ ଦୁଇଟି ପୃଥକ୍ ଫଟୋକୁ ଟ୍ୟାଗ୍ କରି ଟୁଇଟ୍ କରିଥିଲେ। ଉଦ୍ଦେଶ୍ୟ ଥିଲା, ଡ୍ରଗ୍ସ ଡିଲରଙ୍କ ସହ ଭାଜପା ନେତାଙ୍କ ସମ୍ପୃକ୍ତି ପଦାକୁ ଆଣିବା। ଏହାର ଜବାବରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫଡ଼୍‌ନବିସ୍ ସେତେବେଳେ କହିଥିଲେ, ମଲିକଙ୍କ ଅଣ୍ଡରୱାର୍ଲ୍ଡ ଡିଲ୍‌କୁ ନେଇ ଦୀପାବଳି ପରେ ବୋମା ଫୁଟିବ। ଫଡ଼୍‌ନବିସ୍ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମଲିକ ଓ ତାଙ୍କ ପରିବାର ସଦସ୍ୟମାନେ ଏକ କମ୍ପାନୀର ଅଂଶୀଦାର ଥିଲେ। ଉକ୍ତ କମ୍ପାନୀ ଜାଲ୍ ଦସ୍ତାବିଜ ବଳରେ ମୁମ୍ବାଇର କୁର୍ଲା ଅଞ୍ଚଳରେ ଅତି କମ୍ ମୂଲ୍ୟରେ ଜମି କିଣିଛି। ଏପରି ୪ଟି ଜମି କିଣାଯାଇଛି, ଯହିଁରେ ନୱାବ ମଲିକ ଅଣ୍ଡରୱାର୍ଲ୍ଡ ସହ ଡିଲ୍ କରିଛନ୍ତି। ୧୯୯୩ ସିରିଏଲ୍ ବ୍ଲାଷ୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ସର୍ଦ୍ଦାର ଶାହୱାଲି ଖାନ୍ ଓ ସଲିମ୍ ଇଶାକ୍ ପଟେଲଙ୍କଠାରୁ ଏହି ଜମି କିଣାଯାଇଛି। ଶାହୱାଲି ଓ ସଲିମ୍ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଭଉଣୀ ହସିନା ପାର୍କରଙ୍କ ପାଇଁ କାମ କରୁଥିବାବେଳେ ମୁମ୍ବାଇବାସୀଙ୍କ ହତ୍ୟାକାରୀଙ୍କ ସହ ମଲିକ କାହିଁକି କାରବାର କରିଥିଲେ ବୋଲି ଫଡ଼୍‌ନବିସ୍ ପ୍ରଶ୍ନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ମଲିକଙ୍କ ବିଷୟରେ ଏହି ଗୋପନ କଥା ଜାଣି ନ ଥିଲେ। ଯଦି ଜାଣିଥାନ୍ତେ ତେବେ ତାକୁ ପ୍ରଘଟ କରିଥାଆନ୍ତେ। ଏବେ ସେ ଉକ୍ତ ଦସ୍ତାବିଜଗୁଡ଼ିକୁ ସିବିଆଇ, ଇଡି ଏବଂ ଏନ୍‌ଆଇଏ ଭଳି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ମଲିକ ମଧ୍ୟ ପ୍ରତିକ୍ରିୟା ଦେବାରେ ବିଳମ୍ବ ନ କରି କହିଛନ୍ତି, ଅଣ୍ଡରୱାର୍ଲ୍ଡ ସହ ଜଡ଼ିତ ବ୍ୟକ୍ତି କିମ୍ବା ବମ୍ବେ ବିସ୍ଫୋରଣର ଦୋଷୀଙ୍କଠାରୁ ସେ ଜମି କିଣିନାହାନ୍ତି। ଫଡ଼୍‌ନବିସ୍ ତାଙ୍କ ଛବି ମଳିନ ଲାଗି ଉଦ୍ୟମ କରୁଛନ୍ତି। ସେ ବୁଧବାର ହାଇଡ୍ରୋଜେନ ବୋମା ନିକ୍ଷେପ କରି ଭାଜପା ନେତାଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ୍‌ର ପର୍ଦ୍ଦାଫାଶ କରିବେ।

# ଏସ୍‌ଏଚ୍‌ଜିଙ୍କୁ ଚାଷୀଙ୍କ ନାପସନ୍ଦ

**ଯାଜପୁର ଅଫିସ,୯।୧୧**

■ ଧାନ ସଂଗ୍ରହରେ ଅନିୟମିତତା
■ ଚାଷୀଙ୍କ ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ

ରାଜ୍ୟରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ଅଭିଯୋଗ ଉପରେ ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଚାଷୀମାନେ ନିୟମିତ ହଇରାଣ ହେଉଛନ୍ତି। ବିଶେଷକରି ଧାନ ସଂଗ୍ରହରେ ଭାଗ ନେଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରିଥିବା ନଜିର ରହିଛି। ଏହି କ୍ରମରେ ଯାଜପୁର ଜିଲାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ଅଧୀନ ୪୯ ଜଣ ଚାଷୀ ଚଳିତ ୨୦୨୧-୨୨ ଖରିଫ ଋତୁରେ ଏସ୍‌ଏଚ୍‌ଜିକୁ ଧାନ ବିକ୍ରି ନ କରିବାକୁ ମନସ୍ଥ କରିଛନ୍ତି। ଏପରିକି ବିଶ୍ୱ ଜୟଗୁରୁ ଏସ୍‌ଏଚ୍‌ଜି ମିଥ୍ୟା ତଥ୍ୟ ଦେଇ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଗୁରୁତର ଅଭିଯୋଗ କରିଛନ୍ତି। ଏହାବାଦ୍ ଖଡିଅଙ୍ଗ ଗ୍ରାମର ମାଆ ଏସ୍‌ଏଚ୍‌ଜିରେ ଧାନ ବିକ୍ରି କରିବୁ ନାହିଁ ବୋଲି ଚାଷୀମାନେ ସିଏସ୍‌ଓଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ଏହି ଅଭିଯୋଗ ଉପରେ ଯାଜପୁର ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ବିଧିବଦ୍ଧ ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ୮।୧୧।୨୦୨୧ରେ ଏଆର୍‌ସିଏସ୍, ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ), ମିଶନ ଶକ୍ତିର ଡିପିସିଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଗତ ଖରିଫ ଋତୁ ୨୦୨୦-୨୧ ବର୍ଷ ଧାନ ସଂଗ୍ରହରେ ଯାଜପୁର ଜିଲା ସମେତ ବରଗଡ଼, ଭଦ୍ରକ, ଗଞ୍ଜାମ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୩୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସ୍‌ଏଚ୍‌ଜି) ୪୬୬୧.୨୨ କୁଇଣ୍ଟାଲ ଧାନ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି ହୋଇଥିଲା। ତେଣୁ ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି କମିଶନରଙ୍କୁ ଗତ ୨୩।୪।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ସୁପାରିସ କରିଥିଲେ। ଏହି ସୁପାରିସକୁ ଆଧାର କରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିଶ୍ୱଜିତ୍ ଦାସ ୧୮।୬।୨୦୨୧ରେ ଉପରୋକ୍ତ ୭ଟି ଜିଲାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶ ଉପରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାଜପୁର ଜିଲାରେ ୧୪୫ଟି ପ୍ୟାକ୍ସ ଏବଂ ଏସ୍‌ଏଚ୍‌ଜି ଜରିଆରେ ୧୧ ଲକ୍ଷ ୪୨ କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଥିଲା। ଏଥିରେ ୨୩ଟି ଏସ୍‌ଏଚ୍‌ଜି ଭାଗ ନେଇଥିଲେ। ତେବେ ଏଥିରୁ ଲକ୍ଷାଧିକ କୁଇଣ୍ଟାଲ ଧାନ କାଗଜପତ୍ରରେ ସଂଗ୍ରହ ଚାଲିଛି ବୋଲି ସେତେବେଳେ ଅଭିଯୋଗ ହୋଇଥିଲା। ନିଜ ସମ୍ପର୍କୀୟ ଓ ପାଖ ଲୋକଙ୍କୁ ଚାଷୀ ଦର୍ଶାଇ ଜାଲ କାଗଜପତ୍ରରେ ଧାନ ସଂଗ୍ରହ କରାଯାଇଥିଲା। ନିକଟରେ ବଡ଼ଚଣା ପ୍ୟାକ୍ସରେ ମଧ୍ୟ ଅନୁରୂପ ଭାବେ ଜାଲ କାଗଜପତ୍ର ଦର୍ଶାଇ ଚାଷୀଙ୍କ ନାମରେ ବିପୁଳ ପରିମାଣ ଧାନ ସଂଗ୍ରହ ହୋଇଥିବା ଅଭିଯୋଗ ହୋଇଥିଲା, ଯାହାକି ଡିଆରସିଏସ୍ ସ୍ତରରେ ତଦନ୍ତ ଜାରି ରହିଛି। ଏଭଳି ସ୍ଥିତିରେ ଚାଷୀ ଏସ୍‌ଏଚ୍‌ଜି ଜରିଆରେ ଧାନ ବିକ୍ରି କରିବାକୁ ଆଉ ଭରସା କରି ପାରୁନାହାନ୍ତି। ଏହି କ୍ରମରେ ସାଉଡିଆ ଗ୍ରାମର ଚାଷୀ ମିଶିକାନ୍ତ ପରିଡ଼ା, ବରଦାପ୍ରସନ୍ନ ରାୟ, ବାଲିକୁଦା ଗ୍ରାମର ଅଭୟ କୁମାର ସାହୁ ଓ ରବୀନ୍ଦ୍ର ସାହୁ, ନିଆଳି ଗ୍ରାମର ମାନସ ରଞ୍ଜନ ବଳ, ଶଶିରେଖା ଜେନା ଓ ବିପିନ ବିହାରୀ ଜେନା, ବଡ଼ବାଲିକୁଦା ଗ୍ରାମର ଅଟଳ ବିହାରୀ ଜେନା ଓ ଆଲୋକ ଜେନା, ନାରାୟଣପୁର ଗ୍ରାମର ନନ୍ଦକିଶୋର କବି ଓ ଶରତ ଚନ୍ଦ୍ର ବେହେରା, ଅଣକା ଗ୍ରାମର ଅର୍ଜୁନ ସେଠୀ, ବଟକୃଷ୍ଣ ସାହାଣୀ, ଭିକାରୀ ଚରଣ ସାହାଣି, ବିବେକାନନ୍ଦ ମହାପାତ୍ର, ବିଦ୍ୟୁତ୍‌ଲତା ସାହାଣି, ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ୪୯ ଜଣ ଚାଷୀ ଏସ୍‌ଏଚ୍‌ଜି ଜରିଆରେ ଧାନ ବିକ୍ରି ନ କରିବାକୁ ନିବେଦନ କରିଛନ୍ତି। ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାଁ ଏହି ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେଇଥିବା ସୂଚନା ମିଳିଛି। ତେବେ ଆଗକୁ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଚାଷୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ୧୪ରେ 'ବାଲ୍ ସାହିତ୍ୟ ପୁରସ୍କାର' ଉତ୍ସବ
### ପୁରସ୍କୃତ ହେବେ ୨୪ ଭାଷାର ଶିଶୁ ସାହିତ୍ୟିକ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ):** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ଘୋଷିତ 'ବାଲ୍ ସାହିତ୍ୟ ପୁରସ୍କାର' ପ୍ରଦାନ ଉତ୍ସବ ଆସନ୍ତା ୧୪ ତାରିଖରେ ସୂଚନା ଭବନରେ ଅନୁଷ୍ଠିତ ହେବ। ଏହି ଅବସରରେ ୨୪ଟି ଭାରତୀୟ ଭାଷାର ଯୋଗ୍ୟ ବିବେଚିତ ଶିଶୁ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ରମାକାନ୍ତ ରଥ ଯୋଗ ଦେବେ। ସେହିପରି ଏକାଡେମୀର ସଭାପତି ଚନ୍ଦ୍ରଶେଖର କମ୍ବାର, ଉପସଭାପତି ମାଧବ କୌଶିକ ଏବଂ ସଚିବ କେ. ଶ୍ରୀନିବାସ ରାଓ ଉପସ୍ଥିତ ରହିବେ। ଅପରପକ୍ଷେ ୧୫ ତାରିଖ ସକାଳ ୧୦ଟା ୩୦ରେ ଗୀତଗୋବିନ୍ଦ ସଦନରେ ଏକ ଲେଖକ ସମ୍ମିଳନୀ ଆୟୋଜନ ହେବ। ଏଥିରେ ପୁରସ୍କୃତ ଶିଶୁ ସାହିତ୍ୟିକମାନେ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିବେ ବୋଲି ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦ ଆବାହକ ବିଜୟାନନ୍ଦ ସିଂହ ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହେଉଥିବାରୁ ସାହିତ୍ୟିକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

### କୋମ୍ବିଂ ବେଳେ ମାଓବାଦୀ ସାମଗ୍ରୀ ଜବତ

**ଭବାନୀପାଟଣା,୯।୧୧(ସ୍ୱ.ପ୍ର.)** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡା ଜଙ୍ଗଲରେ ରବିବାର ସକାଳୁ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ ଏମ୍ ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶଗଡ଼ା ଜଙ୍ଗଲରେ ମାଓବାଦୀମାନେ ଲୁଚିଥିବା ଖବର ପାଇ ଏସ୍‌ଓଜି ଓ ଡିଭିଏଫ୍ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ମାଓବାଦୀମାନେ ହଠାତ୍ ପୋଲିସ ଉପରକୁ ଗୁଳି ଚଳାଇବା ବେଳେ ପୋଲିସ ମଧ୍ୟ ନିଜ ଆତ୍ମସୁରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ପକ୍ଷରୁ ସେଠାରେ କୋମ୍ବିଂ ଅପରେଶନ କରିବା ବେଳେ ଏକ ରାଇଫଲ, ୪ଟି ଅଫୁଟା ଗୁଳି, ମାଓବାଦୀ ପୁସ୍ତିକା ତଥା ମାଓବାଦୀଙ୍କ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ୧କେଜି ବ୍ରାଉନ୍‌ସୁଗାର ଜବତ,୨ ଗିରଫ

**ବାଲେଶ୍ୱର ଅଫିସ, ୯।୧୧:** ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଅରଡ଼ବଜାରରେ ଥିବା ପରିବା ମାର୍କେଟ୍‌ରେ ଗତ ୭ତାରିଖରେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ସେଠାରୁ ଅଶୋକ ଯାଦବ ଓ ସୁରେଶ ଯାଦବ ନାମକ ଦୁଇ ଯୁବକଙ୍କ ନିକଟରୁ ୧କେଜି ୫୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଛି। ନଂ. ୩୭/୨୧ ମାମଲା ରୁଜୁ କରାଯାଇ ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ରାଜ୍ୟରୁ ବାଲେଶ୍ୱରକୁ ଆସୁଥିବା ପନିପରିବା ଟ୍ରକ୍‌ରେ ଦୁଇ ବେପାରୀ ବ୍ରାଉନ୍‌ସୁଗାର ଆଣୁଥିଲେ।

## ବଲିଉଡ୍‌ରେ ଦୀପିକାଙ୍କ ୧୪ ବର୍ଷ



**ମୁମ୍ବାଇ:** ବଲିଉଡ୍ ବାଦଶାହ ଶାହାରୁଖ ଖାନ୍‌ଙ୍କ ହିରୋଇନ ଦୀପିକା ପାଦୁକୋନ ଫିଲ୍ମ 'ଓମ୍ ଶାନ୍ତି ଓମ'ରୁ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ୯ ନଭେମ୍ବର ୨୦୦୭ରେ ଏହି ଫିଲ୍ମ ରିଲିଜ ହୋଇଥିଲା। ଏହି ଫିଲ୍ମ ସମେତ ବଲିଉଡ୍‌ରେ ଦୀପିକାଙ୍କ ଏଣ୍ଟ୍ରିକୁ ୧୪ ବର୍ଷ ପୂରିଛି। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ରାମପାଲ, ଶ୍ରେୟସ ତଲ୍‌ପଡେ ଓ କିରଣ ଖେର ପ୍ରମୁଖ ଭୂମିକାରେ ରହିଥିଲେ। ବଲିଉଡ୍‌ରେ ୧୪ ବର୍ଷ ପୂରଣ ପରେ ଦୀପିକାଙ୍କ ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଭିନେତ୍ରୀଙ୍କ ଫ୍ୟାନ୍ ଟୁଇଟରରେ ହାଶ୍‌ଟ୍ୟାଗ୍ ୧୪ ଇଅର୍ସ ଅଫ୍ ଦୀପିକା ପାଦୁକୋନ୍ ଟ୍ରେଣ୍ଡ ଚଳାଇଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି ୧୪ ବର୍ଷରେ ୨୩ ବଲିଉଡ ଫିଲ୍ମ, ୨୫ ମନଲୋଭା କ୍ୟାରେକ୍ଟର, ହାଇଏଷ୍ଟ ପେଡ ଫିମେଲ, ମୋଷ୍ଟ ଭାଲ୍ୟୁଡ ଫିମେଲ ଆକ୍ଟ୍ରେସ, ବହୁତ ପୁରସ୍କାର ତଥା ଆଚିଭମେଣ୍ଟ, ୱାନ ଓମେନ: ଦୀପିକା ପାଦୁକୋନ। ସେ ବଲିଉଡର ଜଣେ ଆଗଧାଡିର ନାୟିକା ହୋଇଥିବା ବେଳେ ହଲଉଡରେ ବି ସେ ପାଦ ରଖି ସାରିଲେଣି।



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କେ. ସେମଳା ପଞ୍ଚାୟତ କଣ୍ଟାସରୁଗୁଡ଼ା ଗ୍ରାମର ଜୟଦେବ ଭତ୍ରା ଲୋକଙ୍କ ସୁବିଧା ପାଇଁ ନିଜ ଖର୍ଚ୍ଚରୁ ଇନ୍ଦ୍ରାବତୀ ନଦୀ ଉପରେ ବାଉଁଶପୋଲ ତିଆରି କରିଛନ୍ତି। ଗ୍ରାମବାସୀ ଚାଷ, ପିଲାଙ୍କ ପାଠପଢ଼ା ଏବଂ ଅନ୍ୟ କାମ ପାଇଁ କୋରାପୁଟ ଜିଲା କୋଟପାଡ଼ ବ୍ଲକ ବାସୁଲୀ ଗ୍ରାମ ଉପରେ ନିର୍ଭରକରନ୍ତି। ଯାତାୟାତ ସୁବିଧା ପାଇଁ ଜୟଦେବ ପୋଲ ତିଆରି କରିଛନ୍ତି।

# ଭିଜିଲାନ୍ସ ଜାଲରେ ସିଡିପିଓ, ସୁପରଭାଇଜର

**ଜଗତ୍‌ସିଂହପୁର ଅଫିସ, ୯।୧୧**

### ଅଙ୍ଗନୱାଡି କର୍ମୀଙ୍କଠାରୁ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଲା

ଅଙ୍ଗନୱାଡି କର୍ମୀଙ୍କଠାରୁ ଲାଞ୍ଚ ମାଗିବା ଜଗତ୍‌ସିଂହପୁର ଜିଲା ବାଲିକୁଦାର ଜଣେ ସିଡିପିଓ ଏବଂ ସୁପରଭାଇଜରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ଘଟଣାରେ ଉଭୟ ଅଭିଯୁକ୍ତ ମଙ୍ଗଳବାର ଅପରାହ୍ନରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ ସିଡିପିଓ ସରଳା ଦେଈ ଓ ସୁପରଭାଇଜର ପ୍ରତିମା ସାହୁ। କଟକ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଉଭୟ ଅଭିଯୁକ୍ତ ବାଲିକୁଦା ବ୍ଲକ ଅନ୍ତର୍ଗତ କଂସାରିପଡ଼ା ଅଙ୍ଗନୱାଡି କର୍ମୀ ବିଦ୍ୟୁଲତା ଦାଶଙ୍କଠାରୁ ପିଲାଙ୍କ ଖେଳନା ବାବଦରେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବିଦ୍ୟୁଲତା ଟଙ୍କା ଦେବାକୁ ଅସାମର୍ଥ୍ୟ ପ୍ରକାଶ କରିଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ତେଣୁ ଅଙ୍ଗନୱାଡି କର୍ମୀ ବାଧ୍ୟ ହୋଇ ରାଜି ହେବା ସହ କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ମାମଲା ରୁଜୁ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ, ବିଦ୍ୟୁଲତା ମଙ୍ଗଳବାର ଅପରାହ୍ନରେ ସିଡିପିଓଙ୍କ କାର୍ଯ୍ୟାଳୟକୁ ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ରଙ୍ଗବୋଳା ଟଙ୍କା ନେଇଯାଇଥିଲେ। ସେଥିରୁ ୧୫ ହଜାର ସରଳା ଓ ୫ ହଜାର ଟଙ୍କା ପ୍ରତିମାଙ୍କୁ ଦେଇଥିଲେ। ସେମାନେ ଟଙ୍କା ଗ୍ରହଣ କରିବାମାତ୍ରେ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଦଳ ଉଭୟଙ୍କୁ କାବୁ କରି ନେଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ସିଡିପିଓଙ୍କ ଏରସମା ବ୍ଲକସ୍ଥିତ ବାସଭବନ ଓ ସୁପରଭାଇଜରଙ୍କ ବିରିଡ଼ି ବ୍ଲକର ଅଣଖିଆସ୍ଥିତ ଘର ଉପରେ ଚଢ଼ାଉ କରାଯାଇଛି। ଅପରେସନରେ ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ନାଥ ରାୟଗୁରୁ, ଇନ୍‌ସ୍ପେକ୍ଟର ଅନୁପମା ସାହୁ ଓ ଭାଗ୍ୟଲତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଧରାପଡ଼ିଥିବା ସିଡିପିଓ ଏବଂ ସୁପରଭାଇଜର।

### ଧରାପଡ଼ିଲେ ରେଭିନ୍ୟୁ ସୁପରଭାଇଜର

**କେନ୍ଦୁଝର, ୯।୧୧(ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝର ସଦର ତହସିଲରେ କାର୍ଯ୍ୟରତ ରେଭିନ୍ୟୁ ସୁପରଭାଇଜର ହୃଦାନନ୍ଦ ସାହୁ ଜମିଜମା ସଂକ୍ରାନ୍ତରେ ଦାଖଲ ଖାରଜ କେସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦୁଝର ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଛନ୍ତି। ସୂଚନା ଅନୁସାରେ, ହୃଦାନନ୍ଦ ସାହୁ କେନ୍ଦୁଝର ପୁରୁଣାସହରର ହରିହର ସାହୁଙ୍କର ଏକ ଜମିଜମା ମ୍ୟୁଟେଶନ ପାଇଁ କ୍ଷେତ୍ର ପରିଦର୍ଶନ ପରେ ରିପୋର୍ଟ ଦେବାର ଥିଲା। କିନ୍ତୁ ସେ ଗତ ଏପ୍ରିଲ ମାସରୁ ହରିହର ସାହୁଙ୍କ କାମ ନ କରି ହଇରାଣ କରୁଥିଲେ। ଶେଷରେ ସେ ୨୦ ହଜାର ଟଙ୍କା ଲାଞ୍ଚ ଦେଲେ ତାଙ୍କ କାମ କରିବେ ବୋଲି କହିଥିଲେ। ଏ ବାବଦରେ ହରିହର ସାହୁ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସର ଯୋଜନା ମୁତାବକ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ସଦର ତହସିଲ କାର୍ଯ୍ୟାଳୟରେ ହୃଦାନନ୍ଦ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରି ନେଇଥିଲା। ବାଲେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରି ସଂପୃକ୍ତ ଲାଞ୍ଚୁଆ ଅଧିକାରୀଙ୍କୁ ଗିରଫ କରିଛି। ଏହି ଚଢାଉରେ କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର ଇନ୍ସପେକ୍ଟର ହେମାମାଳିନୀ ନାୟକ, ଇନ୍ସପେକ୍ଟର ଦୈତାରୀ ଘଡେଇଙ୍କ ସମେତ କେନ୍ଦୁଝର ଭିଜିଲାନ୍ସର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ଲୁହା ବୋଝେଇ ଟ୍ରକ୍‌କୁ ୪.୬୦ଲକ୍ଷ ଜରିମାନା

**ଗୁଣପୁର,୯।୧୧(ଡି.ଏନ୍.ଏ.)**

■ ଜିଏସ୍‌ଟି ଠକେଇ
■ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ
■ ଗୁଣପୁର ବାଣିଜ୍ୟ କର ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ

ଲକ୍ଷାଧିକ ଟଙ୍କାର ଜିଏସ୍‌ଟି ଠକେଇ ଘଟଣା ସାମ୍ନାକୁ ଆସିଛି। ଏକ ଲୁହାରଡ୍ ବୋଝେଇ ଟ୍ରକ୍‌ରୁ ଜରିମାନା ବାବଦକୁ ୪ ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରାଯାଇଛି। ରାୟଗଡ଼ା ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ ପରେ ଏହି ଠକେଇ ନଜରକୁ ଆସିଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାଉରକେଲାର ସ୍ୱଞ୍ଜି ଆଇରନ କମ୍ପାନୀରୁ ଏକ ଲୁହା ବୋଝେଇ ଟ୍ରକ୍ ଗୁଣପୁରର ସଞ୍ଜୀବ ଟ୍ରେଡର୍ସକୁ ଆସିଥିଲା। ସୂଚନା ପାଇଁ ରାୟଗଡ଼ା ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ୟୁନିଟ ଟିମ୍ ଗୁଣପୁରରେ ପହଞ୍ଚିଥିଲେ। ଟ୍ରକ୍‌କୁ ଜବତ କରିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଆବଶ୍ୟକ ନଥିପତ୍ର ନ ଥିଲା। ଲୁହାରଡ୍ ବେଆଇନଭାବେ ଚାଲାଣ ହେଉଥିବା ଜଣାପଡ଼ିବା ପରେ ଜରିମାନା ଆଦାୟ କରାଯାଇଥିବା ଡେପୁଟି କମିଶନର ତପନ ପାଢ଼ୀ ସୂଚନା ଦେଇଛନ୍ତି। ତେବେ ଗୁଣପୁର ଅଞ୍ଚଳରେ ଏତେ ବଡ଼ ଧରଣର ଜିଏସ୍‌ଟି ଠକେଇ ହୋଇଥିବାବେଳେ ବାଣିଜ୍ୟ କର ବିଭାଗ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରି ଘଟଣା ପ୍ରଥମ ନାଁ ପୂର୍ବରୁ ଅନେକ ଥର ଘଟିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ ହୋଇପଡ଼ିଛି। ରାଉରକେଲାରୁ ଗୁଣପୁର ଦୂରଯାତ୍ରା କରି ଟ୍ରକ୍ ଆସିଥିଲେ ମଧ୍ୟ କୌଣସ ସ୍ଥାନରେ କୌଣସି ବିଭାଗ କିପରି ଜାଣିପାରିଲେନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରି ଘଟଣା ନଜରକୁ ଆସିବା ପରେ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ହରାଉଥିବା ସ୍ପଷ୍ଟ ହୋଇଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାସହ ବାଣିଜ୍ୟ କର ବିଭାଗର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି।



ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଫାଇନ ଆଦାୟ କରାଯାଉଛି।

## ହାତୀ ଦାନ୍ତ ଜବତ: ୨ ଗିରଫ



**କେନ୍ଦୁଝର, ୯।୧୧(ସ୍ୱ.ପ୍ର.)**

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଲୁଣଘର ଗ୍ରାମରୁ ଡିଏଫଓ ଏଚ.ଡି ଧନରାଜଙ୍କ ନେତୃତ୍ୱରେ ବନ ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ହାତୀଦାନ୍ତ ଜବତ କରିଛି। ଜବତ ହାତୀ ଦାନ୍ତର ଓଜନ ୭କିଲୋ ୧୯୫ ଗ୍ରାମ ହେବ। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଆମ୍ବଡହରା ଗ୍ରାମର ଡାକ୍ତର ମୁଣ୍ଡା ଓ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବଣକାଟି ଗ୍ରାମର ଚିତ୍ତରଞ୍ଜନ ବୈଠ। କୌଣସି ସୂତ୍ରରୁ ଖବରପାଇ ବନବିଭାଗ ଏକ ଯୋଜନାକ୍ରମେ ହାତୀଦାନ୍ତ ଧରିବାରେ ସକ୍ଷମ ହୋଇଛି। ତେବେ ଏହି ହାତୀଦାନ୍ତ କେଉଁଠୁ ଆସିଲା ତାହାର ତଦନ୍ତ ନିଜେ ଡିଏଫଓ ଧନରାଜ କରୁଛନ୍ତି।

# ରାଜ୍ୟ ଚଳଚ୍ଚିତ୍ର, ଟେଲି ପୁରସ୍କାରକୁ ନେଇ ବିବାଦ ଉଠିଲା

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

■ 'ଖୁସି' ବିରୋଧରେ ହାଇକୋର୍ଟ ଯିବେ ବବି ଇସ୍‌ଲାମ୍
■ 'ନିମ୍‌କୀ'କୁ ନେଇ ପ୍ରଶ୍ନ ଉଠାଇଲା 'ଓଟା'

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ ମସିହା ପାଇଁ ୩୧ତମ 'ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର' ଓ ୮ମ 'ରାଜ୍ୟ ଓଡ଼ିଆ ଟେଲି ଚଳଚ୍ଚିତ୍ର ପୁରସ୍କାର' ଘୋଷଣା ହେବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପୁରସ୍କାର ପ୍ରଦାନ କ୍ଷେତ୍ରରେ ଚୟନ ପ୍ରକ୍ରିୟା କେତେଦୂର ନିରପେକ୍ଷ ତାହାକୁ ନେଇ ପ୍ରଶ୍ନ ଉଠିଛି। ଓଡ଼ିଆ ଚଳଚ୍ଚିତ୍ର ନିମନ୍ତେ ମୋଟ୍ ୨୭ ଓ ଟେଲି ପୁରସ୍କାର ପାଇଁ ୨୦ ବିଭାଗରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ତେବେ ସେଥିରେ ଚଳଚ୍ଚିତ୍ର 'ଖୁସି'କୁ ୪ଟି ବିଭାଗ ଯଥା ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ, ସମ୍ପାଦନା ଏବଂ ଶିଶୁ କଳାକାର କ୍ଷେତ୍ରରେ ପୁରସ୍କାର ଦିଆଯିବାକୁ ସ୍ଥିର ହୋଇଛି। ଯାହାକୁ ନେଇ ସିନେ ନିର୍ଦ୍ଦେଶକ ତଥା କୋରିଓଗ୍ରାଫର ବବି ଇସ୍‌ଲାମ୍ ଅସନ୍ତୋଷ ବ୍ୟକ୍ତ କରିବା ସହ ଅଙ୍ଗୁଳି ଉଠାଇଛନ୍ତି। ଟେଲି ଚଳଚ୍ଚିତ୍ର ପୁରସ୍କାର ଚୟନରେ ମଧ୍ୟ ପକ୍ଷପାତିତା କରାଯାଇଥିବା ଓଡ଼ିଶା ଟେଲି ଆକ୍ଟର୍ସ ଆସୋସିଏଶନ୍ (ଓଟା) ଅଭିଯୋଗ କରିଛି। ନିୟମ ଅନୁଯାୟୀ ସମ୍ପୃକ୍ତ ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ନିଜସ୍ୱ ହୋଇଥିବା ଦରକାର। ମାତ୍ର ପୁରସ୍କାର ହାତେଇଥିବା ୩ଟି ଚଳଚ୍ଚିତ୍ର 'ଖୁସି', 'କାଳିଆ କରୁଛି ଲୀଳା' ଓ 'ରଙ୍ଗିଲା ବୋହୂ'ର କାହାଣୀ କପି ହୋଇଛି ବୋଲି ଓଟା ସମ୍ପାଦକ ନରେନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି। ସେହିପରି 'ସରଗମ୍'କୁ ଶ୍ରେଷ୍ଠ ଟେଲି ଧାରାବାହିକ ଆୱାର୍ଡ ସମେତ ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ, ସହ ଅଭିନେତା, ସହ ଖଳନାୟିକା ଆଦି ସମସ୍ତ ପୁରସ୍କାର ମିଳିଛି। ଟେଲି ପୁରସ୍କାର ବର୍ଗରେ ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା 'ନିମ୍‌କୀ'କୁ ନେଇ ମଧ୍ୟ ଓଟା ପ୍ରଶ୍ନ ଉଠାଇଛି। ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ନିମ୍‌କୀର ଅବଧି ୪୫ ମିନିଟ୍‌ରୁ ଅଧିକ। ତେଣୁ ଏହା ଟେଲି ଚଳଚ୍ଚିତ୍ରରେ କିପରି ସ୍ଥାନ ପାଇଲା ବୋଲି ସମ୍ପାଦକ ପାତ୍ର ପ୍ରଶ୍ନ କରିଛନ୍ତି। ବର୍ଷ ବର୍ଷ ଧରି କଳାକାର, ଟେକ୍ନିସିଆନ୍‌ମାନେ ପରିଶ୍ରମ କରିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଇଛି। ୭ବର୍ଷ ଧରି ଠିକ୍ ଭାବେ ଚାଲି ଆସୁଥିବା ପୁରସ୍କାର ଚୟନରେ ଚଳିତ ବର୍ଷ କିପରି ବ୍ୟତିକ୍ରମ ଦେଖାଦେଇଛି ବୋଲି ପାତ୍ର ପ୍ରଶ୍ନ କରିଛନ୍ତି।

ଅନୁରୂପ ଭାବେ 'ଖୁସି' ଚଳଚ୍ଚିତ୍ରର କାହାଣୀ କୋରିଆନ୍ ଫିଲ୍ମ 'ହୋପ୍'ରୁ କପି ହୋଇଥିବା ବବି ଇସ୍‌ଲାମ୍ ଅଭିଯୋଗ କରିଛନ୍ତି। କପି ହୋଇଥିବା କୌଣସି ଚଳଚ୍ଚିତ୍ର ଏଣ୍ଟ୍ରି ହେବା କଥା ନୁହେଁ। ମାତ୍ର ଜୁରି ଓ ସଂସ୍କୃତି ବିଭାଗ ପକ୍ଷପାତିତା କରି ଏପରି କରିଛନ୍ତି ବୋଲି ସେ କହିଛନ୍ତି। ୨୦୧୯ରେ ମୁକ୍ତିଲାଭ କରିଥିବା 'ଛବିରାଣୀ' ରାଜ୍ୟର ପ୍ରଥମ କମର୍ସିଆଲ୍ ବାୟୋପିକ୍ ଓଡ଼ିଆ ସିନେମା, ଯାହାକି ୧୯୮୦ରେ ଓଡ଼ିଶାରେ ଘଟିଥିବା ଏକ ମାର୍ମିକ ଘଟଣା ଉପରେ ଆଧାରିତ। ଏହି ଚଳଚ୍ଚିତ୍ର ୟୁଏସ୍‌ରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏଭଳି କାହାଣୀକୁ ୨୭ଟି ବିଭାଗ ମଧ୍ୟରୁ କେଉଁଥିରେ ସ୍ଥାନ ନ ମିଳିବା ଦୁଃଖର ବିଷୟ। ଏହାକୁ ବିରୋଧ କରି ସେ ହାଇକୋର୍ଟ ଯିବେ ବୋଲି ବବି କହିଛନ୍ତି। ଏଥିସହ ପୁରସ୍କାର ପାଇଥିବା 'ଖୁସି' ଚଳଚ୍ଚିତ୍ର ନିଜସ୍ୱ କାହାଣୀ ବୋଲି ନିର୍ମାତା ପ୍ରମାଣ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ଏଭଳି ବିବାଦ ସମ୍ପର୍କରେ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥିରେ ବିଭାଗର କୌଣସି ସମ୍ପୃକ୍ତି ନାହିଁ। ଜୁରି ଯାହା ନିଷ୍ପତ୍ତି ନେଇଛନ୍ତି, ସେହି ଅନୁଯାୟୀ ପୁରସ୍କାର ଘୋଷଣା ହୋଇଛି। ଯଦି ନିଷ୍ପତ୍ତିକୁ ବିରୋଧ କରି କେହି ଆଇନ୍‌ର ଆଶ୍ରୟ ନିଅନ୍ତି ସେଥିରେ ଆମର କିଛି କହିବାର ନାହିଁ।

ସେହିପରି ଟେଲି ଚଳଚ୍ଚିତ୍ର ପାଇଁ ଗଠିତ କମିଟି ସଦସ୍ୟ ପ୍ରଯୋଜକ ଗଦାଧର ପୁଟ୍ଟୀ କହିଛନ୍ତି, ସମୁଦାୟ ୫ଟି ଧାରାବାହିକ ଆମ ପାଖକୁ ଆସିଥିଲା। ନିର୍ଣ୍ଣୟ କଲାବେଳେ ଆମକୁ ପ୍ରତ୍ୟେକ ଧାରାବାହିକର ଗୋଟିଏ ଗୋଟିଏ ସିନ୍ ଦେଖିବାକୁ ଦିଆଯାଏ। ତେଣୁ ସେହି ସିନ୍‌କୁ ଦେଖି ଆମେ ଆକଳନ କରି ନିର୍ଣ୍ଣୟ ନେଉ। ସେହିପରି ଟେଲି ଚଳଚ୍ଚିତ୍ର ପାଇଁ ଫୁଲ୍ ଲେଙ୍ଗ୍‌ଥ (ପ୍ରାୟ୨ ଘଣ୍ଟା୨୦ ମିନିଟ୍)ର ୫ଟି ଓ ଛୋଟ (୪୫ ମିନିଟ୍ ମଧ୍ୟରେ) ୪ଟି ଚଳଚ୍ଚିତ୍ର ଏଣ୍ଟ୍ରି ହୋଇଥିଲା। ଜୁରି ଚୟନର ଦାୟିତ୍ୱ ସଂସ୍କୃତି ବିଭାଗ ପାଖରେ ରହିଛି। ତେଣୁ ଯଦି କୌଣସି ପକ୍ଷପାତିତା କରାଯାଇଛି ବୋଲି ଭାବୁଛନ୍ତି ତେବେ ସଂସ୍କୃତି ବିଭାଗ ଏହାର ଠିକ୍ ଉତ୍ତର ଦେଇପାରିବ। ଅପରପକ୍ଷେ କପିହୋଇଥିବା କୌଣସି କାହାଣୀ ଏଣ୍ଟ୍ରି ହୋଇଥିଲେ ସେଥିପାଇଁ ସଂସ୍କୃତି ବିଭାଗ ଏବଂ ଚଳଚ୍ଚିତ୍ରର ପ୍ରଯୋଜକଙ୍କ ନାମରେ ମାମଲା କରିପାରିବେ। କାରଣ ସେମାନେ ହିଁ ଚଳଚ୍ଚିତ୍ର କପି ନୁହେଁ ବୋଲି ସାର୍ଟିଫିକେଟ୍ ଦେଇଛନ୍ତି।

## ସଂକ୍ଷେପରେ

### ଯାତ୍ରୀବାହୀ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ଆଳି,୯।୧୧(ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ବଇଦିମାଳ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଯାତ୍ରୀବାହୀ ଭ୍ୟାନ ଓଲଟି ପଡିଛି। ଗାଡି ଓଲଟି ପଡିବାରୁ ସେଥିରେ ଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ଭ୍ୟାନ ନଂ. ଓଡି ୦୨ ବିଜି ୦୭୦୯ରେ ସ୍ଥାନୀୟ ସଂସିଧା ଠାକୁରପାଟଣା ଗାଁର କେତେଜଣ ଲୋକ ପୁରୀ ଅଭିମୁଖେ ଯାଉଥିଲେ। ରାତି ୧୨ଟାରେ ବଇଦିମାଳ ଛକରେ କୁହୁଡି ଯୋଗୁ ଗାଡିଟି ଓଲଟି ପଡିଥିଲା। ଆହତମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇଥିଲା। ଚିକିତ୍ସା ପରେ ସେମାନେ ଘରକୁ ଯାଇଛନ୍ତି। ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଉତ୍କଳମଣି ହାଇସ୍କୁଲ ଉନ୍ନତି କରାଯିବ

ରାଜକନିକା,୯।୧୧(ଡି.ଏନ.ଏ.): ରାଜକନିକା ବ୍ଲକ ପଣସଗଣ୍ଡ ଉତ୍କଳମଣି ହାଇସ୍କୁଲକୁ ମଙ୍ଗଳବାର ବିଡିଓ ରବିନାରାୟଣ ଆଚାର୍ଯ୍ୟ ଆସି ପରିଦର୍ଶନ କରିଥିଲେ। ବ୍ଲକର ୧୪ଟି ଫୋକସ୍ ବିଦ୍ୟାଳୟ ମଧ୍ୟରୁ ଏହା ଅନ୍ୟତମ। ବିଦ୍ୟାଳୟର ଉନ୍ନତିକରଣ କରାଯିବ ବୋଲି ବିଡିଓ ଆଚାର୍ଯ୍ୟ କହିଥିଲେ। ୧୯୯୯ ମହାବାତ୍ୟାରେ ବିଦ୍ୟାଳୟର ଘର ନଷ୍ଟ ହୋଇଯାଇଥିଲା। ରାଉରକେଲା ଇସ୍ପାତ କାରଖାନ ପକ୍ଷରୁ ନିର୍ମିତ ଗୃହଟି ଭାଙ୍ଗିରୁଜି ଗଳି ପଡିଲାଣି। ବର୍ଷାଦିନେ ଛାତରୁ ପାଣି ଗଳୁଥିବାରୁ ପିଲାମାନେ ପଢିବାକୁ ଆସୁନାହାନ୍ତି। ବିଡିଓ ବିଦ୍ୟାଳୟର ଇ' ପାଠାଗାର, କମ୍ପ୍ୟୁଟର ରୁମ୍ ବୁଲି ଦେଖିଥିଲେ। ବିଦ୍ୟାଳୟର ଉନ୍ନତିକରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକରେ ସଜାଯିବ। ପରେ ବିଡିଓ ପଞ୍ଚାୟତର ଫାଜିଲପୁର ୨ଟି କଂକ୍ରିଟ ରାସ୍ତା ବୁଲି ଦେଖିବା ସହ ବେଙ୍ଗା ନଦୀ ଅତଡାରେ ଝୁଲିଥିବା ଘର ସବୁ ଦେଖି ଦୁଃଖ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ସମିତିସଭ୍ୟ ଅରୁଣ କୁମାର ଦାସ, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ସାମଲ, ପଧାନପଡାର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ, କୃଷ୍ଣଚନ୍ଦ୍ର ଜେନା ଓ ସର୍ବେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଆଳି ଗାନ୍ଧୀ ସହଦେବ ଦାସଙ୍କ ଜୟନ୍ତୀ

ଆଳି,୯।୧୧(ଡି.ଏନ.ଏ.): ଆଳି ଗାନ୍ଧୀ ଭାବେ ପରିଚିତ ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସହଦେବ ଦାସଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ସହଦେବ ଦାସ ସ୍ମୃତି କମିଟି ପକ୍ଷରୁ ନୂଆଗାଁ ସିନିୟର ବେସିକ ସ୍କୁଲ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ନନ୍ଦ, ବୀରେନ୍ଦ୍ର କୁମାର ପଣ୍ଡା, ତ୍ରୈଲୋକ୍ୟ ନାଥ ପଣ୍ଡା, ବାମନ ଚରଣ ବେହେରା ଓ ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଧ୍ୱଂସ

ଡେରାବିଶ,୯।୧୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ରାଜନଗର ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଦେବେନ୍ଦ୍ର ମଲ୍ଲିକଙ୍କ ୨ ବଖରା ସମ୍ପୂର୍ଣ୍ଣ ପୋଡି ଯାଇଛି। ଖବର ପାଇ ଡେରାବିଶ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଦେବେନ୍ଦ୍ରଙ୍କ ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି।

# ଯାତ୍ରୀବାହୀ ଟ୍ରେନ ଚଳାଚଳ ଦାବି: ଆଜି ରେଳରୋକୋ

କେନ୍ଦ୍ରାପଡ଼ା ଅଫିସ, ୯।୧୧

**ହରିଦାସପୁର-ପାରାଦୀପ ରେଳପଥ**
- ୨୦୨୦ ଜୁଲାଇରୁ ଚାଲିଲାଣି ମାଲବାହୀ ରେଳ
- ଭିତ୍ତିଭୂମି, ତଦାରଖ ଏବେ ବି ଅଧୁରା



କେନ୍ଦ୍ରାପଡ଼ା ରେଳ ଷ୍ଟେଶନ।

କେନ୍ଦ୍ରାପଡ଼ା ଜିଲାକୁ ୨୦୨୦ ଜୁଲାଇ ୨୪ଠାରୁ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। ଏହା ପରେ ରେଳ ବିହୀନ ଜିଲାରୁ କେନ୍ଦ୍ରାପଡ଼ାର ନାମ ବାଦ୍ ପଡିଥିଲା। ଏବେ ଦୈନିକ ୩୦ ମାଲବାହୀ ଟ୍ରେନ ଗଡୁ ଥିଲେ ମଧ୍ୟ ଯାତ୍ରୀବାହୀ ଟ୍ରେନ ଅଦ୍ୟାବଧି ଚଳାଚଳ କରିନାହିଁ। ଯାତ୍ରୀବାହୀ ଟ୍ରେନ ଚଳାଚଳ ଦାବିରେ ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବୁଧବାର ୪ ଘଣ୍ଟିଆ ରେଳରୋକୋ ହେବ। ତେବେ ଏଥିପାଇଁ ଭିତ୍ତିଭୂମିର ଅଭାବ ଓ ନିରାପତ୍ତା ଆୟୁକ୍ତଙ୍କ ତଦାରଖ ଆବଶ୍ୟକ ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ବରିଷ୍ଠ ନେତା ସୌମେନ୍ଦ୍ର କୁମାର ପୃଷ୍ଟି କହିଛନ୍ତି, ହରିଦାସପୁର-ପାରାଦୀପ ନୂଆ ବ୍ରଡଗେଜ ଲାଇନରେ ଭାୟା କେନ୍ଦ୍ରାପଡ଼ା ଜିଲା ମଧ୍ୟ ଦେଇ ୨୦୨୦ ଜୁଲାଇ ୨୪ରେ ପ୍ରଥମ ପଣ୍ୟବାହୀ ରେଳ ଗଡିଥିଲା। ଏହାକୁ ଇତିମଧ୍ୟରେ ପ୍ରାୟ ଦେଢ଼ ବର୍ଷ ହୋଇଛି। ଅଦ୍ୟାବଧି ଯାତ୍ରୀବାହୀ ରେଳ ଗଡିନାହିଁ। ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ରେଳ ଲାଇନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଦୀର୍ଘଦିନ ଧରି ଏହି ପ୍ରକଳ୍ପ ପଡି ରହିବା ପରେ ରେଳପଥ ସମ୍ପୂର୍ଣ୍ଣ ନିର୍ମାଣ ହୋଇଛି। ଏ ନେଇ କଂଗ୍ରେସ ପକ୍ଷରୁ ବିଭାଗୀୟ ମନ୍ତ୍ରୀ, ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଯାତ୍ରୀବାହୀ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତତ୍ପର ହେଉନାହାନ୍ତି। ସେହିପରି ସହରର ମୁର୍ସିଦ ଆଲମ କହିଛନ୍ତି, ଗତ ୨୦୨୦ରେ କରୋନା ସଂକ୍ରମଣ ଆରମ୍ଭ ପରେ ଏହି ଜିଲାକୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଫେରିଥିଲେ। ସେମାନଙ୍କ ଯାତ୍ରାପଥର କଷ୍ଟ ସମ୍ପର୍କରେ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଛି। ଜିଲାରୁ ଏତେ ସଂଖ୍ୟକ କର୍ମଜୀବୀ ବାହାରକୁ ଯାଉଥିବା ବେଳେ ରେଳ ଚଢ଼ିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ଏହି ଜିଲାର କର୍ମଜୀବୀ ରେଳରେ ଚଢ଼ି ବାହାରକୁ ଯିବାକୁ ହେଲେ ନିକଟସ୍ଥ ପାରାଦୀପ, କଟକ ଓ ହରିଦାସପୁର ରେଳ ଷ୍ଟେଶନକୁ ଯିବାକୁ ପଡୁଛି। ତୁରନ୍ତ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ଦାବି କରାଯାଉ ବୋଲି ସେ ମତ ଦେଇଛନ୍ତି। କଂଗ୍ରେସ ନେତା ଗଣେଶ୍ୱର କହିଛନ୍ତି, ଯାତ୍ରୀବାହୀ ରେଳ ଚଳାଚଳ ପାଇଁ କେନ୍ଦ୍ରାପଡ଼ାବାସୀ ଅପେକ୍ଷା କରିଛନ୍ତି। ଓଡ଼ିଶାରୁ ଏମ୍‌ପି ହୋଇ ଯାଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ରେଳମନ୍ତ୍ରୀ ପଦବୀ ମିଳିବା ପରେ କଂଗ୍ରେସ ପକ୍ଷରୁ ଏହି ଦାବିକୁ ତୀବ୍ର କରାଯାଇଛି। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମେଲ ଓ ପ୍ରତ୍ୟକ୍ଷ ଭାବେ ଏହି ରେଳପଥରେ ଯାତ୍ରୀବାହୀ ଚଳାଚଳ ପାଇଁ ଦାବି କରାଯାଇଛି। ଗତ ଅଗଷ୍ଟ ୨୬ରେ ପୂର୍ବତଟ ରେଳପଥ ପରିଚାଳକଙ୍କୁ ଭେଟି ଏ ନେଇ ଦାବିପତ୍ର ଦିଆଯାଇଥିଲା। ଦାବିର ସମୟସୀମା ଅବଧି ପାର ହୋଇଥିବାରୁ ରେଳରୋକୋ ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଛି। ବୁଧବାର ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ରେଳ ଷ୍ଟେଶନରେ ଏହି ରେଳରୋକୋ ହେବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ପିଆରଓ ନିରାକାର ଦାସ କହିଛନ୍ତି, ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ସରିନାହିଁ। ଷ୍ଟେଶନ ଓ ସିଗ୍‌ନାଲ ସିଷ୍ଟମକୁ ଭଲ ଭାବେ ପରୀକ୍ଷା ପରେ ଟ୍ରେନ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଆଳି ବ୍ଲକ ଓଷ୍ଟାର କର୍ମକର୍ତ୍ତା ନିର୍ବାଚନ

ଆଳି,୯।୧୧(ଡି.ଏନ.ଏ.)

ସ୍ଥାନୀୟ ଚଣ୍ଡିଆଗଡି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ଆଳି ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ହୋଇଥିଲା। ଏଥିରେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଓଷ୍ଟାର ପ୍ରାକ୍ତନ ଜିଲା ସମ୍ପାଦକ ତପନ କୁମାର ସିଂ, ଓଷ୍ଟାର ଜିଲା ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ନିର୍ମଳ କୁମାର ନାୟକ ଓ ରବୀନ୍ଦ୍ର କୁମାର ପରିଡ଼ା, ପ୍ରଣବ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଶିକ୍ଷକମାନଙ୍କ ପାଇଁ ଓଷ୍ଟା ସଂଗ୍ରାମ ଚଳାଇଥିବା କହିଥିଲେ। ଏହି ଅବସରରେ ଆଳି ବ୍ଲକ ଓଷ୍ଟାର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ସୁଶାନ୍ତ, ଉପସଭାପତି ବିନୋଦ କୁମାର ଦେ, ରଶ୍ମିତା ସେନାପତି, ସମ୍ପାଦକ ପ୍ରିୟରଞ୍ଜନ ଦାଶ, ଯୁଗ୍ମ ସମ୍ପାଦକ ଶିବ ପ୍ରସାଦ ସାହୁ, ପୁରୁଷୋତ୍ତମ ଦାସ ଓ ସସ୍ମିତା ସେଠୀ ଏବଂ ରାଜ୍ୟ ପରିଷଦର ସଦସ୍ୟ ଭାବେ ଗଙ୍ଗାଧର ଦାସ, ପାର୍ଥସାରଥି ଦାସ ଓ ନିରଞ୍ଜନ ମିଶ୍ର ପ୍ରମୁଖ ଆଗାମୀ ଦିନ ପାଇଁ ନିର୍ବାଚିତ ହୋଇଥିଲେ।

## ୫ ପଞ୍ଚାୟତରେ ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

ରଘୁନାଥପୁର,୯।୧୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ସୋମବାର ରଘୁନାଥପୁର ବ୍ଲକ ଗସ୍ତ କରି ୫ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ସେ ପ୍ରଥମେ ତରିକୁନ୍ଦ ପଞ୍ଚାୟତର ହାଇସ୍କୁଲକୁ ଯାଇ ସ୍ମାର୍ଟ ଶ୍ରେଣୀଗୃହ କାର୍ଯ୍ୟ ଅଗ୍ରଗତି ଦେଖିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ମିଶନଶକ୍ତି ଗୃହ ବୁଲି ଦେଖିଥିଲେ। ଜଇଷୋଳ ପଞ୍ଚାୟତ ଗସ୍ତକରି ଶ୍ମଶାନ ରାସ୍ତା କାର୍ଯ୍ୟ ଓ ଏକ ପୋଖରୀର ସ୍ଥିତି ଅନୁଧ୍ୟାନ କରିଥିଲେ। ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉଥିବା କାର୍ଯ୍ୟ ବୁଲି ଦେଖିଥିଲେ। ସେହିପରି ବରାଗୋଳ, ଜଗନ୍ନାଥପୁର ଓ ରଘୁନାଥପୁର ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଜିଲା ସଂଯୋଜକ ପ୍ରାଚୀ ମିଶ୍ର, ବିଡିଓ ଜିତେନ୍ଦ୍ର କୁମାର ନାୟକ, ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ନୂଆଗାଁ ସମବାୟ ସମିତି ଦୁର୍ନୀତିର ତଦନ୍ତ ସମୟରେ ମହିଳାମାନେ ବାହାରେ ବସି ରହିଛନ୍ତି।

## ନୂଆଗାଁ ସମବାୟ ସମିତି ଦୁର୍ନୀତିର ତଦନ୍ତ

ଆଳି,୯।୧୧(ଡି.ଏନ.ଏ.)

ଆଳି ବ୍ଲକ ନୂଆଗାଁ ସମବାୟ ସମିତିରେ ବିଭିନ୍ନ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର କେନ୍ଦ୍ରାପଡ଼ା ଏଆର୍‌ସିଏସ୍ ଶରତ ପାଣିଗ୍ରାହୀ ଦୁର୍ନୀତିର ତଦନ୍ତ କରିଛନ୍ତି। ସମିତି ଅଧୀନରେ ଥିବା ଶତାଧିକ ଚାଷୀ ସମବାୟରେ ହେଉଥିବା ଦୁର୍ନୀତି ନେଇ ପ୍ରଥମେ ଚାଷୀ ମେଳି କରିଥିଲେ। ପରେ ସେମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଚାଷୀମାନଙ୍କଠାରୁ ଅଭିଯୋଗ ପାଇବା ପରେ ଅକ୍ଟୋବର ୨୮ରେ ଜିଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଆର୍‌ସିଏସ୍ ଉଭୟପକ୍ଷଙ୍କୁ ମଙ୍ଗଳବାର ତଦନ୍ତ କରାଯିବ ବୋଲି ନୋଟିସ କରିଥିଲେ। ସେହିକ୍ରମରେ ଏଆର୍‌ସିଏସ୍ ପାଣିଗ୍ରାହୀଙ୍କ ସହ ଏସ୍‌ଆର୍‌ସିଏସ୍ ମନ୍ମଥ ରାଉତ ଓ ଆଳି ଦାୟିତ୍ୱରେ ଥିବା ଏସ୍‌ଆର୍‌ସିଏସ୍ ଦେବୀ ପ୍ରସନ୍ନ ସ୍ୱାଇଁ ତଦନ୍ତ କରିବାକୁ ନମୌଜାସ୍ଥିତ ନୂଆଗାଁ ସମବାୟରେ ପହଞ୍ଚି ଥିଲେ। ଶତାଧିକ ଅଭିଯୋଗକାରୀ ସେଠାରେ ଉପସ୍ଥିତ ଥିଲା। ପ୍ରତିନିଧି ଭାବେ ଅନାଦି ଜେନା, ବିଶ୍ୱକାନ୍ତ ନନ୍ଦ, ବୃନ୍ଦାବନ ମହାନ୍ତ, ରାଜେନ୍ଦ୍ର ସ୍ୱାଇଁ, ବିଜୟ ମହୀ ତଦନ୍ତରେ ଭାଗ ନେଇଥିଲେ। ସେମାନଙ୍କ ୬ ଦଫା ଅଭିଯୋଗ ଉପରେ ତଦନ୍ତ ହୋଇଥିଲା। ସମବାୟରେ ନିଯୁକ୍ତି ପାଇଥିବା ୪ କର୍ମଚାରୀଙ୍କ କିଛି କାଗଜାତ ଦେଖାଇଥିଲେ। ହେଲେ ସମସ୍ତ କାଗଜପତ୍ର ଦେଖାଇ ନ ପାରି ସମ୍ପାଦକ ରାଜେଶ ମହାନ୍ତି ୭ ଦିନ ସମୟ ମାଗିଥିଲେ। ଭୂତ ଉଠାଉଛି ଧାନ ମଣ୍ଡି ଟଙ୍କା ଅଭିଯୋଗ ଉପରେ ତଦନ୍ତରୁ ଜଣାପଡିଥିଲା। ଜିତେନ୍ଦ୍ର ମହାନ୍ତିଙ୍କ ନାମରେ ଟୋକନ ଆସିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନିୟମ ମୁତାବକ ତାଙ୍କ ନୋମିନ ଥିବା ସ୍ତ୍ରୀ ମଞ୍ଜୁଲତାଙ୍କ ନାମରେ ଜିଲା ଯୋଗାଣ ବିଭାଗ ଅନୁମତି କ୍ରମେ ଧାନ ବିକ୍ରୟ କରାଯାଇ ଏହି ଟଙ୍କା ପ୍ରଦାନ କରାଯାଇଛି। ବାହାର ଜିଲା ଲୋକ ଏହି ସମବାୟରୁ ଋଣ ନେଇଥିବା ଅଭିଯୋଗ ସମ୍ପର୍କରେ ଏଆର୍‌ସିଏସ୍ ପାଣିଗ୍ରାହୀ କହିଥିଲେ, ଯଦିଓ ଆଧାରକାର୍ଡ ଅନ୍ୟ ଜିଲାର ଏହି ପ୍ୟାକ୍ସ ଅଧୀନରେ ଭୋଟର କାର୍ଡ, ଅନ୍ୟ କିଛି କାଗଜପତ୍ର ତାଙ୍କ ନାମରେ ରହିଛି ଓ ସେ ଭାଗଚାଷ କରୁଛନ୍ତି ବୋଲି ପଟ୍ଟା ଦେଖାଇ ଋଣ ନେଇଛନ୍ତି। ଏଭଳି ମାମଲା ହାଇକୋର୍ଟରେ ବିଚାରଧୀନ ଥିବାରୁ ସେ ଏ ସମ୍ପର୍କରେ କିଛି ମତାମତ ଦେଇ ପାରିବେ ନାହିଁ। ଚଳିତବର୍ଷ ଏହି ପ୍ୟାକ୍ସକୁ ୧ କୋଟି ୭୪ ଲକ୍ଷ ୨୭ ହଜାର ୨୨ ଟଙ୍କା କୃଷି ବୀମା ଆସିଥିବା ସୂଚନା ଦେବା ସହ ଅଭିଯୋଗକାରୀଙ୍କୁ ଏହାର ନକଲ ପ୍ରଦାନ କରିଥିଲେ। ଧାନ ମଣ୍ଡି ଅଭିଯୋଗ ଉପରେ ତଥ୍ୟ ଯୋଗାଇ ପାରି ନ ଥିଲେ। ତେଣୁ ତଦନ୍ତ ଅଧିକାରୀ ନିଯୁକ୍ତି ସମ୍ପର୍କିତ ସଭା ବହି(୧୭-୨୧),ଦରମା ବହି(୧୯-୨୧) ଓ ଅନ୍ୟାନ୍ୟ କାଗଜ ପତ୍ର ଜବତ କରି ଅଧିକ ତଦନ୍ତ ପାଇଁ ନେଇଥିଲେ। ତଦନ୍ତ ଚାଲିଥିବା ବେଳେ ବାହାରେ ଓ ଭିତରେ ଉତ୍ତେଜନା ଲାଗି ରହିଥିଲା। ସମ୍ପାଦକ କାଗଜପତ୍ର ଦେବାର ୭ ଦିନ ମଧ୍ୟରେ ଦୁର୍ନୀତିର ବୃତ୍ତାନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଆର୍‌ସିଏସ୍ ପାଣିଗ୍ରାହୀ ସୂଚନା ଦେଇଥିଲେ।

## ମହିଳାଙ୍କ ପାଇଁ ୫୦%ରୁ ଊର୍ଦ୍ଧ୍ୱ ଆସନ ସଂରକ୍ଷିତ

ପାରାଦୀପ, ୯।୧୧(ସ୍ୱ.ପ୍ର.)

**ପାରାଦୀପ ପୌର ନିର୍ବାଚନ ସଂରକ୍ଷଣ ତାଲିକା ପ୍ରକାଶ**

ପାରାଦୀପ ପୌର ନିର୍ବାଚନ ପାଇଁ ମଙ୍ଗଳବାର ଚିଠା ସଂରକ୍ଷଣ ତାଲିକା ଘୋଷଣା କରାଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ସମସ୍ତ ୱାର୍ଡର ତାଲିକା ବଦଳି ଯାଇଛି। ଏଥିରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୧୯ଟି ୱାର୍ଡରୁ ମହିଳାଙ୍କ ପାଇଁ ୧୦ ଓ ପୁରୁଷଙ୍କ ଆସନ ସଂଖ୍ୟା ୯ ରହିଛି। ୧, ୪, ୫, ୬, ୧୧, ୧୨ ନଂ. ୱାର୍ଡସାଧାରଣ ବର୍ଗ, ୨, ୭, ୧୫, ୧୬ ଓ ୧୮ନଂ. ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୮,୯ ଓ ୧୪ ୱାର୍ଡ ପଛୁଆବର୍ଗ ମହିଳା ପାଇଁ ଉଦ୍ଦିଷ୍ଟ ରହିଛି। ୧୩ ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୧୭ ନଂ. ୱାର୍ଡ ଅନୁସୂଚିତ ଜାତିର ମହିଳା, ୧୦ ନଂ. ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ୩ ନଂ. ଓ ୧୯ନଂ. ପଛୁଆବର୍ଗଙ୍କ ସଂରକ୍ଷିତ ରହିଛି । ଏହାବାଦ୍ ୧୯ ଟି ୱାର୍ଡର ସୀମା ନିର୍ଦ୍ଧାରଣ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଉପରେ ଅଭିଯୋଗ କିମ୍ବା ପ୍ରସ୍ତାବ ଥିଲେ ନଭେମ୍ବର ୧୮ ମଧ୍ୟରେ ଜଣାଇବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ତାଲିକା ଘୋଷଣା ପରେ ଅନେକ ଆଶାୟୀଙ୍କ ମଧ୍ୟରେ ଛନକା ପଶିଯାଇଛି। ସରକାରୀ ବିଜ୍ଞପ୍ତିକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଲଗା ଅଲଗା ବୈଠକ ଚାଲିଛି। ଏତଦ୍‌ବ୍ୟତୀତ ପୌରାଧ୍ୟକ୍ଷ ପାଇଁ ସିଧାସଳଖ ନିର୍ବାଚନ ବ୍ୟବସ୍ଥା ଥିବାରୁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ସଂରକ୍ଷଣ ତାଲିକା ୨୦୧୧ ଜନଗଣନା ଅନୁଯାୟୀ ହୋଇଛି। ୬୮, ୩୮୫ ଜନସଂଖ୍ୟା ବିଶିଷ୍ଟ ପାରାଦୀପ ପୌର ପରିଷଦରେ ୧୭ ଏପ୍ରିଲ ୨୦୨୦ରୁ କାଉନ୍‌ସିଲର ଖାଲି ପଡିଛି। ଏବେ ସଂରକ୍ଷଣ ତାଲିକା ଘୋଷଣା ପରେ ନିର୍ବାଚନ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ସ୍ୱାବଲମ୍ବୀ ପାଇଁ ୨୦୨ ଭିନ୍ନକ୍ଷମଙ୍କୁ ଋଣ ପ୍ରଦାନ

ରାଜନଗର/ପଟ୍ଟାମୁଣ୍ଡାଇ, ଡେରାବିଶ,୯।୧୧(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ରାଜନଗର, ପଟ୍ଟାମୁଣ୍ଡାଇ, ଡେରାବିଶ ବ୍ଲକ ଅଞ୍ଚଳର ୨୦୨ଜଣ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କମ୍ ସୁଧରେ ଋଣ ପ୍ରଦାନ କରାଯାଇଛି। ରାଜନଗର ବ୍ଲକ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଋଣ ମେଳାକୁ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ଅଫିସର ରଶ୍ମିରଞ୍ଜନ ଦାଶ ସଂଯୋଜନା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦ ଜଣ ଭିନ୍ନକ୍ଷମଙ୍କୁ ଋଣ ପ୍ରଦାନ କରିଥିଲେ। ଏଥିରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସାମାଜିକ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର ଦାସ, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗ ଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ସାହୁ ଯୋଗଦେଇ ୧୧୫ ଭିନ୍ନକ୍ଷମଙ୍କୁ ଋଣ ପ୍ରଦାନ କରିଥିଲେ। ଋଣମେଳାରେ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗ ଦେଇଥିଲେ। ଏହି ମେଳାକୁ ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦର ସୁନ୍ଦର ସ୍ୱାଇଁ, ସାମାଜିକ ସୁରକ୍ଷା ବିଭାଗ ପିଏ କ୍ଷଣପ୍ରଭା ସ୍ୱାଇଁ, ଆକାଉଣ୍ଟ ଅଫିସର ସସ୍ମିତା ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ଅଧ୍ୟକ୍ଷତାରେ ୨୭ ଭିନ୍ନକ୍ଷମଙ୍କୁ ଋଣ ଦିଆଯାଇଥିଲା। ଏହାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ଦେବୀ, ଚୌଧୁରୀ ଦୀପକ କୁମାର ଓ ପିଏ ମନସ୍ୱିତା ସାହୁ ପରିଚାଳନା କରିଥିଲେ। ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗ ଦେଇଥିଲେ।

## ଶିଶୁପୁତ୍ରକୁ ଅପହରଣ ଅଭିଯୋଗ

ବିରିଡି,୯।୧୧(ଡି.ଏନ.ଏ.)

ବିରିଡି ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରୁ ମଙ୍ଗଳବାର ଅପରାହ୍ନରେ ଜଣେ ଶିଶୁପୁତ୍ରକୁ ଅପହରଣ କରାଯାଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ସେ ହେଲେ ଗ୍ରାମର କହ୍ନେଇ ଲାଲ ଭୋଇଙ୍କ ପୁଅ ସୌମ୍ୟରଞ୍ଜନ(୨)। ସୌମ୍ୟଙ୍କ ମା' ସୁନୁଲତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୨୧୫/୨୧) ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ସୌମ୍ୟ ଅପରାହ୍ନରେ ଘର ନିକଟ ରାସ୍ତା ପାଖରେ ଖେଳୁଥିଲେ। ମାତ୍ର କିଛି ସମୟ ପରେ ତାଙ୍କର ଆଉ ପତ୍ତା ମିଳି ନ ଥିଲା। ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଶିଶୁଟିର କୌଣସି ସୂଚନା ମିଳିପାରି ନ ଥିଲା।

## ନିରାପଦ ସଞ୍ଚୟ ପାଇଁ ସଚେତନତା କାର୍ଯ୍ୟକ୍ରମ

ନାଉଗାଁ,୯।୧୧(ସ୍ୱ.ପ୍ର.)

ସଞ୍ଚୟ ପକ୍ଷ ପାଳନ ଅବସରରେ ନିଜର କଷ୍ଟୋପାର୍ଜିତ ଅର୍ଥର ଠିକ୍ ଓ ସୁରକ୍ଷିତ ବିନିଯୋଗ କରିବା ପାଇଁ ସ୍ୱଳ୍ପ ସଞ୍ଚୟ ସଙ୍ଗଠନ ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ଓଡିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୩୧ ଅକ୍ଟୋବରରୁ ଆରମ୍ଭ ହୋଇଥିବା ବେଳେ ୧୪ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ନାଉଗାଁ ବ୍ଲକରେ ସଞ୍ଚୟ ରଥ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି। ମଙ୍ଗଳବାର ଆର୍ତ୍ତତ୍ରାଣ ବିଦ୍ୟାପୀଠ ଗଜରାଜପୁର ଓ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ରଥ ପହଞ୍ଚିବା ସହ ତାରା ରୋପଣ କରାଯାଇ ଛାତ୍ରୀଛାତ୍ରଙ୍କୁ ନିରାପଦ ସଞ୍ଚୟ ବିଷୟରେ ସଚେତନ କରାଯାଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ କୁମାର ଦାସ ଯୋଗ ଦେଇ ପୋଷ୍ଟ ଅଫିସ କିମ୍ବା ବ୍ୟାଙ୍କରେ ଟଙ୍କା ଜମା ରଖିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାରଦା ପ୍ରସନ୍ନ ସାହୁ, ଦିଲୀପ କୁମାର ପରିଡା, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ଶିବଶଙ୍କର ମହାନ୍ତି ଓ ଜ୍ୟୋତିଷ କୁମାର ବେହୁରା ପ୍ରମୁଖ ଯୋଗଦେଇଥିଲେ।

## ବିହନ ବିଶୋଧନ କାର୍ଯ୍ୟକ୍ରମ

ବିରିଡି,୯।୧୧(ଡି.ଏନ୍.ଏ.)

ବିରିଡି ବ୍ଲକ ଅଧୀନ ଗୋପୀନାଥପୁର ଓ ସଢେଇଶାସନ ପଞ୍ଚାୟତରେ ସୋମବାର ବ୍ଲକ କୃଷି ବିଭାଗ ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ ଏଚ୍‌ଜି) ଦ୍ୱାରା ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ସହକାରୀ କୃଷି ଅଧିକାରିଣୀ ମାନସୀ ମଧୁଭାଷିଣୀ ପଶାୟତ, ଗ୍ରାମ୍ୟ କୃଷି କର୍ମଚାରୀ ଅନୁସ୍ମିତା ସେଠୀ, ବିଟିଏମ ଆଶୁତୋଷ ଲେଙ୍କା, ଗୋପୀନାଥପୁର ଏସ୍‌ଏଚଜି ସମ୍ପାଦିକା ସରୋଜିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀଙ୍କୁ ବିହନ କିପରି ବିଶୋଧନ କରି ଉନ୍ନତ ଶସ୍ୟ ଉତ୍ପାଦନ କରାଯାଇପାରିବ ସେସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ଗଜାନନ ମାର୍କେଟ କମ୍ପ୍ଲେକ୍ସର ୬୨ ଦୋକାନ ସିଲ୍

ପଟ୍ଟାମୁଣ୍ଡାଇ,୯।୧୧(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ପକ୍ଷରୁ ମାଜିଷ୍ଟ୍ରେଟ ଓ ପୋଲିସ ଫୋର୍ସ ସହ ମଙ୍ଗଳବାର ପଟ୍ଟାମୁଣ୍ଡାଇ ଗଜାନନ ମାର୍କେଟ କମ୍ପ୍ଲେକ୍ସ୬୨ ଦୋକାନ ଘରକୁ ସିଲ୍ କରାଯାଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଓଏସ୍‌ଆର୍‌ଟିସିର ଦୋକାନ ଘର ଚୁକ୍ତିକୁ ନେଇ ମାଲିକ ଓ ଦୋକାନୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି। ୨ ଦୋକନକୁ ଛାଡି ଦେଲେ ଅନ୍ୟ ଘର ମାଲିକ ଓ ଦୋକାନୀ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷଙ୍କ ସହ ବୁଝାମଣା କରି ନ ଥିଲେ। ୬ ମାସ ପରେ କମ୍ପ୍ଲେକ୍ସରେ ଥିବା ୬୨ଟି ଦୋକାନ, ଗୋଟିଏ ଜାତୀୟକରଣ ବ୍ୟାଙ୍କ, ୨ ଘରୋଇକରଣ ବ୍ୟାଙ୍କ ଓ ୭ଟି ଫାଇନାନ୍ସ ସଂସ୍ଥା ସମେତ ୩ଟି ଏଟିଏମ୍‌କୁ ସିଲ୍ କରାଯାଇଛି। ଏଥିରେ ଓଏସ୍‌ଆର୍‌ଟିସିର ସାଧାରଣ ପରିଚାଳକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଜେନ୍ଦ୍ର ପୂଜାରୀ ଓ ଇନ୍ଦୁମତୀ ନାୟକ, ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଓମପ୍ରକାଶ ମହାନ୍ତି, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଇଆଇସି ତପନ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କୁ ଉତ୍ତମ ପରିବହନ ସେବା ଯୋଗାଇ ଦେବାକୁ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୯୭୨ରେ ରାଜ୍ୟ ସରକାର ଜଳସମ୍ପଦ ବିଭାଗ ଅଧୀନରେ ଥିବା ୨ ଏକର ଜାଗା ଓଏସ୍‌ଆର୍‌ଟିସିକୁ ଦେଇଥିଲେ। ପରେ ସରକାରୀ ବସ୍ ଚଳାଚଳ ବନ୍ଦ ହେବାରୁ ବସ୍‌ଷ୍ଟାଣ୍ଡଟି ଜରାଜୀର୍ଣ୍ଣ ହୋଇପଡିଥିଲା। ବସ୍‌ଷ୍ଟାଣ୍ଡ ଉନ୍ନତୀକରଣ ପାଇଁ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ୨୦୦୭ରେ ଦେଢ ଏକର ଜମିକୁ ୩୩ ବର୍ଷ ପାଇଁ ଲିଜ୍ ସୂତ୍ରରେ ଏକ ଘରୋଇ ସଂସ୍ଥାକୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଦେଇଥିଲେ। ଉକ୍ତ ସଂସ୍ଥା ଜମିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଦୋକାନ ଘରଗୁଡିକୁ ଲିଜ ସୂତ୍ରରେ ଲୋକମାନଙ୍କୁ ପ୍ରଦାନ କରିଥିଲା। ମାତ୍ର ସରକାରୀ ଚୁକ୍ତି ଖିଲାପ ଅଭିଯୋଗରେ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାର ଲିଜ୍ ବାତିଲ କରି ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇ ସାଇନବୋର୍ଡ ଲଗାଇଥିଲା। ପରେ ଘରୋଇ ନିର୍ମାଣକାରୀ ସଂସ୍ଥାଠାରୁ ଲିଜ୍ ନେଇଥିବା ଦୋକାନ ଘର ମାଲିକମାନେ ଏ ସମ୍ପର୍କରେ କୋର୍ଟରେ ମକଦ୍ଦମା କରିଥିଲେ।



ଦୋକାନ ସିଲ୍ ସମୟରେ ପୋଲିସ ସହ ଦୋକାନୀମାନେ ଆଲୋଚନା କରୁଛନ୍ତି।

## ମରାମତି ଅଭାବରୁ ରାସ୍ତା ଶୋଚନୀୟ

ନାଉଗାଁ,୯।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଛକରୁ ତିହୁଡାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡିଛି। ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତାର ତିହୁଡାଠାରୁ ଅଧା କିମି ପର୍ଯ୍ୟନ୍ତ ମରାମତି କରାଯାଇଛି। ମାତ୍ର ବାକି ରାସ୍ତା ଏବେବି ଖରାପ ରହିଛି।

୨ କିଲୋମିଟର ଲମ୍ବ ଏହି ରାସ୍ତା ପଞ୍ଚାୟତ ଅଧୀନରେ ରହିଛି। ରାସ୍ତା ପାର୍ଶ୍ୱରେ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ଜ୍ୟୋତି ମହାସଂଘ କାର୍ଯ୍ୟାଳୟ ଓ ସରସ୍ୱତୀ ଶିଶୁ ମନ୍ଦିର ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ ଲୋକଙ୍କ ବାସଗୃହ ଓ ଚାଷ ଜମି ମଧ୍ୟ ରହିଛି। ବିଗତ ଦିନରେ ଲଗାଣ ବର୍ଷାରେ ଏହି ଜମିରୁ ପାଣି ନିଷ୍କାସନ ପାଇଁ ରାସ୍ତାର ବିଭିନ୍ନ ସ୍ଥାନ ଖୋଲି ଦିଆଯାଇଛି। ମାତ୍ର ପାଣି ନିଷ୍କାସନ ପରେ ଏହାକୁ ମରାମତି କରାଯାଇନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଉପରକୁ ଗୋଡି ଉଠି ଆସିଛି।


ନାଉଗାଁ ବ୍ଲକ ଛକରୁ ତିହୁଡାକୁ ସଂଯୋଗ କରୁଥିବା ରାସ୍ତା।

ଫଳରେ ଖାଲି ପାଦରେ ଏହି ବାଟଦେଇ ଯିବା କଷ୍ଟକର ହୋଇଯାଉଛି। ରାସ୍ତା ପାର୍ଶ୍ୱରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାରୁ ପଞ୍ଚାୟତ ଲୋକେ ବିଭନ୍ନ କାର୍ଯ୍ୟରେ ଏହି ବାଟ ଦେଇ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତା ଅବସ୍ଥା ଖରାପ ଥିବାରୁ ଅନେକ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ପିଲାମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ବାରମ୍ବାର ସାଇକେଲ୍‌ରୁ ପଡ଼ି ଖଣ୍ଡିଆଖାବରା ହୁଅନ୍ତି। ଫଳରେ ଏହି ବାଟଦେଇ ଯାତୟାତ କରିବାକୁ ସେମାନେ ଭୟ କରିଥାନ୍ତି। ରାସ୍ତା କାର୍ଯ୍ୟ ପାଇଁ ବିଧାୟକ ଉନ୍ନୟନ ପାଣ୍ଠି, ରାଜ୍ୟ ସଭା ସାଂସଦ ପାଣ୍ଠି ଓ ଅମ୍ଫନ ବାତ୍ୟା ସମୟରେ କ୍ଷୟକ୍ଷତି ନିମନ୍ତେ ଅନୁଦାନ ମିଳିଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତା ମରାମତି ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କୁହନ୍ତି, ପର୍ଯ୍ୟାୟକ୍ରମେ ଅନୁଦାନ ପ୍ରଦାନ ଦିଆଯାଇ ରାସ୍ତା ମରାମତି କରାଯାଉଛି। ଆଉ ଅଳ୍ପ କିଛି ବାକି ରହିଛି ସେ କାର୍ଯ୍ୟ ଯଥାଶୀଘ୍ର କରାଯିବ।

## ସଂକ୍ଷେପରେ

### ବୃଦ୍ଧାଙ୍କ ଆତ୍ମହତ୍ୟା

ବାଲିଚନ୍ଦ୍ରପୁର,୯।୧୧(ସ୍ୱ.ପ୍ର.): ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ କଡ଼ ପତରାଜପୁର ଛକର ବଗୁଡ଼ାବା ସାମ୍ନାରେ ଥିବା ନିଜ ଜଳଖିଆ ଦୋକାନରେ ଜଣେ ବୃଦ୍ଧା ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ କଟକ ସଦର ଥାନା ଅଧୀନ ଗୋପାଳପୁର ଗ୍ରାମର କମଳା ମିଶ୍ର(୭୦)। କମଳା ତାଙ୍କ ପରିବାର ସହ ଆସି ୨୦ ବର୍ଷ ହେବ ବାଲିଚନ୍ଦ୍ରପୁର ଥାନା ଅଧୀନ ପତରାଜପୁର ଗ୍ରାମରେ ଏକ ଭଡ଼ା ଘରେ ରହୁଥିଲେ। ଜାତୀୟ ରାଜପଥ କଡ଼ରେ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ମଙ୍ଗଳବାର ସକାଳୁ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ବୃଦ୍ଧାଙ୍କ ପୁଅ ଏନେଇ ଥାନାରେ ଲିଖିତ ଭାବେ ଜଣାଇଛନ୍ତି ଯେ, ତାଙ୍କ ମା' ମାନସିକ ଭାରସାମ୍ୟ ହରାଇ ଏପରି କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ହିମାଂଶୁ ସ୍ୱାଇଁ ସୂଚନା ଦେଇଛନ୍ତି।

### କାଜୁ ଗଛ କଟାକୁ ନେଇ ମାରପିଟ୍, ୪ ଆହତ

ରସୁଲପୁର,୯।୧୧(ଡି.ଏନ.ଏ.): କାଜୁ ଗଛ କଟାକୁ ନେଇ କୁଆଖିଆ ଥାନା ଜାବରା ପଞ୍ଚାୟତର ବୀରେନ ପାଲ ଓ ବୀନୋଦ ପାଲ ପରିବାର ମଧ୍ୟରେ ମାରପିଟ ହୋଇଛି। ଉକ୍ତ ଗଣ୍ଡଗୋଳରେ ବିରେନ, ତାଙ୍କ ପୁଅ ରାଜେନ୍ଦ୍ର ଓ ସ୍ତ୍ରୀ ଶୋଭାଷିନୀ ଆହତ ହୋଇଥିବା ବେଳେ ବିନୋଦଙ୍କ ପକ୍ଷରୁ ତାଙ୍କ ସ୍ତ୍ରୀ କୌଶଲ୍ୟା ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ବୀରେନଙ୍କ ପୁଅ ରାଜେନ୍ଦ୍ରଙ୍କ ଅଭିଯୋଗ ଅଧାରରେ ମାମଲା ନଂ.୩୮୫/୨୧ ଓ କୌଶଲ୍ୟାଙ୍କ ଅଭିଯୋଗ ଆଧାରରେ ମାମଲା ନଂ.୩୮୬/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିନୋଦଙ୍କ ପରିବାର ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ହଣାକଟା କରି ବୀରେନଙ୍କ ପରିବାର ଲୋକଙ୍କୁ ଆହତ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସମାନ ଅଭିଯୋଗ ବିନୋଦଙ୍କ ପରିବାର ପକ୍ଷରୁ କରାଯାଇଛି।

### ମା,ବାପାଙ୍କୁ ମାଡ଼ମାରିବା ଘଟଣା, ଆଉଜଣେ ଗିରଫ

ରସୁଲପୁର,୯।୧୧(ଡି.ଏନ.ଏ.): କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମରେ ମା,ବାପାଙ୍କୁ ମାଡ଼ମାରିବା ଘଟଣାରେ ଆଉ ଜଣେ ପୁଅ ଗିରଫ ହୋଇଛନ୍ତି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଶ୍ରୀକାନ୍ତ ମଲ୍ଲିକ। ଘଟଣାରେ ସମ୍ପୃକ୍ତ ୨ ପୁଅଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା। ଘଟଣାରେ ୫ଜଣ ପୁଅ ସାମିଲ ଥିଲେ ବୋଲି ଅଭିଯୋଗ ହୋଇଥିଲା। ପୋଲିସ ୩ଜଣ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ଆଉ ୨ଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ୫୦ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ଧର୍ମଶାଳା,୯।୧୧ (ଡି.ଏନ.ଏ.): ଧର୍ମଶାଳା ନିର୍ବାଚନମଣ୍ଡଳୀ ପଟୁଣିଆ ପଞ୍ଚାୟତର ୫୦ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ଜାରକା କାର୍ଯ୍ୟାଳୟଠାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ସୁଶାନ୍ତ ନାୟକ, ବିକାଶ ଦଳେଇ, ଅନିଲ ସାମନ୍ତରାୟ, ଗଣେଶ୍ୱର ବଳ, ବିଜୟ ବଳ, ବିଦ୍ୟାଧର ଦଳେଇ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ସଭାପତି ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଯାଜପୁର ବ୍ଲକ ଅଫିସ ଘେରିଲା ଯୁବ ଭାଜପା

ଯାଜପୁର ଟାଉନ/ଯାଜପୁର ସଦର, ୯।୧୧(ଡି.ଏନ.ଏ.): ଭାଜପା ଯୁବମୋର୍ଚ୍ଚା ଯାଜପୁର ବ୍ଲକ୍ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରିଛି। ଯୁବମୋର୍ଚ୍ଚା ସମ୍ପାଦକ ହୃଷିକେଶ ମେକାପଙ୍କ ନେତୃତ୍ୱରେ ବହୁ ଯୁବକର୍ମୀ ବ୍ଲକ ସମ୍ମୁଖରେ ଏକତ୍ରିତ ହୋଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆନ୍ଦୋଳନକାରୀ ରାଜ୍ୟସରକାରଙ୍କୁ ସମାଲୋଚନା କରିବା ସହ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାଜ୍ୟ ସଂଯୋଜକ ସଂଗ୍ରାମ ପାତ୍ର, ଆଶୁତୋଷ ବେହେରା, ବିଶ୍ୱଜିତ୍ ବରାଳ, ଦିପ୍ତୀରେଖା ମିଶ୍ର, ହୃଶିକେଷ ପରିଡ଼ା, ମନ୍ମଥ ବରାଳ, ଜିତାମିତ୍ର ଦାଶ, ଦିଜନ ବେହେରା, ସୁରେଶ ରାଉତ ପ୍ରମୁଖ ବହୁ ଯୁବକର୍ମୀ ସାମିଲ ହୋଇଥିଲେ।

# ବ୍ୟାସନଗର ମ୍ୟୁନିସିପାଲିଟି ୱାର୍ଡ ପୁନର୍ଗଠିତ

## ୧୩ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ

ଯାଜପୁର ଅଫିସ,୯।୧୧

୨୬ ୱାର୍ଡ ବିଶିଷ୍ଟ ବ୍ୟାସନଗର ମ୍ୟୁନିସିପାଲିଟିରେ ପଛୁଆବର୍ଗଙ୍କ ପାଇଁ ୭ଟି ୱାର୍ଡ ସଂରକ୍ଷିତ ରହିଥିବାବେଳେ ସେଥିରୁ ୪ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ୩ଟି ୱାର୍ଡରୁ ୨ ମହିଳା ଓ ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ସଂରକ୍ଷିତ ୩ଟି ୱାର୍ଡରୁ ୨ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୫ଟି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୮ଟି ୱାର୍ଡ ଅଣସଂରକ୍ଷିତ ରହିଥିବା ସଂକ୍ରାନ୍ତରେ ଯାଜପୁର ଜିଲାପାଳ ମଙ୍ଗଳବାର ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ଏଥିରେ ଯଦି କୌଣସି ବିରୋଧ କିମ୍ବା ପ୍ରସ୍ତାବ ରହିଥାଏ, ୧୦ ଦିନ ମଧ୍ୟରେ ଆବେଦନ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ମ୍ୟୁନିସିପାଲିଟି ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ବିଜ୍ଞପ୍ତିରୁ ପ୍ରକାଶ, ଯୋଡ଼ାବର, ଗଳି ରୋଡ, ଫେରୋକ୍ରୋମ ପ୍ଲାଣ୍ଟ ଅଫିସର କଲୋନୀ, ସିକ୍ୟୁରିଟି ବ୍ୟାରେକ୍, ଚୌଷଠିପଡା କଲୋନୀ ଓ ଆଖଣ୍ଡଳମଣି ଛକ ଅଞ୍ଚଳକୁ ନେଇ ଗଠିତ ୧ ନମ୍ବର ୱାର୍ଡ ଏବଂ ଫେରୋକ୍ରୋମ ପ୍ଲାଣ୍ଟ ଷ୍ଟାଫ୍ କଲୋନୀ, ପନାସିଆର ବାଙ୍କିସାହିଠାରୁ ପାଦୁକା ଆଶ୍ରମ ଓ ଅଫିସର କଲୋନୀ ୨ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଛି। ଫେରୋକ୍ରୋମ ପ୍ଲାଣ୍ଟ ଗେଟରୁ ମାଝିସାହି ଏବଂ ସାପଗଡିଆଠାରୁ ବଙ୍ଗାଳି ସାହି ୩ ନମ୍ବର ୱାର୍ଡ ପଛୁଆବର୍ଗ (ମହିଳା), ଆଖଣ୍ଡଳମଣି ଛକଠାରୁ ରୁବେର ଫେକ୍ଟୋରି, ଲକ୍ଷ୍ମୀବଜାର ଓ ଓଏମ୍ସି କଲୋନୀକୁ ନେଇ ଗଠିତ ୪ ନମ୍ବର ୱାର୍ଡ ତଫସିଲଭୁକ୍ତ ଜନଜାତି (ମହିଳା), ସାତକଣିଆ, ରମ୍ପାସ ଗ୍ରାମ ଓ ଯୋଗୀସାହିକୁ ନେଇ ଗଠିତ ୫ ନମ୍ବର ୱାର୍ଡ ଅଣସଂରକ୍ଷିତ, ମାଲିସାହି, ଜେସିସିଟି ଅଫିସ, ସୋବରା ପୋଷ୍ଟ ଅଫିସ, ନେସ୍କୋ ଷ୍ଟୋର ରୋଡ଼ଠାରୁ ଖୋସଲପୁର ଏବଂ କୁସୁନପୁର ଗ୍ରାମର ପ୍ରାଥମିକ ସ୍କୁଲ ଓ ଧବଳଗିରି ହାଇସ୍କୁଲ କଲୋନୀକୁ ନେଇ ଗଠିତ ୬ ନମ୍ବର ୱାର୍ଡ ତଫସିଲଭୁକ୍ତ ଜାତି ମହିଳା, ପାଇକରାପୁର, ସୋବରା, ଜାବରା, ଆମ୍ବେଦକର କଲୋନୀ ଏବଂ ଟିଟିଏସ୍ କଲୋନୀକୁ ନେଇ ଗଠିତ ୭ ନମ୍ବର ୱାର୍ଡ ପଛୁଆବର୍ଗ, କୋର୍ଟଛକ ଠାରୁ କାଚହୁଡି ଗ୍ରାମ ଏବଂ ଡିଡିଏମ୍ କଲୋନୀ, ଲାବରେଟୋରି କଲୋନୀ, ଭିଏନ୍ କଲେଜ କ୍ୟାମ୍ପସ, ସେଣ୍ଟ୍ରାଲ ୱାରହାଉସ୍ କଲୋନୀ ୮ ନମ୍ବର ୱାର୍ଡ ପଛୁଆବର୍ଗ, ଚୋର୍ଦ୍ଦାଛକଠାରୁ ଶିଶୁ ମନ୍ଦିର, ଚୋର୍ଦ୍ଦାଛକଠାରୁ କହ୍ନେଇପୁର ଶିବ ମନ୍ଦିର ରୋଡର ଉଭୟ ପାର୍ଶ୍ୱ ୯ ନମ୍ବର ୱାର୍ଡ ପଛୁଆବର୍ଗ (ମହିଳା), କାଚହୁଡିଠାରୁ ସେଣ୍ଟମେରୀ ସ୍କୁଲ, ହିଙ୍ଗୁଳା ଛକଠାରୁ ଚାନ୍ଦମା ଛକ ୧୦ ନମ୍ବର ୱାର୍ଡ ମହିଳା, ଚାନ୍ଦମା ଗ୍ରାମର ଉଭୟ ପାର୍ଶ୍ୱ ରାସ୍ତା ୧୧ ନମ୍ବର ୱାର୍ଡ ମହିଳା, ଦାଣ୍ଡିକିରି, ଭାଟିଆ ଓ ନହକା ଗ୍ରାମ ରୋଡର ଉଭୟ ପାର୍ଶ୍ୱ ଅଞ୍ଚଳ ୧୨ ନମ୍ବର ତଫସିଲଭୁକ୍ତ ଜାତି (ମହିଳା), ରେଳୱେ କଲୋନୀର ଦକ୍ଷିଣ ଓ ପୂର୍ବ କ୍ରସିଂ, ବସଷ୍ଟାଣ୍ଡ ବାଇପାସଠାରୁ ମିଶ୍ରିଲାଲ ପେଟ୍ରୋଲ ପମ୍ପ ଏବଂ ଗୋପବନ୍ଧୁ ଛକ, ମହିପାଳ କଲୋନୀ ରାଇସ୍‌ମିଲ, ଆଦିବାସୀ ସାହି, ନୂତନ ଗୋପବନ୍ଧୁ ନଗର ୧୩ ନମ୍ବର ୱାର୍ଡ ଅଣସଂରକ୍ଷିତ, ଚୋର୍ଦ୍ଦା ଗ୍ରାମଠାରୁ ପୁରୁଣା ପୋଷ୍ଟ ଅଫିସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଡ. ପି. ନାୟକ ରାସ୍ତାର ଅଜୟ ମଲିକ ଘରଠାରୁ ବୈଷ୍ଣବ ଜେନା ଘର ୧୪ ନମ୍ବର ୱାର୍ଡ ତଫସିଲଭୁକ୍ତ ଜାତି, ସେଣ୍ଟ୍ରାଲ ୱେରହାଉସ ଛକଠାରୁ ମିଶ୍ରିଲାଲ ପେଟ୍ରୋଲ ପମ୍ପ, ପ୍ରିୟଦର୍ଶିନୀ ରୋଡ, କଣ୍ଟିଗଡିଆ, ହରିଜନ ସାହି, ମିଶ୍ରିଲାଲ ପେଟ୍ରୋଲ ପମ୍ପ ଦକ୍ଷିଣ ପାର୍ଶ୍ୱ ଏବଂ ଚୋର୍ଦ୍ଦା-ଢୁବୁରୀ ରାସ୍ତା ୧୫ ନମ୍ବର ୱାର୍ଡ ପଛୁଆବର୍ଗ (ମହିଳା), ବସଷ୍ଟାଣ୍ଡଠାରୁ ସିଆଇ ଅଫିସ ସମ୍ମୁଖ ରାସ୍ତା ସହ ଉମାପଡାଠାରୁ ହାଉସିଂ ବୋର୍ଡ କଲୋନୀ ଓ ନୀଳାଦ୍ରି ବିହାର ୧୬ ନମ୍ବର ୱାର୍ଡ ଅଣସଂରକ୍ଷିତ, ପୋଲିସ ସିଆଇ ଅଫିସ ସମ୍ମୁଖ ରାସ୍ତାଠାରୁ ସାପଗଡିଆ ଛକ, ସାପଗଡିଆ ଛକ(ପଦମପୁର) ଏବଂ ମୁଖିସାହି ସହ ସାପଗଡିଆ ଗ୍ରାମ, ସାହାରାସାହି, ଗାୟତ୍ରୀ ବିହାର, ବ୍ୟାଙ୍କ କଲୋନୀ ୧୭ ନଂ.ୱାର୍ଡ ମହିଳା, ମହତାବନଗର କଲୋନୀ, ନିଉ ମାର୍କେଟ ଛକ, ଗୋଶାଳା ଛକ ଏବଂ ତାରିଣୀ ମାର୍କେଟ ଛକଠାରୁ ଗଣେଶ ବଜାର ଏବଂ ସାଇ ମନ୍ଦିର, ମେଡିକାଲ କ୍ୟାମ୍ପସ, ଏନ୍‌ସି ହାଇସ୍କୁଲ ୧୮ ନଂ. ୱାର୍ଡ ମହିଳା, ନିଉ ମାର୍କେଟ ଛକଠାରୁ ବିକଳ ରାଉସ ଗୋଦାମ ଛକ, ଏସ୍‌ବିଆଇ ଛକ, ଡାକବଙ୍ଗଳା, ସାହୁ ମାର୍କେଟ, ମେଟୁଆଣି ହୁଡା, ପୃଷ୍ଟି କଲୋନୀ ଏବଂ ନୃସିଂହ ପରିଡା କଲୋନୀ ୧୯ ନମ୍ବର ଅଣସଂରକ୍ଷିତ, ଡାକବଙ୍ଗଳା ଛକଠାରୁ ଦଳା ଗ୍ରାମ ସହ ଅହମଦ ନଗର ଓ ୨୧୫ ଏନ୍ଏଚ୍‌ର ଉତ୍ତର ପାର୍ଶ୍ୱ ୨୦ ନମ୍ବର ଅଣସଂରକ୍ଷିତ, ଏସ୍‌ବିଆଇ ଛକଠାରୁ ଇନ୍ଦିରା ମହିଳା କଲେଜ, ସନ୍ତରା, ପୁରୁଷୋତ୍ତମ ପରିଡା ନିଉ ବିଲ୍ଡିଂ ଠାରୁ ନୀଳମଣି ସାମଲ ଘର ୨୧ ନମ୍ବର ମହିଳା, ସିଂଗଡିଆ ପୋଖରୀ (ନଟପଡା ଛକଠାରୁ ନିଉ ମାର୍କେଟ ମହାଦେବ ମନ୍ଦିର, ଝିଟିଆସାହି, ନୀଳକଣ୍ଠେଶ୍ୱର ମନ୍ଦିର ଓ କଲୋନୀ ୨୨ ନମ୍ବର ପଛୁଆବର୍ଗ (ମହିଳା), ବହଳିଆସାହି ଠାରୁ ବୀଣାପାଣି ସାହି, ମହନ୍ତସାହି ଓ କୋପଣ୍ଡଠାରୁ ନିମାଇଁ ଚରଣ ନାୟକ ଘର, ଥନାପତି ମନ୍ଦିର ନିକଟ ହରିଜନ ସାହି ୨୩ ନଂ ଅଣସଂରକ୍ଷିତ, କୋପଣ୍ଡ ଛକଠାରୁ ମୁଣ୍ଡୋମାଳ ଛକ, ସରୋବର ଛକ ଠାରୁ ବୀରମିତ୍ରପୁର ୨୪ନଂ. ପଛୁଆବର୍ଗ, ଗୋଶାଳା ଛକଠାରୁ ଶିଶୁ ମନ୍ଦିର ପଛପାର୍ଶ୍ୱ, ଟିନା ହଟିଂ, ମାଝିସାହି, ରିଫ୍ୟୁଜି କଲୋନୀ, ଗୋଶାଳା ଓ କୋପଣ୍ଡ ହରିଜନ ସାହିଠାରୁ କୋପଣ୍ଡ ଛକ, ବ୍ୟାସଦେବ ରାଘବ ମନ୍ଦିର, ଲେପ୍ରୋସି କଲୋନୀ, ପୁରୁଣା ଟାଟା ପ୍ଲଟ ଆଦିବାସୀ ସାହି ୨୫ ନମ୍ବର ତଫସିଲଭୁକ୍ତ ଜନଜାତି ଏବଂ ଖଣ୍ଡହତା, ଜଗନ୍ନାଥ ଆଦିବାସୀସାହି, ଅରବିନ୍ଦ ସ୍କୁଲଠାରୁ ଶିଶୁ ମନ୍ଦିର ପଛ ପାର୍ଶ୍ୱ ଛକ, ଜଗନ୍ନାଥ ମନ୍ଦିର, ଡମସାହି, କେଳସାହି, ଉଡ଼ିସାହି, ସଲିଲସିଲ କଲୋନୀ ୨୬ନଂ ୱାର୍ଡ ତଫସିଲଭୁକ୍ତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି ।

## ପୋଖରୀରେ ବୁଡ଼ି ନାବାଳକ ମୃତ

କଳିଙ୍ଗନଗର, ୯।୧୧( ଡି.ଏନ୍.ଏ.)

କଳିଙ୍ଗନଗର ଥାନା ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତ ସୁଲିଆଗାଁରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ଘାସିରାମ ମହାନ୍ତଙ୍କ ପୁଅ ବିଶ୍ୱଜିତ୍ (୧୦) । ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୦୨୧) ରୁଜୁ କରିଛି । ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଶ୍ୱଜିତ୍ ପୋଖରୀରେ ଗାଧୋଉଥିବା ସମୟରେ ହଠାତ୍ ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ବିଶ୍ୱଜିତ୍‌ଙ୍କ ମୃତ୍ୟୁ ଘଟି ସାରିଥିଲା ।

## ଜାରକା ଅଞ୍ଚଳରେ ବଢୁଛି ଚୋରି

ଧର୍ମଶାଳା,୯।୧୧(ଡି.ଏନ.ଏ.)

ଧର୍ମଶାଳା ଥାନା ଅଧୀନ ଜାରକା ନିକଟସ୍ଥ ଜାମୁବଣିଆ ଓ କୁମାରୀ ଗ୍ରାମରେ ଦୁଇଦିନ ମଧ୍ୟରେ ଲଗାତାର ୫ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁଇ ଦିନ ତଳେ ଜାମୁବଣିଆ ଗ୍ରାମରେ ରହୁଥିବା ଜଣେ ପୋଲିସ କର୍ମଚାରୀ ଓ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘର ଗ୍ରୀଲ ତାଡ଼ି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଆସବାବପତ୍ର ଚୋରି ହୋଇଥିଲା। ସେହିପରି କୁମାରୀ ଗ୍ରାମରେ ରହୁଥିବା ଶିକ୍ଷୟିତ୍ରୀ କବିତା ସାମଲ ପରିବାର ସହ ସୋମବାର ଅନୁପସ୍ଥିତ ଥିବା ବେଳେ ଦିନ ବେଳା ଦୁର୍ବୃତ୍ତ ଗ୍ରୀଲ କାଟି ଘରେ କଳାକନା ବୁଲାଇ ଦେଇଛନ୍ତି। ସେହିପରି ଏହି ଗ୍ରାମରେ ରହୁଥିବା ଖନ୍ତାପଡ଼ା ଥାନାର ଜଣେ ପୋଲିସ କର୍ମଚାରୀ ବିଶ୍ୱନାଥ ପଣ୍ଡା ଏବଂ ତାଙ୍କ ଘରେ ଭଡ଼ାରେ ରହୁଥିବା ଫାଇନାନ୍ସ କମ୍ପାନୀ କର୍ମଚାରୀ ଦେବାଶିଷ ପାଣି ଘରେ ଅନୁପସ୍ଥିତ ଥିବା ବେଳେ ତାଙ୍କ ଝରକା ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ସୁନା, ରୁପା ଆଦି ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଜାରକା ଓ କୁମାରୀ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ନେଇ ଲୋକେ ଆତଙ୍କିତ ହୋଇ ପିଡ଼ୁଛନ୍ତି। ଦୁର୍ବୃତ୍ତ ଦିନ ଦ୍ୱିପ୍ରହରରେ ଏଭଳି ଲୁଟ କରୁଥିବାରୁ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ତେଣୁ ପୋଲିସ ପାଟ୍ରୋଲିଂ କାଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବରୀ ମାଟିରେ ଜନ୍ମ ହେବା ସୌଭାଗ୍ୟ

ବରୀ,୯।୧୧(ଡି.ଏନ.ଏ.)



କଳିଙ୍ଗ କେଶରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ କଳାର ମାଟି। ଏଇ ମାଟିରେ ଜନ୍ମ ହେବା ମୋ ପାଇଁ ବଡ଼ ସୌଭାଗ୍ୟ। କଳା ନିର୍ଦ୍ଦେଶନା କ୍ଷେତ୍ରରେ ମୋର ମା'ବାପା ହିଁ ଆଦ୍ୟ ଗୁରୁ। ୨୦୧୯ ପାଇଁ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠକଳା ନିର୍ଦ୍ଦେଶକ ଭାବେ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ବରୀ ବ୍ଲକ ଅଞ୍ଚଳର କଳିଙ୍ଗ କେଶରୀ ନାୟକ ଏକ ସମ୍ବର୍ଦ୍ଧନା ସଭାରେ ଏକଥା ପ୍ରକାଶ କରିଛନ୍ତି। ବରୀ ବ୍ଲକ ରତ୍ନଗିରି ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ରାଉତ ସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଳିଙ୍ଗ କେଶରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ସେଠୀ ସଭାପତିତ୍ୱ କରିଥିଲେ। ଅତିଥିଭାବେ ସଚ୍ଚିକାନ୍ତ ମିଶ୍ର, ଯୁଗଳ କିଶୋର ନାୟକ, ତାରାକାନ୍ତ ମଲ୍ଲିକ, ସୁରେନ୍ଦ୍ର ସାହୁ, ଅଜୟ ପରିଡ଼ା ପ୍ରମୁଖ ଯୋଗଦେଇ କଳିଙ୍ଗଙ୍କ ସଫଳତା ଅଞ୍ଚଳକୁ ଗର୍ବିତ କରିଛି ବୋଲି କହିଥିଲେ। ସଞ୍ଜୟ କୁମାର ପରିଡ଼ା ଅତିଥି ପରିଚୟ ଦେଇଥିବା ବେଳେ ସୁଶାନ୍ତ କୁମାର ବେହୁରା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଓ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ପୃଥକ ଭାବେ କଳିଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରାଇବା କ୍ଷେତ୍ରରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ୬ ଜଣଙ୍କ ନାମରେ ହତ୍ୟା ମାମଲା

## କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)

ବଡ଼ଚଣା ଥାନା ଅଧୀନ ଚଣ୍ଡିଖୋଲସ୍ଥିତ ଏକ ଘରୋଇ କଲେଜ ଛାତ୍ରୀ ନିବାସରେ ଜଣେ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ୬ଜଣଙ୍କ ନାମରେ ଦଫା ୩୦୨ ଓ ୩୪ ଆଇପିସିରେ ହତ୍ୟା ମାମଲା ନଂ. ୪୧୯/୨୧ ରୁଜୁ କରିଛି। ହେଲେ ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରି ପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲେ ମଧ୍ୟ ପୋଲିସ ଏହାକୁ ପୁନଃ ସମୀକ୍ଷା ନିମନ୍ତେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନୁରୋଧ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଥାଉକି, ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ାସ୍ଥିତ ଘରୋଇ କଲେଜର ଯୁକ୍ତ ଦୁଇ ଶେଷ ବର୍ଷ ଛାତ୍ରୀ ସ୍ମୃତିଶ୍ରୀ ଦାସ(୧୮) ଗତ ୩ ତାରିଖରେ ଆତ୍ମହତ୍ୟା କରିଥିବା ନେଇ କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ତେବେ ମୃତ ଛାତ୍ରୀଙ୍କ ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, କଲେଜ ଅଧ୍ୟାପକ ଶଶିକାନ୍ତ ସାହୁ ଓ ପ୍ରଶାନ୍ତ ମୁଦୁଲିଙ୍କ ସମେତ କେତେଜଣ ସହପାଠୀଙ୍କ ନିର୍ଯାତନା ଯୋଗୁ ଝିଅର ମୃତ୍ୟୁଘଟିଛି। ମୃତ ଛାତ୍ରୀ ଛାଡ଼ି ଯାଇଥିବା ହାତଲେଖା ଚିଠିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରଠାରୁ କଲେଜରେ ତାଲା ଝୁଲୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରୁ ପୋଲିସ ଖୁବଶୀଘ୍ର ପରଦା ହଟାଇବାକୁ ସାଧାରଣରେ ଦାବି ହୋଇଛି। ଘଟଣା ସମ୍ପର୍କରେ ଥାନାଧିକାରୀ ପ୍ରିୟବ୍ରତ ତାଉତଙ୍କୁ ପଚାରିବାରୁ ସେ କୁହନ୍ତି, ତଦନ୍ତ ଠିକ ବାଟରେ ଚାଲିଛି। ସମସ୍ତଙ୍କୁ ପଚରା ଉଚୁରା କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## କେନ୍ଦ୍ରୀୟ ଜିଏସ୍‌ଟି ପକ୍ଷରୁ ସର୍ତକତା ସପ୍ତାହ

ଯାଜପୁର ରୋଡ,୯।୧୧(ଡି.ଏନ.ଏ.)

ଯାଜପୁରରୋଡ ସ୍ଥିତ କେନ୍ଦ୍ରୀୟ ଜିଏସ୍‌ଟି ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୧ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ଜିଏସ୍‌ଟି ସହକାରୀ କମିଶନର ଶୋଭନ କୁମାର ମଣ୍ଡଳ, ସୁପରିଣ୍ଟେଣ୍ଡେଣ୍ଟ ନକୁଳ ଚନ୍ଦ୍ର ଧଳ, ସନତ କୁମାର ନସ୍କର, ନିରୀକ୍ଷକ କ୍ରିଷ୍ଣା ଘୋଷ, ଶ୍ରମିକ ନେତା ଦୁଷନ୍ତ କୁମାର ରାଉତ, ରାଜେଶ କୁମାର ଖୁଣ୍ଟିଆ, ଆଇନଜୀବୀ ଜ୍ଞାନରଞ୍ଜନ ନାୟକ, ରମାକାନ୍ତ ଚୌହାନ ପ୍ରମୁଖ ଭାଗ ନେଇଥିଲେ। ଏହି ଅବସରରେ ସହକାରୀ ମଣ୍ଡଳ କମିଶନର ଉପସ୍ଥିତ ସମସ୍ତ କର୍ମଚାରୀ, ଟିକସଦାତା ଆଦିଙ୍କୁ ଶପଥପାଠ କରାଇଥିଲେ।

# ଯାଜପୁର ମ୍ୟୁନିସିପାଲିଟିର ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ

ଯାଜପୁର ଟାଉନ,୯।୧୧(ଡି.ଏନ.ଏ.)

ଯାଜପୁର ମ୍ୟୁନିସିପାଲିଟିର ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାଜପୁର ଜିଲା ଅର୍ବାନ ଡେଭ୍‌ଲପମେଣ୍ଟ ଚିଠି ସଂଖ୍ୟା ୫୩୮୦/ତା ୯.୧୧.୨୧ରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଯାଜପୁର ମ୍ୟୁନିସିପାଲିଟିରେ ୧୮ ୱାର୍ଡ ମଧ୍ୟରୁ ୯ଜଣ ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଥିବା ବେଳେ ଏଥି ମଧ୍ୟରୁ ପଛୁଆବର୍ଗ ମହିଳାଙ୍କ ପାଇଁ ୩ଟି, ଅନୁସୂଚିତ ମହିଳାଙ୍କ ପାଇଁ ୨ଟି, ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧ଟି ଏବଂ ସାଧାରଣ ମହିଳା ବର୍ଗଙ୍କ ପାଇଁ ୩ଟି ୱାର୍ଡ ସଂରକ୍ଷିତ ହୋଇଛି। ପଛୁଆବର୍ଗଙ୍କ ପାଇଁ ୨ଟି ସ୍ଥାନ ସଂରକ୍ଷିତ ଥିବାବେଳେ ଅନୁସୂଚିତ ଜାତି ପାଇଁ ଗୋଟିଏ ଏବଂ ସାଧାରଣବର୍ଗଙ୍କ ପାଇଁ ୬ଟି ୱାର୍ଡ ସଂରକ୍ଷିତ ରହିଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

**ଯାଜପୁର ପୌରାଞ୍ଚଳ ସଂରକ୍ଷିତ ୱାର୍ଡ**

| ୱାର୍ଡ ନଂ | ସଂରକ୍ଷଣ |
|---|---|
| ୧ | ପଛୁଆବର୍ଗ ମହିଳା |
| ୨ | ଅନୁସୂଚିତ ଜାତି |
| ୩ | ପଛୁଆବର୍ଗ |
| ୪ | ମହିଳା |
| ୫ | ଅଣସଂରକ୍ଷିତ |
| ୬ | ଅଣସଂରକ୍ଷିତ |
| ୭ | ଅନୁସୂଚିତ ଜାତି ମହିଳା |
| ୮ | ଅଣସଂରକ୍ଷିତ |
| ୯ | ପଛୁଆବର୍ଗ |
| ୧୦ | ପଛୁଆବର୍ଗ ମହିଳା |
| ୧୧ | ମହିଳା |
| ୧୨ | ଅନୁସୂଚିତ ଜାତି ମହିଳା |
| ୧୩ | ଅଣସଂରକ୍ଷିତ |
| ୧୪ | ପଛୁଆବର୍ଗ ମହିଳା |
| ୧୫ | ଅଣସଂରକ୍ଷିତ |
| ୧୬ | ଅନୁସୂଚିତ ଜନଜାତି ମହିଳା |
| ୧୭ | ମହିଳା |
| ୧୮ | ଅଣସଂରକ୍ଷିତ |

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାରୀ ସଶକ୍ତିକରଣ ସଭା

ଯାଜପୁର ଟାଉନ,୯।୧୧(ଡି.ଏନ.ଏ.)

ଜିଲା ଆଇନସେବା ପ୍ରାଧିକରଣ ଯାଜପୁର ପକ୍ଷରୁ ବିରଜା ସ୍କୁଲ ଅଫ୍ ନର୍ସିଂଠାରେ ସୋମବାର ନାରୀ ସଶକ୍ତିକରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାଧିକରଣ ସମ୍ପାଦିକା ପୁନମ ଜେନା ସଭାପତିତ୍ୱ କରିଥିବା ବେଳେ ଯାଜପୁର ସିଡିପିଓ ସରିତା ନାୟକ, ଯାଜପୁର ଥାନା ଏସ୍‌ଆଇ ମିନାକ୍ଷୀ ବେହେରା, ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ପରେଶ ମଲ୍ଲିକ,ବିରଜା ସ୍କୁଲ ଅଫ୍ ନର୍ସିଂର ସଭାପତି ଶ୍ୟାମସୁନ୍ଦର କର, ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀ ବୃନ୍ଦ ତଥା ନର୍ସିଂ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରିସୋର୍ସପର୍ସନ ଝରଣା ମିଶ୍ର ନାରୀମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟ ଅତିଥିଗଣ ମଧ୍ୟ ନାରୀ ସଶକ୍ତିକରଣ ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ।

# ସରକାରୀ ବାସଭବନ ଉଦ୍‌ଘାଟିତ


ସରକାରୀ ବାସଗୃହ ଉଦ୍‌ଘାଟନ କରାଯଉଛି।

ଧର୍ମଶାଳା,୯।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ପରିସରରେ ମଙ୍ଗଳବାର ଏକ ସରକାରୀ ବାସଭବନ ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ସମିତି ଅର୍ଥରୁ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବାସଭାବନକୁ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ବିଡିଓ ଅରବିନ୍ଦ ବେହେରା, ଜିଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ଯୁବ ସଂଗଠକ ମଦନ ମୋହନ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଉତ୍କଳମଣି ଦାସ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ସୁଦାମ ବେହେରା, ବ୍ଲକ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଶୁଶୀଲ ମହାନ୍ତି, ବିକାଶ ବେହେରା, ସଂଗ୍ରାମ ଜେନା ଓ ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ଯତିନ୍ଦ୍ର ସ୍ୱାଇଁ ଓ କନିଷ୍ଠ ଯନ୍ତ୍ରୀ ରତ୍ନାକର ସାହୁ ଉତ୍ସବକୁ ପରିଚାଳନା କରିଥିଲେ।

## ପୁରୀ ଅଭିମୁଖେ ବୁଣାକାର

ରସୁଲପୁର,୯।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଗୋପାଳପୁର ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ବୁଣାକାର ମଙ୍ଗଳବାର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସମୟରେ ସେମାନେ ସେମାନଙ୍କ ଦୁର୍ଦ୍ଦିନର ସାଥୀ ମନେକରୁଥିବା ଅତିଥି ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭୁବନେଶ୍ୱରଠାରେ ଭେଟି ସମ୍ମାନିତ କରିଛନ୍ତି। ବୁଣାକାର ସକାଳୁ ଏମ୍‌ପି ଓ ବିଧାୟକଙ୍କ ବାସଭବନଠାରେ ସେମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ସମ୍ମାନିତ କରିବା ପରେ ପୁରୀ ବାହାରି ଥିଲେ। ବୁଣାକାର ହାତବୁଣା ସ୍ୱତନ୍ତ୍ର ବସ୍ତ୍ରରେ ଅତିଥିଙ୍କୁ ଶଙ୍ଖୁଳିଥିଲେ। ଏହି ସଂପ୍ରଦାୟର ଅସୁବିଧା ବେଳେ ଅତିଥିମାନେ ସହାୟତା କରିଥିବାରୁ ସେମାନଙ୍କ ସଫଳତା କାମନା କରିବା ସହ ଶଙ୍ଖ ହୁଳହୁଳି ସହ ବନ୍ଦାପନା କରିଥିଲେ। ବୁଣାକାର ସମ୍ପ୍ରଦାୟର କାଳପ୍ରେମୀ ବୁଣାକାରଙ୍କୁ ନେଇ ଏକ ଭଜନକୀର୍ତ୍ତନ ମଣ୍ଡଳି ଯାତ୍ରାରେ ସାମିଲ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ଭଜନକୀର୍ତ୍ତନ ସହ ଏକ ପଟୁଆରେ ବୁଣାକାରମାନେ ଅରୁଣସ୍ତମ୍ଭ ନିକଟରେ ପହଞ୍ଚି ସମୂହ ଦୀପଦାନ କରିବେ। ମନ୍ଦିର ପ୍ରବେଶ କରି ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଅନ୍ୟ କାର୍ଯ୍ୟକ୍ରମ ରହିଛି ବୋଲି ସେମାନେ ସୂଚନା ଦେଇଛନ୍ତି।

# ଆଶଙ୍କାରେ ଚଣ୍ଡିଖୋଲ ଭୂତଳ ତୈଳଭଣ୍ଡାର

## ୫ ବର୍ଷ ବିତିଲା, ଜମି ଅଧିଗ୍ରହଣ ହୋଇ ପାରିଲା ନାହିଁ

ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)



ଯାଜପୁର ଜିଲା ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଭୂତଳ ତୈଳ ଭଣ୍ଡାର ନିର୍ମାଣ ନେଇ ୨୦୧୬-୧୭ରୁ ଘୋଷଣା କରାଯାଇଥିଲେ ବି ଏ ପର୍ଯ୍ୟନ୍ତ କାର୍ଯ୍ୟ ପାଦେ ବି ଆଗେଇ ପାରିନି। ଏପରି କି ପ୍ରସ୍ତାବିତ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ହୋଇ ପାରିନାହିଁ। ଫଳରେ ଏହି ପ୍ରକଳ୍ପ କେବେ ହେବ ତାହାକୁ ଆଶଙ୍କା ପ୍ରକାଶ ପାଇଛି।

ଏଠାରେ ଭୂତଳ ତୈଳ ଭଣ୍ଡାର ସଂରକ୍ଷଣାଳୟ ନିର୍ମାଣ ହେବା ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହେବା ସହ ରାଜ୍ୟର ବିକାଶ ଘଟିବ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ୨୦୧୬-୧୭ରେ ଏହାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ୨୦୧୮ ଜୁନ ୨୭ରେ ଏଥିଲାଗି ୬, ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଦେଶର ଏହି ବୃହତ୍ ପ୍ରକଳ୍ପ ଦ୍ୱାରା ୪ ମିଲିୟନ ମେଟ୍ରିକ୍ ଟନ୍ ତୈଳ ସଂରକ୍ଷଣ ହୋଇ ପାରିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ପ୍ରକଳ୍ପ ପାଇଁ ଧର୍ମଶାଳା ତହସିଲ୍ ଅନ୍ତର୍ଗତ ଡଙ୍କାରୀ ମୌଜାରେ ୪୦୦ ଏକର ଜମି ଚିହ୍ନଟ କରାଯାଇଥିଲା। ଏହି ପ୍ରକଳ୍ପ ହେଲେ ପାଞ୍ଚ ବର୍ଷ ମଧ୍ୟରେ ୪ ହଜାର କର୍ମ ଦିବସ ସୃଷ୍ଟି କରାଯିବ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା ମଧ କରାଯାଇଥିଲା। କେନ୍ଦ୍ର ପେଟ୍ରୋଲିୟମ ବିଭାଗ ତରଫରୁ ଉଚ୍ଚସ୍ତରୀୟ ପ୍ରତିନିଧି ଆସି କ୍ଷେତ୍ର ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଶୀଘ୍ର ହେବ ବୋଲି ସୂଚନା ଦେଇଥିଲେ। ପ୍ରକଳ୍ପ ହେଲେ ଡଙ୍କାରୀଠାରୁ ପାରାଦୀପ ପର୍ଯ୍ୟନ୍ତ ୧୦୦ କିମି ପାଇପ ଲାଇନ ବିଛାଯିବା ସହ ସମୁଦ୍ର ମଧ୍ୟରେ ବୋରୱେଲ ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ରହିଛି। ପ୍ରକଳ୍ପ କରାଗଲେ ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରଶସ୍ତୀକରଣ ସହ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ନେଇ ଘୋଷଣା କରାଯାଇଥିଲା। ଏହି ସର୍ବବୃହତ୍ ଭୂତଳ ତୈଳ ଭଣ୍ଡାର ନିର୍ମାଣ ହେଲେ ଏକ ସଙ୍ଗେ ୪,୫୦୦ ନିୟୁତ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ଗଚ୍ଛିତ ରଖାଯିବା ସହ ଦେଶର ସଙ୍କଟ ସମୟରେ ୧୦ ଦିନ ପାଇଁ ସାରା ଦେଶକୁ ତୈଳ ଯୋଗାଇ ଦିଆଯାଇ ପାରିବ ବୋଲି ଘେଷଣା କରାଯାଇଥିଲା। ତେବେ ଏହି ମୌଜାରେ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ କରାଯାଇ ନାହିଁ। ସେଥିନେଇ ପ୍ରକଳ୍ପ ଆଶାକ୍ଷିଣ ହେବାରେ ଲାଗିଛି। ଏନେଇ ବିଭାଗୀୟ ପ୍ରତିକ୍ରିୟା ମିଳି ପାରିନାହିଁ।

## ପ୍ରଥମ ପୃଷ୍ଠାରୁ...

### ବାର୍ଡ ଫ୍ଲୁ ...

ଆଗାମୀ ଦିନରେ ଆଉ କାଉଙ୍କର ଯେପରି ମୃତ୍ୟୁ ନ ଘଟିବ ସେଥିପାଇଁ ପ୍ରାଣୀ ବିଭାଗ ପକ୍ଷରୁ ସଜାଗ ରହିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆଶିଷ କୁମାର ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି।

ସେପଟେ ଗାଁ ଲୋକେ କିନ୍ତୁ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ବର୍ଷ ବି ଖୋର୍ଦ୍ଧାରେ ଏହିପରି କାଉ ମଡ଼କ ଦେଖାଯାଇଥିଲା। ତେଣୁ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ମନରେ ଭୟ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଓୟୁଏଟି ଭେଟେରିନାରି କଲେଜର ପାଥୋଲୋଜି ବିଭାଗ ମୁଖ୍ୟ ଡା. ସୁଶେନ କୁମାର ପଣ୍ଡା କହିଛନ୍ତି, ବର୍ତ୍ତମାନ ସେଭଳି କିଛି ବାର୍ଡ ଫ୍ଲୁ ହେବାର ଦେଖାଯାଇ ନାହିଁ। ଅସ୍ୱାଭାବିକ ମୃତ୍ୟୁ ହୋଇଛି। ଯେହେତୁ ଏତେ ସଂଖ୍ୟାରେ ମିଳିଛି, ତେଣୁ ସେମାନଙ୍କ ନମୁନା ପରୀକ୍ଷା କରିନେବା ଉଚିତ। ତେବେ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଲୋକେ ବି ସତର୍କ ରହିବାକୁ ପଡ଼ିବ। ଯେଉଁଠାରେ ଏଭଳି ମଡ଼କ ଦେଖାଯାଉଛି, ସେହି ସ୍ଥାନଠାରୁ ନିଜର ଗୃହପାଳିତ ପଶୁଙ୍କୁ ଦୂରେଇ ରଖିବା ଉଚିତ୍। ସେହିଭଳି ମୃତ କାଉକୁ ବି ଖାଲି ହାତରେ ନ ଧରି ସାବଧାନତାର ସହ ନେଇ ଅନ୍ୟତ୍ର ପୋତିଦେବାର ଅଛି ବୋଲି ଡାକ୍ତର ପଣ୍ଡା ପରାମର୍ଶ ଦେଇଛନ୍ତି।

### ଧରାପଡ଼ିବା ଭୟରେ ...

ନଂ. ଏନ୍/୬-୪୧୬ରେ ଥିବା ୩ ମହଲା କୋଠା, ଜୟଦେବ ବିହାରସ୍ଥିତ ମା' ଭଗବତୀ ମନ୍ଦିର ଅପରପାର୍ଶ୍ୱରେ ଥିବା ୬ମହଲା କୋଠା, ଖଣ୍ଡଗିରିରେ ଫ୍ଲାଟ ନଂ.୩/୬୦୫ରେ ଥିବା ଏକ ମହଲା କୋଠା, ଜୟଦେବ ବିହାର ନରେନ୍ଦ୍ର ଭିଲ୍ଲା ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ଥିବା ଫ୍ଲାଟ, ଭଦ୍ରକ ବାସୁଦେବପୁରରେ ଥିବା ଅନନ୍ୟା ଟାୱାର ଆପାର୍ଟମେଣ୍ଟ, ସେହି ଆପାର୍ଟମେଣ୍ଟରେ ତାଙ୍କ ସମ୍ପର୍କୀୟଙ୍କ ଅସ୍ଥାୟୀ ବାସଭବନ, ବାଲେଶ୍ୱର ସିମୁଳିଆରେ ଥିବା ପୈତୃକ ଘର, ସିମୁଳିଆରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱର ଶହୀଦନଗରସ୍ଥିତ ଓପିଏଚ୍‌ଡବ୍ଲୁସିରେ ଥିବା ତାଙ୍କ କାର୍ଯ୍ୟାଳୟ ରହିଛି।

ଚଢ଼ାଉ ସମୟରେ ପ୍ରତାପଙ୍କ ସମେତ ସ୍ତ୍ରୀ ସସ୍ମିତା ଓ ପୁଅ ପ୍ରୀତମ କୁମାରଙ୍କ ନାମରେ ଅମାପ ସମ୍ପତ୍ତି ଥିବା ଜଣାପଡ଼ିଛି। ଭଦ୍ରକ ବାସୁଦେବପୁରରେ ୫ଟି ଫ୍ଲାଟ ସହ ଗୋଟିଏ ୩ ମହଲା କୋଠା, ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣାସ୍ଥିତ ୨୦.୩୫୦ ସ୍କୋୟାର ଫୁଟ ଜାଗାରେ ଥିବା ୩କୋଟି ୮୯ଲକ୍ଷ ୬୦ ହଜାର ଟଙ୍କାର ୫ ମହଲା କୋଠା, ରାଜଧାନୀ ଆଇଆର୍‌ସି ଭିଲେଜରେ ଥିବା ୪ ମହଲା କୋଠା ସହ ମୋଟ ୨୭ଟି ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଠାବ ସମ୍ପତ୍ତିର ମୂଲ୍ୟ ୨୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତାଙ୍କଠାରୁ ନଗଦ ୩୮ ଲକ୍ଷ ୧୨ ହଜାର୯୦୦ ଟଙ୍କା ଜବତ ହୋଇଛି। ପ୍ରତାପଙ୍କ କୋଠାର ମୂଲ୍ୟ ହିସାବ କରିବା ପାଇଁ ଭିଜିଲାନ୍ସର ଟେକ୍ନିକାଲ ଉଇଙ୍ଗ୍‌କୁ ଦାୟିତ୍ୱ ଦିଆଯାଇଛି। ତେବେ ଭିଜିଲାନ୍ସ ଟିମ୍‌କୁ ଦେଖି ପ୍ରତାପ ସଙ୍ଗେ ସଙ୍ଗେ ଘରର କବାଟ ନ ଖୋଲିବା ଏବଂ ଛାତ ଉପରୁ ପଡ଼ିଶା ଘର କୋଠାକୁ ଟଙ୍କା ଭର୍ତ୍ତି ପେଟି ଫୋପାଡ଼ି ଦେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଚଢ଼ାଉରେ ଭିଜିଲାନ୍ସର ୧୦ଟି ଟିମ୍ ନିୟୋଜିତ ହୋଇଛନ୍ତି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୫ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀମାନେ ନିୟୋଜିତ ୧୦ଟି ଟିମ୍‌ରେ ସାମିଲ ଅଛନ୍ତି। ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପ୍ରତାପଙ୍କ ସମ୍ପତ୍ତି ପରିମାଣର ଆକଳନ କରାଯାଉଥିବାରୁ ଆୟ ବହିର୍ଭୂତ ସମ୍ପତ୍ତି କେତେ ତାହା ଭିଜିଲାନ୍ସ ପକ୍ଷରୁ କୁହାଯାଇ ନାହିଁ। ତେବେ ପ୍ରତାପ ଜଣେ ସିଭିଲ୍ ଇଞ୍ଜିନିୟର ଭାବେ ଓପିଏଚ୍‌ଡବ୍ଲୁସିରେ ଚାକିରି କରିଥିବାବେଳେ ସେ ଏତେ ସମ୍ପତ୍ତି କିପରି ଠୁଳ କଲେ, ଏତେ ଟଙ୍କା କେଉଁଠୁ ଆଣିଲେ, ତାଙ୍କର ଆଉ ସବୁ କ'ଣ ରହିଛି ସେନେଇ ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପ୍ରତାପ ପୋଲିସ ହାଉସିଂ କର୍ପୋରେଶନରେ ଡେପୁଟି ମ୍ୟାନେଜର ଥିବାରୁ ତାଙ୍କ ଜରିଆରେ ଏକାଧିକ ପ୍ରୋଜେକ୍ଟ କାମ ହୋଇଥିଲା। ଉକ୍ତ ପ୍ରୋଜେକ୍ଟ କାମରେ ସେ କୋଟି କୋଟି ଟଙ୍କା ହଡ଼ପ କରିଥିବା ତାଙ୍କ ବିରୋଧରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ଚଢ଼ାଉ ପାଇଁ କୋର୍ଟରେ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା।

### ଆଶିଷଙ୍କ ବନ୍ଧୁକରୁ ...

କରିଥିଲେ। ମଙ୍ଗଳବାର ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ଦୁହିଁଙ୍କ ମିଛ ଧରାପଡ଼ିଯାଇଛି। ଏହି ମାମଲାରେ ଅଦ୍ୟାବଧି ଗିରଫ ହୋଇଥିବା ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ଆଶିଷ ମିଶ୍ରା ଅନ୍ୟତମ। ସୁପ୍ରିମକୋର୍ଟ ସୋମବାର ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ମଙ୍ଗଳବାର ସମାଜବାଦୀ ପାର୍ଟି (ଏସ୍‌ପି) ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଲଖିମପୁର ଖେରି ହିଂସାର ତଦନ୍ତକୁ ନେଇ କହିଛନ୍ତି, କାହାକୁ ଫସାଇବାର ଅଛି ଓ ତଦନ୍ତକୁ କେଉଁଠାକୁ ନେବାର ଅଛି ତାହା ଭାଜପା ସ୍ଥିର କରିଥାଏ। ଭାଜପାର ୩ଟି ଇଞ୍ଜିନ ରହିଛି। ଦିଲ୍ଲୀ ଇଞ୍ଜିନ, ଲକ୍ଷ୍ନୌ ଇଞ୍ଜିନ ଓ ଲଖିମପୁର ଇଞ୍ଜିନ ୟୁପିରେ ଆଇନଶୃଙ୍ଖଳାକୁ ନଷ୍ଟ କରିବାରେ ଲାଗିଛି। ରାଜ୍ୟରେ ଭାଜପା କ୍ଷମତାସୀନ ଥିବା ପର୍ଯ୍ୟନ୍ତ ଲଖିମପୁର ଖେରି ମାମଲାରେ ନ୍ୟାୟ ମିଳିବା ଆଶା ନାହିଁ ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

### ମା' ଆଗରେ କୂଅରେ ...

ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁଇଭାଇଙ୍କ ମୃତ୍ୟୁ ପରେ ବୃଦ୍ଧ ମା'ବାପା ବେସାହାରା ହୋଇଯାଇଛନ୍ତି। ସମ୍ବଳ ଅନୁଷ୍ଠାନ ପକ୍ଷରୁ ଦୁଇଭାଇଙ୍କ ମୃତଦେହ ରାଜଘାଟରେ ସତ୍କାର କରାଯାଇଛି। ସୁନୀଲ ଓ ସୁଶୀଲ ବିବାହିତ ଓ ସେମାନଙ୍କର ଗୋଟିଏ ଲେଖାଏ ଝିଅ ଥିବା ଜଣାପଡିଛି। ଏହାକୁ ନେଇ ସାହୁ କଲୋନୀରେ ଶୋକରଛାୟା ଖେଳିଯାଇଛି।

### ଅବହେଳା ନିଆଁରେ ...

ନିଆଁ ଲାଗିବାବେଳେ ହସ୍ପିଟାଲ କର୍ମଚାରୀମାନେ ଶିଶୁଙ୍କ ଜୀବନ ବଞ୍ଚାଇବା ପରିବର୍ତ୍ତେ ସେଠାରୁ ପଳାୟନ କରିଥିଲେ ବୋଲି କେତେଜଣ ଆଣ୍ଟେଣ୍ଡାଣ୍ଟ ଅଭିଯୋଗ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଏହାକୁ ଅତ୍ୟନ୍ତ କଷ୍ଟଦାୟକ ଘଟଣା ବୋଲି କହିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଅଗ୍ନିକାଣ୍ଡରେ ଶିଶୁ ମୃତ୍ୟୁକୁ 'ଆପରାଧିକ ଅବହେଳା' ଭାବେ ଅଭିହିତ କରି ଅତିରିକ୍ତ ଶାସନ ସଚିବଙ୍କୁ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୪ ମୃତ ଶିଶୁଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି। ଉକ୍ତ ହସ୍ପିଟାଲର ଅଗ୍ନି ନିରାପତ୍ତା ଉପକରଣ କାମ କରୁ ନ ଥିଲା। ହସ୍ପିଟାଲ ପକ୍ଷରୁ ଆବଶ୍ୟକ ଆପତ୍ତି ବିହୀନ ପ୍ରମାଣପତ୍ର ପାଇଁ ଆବେଦନ ମଧ୍ୟ କରାଯାଇ ନ ଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବିଷୟ ଜଣାପଡ଼ିବା ପରେ ରାଜ୍ୟରେ ଥିବା ସମସ୍ତ ହସ୍ପିଟାଲର ଅଗ୍ନି ନିରାପତ୍ତା ସମୀକ୍ଷା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ତଦନ୍ତ ନିର୍ଦ୍ଦେଶ ଦେଲେ...

ରହିବେ, ଯିଏକି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କିମ୍ବା ମେଡିକାଲ ଶିକ୍ଷା ବିଭାଗର ହୋଇ ନ ଥିବେ। ରାଜ୍ୟର ହସ୍ପିଟାଲଗୁଡ଼ିକରେ ଥିବା ସ୍ପେଶାଲ ନ୍ୟୁ ବର୍ନ ୟୁନିଟ୍‌ର ଅଗ୍ନି ନିର୍ବାପକ ବ୍ୟବସ୍ଥା ନେଇ ଯାଞ୍ଚ କରିବାକୁ ଥିବା ଏହି ଟିମ୍‌ରେ ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମଗାର୍ଡ ବିଭାଗର ୩ ମହାନିର୍ଦ୍ଦେଶକ ରହିବେ। ଅଗ୍ନିକାଣ୍ଡରେ କେତେଜଣ ଶିଶୁ ଆହତ ହୋଇଛନ୍ତି ଓ ସେମାନଙ୍କ ଚିକିତ୍ସା କିପରି କରାଯାଉଛି ସେନେଇ ମଧ୍ୟ କମିଶନ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ସ୍ଥପତି ସୁଦର୍ଶନ ...

ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି। ଇସ୍‌ଲାମ ବିଦ୍ୱାନ ମୌଲାନା ୱାହିଦୁଦ୍ଦିନ୍ ଖାନ୍‌ଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକ ସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ, ବରିଷ୍ଠ ପ୍ରଶାସନିକ ଅଧିକାରୀ ନୃପେନ୍ଦ୍ର ମିଶ୍ରଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ମରଣୋତ୍ତର ସମ୍ମାନ ଭାବେ ଆସାମ ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଏବଂ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କୁ ରାଷ୍ଟ୍ରପତି କୋବିନ୍ଦ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଛନ୍ତି। ଜାପାନରେ ସର୍ବାଧିକ କାଳ ପ୍ରଧାନମନ୍ତ୍ରୀ ଥିବା ଶିନ୍‌ଜୋ ଆବେଙ୍କୁ ପଦ୍ମ ବିଭୂଷଣ ପାଇଁ ମନୋନୀତ କରାଯାଇଥିବାବେଳେ ସେ ସମାରୋହରେ ଅନୁପସ୍ଥିତ ଥିଲେ। ଏହି ସମାରୋହରେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**



ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଏବଂ ଶୃଙ୍ଖଳିତ ପଞ୍ଚାୟତ ନିର୍ବାଚନ ପରିଚାଳନା ନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲାପାଳ ଓ ବିଡିଓଙ୍କ ସହ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ନିର୍ବାଚନ କମିଶନର ରାଜ୍ୟରେ ଶୃଙ୍ଖଳିତ ପଞ୍ଚାୟତ ନିର୍ବାଚନ ଲାଗି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାପାଳ ଓ ବିଡିଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ୱାର୍ଡରେ ବସବାସ କରୁଥିବା ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ ସହିତ ଅଯୋଗ୍ୟ ଭୋଟର ଯେପରି ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ସଜାଗ ରହିବା ଉପରେ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭା ଭୋଟର ତାଲିକାରୁ ୱାର୍ଡୱାରି ତାଲିକା ପ୍ରସ୍ତୁତି ବେଳେ ଯେପରି କୌଣସି ଭୋଟର ବାଦ୍ ନ ପଡ଼ନ୍ତି କିମ୍ବା ଜଣଙ୍କ ନାମ ଏକାଧିକବାର ଭୋଟର ତାଲିକାରେ ସ୍ଥାନ ନ ପାଏ ସେଥିପ୍ରତି ଧ୍ୟାନଦେବାକୁ କମିଶନର ପରାମର୍ଶ ଦେଇଛନ୍ତି। ବରଗଡ଼, ବଲାଙ୍ଗୀର, ଗଜପତି, ଗଞ୍ଜାମ, କଳାହାଣ୍ଡି, କୋରାପୁଟ ଏବଂ ନୂଆପଡ଼ା ଆଦି ୭ଟି ଜିଲା ନଭେମ୍ବର ୩୦ ସୁଦ୍ଧା ତେଲଙ୍ଗାନାର ବିଭିନ୍ନ ଜିଲାରୁ ଭୋଟବାକ୍ସ ସଂଗ୍ରହ କରିବାକୁ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ଆଲୋଚନା ହୋଇଥିଲା। ଏଥିସହ ନଭେମ୍ବର ୧୫ ସୁଦ୍ଧା ଜିଲାରେ ଭୋଟ ଗଣତି କେନ୍ଦ୍ରର ସ୍ଥିତି ସମ୍ପର୍କରେ ଜଣାଇବା ନେଇ ବୈଠକରେ କମିଶନର ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଭୋଟବାକ୍ସ ମରାମତି ଓ କଲରିଂ, ଭୋଟ ଗ୍ରହଣ କେନ୍ଦ୍ର ଚିହ୍ନଟ, ଅସ୍ଥାୟୀ କେନ୍ଦ୍ର ଚିହ୍ନଟ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ସୋମବାର ରାଜ୍ୟ ନିର୍ବାଚନ କମିଶନର ୱାର୍ଡୱାରି ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ଏହି ଭିଡିଓ କନ୍‌ଫରେନ୍ସିଂରେ ସମସ୍ତ ଜିଲାର ଜିଲାପାଳ ଓ ବିଡିଓ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚିବ ରବୀନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର ଏବଂ ଉପସଚିବ ଆଜାଦ୍‌ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ବାଲିପାଟଣା,୯।୧୧(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଛକ ନିକଟ ଦକ୍ଷିଣଶ୍ୱେରୀ ମନ୍ଦିର ନିକଟରେ ମଙ୍ଗଳବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱନାଥପୁର ଅଞ୍ଚଳର କୁଞ୍ଜ ବାରିକ। ସୂଚନା ମୁତାବକ, ଅପରାହ୍ନରେ କୁଞ୍ଜ ଚାଲି ଚାଲି ଯାଉଥିବା ବେଳେ ଦକ୍ଷିଣଶ୍ୱେରୀ ମନ୍ଦିର ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ କୁଞ୍ଜଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବୋମାମାଡ଼ ଘଟଣା: ୮ ଅଟକ, ୨ ମାମଲା ରୁଜୁ

**ବ୍ରହ୍ମଗିରି,୯।୧୧(ଡି.ଏନ୍.ଏ.)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ନାଥପୁର ଗ୍ରାମରେ ବୋମାମାଡ଼ ଘଟଣାରେ ମଙ୍ଗଳବାର ପୋଲିସ ଆହୁରି ୮ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ ୨ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ପୋଲିସ ପୃଥକ ଭାବେ ୨ଟି ମାମଲା(୧୪୦, ୧୪୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶଥାଉ କି ସରକାରୀ ଗୋଚର ଜମିକୁ କେନ୍ଦ୍ରକରି ଏକ ବିସ୍ଥାପିତ ପରିବାର ଗୋଷ୍ଠୀ ଓ ସ୍ଥାନୀୟ ୩୫ ମୌଜା ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ବୋମାମାଡ ଓ ଗୁଳିବର୍ଷଣ ହେବା ସହିତ ଘରପୋଡି ହୋଇଥିଲା। ଏହି ଘଟଣା ପରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରିବାରୁ ନାଥପୁର ଗ୍ରାମ ଓ ବିସ୍ଥାପିତ ବସ୍ତି ପୁରୁଷଶୂନ୍ୟ ହୋଇଯାଇଛି। ଏହାସହ ଶାନ୍ତିରକ୍ଷା ପାଇଁ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ଶାନ୍ତ ଥିବା ସମୟରେ ପୋଲିସ ଗ୍ରାମର ପ୍ରତି ଛକରେ ପଇଁତରା ମାରୁଛି। ସୋମବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କେତେଜଣଙ୍କୁ ଧରାଯାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

# ଯାଜପୁରରୁ ପୁରୀ ଯିବ ଖଣ୍ଡୋଲାଇଟ ପଥର

**ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)**



- **ଅବଢ଼ା ଯୋଜନାରେ ପୁରୀ ହେବ ବିଶ୍ୱ ଐତିହ୍ୟ ସହର**
- **ପରିବେଶ ମଞ୍ଜୁରୀକୁ ଅପେକ୍ଷା**

ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଢ଼ା (ଅଗମେନ୍‌ଟେଶନ ବେସିକ୍ ଆମେନିଟିଜ୍ ଆଣ୍ଡ୍ ଡେଭ୍‌ଲପ୍‌ମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ୍ ଆର୍କିଟେକ୍ଚର)ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିଲାଗି ଲାଗି ଆବଶ୍ୟକ ଖଣ୍ଡୋଲାଇଟ ପଥର ଓଡ଼ିଶା ଖଣି ନିଗମ(ଓଏମ୍‌ସି)ଯୋଗାଇବ। ସେଥିପାଇଁ ରାଜ୍ୟର ୬ ସ୍ଥାନରେ ଖଣି ଚିହ୍ନଟ ହୋଇଛି। ଏଥିରେ ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ୩ ଖଣି ରହିଛି। ସେଗୁଡ଼ିକ ହେଲା ବଡ଼ଚଣା ବ୍ଲକ ଅଧୀନ ଶୁଖୁଆପଡ଼ା, ତେଲିଗଡ଼ ଓ ଚଣ୍ଡିଆ ପାହାଡ଼। ଏହି ୩ ଖଣି ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ଶୁଖୁଆପଡ଼ାର ୧୧୪ ଏକର ପରିମିତ ସ୍ଥାନରୁ ପଥର ଖନନ ପାଇଁ ସ୍ଥିର କରାଯାଇଛି। ଓଏମ୍‌ସି ପକ୍ଷରୁ ଏହାର ପରିବେଶ ମଞ୍ଜୁରୀ ପାଇଁ ଜୁଲାଇ ୧୧ରେ ଷ୍ଟେଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ଏସ୍‌ଇଆଇଏଏ)ନିକଟରେ ଆବେଦନ କରାଯାଇଛି। ଅବେଦନକୁ ମଞ୍ଜୁରୀ ମିଳିଲା ପରେ ଖନନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

୨୦୨୧ ଜୁଲାଇ ୨୩ ସରକାରୀ ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାର ୩ ଖଣି ସହ ଖୋର୍ଦ୍ଧା ଜିଲାର ୨ ଓ କଟକ ଜିଲାର ଗୋଟିଏ ସ୍ଥାନରୁ ଖଣ୍ଡୋଲାଇଟ ପଥର ଉତ୍ତୋଳନ କରାଯିବ। ପୁରୀ ସହରକୁ ବିଶ୍ୱଐତିହ୍ୟ ସହରରେ ପରିଣତ କରାଯିବା ନିମନ୍ତେ ୭୦ ହଜାର ଘନମିଟର ଖଣ୍ଡୋଲାଇଟ ପଥର ଆବଶ୍ୟକ। ଏଥିରୁ ୩୫ ହଜାର ଘନମିଟର ପଥର କାର୍ଯ୍ୟରେ ଲାଗିବ। ଯୋଜନାରେ ବ୍ୟବହୃତ ହେବାକୁ ଥିବା ୭୦ ହଜାର ଘନ ମିଟର ପଥର ଉପରୁ ସରକାରଙ୍କ ପକ୍ଷରୁ ୩କୋଟି ୭୪ ଲକ୍ଷ ୫୦ ହଜାର ଟଙ୍କା ଶୁଳ୍କ ଛାଡ଼ କରାଯାଇଛି। ଯୋଜନା ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ସେତୁ ଓ ନିର୍ମାଣ ନିଗମର ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ ଯାଜପୁର ଜିଲା ପ୍ରଶାସନର ବିଭିନ୍ନ ବିଭାଗ ଅଧିକାରୀ ଶୁଖୁଆପଡ଼ା ପାହାଡ଼ ପରିଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଶୁଖୁଆପଡ଼ା ପାହାଡ଼ ପାଦଦେଶରେ ରହିଛି ଲଳିତଗିରି ଓ ଶୁଖୁଆପଡ଼ା ଗ୍ରାମ। ଏହି ଦୁଇ ଗ୍ରାମ ପ୍ରସ୍ତର ଶିଳ୍ପୀରେ ଦେଶରେ ପ୍ରସିଦ୍ଧି ଲାଭ କରିଛି। ୫୦୦ରୁ ଊର୍ଦ୍ଧ୍ୱ କାରିଗର ଦେଶର ବିଭିନ୍ନ ସ୍ଥାନରେ ରହି ପ୍ରସ୍ତର ଶିଳ୍ପ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଏହି ଦୁଇ ଗ୍ରାମକୁ ଶିଳ୍ପୀ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ଏଠାରୁ ଖଣ୍ଡୋଲାଇଟ ପଥର ଖନନ କରାଗଲେ ସେମାନଙ୍କ ସମସ୍ୟା ଦୂର ହେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି। ସରକାରଙ୍କ ପକ୍ଷରୁ ଦର୍ପଣ ତହସିଲ ଅନ୍ତର୍ଗତ ତେଲିଗଡ଼ ଓ ଚଣ୍ଡିଆରେ ମିଳୁଥିବା ପଥର ଖନନ କରି ତୁରନ୍ତ ପ୍ରସ୍ତର ଶିଳ୍ପୀଙ୍କୁ ଯୋଗାଇ ଦିଆଗଲେ ଶିଳ୍ପୀ ଉପକୃତ ହୋଇପାରିବେ ବୋଲି ମତ ରଖିଛନ୍ତି। ଏନେଇ ଓଏମ୍‌ସି ଆଞ୍ଚଳିକ ପରିଚାଳକ (ଖଣ୍ଡୋଲାଇଟ ଖଣି) ଗଙ୍ଗାଧର ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ପ୍ରାଥମିକ ଭାବେ ଅବଢ଼ା ଯୋଜନା ନିମନ୍ତେ ଶୁଖୁଆପଡ଼ା ଓ କେଶରାଇପୁର ପାହାଡ଼ରୁ ଖଣ୍ଡୋଲାଇଟ ପଥର ଉତ୍ତୋଳନ କରାଯିବ। ପରେ ତେଲିଗଡ଼ ଓ ଚଣ୍ଡିଆରୁ ପଥର ଉତ୍ତୋଳନ କରାଯିବା ପାଇଁ ପଦକ୍ଷେପ ନିଆଯିବ।


**TPCODL**

**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**

TP Central Odisha Distribution Limited invites tender from eligible Bidders for the following:

| Sl No | Tender Description | Tender Enquiry No. | EMD (Rs. Lakh) | Tender Fee Incl. of GST (Rs) | Last date for payment of Tender Fee |
|---|---|---|---|---|---|
| 1 | Supply of GI Pipe 40MM Diameter 3 Meter length | TPCODL/P&S/ 1000000130/2021-22 | 1.00 | 5,000/- | 20.11.2021 |
| 2 | Rate contract for Supply of Cable Fault Locator Equipment and Switchgear Equipment | TPCODL/P&S/ 1000000129/2021-22 | Package-1: 2.00 Package-2:1.50 | 5,000/- | 17.11.2021 |
| 3 | Rate contract for Supply of 33KV, 1CX630SQMM Cable Jointing Kit | TPCODL/P&S/ 1000000132/2021-22 | 0.50 | 5,000/- | 17.11.2021 |
| 4 | Rate Contract for OH OFC connectivity at TPCODL offices | TPCODL/P&S/ 1000000125/2021-22 | 2.00 | 5,000/- | 18.11.2021 |

For details of Tenders, please visit "Tender" section on TPCODL website https://tpcentralodisha.com.
Bidders should visit our website regularly for future modifications/corrigendum to tender documents, if any.

**Government of Odisha**
**Works Department**
**QUOTATION CALL NOTICE**

**O.E.-II-0732180012-2020/15234/W., 6.11.2021**

**No. B-568:-** Sealed Quotation in Official Letter Head/Pad are invited from intending Registered Firms/Suppliers located in Bhubaneswar having valid TIN/SRIN number with GST Registration Certificate for supply of 20 Nos. of HP Laser Jet Pro Printer Model No. MFP-M-126nw and 1 (One) drive 5 (Five) device windows 10 Nos of MS Office 365-2019 life time software to Works Department.

The Quotation should reach the undersigned by 20.11.2021 upto 4.00 P.M. at the latest and the Quotations will be opened on the same day at 5.00 P.M. in the presence of Quotationers or their authorized representatives if they so like. Final selecton of supplier will be made on the basis of lowest price offered by the Firms/Dealers/Suppliers subject to fulfilment of other conditions.

The authority reserves the right to accept or reject any Quotation without assigning any reason thereof. The Quotations received in incomplete shape or after the scheduled date and time shall be summarily rejected. The accepted Quotation will remain valid till 31.03.2022.

OIPR-34001/11/0002/2122 **Sd./- Deputy Secretary to Govt.**

**DISTRICT RURAL DEVELOPMENT AGENCY, KALAHANDI**
No. CAD-1745
**BID IDENTIFICATION No. 1/2021-22**

| | | | |
|---|---|---|---|
| 1. | Name of the work | : | 14 (Fourteen) Nos. of Building Works |
| 2. | Estimated Cost | : | Rs.55.32 lakh to 82.03 lakh |
| 3. | Period of Completion | : | 06 (Six) Calendar Months |
| 4. | Date and time of availability of bid document | : | 10.00 hour of 09.11.2021 to 17.00 hour of 25.11.2021 |
| 5. | Last date/time for receipt of bid | : | 17.00 hour of 30.11.2021 |
| 6. | Name and address of the Officer Inviting Bid | : | Executive Officer-cum-P.D., DRDA, Kalahandi |
| 7. | Date of Opening | : | On 01.12.2021 at 11.00 A.M. in the Office of the Zilla Parishad, Kalahandi. |

Further details can be seen from the e-procurement portal **www.kalahandi.nic.in & DRDA, Kalahandi**.

**Sd./- Executive Officer-cum-P.D.,**
**DRDA, Kalahandi**
**OIPR-19116/11/0004/2122**

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER, MAHANADI BASIN, BURLA - 768017**
E-mail ID: cebmumbburla@gmail.com

**'e' Procurement Notice No. UMB-12/2021-22 (Online)**
**BID IDENTIFICATION NO. UMB-12/2021-22 (Online)**
No. A-592 **Dated: 03.11.2021**

| | | | |
|---|---|---|---|
| 1 | Type of the work | : | Renovation and Improvement of Parmanpur Distributary |
| 2 | No. of works | : | 01 (One) No. |
| 3 | Class of Contractor | : | "Super" Class |
| 4 | Bid Identification No. | : | UMB-12/2021-22 (Online) |
| 5 | Estimated Cost | : | Rs.1947.65 lakh (Approx.) |
| 6 | Period of Completion | : | 18 (Eighteen) Calendar Months |
| 7 | Date and time of availability of bid documents in the portal | : | Dt.12.11.2021 at 11.00 A.M. to Dt.07.12.2021 upto 5.00 P.M. |
| 8 | Last date/time for receipt of bids in the portal | : | Dt.07.12.2021 upto 5.00 P.M. |
| 9 | Date of Opening of Technical Bid (Cover-I) | : | Dt.08.12.2021 at 11.30 A.M. O/o. Chief Engineer & Basin Manager, Mahanadi Basin, Burla |
| 10 | Name and address of the Officer Inviting Bid | : | Chief Engineer & Basin Manager, Mahanadi Basin, Burla, Dist.-Sambalpur, Odisha - 768017. Email Id: **cebmumbburla@gmail.com** |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website **http://tenderodisha.gov.in**.

**Sd./- Chief Engineer & Basin Manager**
**Mahanadi Basin, Burla**
**OIPR-32048/11/0014/2122**

**OFFICE OF THE EXECUTIVE ENGINEER** No. B-565
**DEOGARH (R&B) DIVISION, DEOGARH**
E-mail.ID- eepwddeogarh@gmail.com

**INVITATIONS FOR BIDS (IFB)**
**Lr. No.-3641** **Dtd. 02.11.2021**

**INVITATION FOR BIDS**
**BID IDENTIFICATION No. EE PWD DGR No. 08 of 2021-22**

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Construction of Building as detailed below. | | |
| 2. | Nature of work | :- | **Building works** |
| 3. | No. of works | :- | **Building 3 Nos.** |
| 4. | Bid Cost. | :- | **Rs.6,000/-** |
| 5. | Class of Contractor | :- | **"B" & "A" Class** |
| 6. | Availability of Bid documents in the website. | :- | **From dt.15.11.2021 to 17.00 hours of dt.29.11.2021** |
| 7. | Date of opening of Technical bid | :- | **Dt. 01.12.2021 at 11.30 AM.** |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./-Executive Engineer,**
OIPR-34061/11/0005/2122 **Deogarh (R&B) Division**

**ତହସିଲ କାର୍ଯ୍ୟାଳୟ, ମହାକାଳପଡ଼ା**
**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

ପତ୍ର ସଂଖ୍ୟା: ୨୪୬୩ ତାରିଖ: ୦୯।୧୧।୨୦୨୧

No. F-212: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ମହାକାଳପଡ଼ା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure - A) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତକୁ ଜଉମୁଦା ଲଫାପାରେ ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା ଟେଣ୍ଡର ବାକ୍ସରେ ତା୧୧।୧୧।୨୦୨୧ରିଖ ପୂର୍ବାହ୍ନ ୧୦ ଘଟିକାରୁ ତା୧୦।୧୨।୨୦୨୧ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। ସମ୍ପୂର୍ଣ୍ଣ ବିଜ୍ଞାପନ ନିମନ୍ତେ ଜିଲ୍ଲା ୱେବସାଇଟ୍ **www.kendrapara.nic.in**ରେ ଲଗ୍‌ଇନ୍ କରନ୍ତୁ।

ଠିକଣା:
ତହସିଲଦାରଙ୍କ କାର୍ଯ୍ୟାଳୟ, ମହାକାଳପଡ଼ା
ଗ୍ରା/ପୋ.: କିୟାରବାଙ୍କ, ଜି.: କେନ୍ଦ୍ରାପଡ଼ା,
ପିନ୍- ୭୫୪୨୨୪

ସ୍ୱା./- ତହସିଲଦାର ଓ କ୍ଷମତାପ୍ରାପ୍ତ
ଅଧିକାରୀ, ମହାକାଳପଡ଼ା
**OIPR-24181/11/0001/2122**

NATION TAX MARKET
**COMMISSIONERATE OF CT & GST**
**(Under Finance Department; GOVERNMENT OF ODISHA)**
No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**
**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ **୩୦ ନଭେମ୍ବର ୨୦୨୧** ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ)।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ **୩୦ ନଭେମ୍ବର ୨୦୨୧** ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ।

**Help Desk**: 1800-345-6753 (Toll Free)
**email:** ctdho@odishatax.gov.in

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**
OIPR-05006/11/0005/2122

## କୁକୁଡ଼ା ପାଳନ



ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡାପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।

## ସୂର୍ଯ୍ୟମୁଖୀ ବିହନ ଚୟନ



ଚଳିତ ମାସ ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ। ଉନ୍ନତ କିସମ ଯଥା :- ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା - କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ପି.ଏ.ସି.-୩୬, ଏମ୍.ଏସ୍.ଏଫ୍.ଏଚ୍.-୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ। ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ।

## ଆଖୁ କିଆରିରୁ ଜଳ ନିଷ୍କାସନ



ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ। ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ। ନାଲି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲୁ.ପି. ମିଶ୍ରିତ ଫିମ୍ପିନାଶକ ଔଷଧ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ। ଅଧିକ ଅମଳକ୍ଷମ ଆଖୁ ପାଇଁ ଉନ୍ନତ କିସମର ଆଖୁ ବିହନ ଯଥା - ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ।

## ପଡ଼ିଆ ଜମିକୁ ଶସ୍ୟଶ୍ୟାମଳା କରାଇବା ଲକ୍ଷ୍ୟ


ଶୁଭେନ୍ଦୁ ଓ ପ୍ରଭାତ

ଖାଦ୍ୟ ଜୀବନର ଆଧାର । ମାତ୍ର ଆଜିକାଲି ହାଇବ୍ରିଡ୍ ଫସଲ ଉତ୍ପାଦିତ ଖାଦ୍ୟର ପ୍ରଚଳନ ଯେଉଁଭଳି ବଢୁଛି ତାହା ଆଗାମୀ ଦିନରେ କ୍ଷତିକାରକ ହୋଇପାରେ । ଏଣୁ ଜୈବିକ ପ୍ରଣାଳୀରେ ଚାଷ କରି ସୁସ୍ଥ ସମାଜ ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି ଦୁଇ ଯୁବ କୃଷି ଉଦ୍ୟୋଗୀ ଶୁଭେନ୍ଦୁ ପ୍ରସାଦ ଦାସ ଓ ପ୍ରଭାତ କୁମାର ସାହୁ। ଚାଷ କାର୍ଯ୍ୟ ଛାଡ଼ି ଜମି ପଡ଼ିଆ ପକାଉଥିବା ଲୋକଙ୍କ ପାଇଁ ଦୃଷ୍ଟାନ୍ତ ସାଜି ସବୁଜ ବିପ୍ଳବ ଆଣିବା ସେମାନଙ୍କ ଲକ୍ଷ୍ୟ ବୋଲି କୁହନ୍ତି ।

କେନ୍ଦୁଝର ସଦର ବ୍ଲକ ବାଦୁଡ଼ିଘେରା ଗ୍ରାମରେ ୪ ଏକର ଜମି ଲିଜ ନେଇ ସେମାନେ ଆରମ୍ଭ କରିଛନ୍ତି ନୂଆ ପ୍ରଣାଳୀରେ ଚାଷ । ହଳଦୀ, ଅଦା, ସଜନା ଛୁଇଁ, କୁନ୍ଦୁରି, କଖାରୁ, ବୋଇତାଳୁ, ପୋଇ, ମକା, ବାଇଗଣ, ଅମୃତଭଣ୍ଡା, ହରଡ ଆଦି ବିଭିନ୍ନ ପ୍ରକାରର ଚାଷ କରିଛନ୍ତି। ଏଠାରୁ ଉତ୍ପାଦିତ ପନିପରିବାକୁ ସ୍ଥାନୀୟ ମାର୍କେଟରେ ବିକ୍ରି କରୁଛନ୍ତି । ଅନେକ ବେପାରୀ ତଥା ହୋଟେଲ ମାଲିକ ବି ଏହି ଫାର୍ମକୁ ଆସି ପରିବା କିଣି ନେଇଥାନ୍ତି ବୋଲି କୁହନ୍ତି ଶୁଭେନ୍ଦୁ। ବନ୍ୟଜନ୍ତୁଙ୍କ ଠାରୁ ସୁରକ୍ଷା ପାଇଁ ସୋଲାର ବାଡ ପ୍ରସ୍ତୁତ କରିଥିବା ବେଳେ ଡ୍ରିପ୍ ପ୍ରଣାଳୀରେ ଜଳସେଚନ ବ୍ୟବସ୍ଥା କରିଛନ୍ତି। ଆଗାମୀ ଦିନରେ ଚାଷ କାମକୁ ହାଇଟେକ (ଅଟୋମେଟେଡ) ପ୍ରଣାଳୀରେ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଏହି ବ୍ୟବସ୍ଥାରେ ସବୁ ପ୍ରକାରର ଚାଷ ଗୋଟିଏ ସ୍ଥାନରେ କରିହେବ ବୋଲି କୁହନ୍ତି ସେ ।

ଉକ୍ତ ଜମିରେ କରିଥିବା ଚାଷରୁ ଏବେ ସେମାନେ ବାର୍ଷିକ ଦୁଇ ଲକ୍ଷରୁ ଅଧିକ ଲାଭ କରୁଥିବା ବେଳେ ଆଗାମୀ ଦିନରେ ଉତ୍ପାଦନ ବଢିଲେ ଅଧିକ ଜମି ଲିଜ ନେଇ ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆଉ ଏବେ ଏଠାରେ ୧୦ ଜଣ ଲୋକ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟା ବଢିବ ବୋଲି ସେମାନେ ଦୃଢ଼ ଆଶାବାଦୀ।

ଶୁଭେନ୍ଦୁଙ୍କ ଘର କେନ୍ଦୁଝର ସହରରେ ଏବଂ ପ୍ରଭାତଙ୍କ ଘର ସଦର ବ୍ଲକ ଅନ୍ତର୍ଗତ ମୁରୁସୁଆଁ । ପ୍ରଭାତ ଅଷ୍ଟ୍ରେଲିଆସ୍ଥିତ ଏକ କମ୍ପାନୀରେ ସଫ୍ଟୱେର ଇଂଜିନିୟର ଭାବେ କାମ କରନ୍ତି। ଏଥିସହିତ ଜୈବିକ ପ୍ରଣାଳୀରେ ଚାଷ କରିବା ସହ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରୁଛନ୍ତି । ଆଜିକାଲି ଧାନଚାଷରେ ସେଭଳି ଲାଭ ମିଳୁ ନ ଥିବାରୁ ବହୁ ଲୋକ ଜମି ପଡ଼ିଆ ପକାଉଛନ୍ତି । ଏଭଳି ପରିସ୍ଥିତିରେ ସେସବୁ ଜମିକୁ ଲିଜରେ ନେଇ ଉପରୋକ୍ତ ଧରଣର ଚାଷ କରିବେ। ଆଉ ସେହି ବ୍ୟକ୍ତିଙ୍କୁ ଚାଷ କ୍ଷେତ୍ରକୁ ଫେରାଇ ଆଣିବା ତଥା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ ଆରମ୍ଭ କରିଥିବା ସେମାନେ କୁହନ୍ତି ।

**- ନରେଶ ଚନ୍ଦ୍ର ପଟ୍ଟନାୟକ**

# ମୃତ୍ତିକାରେ ଥିବା ଜୀବଙ୍କ ପ୍ରଭାବ


ପ୍ର. ସୁବୋଧ କୁମାର ସାହୁ

ଅସଂଖ୍ୟ ପ୍ରାଣୀ ଏବଂ ଉଦ୍ଭିଦ ମୃତ୍ତିକା ଉପରେ ବାସ କରୁଥିବା ବେଳେ, ଏହା ଭିତରେ ମଧ୍ୟ ଅଗଣିତ ଜୀବ ଓ ଉଦ୍ଭିଦ ରହିଛନ୍ତି। ମୃତ୍ତିକା ଭିତରେ ଥିବା ଜୀବମାନଙ୍କ ମଧ୍ୟରେ କେତେକ ସ୍ଥୂଳ ଏବଂ ଅନ୍ୟକେତେକ ସୂକ୍ଷ୍ମ। ସ୍ଥୂଳ ଜୀବମାନଙ୍କ ମଧ୍ୟରୁ କେତେକ ମାଂସାଶୀ ଏବଂ ଅନେକ ତୃଣଭୋଜି। ମାଂସାଶୀ ଜୀବଙ୍କ ମଧ୍ୟରେ ଉଇ, କଲିକତରା, ଜନ୍ଦା, ପିମ୍ପୁଡି, ବୁଢିଆଣୀ ଇତ୍ୟାଦି। ତୃଣଭୋଜି ବୃହତ ଜୀବ ମଧ୍ୟରୁ ଜିଆ, ବିଭିନ୍ନ ପୋକ ଓ ଭୃଙ୍ଗ ଇତ୍ୟାଦି। ଉକ୍ତ ଜୀବମାନେ ଖାଲି ଆଖିକୁ ଦେଖାଯାଆନ୍ତି। ଏମାନଙ୍କ ମଧ୍ୟରୁ ଜିଆ ମୃତ୍ତିକାର ଉର୍ବରତା ବଢାଇ କୃଷିକାର୍ଯ୍ୟରେ ବିଶେଷ ସାହାଯ୍ୟ କରି ଫସଲ ଅମଳ ବଢ଼ାନ୍ତି। ଜିଆ ଗୋବର ଏବଂ ନରମ ଶୁଖିଲା ଉଦ୍ଭିଦ ଖାଇ ମଳରୁ ବାହାର କରୁଥିବା ପଦାର୍ଥ, ଫସଲ ପାଇଁ ଉତ୍ତମ ଖତ। ଏଥିରେ ସାଧାରଣ ଖତଠାରୁ ଅଧିକ ଖାଦ୍ୟସାର ଅର୍ଥାତ ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସ୍ ଥାଏ। ସାଧାରଣ ଖତରେ ଯବକ୍ଷାରଯାନ, ଫସ୍‌ଫେଟ୍ ଓ ପଟାସ୍‌ର ଶତକଡା ଅନୁପାତ ୦.୫: ୦.୨୫: ୦.୨୫ ଥିବାବେଳେ, ଜିଆ ଦ୍ୱାରା ପ୍ରସ୍ତୁତ ଖତରେ ଏହି ଅନୁପାତ ୧.୫ରୁ ୧:୬:୦.୩ ରୁ ୦.୪: ୧.୨ ରୁ ୧.୮ ପର୍ଯ୍ୟନ୍ତ ଥାଏ।

ମାଟି ଭିତରେ ଥିବା ସୂକ୍ଷ୍ମ ପ୍ରାଣୀଙ୍କ ମଧ୍ୟରେ ପ୍ରୋଟୋଜୋଆ ଏବଂ ନିମାଟୋଡ଼ ମୁଖ୍ୟ। ଏମାନେ ଖାଲି ଆଖିକୁ ଦୃଶ୍ୟ ନ ହୋଇ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଯାଆନ୍ତି। ଉକ୍ତ ସୂକ୍ଷ୍ମ ଜୀବମାନେ ଫସଲ ପାଇଁ କ୍ଷତିକାରକ। ନିମାଟୋଡ଼ ଫସଲର ଚେ଼ରରେ ପରଜୀବୀ ହୋଇ ଗଣ୍ଠି ସୃଷ୍ଟି କରି ଫସଲକୁ ରୋଗାକ୍ରାନ୍ତ କରନ୍ତି।

ମାଟି ଭିତରେ ଥିବା ଉଭୟ ସ୍ଥୂଳ ଏବଂ ସୂକ୍ଷ୍ମ ଜୀବ, ମାଟିର କେତେକ ଭୌତିକ ଏବଂ ରାସାୟନିକ ଗୁଣର ପରିବର୍ତ୍ତନ କରନ୍ତି। ଭୌତିକ ପରିବର୍ତ୍ତନ ମଧ୍ୟରେ ମାଟିକୁ ଓଲଟ ପାଲଟ ଦ୍ୱାରା ହାଲୁକା ହେବା। ଏହାଦ୍ୱାରା ମାଟିରେ ବାୟୁ ଓ ଜଳ ଚଳାଚଳ ଠିକ୍ ଭାବେ ହୋଇଥାଏ। ରାସାୟନିକ ପରିବର୍ତ୍ତନ ଦ୍ୱାରା ମାଟିରେ ଥିବା ବିଭିନ୍ନ ପଦାର୍ଥକୁ ଜୀବମାନେ ପଚ଼ନ କ୍ରିୟାଦ୍ୱାରା ଖଣ୍ଡ ବିଖଣ୍ଡିତ କରି ବିଘଟନ କରନ୍ତି। ଜୈବିକ ପଦାର୍ଥର ପଚ଼ନ ଦ୍ୱାରା ସେଥିରୁ ଜୀବମାନେ ଶକ୍ତି ଗ୍ରହଣ କରି ବଢ଼ନ୍ତି ଏବଂ ଅତି ସୂକ୍ଷ୍ମ ଶର୍କରା ଜାତୀୟ ପଦାର୍ଥ ଯଥା ସେଲୁଲୋଜ୍, ହେମିସେଲୁଲୋଜ୍ ଏବଂ ଲିଗ୍‌ନିନ, ସନ୍ତରକ ଓ ଜୀବରସ ଆଦି ମାଟିକୁ ଛାଡନ୍ତି। ଏସବୁ ଶର୍କରା ଜାତୀୟ ପଦାର୍ଥ ମାଟିକୁ ଅଠାଳିଆ କରନ୍ତି। ଏହାର ରଙ୍ଗ ଗାଢ ବାଦାମୀ ଏବଂ କ୍ଷୟହୀନ। ଏହାକୁ ହ୍ୟୁମସ୍ ବା ଖତିର କହନ୍ତି। ହ୍ୟୁମସ୍ ମାଟିର ଖଣିଜ କଣିକାରେ ରହି ମାଟିକୁ ଉର୍ବର କରାଏ। ଯେଉଁ ମାଟିରେ ହ୍ୟୁମସ ଅଧିକ ଥାଏ, ସେହି ମାଟି ସେତେ ଉର୍ବର। ସନ୍ତରକ ଏବଂ ଜୀବରସ ଉଦ୍ଭିଦର ବିଭିନ୍ନ ଅଭିବୃଦ୍ଧିରେ କାମ କରନ୍ତି।

ମାଟିଭିତରେ ଥିବା ବିଭିନ୍ନ ଶିଉଳି କ୍ଷୁଦ୍ର ଉଦ୍ଭଦ ସଦୃଶ ଅଟନ୍ତି। ଶିଉଳି ମଧ୍ୟରେ ନୀଳହରିତ୍ ଶୈବାଳ ଏକ ସୂକ୍ଷ୍ମ ଉଦ୍ଭିଦ। ଉକ୍ତ ଶୈବାଳ ବାୟୁ ମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନକୁ ନିଜ ଶରୀରକୁ ଗ୍ରହଣ କରି ସକ୍ରିୟ ଯବକ୍ଷାରଯାନରେ ପରିଣତ କରି ମାଟିକୁ ଛାଡ଼ନ୍ତି। ସନ୍ତରକ ପ୍ରଭାବରେ ଯବକ୍ଷାରଯାନ ମାଟିଭିତରେ ଆମୋନିୟମ୍ ଏବଂ ନାଇଟ୍ରେଟ୍‌ରେ ରୂପାନ୍ତରିତ ହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ। ନୀଳହରିତ୍ ଶୈବାଳ ସନ୍ତସନ୍ତିଆ ଧାନକ୍ଷେତରେ ଭଲ ବଢ଼ନ୍ତି। ଉକ୍ତ ଶୈବାଳ ଧାନ ଫସଲକୁ ଏକର ପ୍ରତି ୭ ରୁ ୧୦ କିଲୋଗ୍ରାମ ଯବକ୍ଷାରଯାନ ଯୋଗାନ୍ତି। ମାଟିରେ କବକ ଶ୍ରେଣୀର କେତେ ସୂକ୍ଷ୍ମ ଉଦ୍ଭିଦ ବାସକରନ୍ତି। ଛତୁ , ଫିମ୍ପି ଏବଂ ଇଷ୍ଟ ଆଦି କବକ ଶ୍ରେଣୀଭୁକ୍ତ। କବକ ପୁଷ୍ଟିସାର ଯୁକ୍ତ ଏକସୂକ୍ଷ୍ମ ଜୀବ। କେତେକ କବକ ମନୁଷ୍ୟ ଖାଦ୍ୟ ଉପଯୋଗୀ ଆଉ କେତେକ ବିଷାକ୍ତ ଏବଂ ଖାଦ୍ୟ ଅନୁପଯୋଗୀ। କବକର ମାଟିରେ ବିଘଟନ ହେଲେ ସେଥିରେ ଥିବା ଯବକ୍ଷାରଯାନ ଓ ଆମିନୋଅମ୍ଳ ମାଟିରେ ମିଶି ଫସଲର ଗ୍ରହଣ ଯୋଗ୍ୟ ହୋଇଥାଏ। ମାଇକୋରାଇଜା ଏକ କବକ ଜାତୀୟ ଜୀବାଣୁ, ଯାହା କି ଶୁଷ୍କ ଜମି ଫସଲର ଚେ଼ର ଭିତରେ ପ୍ରବେଶ କରି ମାଟିରେ ଥିବା ଖଣିଜ ଖାଦ୍ୟ ଉପାଦାନକୁ ନିଜ ଶରୀର ମଧ୍ୟକୁ ଆଣି ଯେଉଁ ଫସଲର ଚେରରେ ଥାଆନ୍ତି, ସେହି ଫସଲକୁ ଯୋଗାନ୍ତି। କବକ ଓ ଜୀବାଣୁ ଶ୍ରେଣୀ ମଧ୍ୟରେ ଅନ୍ୟ ଏକ ପ୍ରକାରର ଅଣୁଜୀବ ମାଟି ଭିତରେ ଥାନ୍ତି, ଯେଉଁମାନଙ୍କୁ ଆକ୍ଟିନୋମାଇସିଟେସ୍ କହନ୍ତି। ଉକ୍ତ ଜୀବ ଜଙ୍ଗଲ ଓ ସାଧାରଣ ମାଟି ଭିତରେ ଥିବା ପଚାଶଢା ହ୍ୟୁମସ୍ ସଦୃଶ ଏକ ଅଣୁଜୀବ। ଆକ୍ଟିନୋମାଇସିଟେସ୍ ଶରୀରରେ ସୂତା ପରି ସରୁ ଅନେକ କ୍ଷୁଦ୍ର ଅଂଶମାନ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖାଯାଆନ୍ତି। ଆକ୍ଟିନୋମାଇସିଟେସ୍ ଏକ ଏକକୋଷି ଅଣୁଜୀବ। ଏହାର କୋଷମାନଙ୍କରେ ମେମ୍‌ବ୍ରାନ୍ ବା ଝିଲ୍ଲୀ ନ ଥାଏ। ଏମାନେ କମ ଓଦା ଏବଂ ବାୟୁ ଚ଼ଳାଚଳ ମାଟିରେ ବହୁ ସଂଖ୍ୟାରେ ବଢ଼ନ୍ତି। କିନ୍ତୁ ମାଟି ଶୁଖିଗଲେ ମଧ ବଞ୍ଚନ୍ତି। ଆକ୍ଟିନୋମାଇସିଟେସ ଅଧିକ ଅମ୍ଳ ମାଟିରେ ବଢି ପାରନ୍ତି ନାହିଁ। ଉକ୍ତ ଏକକୋଷି ଅଣୁଜୀବ ପିଏଚ୍ ୬.୦ ରୁ ୭.୫ ମଧ୍ୟରେ ଭଲ ବଢ଼ନ୍ତି ଏବଂ ଆଳୁ ଜାତୀୟ ଫସଲରେ ମଧ୍ୟମ ପିଏଚ୍ ମାଟିରେ ଆକ୍ଟିନୋମାଇସିଟେସ୍ ଏକ ପ୍ରକାର ଯାଦୁରା ରୋଗ ସୃଷ୍ଟି କରନ୍ତି। ତେଣୁ ଅମ୍ଳ ମାଟିରେ ଆଳୁ ଭଲ ହୁଏ। ଉକ୍ତ ସୂକ୍ଷ୍ମଜୀବ ମାଟିରେ ଥିବା କଠିନ ସେଲୁଲୋଜ୍, ଲିଗନିନ୍ ଏବଂ ଫସଫେଟ୍ ଥିବା କଠିନ ତୈଳ ଜାତୀୟ ଜୈବ ଅଂଶକୁ ଭାଙ୍ଗି ଫସଲକୁ ଖାଦ୍ୟ ଯୋଗାନ୍ତି। ପ୍ରଥମ ହଳ ହେଉଥିବା ମାଟିରେ ଏମାନଙ୍କର ସଂଖ୍ୟାର ଉପସ୍ଥିତି ଭଲଭାବେ ଜାଣିହୁଏ। କାରଣ ଅଳ୍ପ ଓଦା ମାଟିକୁ ହଳ କଲେ ଏକ ପ୍ରକାର ସୁଗନ୍ଧି ବାସ୍ନା ମାଟିରୁ ନିର୍ଗତ ହୁଏ, ଯାହାକି ଆକ୍ଟିନୋମାଇସିଟେସ୍‌ର ବହୁ ସଂଖ୍ୟାରେ ଉପସ୍ଥିତି ଯୋଗୁ ହୋଇଥାଏ। ସ୍ୱଳ୍ପ ବର୍ଷା ହେଲେ ହାଲୁକା ଶୁଷ୍କ ମାଟିରୁ ଏପରି ବାସ୍ନା ବାହାରେ।





-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

(ଶେଷ ଭାଗ)

# ଗୋ-ସମ୍ବର୍ଦ୍ଧନା



ବର୍ତ୍ତମାନ ଗୋବରକୁ ଗୋବର ଗ୍ୟାସ୍‌ରେ ପରିଣତ କରି ଜାଳେଣି ଭାବେ ବ୍ୟବହାର କରିବା ସହିତ ଏଥିରୁ ନିର୍ଗତ ଗୋବର ଉତ୍କୃଷ୍ଟ ଜୈବିକ ଖତସାର ଭାବେ ବ୍ୟବହାର କରାଯାଉଛି। ବର୍ତ୍ତମାନ ଆମ ଦେଶ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ୨୨ ପ୍ରତିଶତ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିପାରିଛି। ଜାତୀୟ ସ୍ତରରେ ଦୈନିକ ମୁଣ୍ଡପିଛା ଉପଲବ୍ଧ ହେଉଥିବା ଦୁଗ୍ଧର ହାର ୨୦୧୯ରେ ୩୯୪ ଗ୍ରାମ୍, ୨୦୨୦ରେ ୪୧୧ ଗ୍ରାମ୍ ହୋଇଥିବା ବେଳେ ୨୦୨୧ରେ ଏହା ୪୨୮ ଗ୍ରାମ୍‌କୁ ବୃଦ୍ଧି ପାଇଛି। ଦୁଗ୍ଧ ଉତ୍ପାଦନରେ ଜାତୀୟ ସ୍ତରରେ ଉତ୍ତରପ୍ରଦେଶ ରାଜ୍ୟ ୧୮ ପ୍ରତିଶତ କରି ପ୍ରଥମ, ରାଜସ୍ଥାନ ୧୧ ପ୍ରତିଶତ କରି ଦ୍ୱିତୀୟ, ଆନ୍ଧ୍ରପ୍ରଦେଶ ୧୦ ପ୍ରତିଶତ କରି ତୃତୀୟ, ଗୁଜରାଟ ୮ ପ୍ରତିଶତ କରି ଚତୁର୍ଥ ଓ ପଞ୍ଜାବ ୭ ପ୍ରତିଶତ ଦୁଗ୍ଧ ଉତ୍ପାଦନ କରି ପଞ୍ଚମ ସ୍ଥାନରେ ପହଞ୍ଚିପାରିଛି।

ବର୍ତ୍ତମାନ ଆମ ରାଜ୍ୟରେ ୨୦୨୦-୨୧ ବର୍ଷରେ ୨୩୭୨ ହଜାର ମେଟ୍ରିକଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ଦୈନିକ ମୁଣ୍ଡପିଛା ମିଳୁଥିବା ଦୁଗ୍ଧର ପରିମାଣ ହେଉଛି ୧୩୫ ଗ୍ରାମ୍। ଜଗତ୍‌ସିଂହପୁର ଜିଲା ୧୫୪ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ କରି ପ୍ରଥମ ସ୍ଥାନରେ ଅଛି। ରାଜ୍ୟର ବଳକା ଦୁଗ୍ଧ ଆମ ପଡ଼ୋଶୀ ରାଜ୍ୟ ଯଥା - ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟକୁ ବିକ୍ରିବଟା ପାଇଁ ପଠାଯାଉଅଛି।

ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତନ୍ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଣୀତ ଯୋଜନା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ରାଷ୍ଟ୍ରୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ (ଏନ୍.ଏ.ଆଇ.ପି-୧, ୨), ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, କେବଳ ମାଈ ବାଛୁରୀ ସୃଷ୍ଟି କରିବା ନିମନ୍ତେ ସେକ୍ସ ସର୍ଟେଡ୍ ସିମେନ ବ୍ୟବହାର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଗୋଚର ଜମିରେ ସବୁଜ ଘାସ ଚାଷ, ଋତୁକାଳୀନ ଘାସ ମଞ୍ଜି ବଣ୍ଟନ, ସବୁଦିନିଆ ଘାସ ଚାଷ ନିମନ୍ତେ ପ୍ରତି ଅଧ ଏକର ପିଛା ୬ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ, ଆଜୋଲା ଚାଷ, ଶସ୍ୟର ଅବଶିଷ୍ଟାଂଶ ଉପଯୋଗ କରି ପୁଷ୍ଟିବର୍ଦ୍ଧନ କରିବା, ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ୨୦ ବା ତଦୂର୍ଦ୍ଧ୍ୱ ଉନ୍ନତ ଗାଈ ଓ ମଇଁଷି ପାଳନ କରିବା ନିମନ୍ତେ ଯୋଜନା ଆଦି ପ୍ରମୁଖ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏଥିସହିତ ଦୁଗ୍ଧରୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ଗୋପାଳନରୁ ଅଧିକ ଲାଭ ପାଇବା ନିମନ୍ତେ ପି.ଏମ୍.ଏଫ୍.ଏମ୍.ଇ. ବା ଖାଦ୍ୟ ଅଣୁଉଦ୍ୟୋଗୀକରଣ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

ଆମ ରାଜ୍ୟ ସ୍ଥିତ ବିଭିନ୍ନ ପ୍ରଜାତିର ଦେଶୀ ଗୋରୁ ଯଥା - ବିଞ୍ଝାରପୁରୀ, ଘୁମୁସରୀ, ମୋଟୁ, ଖରିଆଳ ଏବଂ ମଇଁଷି ପ୍ରଜାତି ଯଥା - ଚିଲିକା ଓ କଳାହାଣ୍ଡି ମଇଁଷି ଜାତିର ସଂରକ୍ଷଣ ସହିତ ସୁରକ୍ଷା ଓ ବିକାଶ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏତଦ୍‌ବ୍ୟତୀତ ବୃଦ୍ଧ, ବିକଳାଙ୍ଗ ଓ ଅକର୍ମଣ୍ୟ ଗୋରୁଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ପ୍ରତ୍ୟେକ ଜିଲା ସ୍ତରରେ ନୂତନ ଗୋଶାଳାମାନ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ଯୁବୋଦ୍ୟୋଗୀ ବା ଜୀବକଲ୍ୟାଣରେ ନିହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସରକାର ଆହ୍ୱାନ କରିଛନ୍ତି। ଏଥିପାଇଁ ୨ ଏକରରୁ ୫ ଏକର ବା ତଦୂର୍ଦ୍ଧ୍ୱ ନିଜସ୍ୱ ଜାଗା କିମ୍ବା ଲିଜ୍ ଜାଗାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟସ୍ଥିତ ଗୋଶାଳାଗୁଡ଼ିକୁ ସରକାର ପ୍ରତିବର୍ଷ ଗୋମାତାର ରକ୍ଷଣାବେକ୍ଷଣ, ସେବା ପ୍ରଦାନ ଓ ଯତ୍ନ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରି ଆସୁଛନ୍ତି।

ଚଳିତବର୍ଷ କରୋନା ନିର୍ଦ୍ଦେଶାବଳୀକୁ ଅନୁସରଣ କରି ନୟାଗଡ଼ ଜିଲାରେ ରାଜ୍ୟସ୍ତରୀୟ ଏବଂ ପ୍ରତ୍ୟେକ ଜିଲାରେ ଜିଲାସ୍ତରୀୟ ୭୦ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଉଅଛି। ଏହି ଉତ୍ସବ ପାଳନ ଅବସରରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଗୋପାଳକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ପ୍ରାଣୀ ଚିକିତ୍ସା ଶିବିର, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର, ଗୋ-ପୂଜନ, ଗୋ-ବତ୍ସା ପ୍ରଦର୍ଶନୀ, ଶ୍ରେଷ୍ଠ ଗୋପାଳକମାନଙ୍କୁ ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି।

**-ଡା. ବୀର କିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ସୋରିଷ ମଞ୍ଜି ବିଶୋଧନ



ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିସାନ୍, ପୁଷା ମସ୍‌ଟାର୍ଡ଼-୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।

## ଫୁଲଚାଷ

-ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ ।
-କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ ।
-ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
-ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୦/୨୦୨୧ Bhubaneswar, Wednesday, November 10/ 2021

# ରୋହିତ ଶର୍ମା ଅଧିନାୟକ

**ନୂଆଦିଲ୍ଲୀ, ୯।୧୧**

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ରୋହିତ ଶର୍ମା ନୂଆ ଅଧିନାୟକ ହୋଇଥିବାବେଳେ ଲୋକେଶ ରାହୁଲଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଟି୨୦ ଅଧିନାୟକରୁ ଓହରି ଯାଇଥିବା ବିରାଟ କୋହଲିଙ୍କ ସମେତ କେତେକ ପ୍ରଥମ ପସନ୍ଦର ଖେଳାଳିଙ୍କୁ ଦଳରେ ଦେଖିବାକୁ ମିଳିନାହିଁ। ବିରାଟଙ୍କ ସମେତ

**ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷିତ**

**କୋହଲି, ବୁମ୍ରା, ଶାମି, ଜାଡେଜାଙ୍କୁ ବିଶ୍ରାମ**

ଦୁଇ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ଓ ମହମ୍ମଦ ଶାମି ଏବଂ ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସର୍ବାଧିକ ରନ ସଂଗ୍ରହକାରୀ ଋତୁରାଜ ଗାଏକ୍ୱାଡ ଏବଂ ଉଇକେଟ ହାସଲକାରୀ ହର୍ଷଲ ପଟେଲଙ୍କୁ ୧୬ ଜଣିଆ ଦଳରେ ସ୍ଥାନ ଦିଆଯାଇଛି। ଆହତ ସମସ୍ୟା ଦେଇ ଗତି କରୁଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର ଭାବେ ଭେଙ୍କଟେଶ ଆୟାରଙ୍କୁ ସୁଯୋଗ ମିଳିଛି। ଗତ ଟି୨୦ ବିଶ୍ୱକପରେ ହାର୍ଦ୍ଦିକ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଋତୁରାଜ ପୂର୍ବରୁ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ସିନିୟର ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ଦ୍ରୁତ ବୋଲର ମହମ୍ମଦ ସିରାଜ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟି୨୦ ବିଶ୍ୱକପ ପାଇଁ ରିଜର୍ଭ ତାଲିକାରେ ଥିବା ଶ୍ରେୟାସ ଆୟାର, ଅକ୍ଷର ପଟେଲ, ଦୀପକ ଚହରଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇଛି। ଚଳିତ ମାସ ୧୭ ତାରିଖରୁ ଭାରତ-ନ୍ୟୁଜିଲାଣ୍ଡ ସିରିଜ ଆରମ୍ଭ ହେବ। ପ୍ରଥମ ମ୍ୟାଚ ଜୟପୁରରେ ଖେଳାଯିବ। ୧୯ରେ ଦ୍ୱିତୀୟ ମ୍ୟାଚ ରାଞ୍ଚି ଏବଂ ୨୧ରେ ତୃତୀୟ ମ୍ୟାଚ କୋଲକାତାରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ-ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ (ଉଇକେଟ କିପର), ଇଶାନ କିଶନ (ଉଇକେଟ କିପର), ଭେଙ୍କଟେଶ ଆୟାର, ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଆଭେଶ ଖାଁ, ଭୁବନେଶ୍ୱର କୁମାର, ଦୀପକ ଚହର, ହର୍ଷଲ ପଟେଲ, ମହମ୍ମଦ ସିରାଜ।



ଲୋକେଶ ରାହୁଲ ଓ ରୋହିତ ଶର୍ମା।

# କମେଣ୍ଟ୍ରିକୁ ଫେରିପାରନ୍ତି ଶାସ୍ତ୍ରୀ

**ଦୁବାଇ, ୯।୧୧ (ପି.ଟି.)**

ଭାରତୀୟ ଦଳର ବିଦାୟୀ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କ୍ରିକେଟ କମେଣ୍ଟ୍ରିକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ସୂଚନା ଦେଇଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ହେବା ପୂର୍ବରୁ ୫୯ ବର୍ଷୀୟ ଶାସ୍ତ୍ରୀ କ୍ରିକେଟ କମେଣ୍ଟ୍ରିରେ ଜଣେ ଜଣାଶୁଣା ବ୍ୟକ୍ତି ଥିଲେ। ନାମ୍ବିଆ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ୨୦୧୧ରେ ଯେତେବେଳେ ନୁୱାନ କୁଲସେକରାଙ୍କ ଏକ ବଲ୍‌କୁ ଛକା ଲଗାଇ ମହେନ୍ଦ୍ର ସିଂ ଧୋନୀ ୨୮ ବର୍ଷ ବ୍ୟବଧାନରେ ଭାରତ ପାଇଁ ବିଶ୍ୱକପ୍ ଟ୍ରଫି ଆଣିଦେଲେ ଶାସ୍ତ୍ରୀ ସେତେବେଳେ କମେଣ୍ଟ୍ରି ବକ୍ସରେ ଥିଲେ।

# ମିତ୍ରଭା ଭାରତର ୭୨ତମ ଗ୍ରାଣ୍ଡମାଷ୍ଟର

**ଚେନ୍ନାଇ, ୯।୧୧(ପି.ଟି.)**

କୋଲକାତା ଭିତ୍ତିକ ଖେଳାଳି ମିତ୍ରଭା ଗୁହା ଭାରତର ୭୨ତମ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି। ସର୍ବିୟାରେ ଅନୁଷ୍ଠିତ ମିକ୍ସ ୨୨୦ ଟୁର୍ନାମେଣ୍ଟରେ ସେ ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଛନ୍ତି। ୨୦ ବର୍ଷୀୟ ଗୁହା ସୋମବାର ୯ମ ରାଉଣ୍ଡରେ ସର୍ବିୟା ଗ୍ରାଣ୍ଡମାଷ୍ଟର ନିକୋଲା ସେଡଲାକଙ୍କୁ ପରାସ୍ତ କରିଥିଲେ। ଟୁର୍ନାମେଣ୍ଟରେ ସେ ୬ ବିଜୟ ହାସଲ କରିଥିବାବେଳେ ୨ଟି ମ୍ୟାଚ ଡ୍ର ରଖିଥିଲେ ଏବଂ ଏକମାତ୍ର ୭ମ ରାଉଣ୍ଡରେ ରୁଷିଆ ଗ୍ରାଣ୍ଡମାଷ୍ଟର ଭ୍ଲାଡିମିର ଜାଖାର୍ତ୍ତସୋଭଙ୍କଠାରୁ ହାରିଥିଲେ। ୧୫ ଦିନ ପୂର୍ବରୁ ବାଂଲାଦେଶରେ ଅନୁଷ୍ଠିତ ଶେଖ୍ ରସେଲ ଗ୍ରାଣ୍ଡମାଷ୍ଟର ଟୁର୍ନାମେଣ୍ଟରେ ଏହି କୋଲକାତା ଖେଳାଳି ନିଜ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ ଏବଂ ଆବଶ୍ୟକ ୨୫୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ। ଜଣେ ଚେସ୍ ଖେଳାଳିଙ୍କୁ ଗ୍ରାଣ୍ଡମାଷ୍ଟର ହେବାପାଇଁ ହେଲେ ୩ଟି ଗ୍ରାଣ୍ଡମାଷ୍ଟର ନର୍ମ ପୂରଣ ସହ ୨୫୦୦ ଏଲୋ ରେଟିଂ ସ୍ପର୍ଶ କରିବାକୁ ପଡ଼ିଥାଏ। ଗ୍ରାଣ୍ଡମାଷ୍ଟର ହୋଇଥିବାରୁ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ଗୁହାଙ୍କୁ ଅଭିନନ୍ଦନ ଜଣାଯାଇଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ଚେସ୍ କିମ୍ବଦନ୍ତି ବିଶ୍ୱନାଥନ ଆନନ୍ଦ ମଧ୍ୟ ଗୁହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। "ଅଭିନନ୍ଦନ ମିତ୍ରଭା, ଦୁଇ ଦିନରେ ୨ ଜଣ ଗ୍ରାଣ୍ଡମାଷ୍ଟର। ୧୦୦ତମ ଗ୍ରାଣ୍ଡମାଷ୍ଟର ଖୁବ୍‌ଶୀଘ୍ର" ବୋଲି ଆନନ୍ଦ ଟୁଇଟ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗୋଟିଏ ଦିନ ପୂର୍ବରୁ ସର୍ବିୟା ଟୁର୍ନାମେଣ୍ଟରେ ସଙ୍କଳ୍ପ ଗୁପ୍ତା ଭାରତର ୭୧ତମ ଗ୍ରାଣ୍ଡମାଷ୍ଟର ହୋଇଥିଲେ।


ମିତ୍ରଭା ଗୁହା

# ବିଶ୍ୱ ମହିଳା ବକ୍ସିଂ ସ୍ଥଗିତ ହୋଇପାରେ

**ନୂଆଦିଲ୍ଲୀ, ୯।୧୧ (ପି.ଟି.)**

ତୁର୍କୀରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ଦେଶରେ ଆସନ୍ତା ମାସରେ ହେବାକୁଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌କୁ ଯେ କୌଣସି ମୁହୂର୍ତ୍ତରେ ସ୍ଥଗିତ ରଖାଯାଇପାରେ। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା)ର ଜଣେ ମୁଖପାତ୍ର ମଙ୍ଗଳବାର ଏ ବିଷୟରେ ସୂଚନା ଦେଇଛନ୍ତି। ଚାମ୍ପିୟନଶିପ୍ ଇସ୍ତାନବୁଲ୍‌ରେ ଡିସେମ୍ବର ୪ରୁ ୧୮ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ତୁର୍କୀରେ କୋଭିଡ୍ ସଂଖ୍ୟା ବୃଦ୍ଧି ପାଉଥିବାରୁ ବହୁ ଦେଶ ଏଥିରେ ଭାଗ ନେବା ଲାଗି କୁଣ୍ଠାପ୍ରକାଶ କରୁଛନ୍ତି। ଇତିମଧ୍ୟରେ ଆଇବା ସଭାପତି ଉମାର କ୍ରେମ୍‌ଲେଭ୍‌ଙ୍କୁ ନେଇ ଏକ ରାଉଣ୍ଡ ଟେବୁଲ ବୈଠକ ବସି ସାରିଛି। ବହୁ ଦେଶ ସେମାନଙ୍କ ମତାମତ ଉପସ୍ଥାପନ କରିସାରିଛନ୍ତି।

# ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବ ଭାରତ 'ଏ' ଦଳ

**ନୂଆଦିଲ୍ଲୀ, ୯।୧୧(ପି.ଟି.)**

ଚଳିତ ମାସ ୨୩ ତାରିଖରୁ ଭାରତ 'ଏ' କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ଘୋଷିତ ଦଳରେ ଜମ୍ମୁ କଶ୍ମୀର ପେସର ଇମରାନ ମଲିକଙ୍କୁ ସାମିଲ କରାଯାଇଥିବାବେଳେ ଗୁଜରାଟର ପ୍ରିୟଙ୍କ ପଞ୍ଚାଲଙ୍କୁ ଅଧିନାୟକ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସିନିୟର ଚୟନ କମିଟି ପକ୍ଷରୁ ମନୋନୀତ ୧୪ ଜଣିଆ ଦଳ ଦକ୍ଷିଣ ଆଫ୍ରିକାରେ ୩ଟି ୪ ଦିନିଆ ମ୍ୟାଚ ବ୍ଲୋଏମ୍‌ଫୋଣ୍ଟେନରେ ଖେଳିବ। ୨୧ ବର୍ଷୀୟ ମଲିକ ଏପର୍ଯ୍ୟନ୍ତ ଜାତୀୟ ସ୍ତରରେ ମାତ୍ର ଗୋଟିଏ ଲିଷ୍ଟ-ଏ ଏବଂ ୮ଟି ଟି୨୦ ମ୍ୟାଚ ଖେଳିଛନ୍ତି। ମାତ୍ର ଗତ ଆଇପିଏଲରେ ତାଙ୍କ ପ୍ରଦର୍ଶନ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛି। ସେ ଘଣ୍ଟା ପ୍ରତି ୧୫୨.୯୫ କି.ମି. ବେଗରେ ବଲ୍ ପକାଇ ଟୁର୍ନାମେଣ୍ଟର ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଥିଲେ। ଚଳିତ ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟରେ ଜମ୍ମୁ କଶ୍ମୀର ଖରାପ ଖେଳିଥିଲେ ହେଁ ମଲିକ ୪ ମ୍ୟାଚରୁ ୬ଟି ଉଇକେଟ ନେଇଥିଲେ। ୩୧ ବର୍ଷୀୟ ପଞ୍ଚାଲ ନିଜ ନେତୃତ୍ୱରେ ଗୁଜରାଟକୁ ସୟଦ ମୁସ୍ତାକ ଅଲୀ ଟ୍ରଫିର କ୍ୱାର୍ଟର ଫାଇନାଲରେ ପହଞ୍ଚାଇଛନ୍ତି। ପୃଥ୍ୱୀ ଶ', ଅଭିମନ୍ୟୁ ଈଶ୍ୱରନ, ଦେବଦତ୍ତ ପଡିକାଲ, ନବଦୀପ ସଇନୀ ଓ ରାହୁଲ ଚହରଙ୍କ ପରି ଖେଳାଳିଙ୍କୁ 'ଏ' ଦଳରେ ସ୍ଥାନ ମିଳିଛି।

**ଭାରତ 'ଏ' ଦଳ:** ପ୍ରିୟଙ୍କ ପଞ୍ଚାଲ (ଅଧିନାୟକ), ପୃଥ୍ୱୀ ଶ', ଅଭିମନ୍ୟୁ ଈଶ୍ୱରନ, ଦେବଦତ୍ତ ପଡ଼ିକାଲ, ସର୍ଫରାଜ ଖାଁ, ବାବା ଅପରାଜିତ, ଉପେନ୍ଦ୍ର ଯାଦବ, କ୍ରିଷ୍ଣାପ୍ପା ଗୋଥାମ, ରାହୁଲ ଚହର, ସୌରଭ କୁମାର, ନବଦୀପ ସଇନୀ, ଉମରାନ ମଲିକ, ଇଶାନ ପୋରେଲ, ଆରଜାନ ନାଗ୍ୱାସ୍ୱାଲା।

# ବାଙ୍ଗର ଆର୍‌ସିବିର ମୁଖ୍ୟ କୋଚ୍

**ବେଙ୍ଗାଲୁରୁ, ୯।୧୧(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସଞ୍ଜୟ ବାଙ୍ଗରଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ପୂର୍ବରୁ ସେ ଦଳର ବ୍ୟାଟିଂ ପରାମର୍ଶଦାତା ଥିଲେ। ତାଙ୍କୁ ୨ ବର୍ଷ ପାଇଁ ଏହି ନିଯୁକ୍ତି ଦିଆଯାଇଥିବା ଆରସିବି ଫ୍ରାଞ୍ଚାଇଜ୍ ପକ୍ଷରୁ ମଙ୍ଗଳବାର ପ୍ରକାଶ କରାଯାଇଛି। ପୂର୍ବରୁ ଅଷ୍ଟ୍ରେଲିଆର ସାଇମନ କାଟିଚ ଆରସିବିର ମୁଖ୍ୟ କୋଚ୍ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପଦରୁ ଓହରି ଯିବାରୁ ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ୍ସ ଦାୟିତ୍ୱରେ ଥିବା ମାଇକ ହେସନଙ୍କୁ ଗତ ଆଇପିଏଲର ୟୁଏଇ ଚରଣ ପୂର୍ବରୁ ଅତିରିକ୍ତଭାବେ ମୁଖ୍ୟ କୋଚ୍ ଦାୟିତ୍ୱ ଦିଆଯାଇଥିଲା। ବାଙ୍ଗରଙ୍କୁ ଆଗାମୀ ୨ ବର୍ଷ ପାଇଁ ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରାଯାଇଛି ବୋଲି ହେସନ ଆରସିବିର ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରି ପ୍ରକାଶ କରିଛନ୍ତି। "ସଞ୍ଜୟଙ୍କର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ଉତ୍ତମ ସମ୍ପର୍କ ଥିଲା। ସେ ନିଜ ଅଭିଜ୍ଞତା ଦ୍ୱାରା ଏହା କରିପାରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମେ ଆଗାମୀ ସଂସ୍କରଣ ପୂର୍ବରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଛୁ" ବୋଲି ହେସନ କହିଛନ୍ତି।

ବାଙ୍ଗର ୨୦୧୪ରୁ ୫ ବର୍ଷ ପର୍ଯ୍ୟନ୍ତ ଭାରତୀୟ ସିନିୟର କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଥିଲେ। ୨୦୧୯ ବିଶ୍ୱକପ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ତେଣୁ ତାଙ୍କଠାରେ ପ୍ରଚୁର ଅଭିଜ୍ଞତା ରହିଛି। ନୂଆ ଦାୟିତ୍ୱରେ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି ସଞ୍ଜୟ। "ମୁଁ ଦଳର କେତେକ ବିଶେଷ ଖେଳାଳି ଓ ସଦସ୍ୟଙ୍କ ସହ କାର୍ଯ୍ୟ କରି ଆସିଛି। ତେଣୁ ଦଳକୁ ଭିନ୍ନ ଏକ ସ୍ତରକୁ ନେବା ମୋର ଲକ୍ଷ୍ୟ। ଆଇପିଏଲ ମେଗା ଖେଳାଳି ନିଲାମ ପୂର୍ବରୁ ଅନେକ କାର୍ଯ୍ୟ କରିବାର ଅଛି। ମ୍ୟାନେଜମେଣ୍ଟ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ମିଳିତ ସହଯୋଗରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ ସହ ବିଶ୍ୱବ୍ୟାପୀ ଥିବା ଆମ ଦର୍ଶକଙ୍କୁ ଖୁସି କରିପାରିବୁ ବୋଲି ଆଶା ରହିଛି" ବୋଲି ସେ ପ୍ରକାଶ କରିଛନ୍ତି। ୪୯ ବର୍ଷୀୟ ବାଙ୍ଗର ୨୦୦୧ରୁ ୨୦୦୪ ମଧ୍ୟରେ ଭାରତ ପକ୍ଷରୁ ୧୨ଟି ଟେଷ୍ଟ ଓ ୧୫ଟି ଦିନିକିଆ ଖେଳିଛନ୍ତି।



ସଞ୍ଜୟ ବାଙ୍ଗର




**Honda Motorcycle & Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

Finance Scheme offers are available through select preferred finance partners on select models for select profile of customers at their sole discretion and is subject to Finance Company Policy. No two offers can be clubbed together. Cashback offer mentioned is 5% Cashback up to Rs.5000 per card on Minimum Transaction of Rs.50000, applicable only on EMI transaction via select SBI Credit Cards, once per month during the offer period. Scheme validity from 1st September to 30th November 2021. Schemes & offers available at select Dealerships only & can be withdrawn at any time without prior notice. ##Rs.5 Lakh Personal Accident Cover applicable on purchase of Honda Joy Club Loyalty membership. All Claims will settle as per policy & guidelines of insurance company. For more details, please call on HJC helpdesk 18005322555. *Terms & Conditions apply. Product shown in the picture may vary from the actual product available in the market. Accessories shown in the product are not part of the standard equipment.

**Honda Exclusive Authorized Dealerships:** **ATHAGARH:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 9776320574; **BANKI:** Shree Honda - 06723-240099, 9658201234; **BIDHARPUR:** Saivinayak Honda - 9937060477, 7894446899; **BHUBANESWAR:** Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734884, 9090067366; MO Honda - 0674-2964289, 7008990541; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 0671-2304628, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **JAGATSINGHPUR:** Kanchan Murali Honda - 06724-222122, 223112, 7809568988, 9090876483; **JAGATPUR:** Durga Honda - 9114900105; **JATNI:** PGL Honda - 0674-2492419, 7788001033; **KEONJHAR:** Pritam Honda - 06766-254138, 8908881717; Barbil: Royal Motors- 7008712784; **NAYAGRAH:** Pattnaik Honda - 7205028044, 9937083142; **NARSINGH PUR:** Baba Honda - 9438057701; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda: 0672236122, 9040650040; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244, 7852930844; **PATTAMUNDAI:** Satya Honda - 9439375055; **SALEPUR:** S.N.Honda - 9437439076; **GAREJ CHACK:** Gugnani Honda - 7008342169, 8144286965; **KENDRAPARA:** Saisudha Honda - 9178455081/2/3/4; **KANDARPUR:** Jay Pee Honda - 9861007679.

**For Bulk/Institutional enquiries, please write us at: institutionalsales@honda2wheelersindia.com**

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ନଭେମ୍ବର, ୨୦୨୧



## ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

ଆସିକା,(ଡି.ଏନ୍.ଏ.): ଆସିକା ଏନ୍‌ଏସି ସୁନାମ୍ଧ ଦଳିତ ସାହିରେ ବାପାଙ୍କୁ ନିର୍ଘୁମ ମାଡ଼ ମାରିବା ସହ ମାରିଦେବା ଲାଗି ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି । ସେ ହେଲେ ବୁଲୁ ଦାସ । ବୁଲୁ ଗତ ରବିବାର ନିଶାସକ୍ତ ଅବସ୍ଥାରେ ଘରେ ଝଗଡା କରିବା ସହ ବାପାଙ୍କ ମୁଣ୍ଡକୁ ଏକ କାଠରେ ପ୍ରହାର କରିଥିଲେ । ପରେ ସେ ଏକ ଠେଙ୍ଗା ଧରି ଆକ୍ରମଣ ଲାଗି ଉଦ୍ୟମ କରିଥିଲେ । ଏ ନେଇ ଆହତ ଭାଇଗ ଦାସ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୩୩/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୁଲୁଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ସଂକ୍ଷେପରେ

### ଅଚେତ ଅବସ୍ଥାରେ ନାବାଳିକା ଉଦ୍ଧାର

ରାଇକିଆ,୯।୧୧(ଡି.ଏନ୍.ଏ.) କନ୍ଧମାଳ ଜିଲା ରାଇକିଆ ସ୍ଥିତ ଏକ ନିର୍ମାଣାଧୀନ ପାର୍କ ନିକଟରୁ ମଙ୍ଗଳବାର ଅଚେତ ଅବସ୍ଥାରେ ଜଣେ ନାବାଳିକାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତାଙ୍କୁ ରାଇକିଆ ମେଡିକାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅପରାହ୍ନରେ ଚେତା ଫେରିଥିଲା। ନାବାଳିକା ଜଣକ ନିଜ ନାମ, ପରିଚୟ ଓ ଠିକଣା ଠିକ ଭାବେ କହିପାରି ନଥିଲେ। ସାମାଜିକ କର୍ମୀ ସୁକାନ୍ତ ନାୟକଙ୍କ ସହଯୋଗରେ ତାଙ୍କୁ ଜି.ଉଦୟଗିରସ୍ଥିତ ଏକ ଚାଇଲ୍ଡ କେୟାର ଅନୁଷ୍ଠାନରେ ରଖାଯାଇଛି ।

### କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

କ.ନୂଆଗାଁ/ବାଲିଗୁଡ଼ା,୯।୧୧(ଡି.ଏନ୍.ଏ.) କ.ନୂଆଗାଁ ମେଡିକାଲ କଲୋନୀରେ ଥିବା ଏକ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମେଡିକାଲ ଆଟେଣ୍ଡାଣ୍ଟ ବାୟାନାଥ ପ୍ରଧାନଙ୍କ ମା' ରଙ୍ଗବତୀ ପ୍ରଧାନ (୯୫)। ମଙ୍ଗଳବାର ସକାଳେ ବୃଦ୍ଧା ଜଣକ ଘର ପଛପଟକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି କୂଅରେ ମୃତଦେହ ଭାସୁଥିବା ଦେଖିଥିଲେ। କ.ନୂଆଗାଁ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହର କରିଥିଲେ। ନଂ. ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ହିଞ୍ଜିଳିକାଟୁ,୯।୧୧(ଡି.ଏନ୍.ଏ.):ହିଞ୍ଜିଳି ଥାନା ଗଣ୍ଡଳା ଗ୍ରାମରେ ସୋମବାର ସନ୍ଧ୍ୟାରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଣ୍ଡଳା ଗ୍ରାମର ସୀମାଞ୍ଚଳ ସେଠୀ (୨୭)। ସୀମାଞ୍ଚଳ ସନ୍ଧ୍ୟାରେ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ତୁଠରେ ଗୋଡ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଛି। ନଂ.୧୨/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ୱାରେଣ୍ଟ ବଳରେ ୩ ଗିରଫ

ବୁଗୁଡ଼ା,୯।୧୧(ଡି.ଏନ.ଏ.)-ବୁଗୁଡ଼ା ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୱାରେଣ୍ଟ ବଳରେ ତିନି ଫେରାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ା ଥାନା ଏକଡାଳ ଗ୍ରାମର ପ୍ରକାଶ ଜେନା ବାଲିପଦର ମହାରଣା ସାହିର ସୁଧୀର କୁମାର ଗୁରୁ ଏବଂ ପୋଚାଲୁଣ୍ଡି ଗ୍ରାମର ରଘୁନାଥ ବେହେରା। ବିଭିନ୍ନ ମାମଲାରେ ଏହି ତିନି ଜଣ ଅଭିଯୁକ୍ତ ସମ୍ପୃକ୍ତ ଥାଇ ବହୁ ଦିନ ହେଲା ଫେରାର ଥିଲେ ବୋଲି ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ଶେରଗଡ଼,୯।୧୧(ଡି.ଏନ୍.ଏ.)-ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା ମଙ୍ଗଳବାର ଏକ ବେଆଇନ ବାଲି ଚାଲାଣ ଟ୍ରାକ୍ଟରକୁ ଜବତ କରିଛନ୍ତି । ଗାଡ଼ି ମାଲିକଙ୍କଠାରୁ ୫ହଜାର ଜରିମାନା ଆଦାୟ କରିବା ପରେ ଟ୍ରାକ୍ଟରକୁ ଛାଡ଼ିଦିଆଯାଇଛି। ଉକ୍ତ ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମା, ଶେରଗଡ଼ ରାଜସ୍ୱ ନିରୀକ୍ଷକ ବାବୁଲ କୁମାର ବେହେରା ସାମିଲ ଥିଲେ।

### ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ

କାଶୀନଗର,୯।୧୧(ଡି.ଏନ.ଏ.)- କାଶୀନଗର ତହସିଲ ଅନ୍ତର୍ଗତ କେ.ସିତାପୁର ପଞ୍ଚାୟତ ହୁନାଲି ଜଗନ୍ନାଥପୁର ଗ୍ରାମରେ ସ୍ଥାନୀୟ ତହସିଲ ତରଫରୁ ୩୦ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ତହସିଲଦାର ଡ.ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଦ୍ୱାରା ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଆରଆଇ, ଅମିନ ଓ ରାଜସ୍ୱ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାଶୀନଗର ତହସିଲ ତରଫରୁ ରାଜସ୍ୱ ରଥ ପରିକ୍ରମା କରି ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରାଯାଉଛି। ଫଳରେ ଗ୍ରାମାଞ୍ଚଳରେ ରାଜସ୍ୱ ସେବା ପାଇ ଉପକୃତ ହେଉଛନ୍ତି।

### ଗାଡ଼ି ସହ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)- ଆର.ଉଦୟଗିରି ଏସ୍‌ଡିପିଓ ଦିଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ମୋହନା ପୋଲିସ ଚାନ୍ଦିପୁଟ ମୋହନା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରିଛି। ପୋଲିସ ଗାଡ଼ି ଦେଖି ଏକ ଅଟୋ (ନଂ.ଓଡି୦୭ଏ ଏଫ୨୦୯୩) ଛାଡ଼ି ଦୁଇ ଜଣ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ପୋଲିସ ଅଟୋକୁ ଯାଞ୍ଚ କରିବା ବେଳେ ସେଥିରେ ୪ ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାକୁ ଓଜନ କରିବାରୁ ସେଥିରେ ୧୧୪ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ି ସହ ଗଞ୍ଜେଇ ଜବତ କରି ନଂ.୨୧୩/୨୧ରେ ମାମଲା ରୁଜୁ କରିଛି।

# ଆଦିବାସୀ ଚାଷୀଙ୍କୁ ସ୍ୱାବଲମ୍ବୀ କରାଇଛି ବାସୁମତୀ ଧାନ

**ଆର.ଉଦୟଗିରି,୯।୧୧(ଡି.ଏନ.ଏ.)**

ବାସୁମତୀ ଧାନ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ଆଦିବାସୀ ଚାଷୀ ପରିବାର। ଚାଷ ଓ ଚାଷୀଙ୍କ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନା କରିଆସୁଛନ୍ତି। ହେଲେ ଆଜିର ଦିନରେ ଅଧିକାଂଶ ଚାଷୀ ଚାଷ କାମରୁ ବିମୁଖ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ଆର.ଉଦୟଗିରି ବ୍ଲକ ଶବରପଲ୍ଲି ପଞ୍ଚାୟତର ଫଟାଚାଞ୍ଜଡ଼ା ଗ୍ରାମର ଶତାଧିକ ଆଦିବାସୀ ବାସୁମତୀ ଧାନ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ପୂର୍ବ ଅପେକ୍ଷା ଭଲ ଫସଲ ହେଉଥିବା ବେଳେ ଅଳ୍ପ ଜମିରେ ଏବେ ଲହଡି ଭାଙ୍ଗୁଛି ସୁନାର ଫସଲ ; ଯାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଏହି ଆଦିମ ଜନଜାତି ଲୋକ। ପାହାଡ଼ ପର୍ବତ ଘେରା ଆଦିବାସୀ ଅଧ୍ୟୁସିତ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଶବରପଲ୍ଲି ପଞ୍ଚାୟତର ଫଟାଚାଞ୍ଜଡା ଗ୍ରାମର



ବାସୁମତୀ ଧାନ ଚାଷ।

ପ୍ରାୟ ୫୦ ଏକର ଚାଷ ଜମିରେ ୧୦୦ ଆଦିବାସୀ ପରିବାର ଉନ୍ନତ କିସମର ବାସୁମତୀ ଧାନ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଖାଲ ଢିପ ଅଣଓସାରିଆ ଜମିରେ ପାରମ୍ପରିକ ଭାବେ ଆଦିବାସୀ ସାଇତି ରଖିଥିବା ବିହନକୁ ଚାଷ କରିଆସୁଥିବା ବେଳେ ଆଶା ଅନୁରୂପକ ଫସଲ ଅମଳ ହୋଇପାରୁ ନ ଥିଲା। ଯାହା ଫଳରେ ଚାଷ କାର୍ଯ୍ୟ କରିବା ପାଇଁ ସାହୁକାରଠାରୁ ଆଣିଥିବା ଧାର କରଜ ସର୍ବଦା ସେମାନଙ୍କ ମୁଣ୍ଡ ଉପରେ ବୋଝ ହୋଇ ରହୁଥିଲା। ହେଲେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆଇଟିଡିଏ ପାରଳାଖେମୁଣ୍ଡି ପକ୍ଷରୁ ମିଶନ ଜୀବିକା କାର୍ଯ୍ୟକ୍ରମରେ ଚଳିତ ବର୍ଷ ମିଳିଥିବା ସହାୟତାରେ ସ୍ୱଳ୍ପ ଜମିରେ ଅଧିକା ଫସଲ ହୋଇପାରିଛି ; ଯାହାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି ଆଦିବାସୀ ଚାଷୀ। ପାରଳାଖେମୁଣ୍ଡି ଆଇଟିଡିଏ ଦ୍ୱାରା କାର୍ଯ୍ୟକାରୀ ମିଶନ ଜୀବିକା କାର୍ଯ୍ୟକ୍ରମ ଯୋଗୁ ଆଦିବାସୀ ଚାଷୀ ବାସୁମତୀ ଧାନ ଚାଷ କରି ସଫଳତା ହାସଲ କରିଥିବା ବେଳେ ଏହା ଅନ୍ୟମାନଙ୍କ ପ୍ରେରଣା ପାଲଟିଛି। ଏହି ଚାଷ ପାଇଁ ଫଟାଚାଞ୍ଜଡା ଅଞ୍ଚଳ ଜମି ପରିଦର୍ଶନ କରିଛନ୍ତି ବିଭାଗୀୟ ସଚିବଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏଭଳି ସହାୟତା ଦିଆଯିବା ସହ ଧାନ ବିକ୍ରି ପାଇଁ ମାର୍କେଟ ଲିଙ୍କ କରାଯିବ ବୋଲି ପାରଳାଖେମୁଣ୍ଡି ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ବେହେରା କହିଛନ୍ତି।

## ସ୍କୁଲ ପରିଚାଳନା କମିଟିକୁ ନେଇ ବିବାଦ

**ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)**

ମୋହନା ବ୍ଲକ ଟୁଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ଅଧିକାଂଶ ଲୋକ ପୁରୁଣା ପରିଚାଳନା କମିଟିକୁ ପୁଣି ଦାୟିତ୍ୱ ପ୍ରଦାନ କରିବାକୁ ଦାବି କରୁଥିବା ବେଳେ ଗ୍ରାମର ଅନ୍ୟ କିଛି ଲୋକ ନୂତନ କମିଟି ଗଠନ କରିବାକୁ ଅଡ଼ି ବସିଛନ୍ତି। ଫଳରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନେଇ ଏକ ପ୍ରକାର ଅପ୍ରୀତିକର ପରିବେଶ ସୃଷ୍ଟି ହେବା ସହ ସ୍କୁଲ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ଟୁଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟଟି ୧୯୫୨ରେ ସ୍ଥାପନ ହୋଇଛି। ବର୍ତ୍ତମାନ ଏଠାରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୮୪ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟରେ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପ୍ରତି ୩ବର୍ଷକୁ ଥରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ନିୟମ ରହିଛି। ସେ ଅନୁସାରେ ବର୍ତ୍ତମାନ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ପାଇଁ ଚିଠି ହୋଇଛି । ହେଲେ ଗ୍ରାମବାସୀ ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟର ପୁରୁଣା କମିଟିକୁ ପୁଣି ଦାୟିତ୍ୱ ଦେବାକୁ କହିଛନ୍ତି। ହେଲେ ଗ୍ରାମର ଅନ୍ୟ କେତେକ ଲୋକ ଏହି କମିଟିକୁ ରଦ୍ଦ କରି ପୁଣି ନୂତନ କମିଟି ଗଠନ କରିବାକୁ ଅଡ଼ି ବସିଛନ୍ତି। କେତେକ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ବିଦ୍ୟାଳୟକୁ ବଦ୍‌ନାମ କରୁଥିବା ପରିଚାଳନା କମିଟି ସଭାପତି ପାସ୍କେଲ ମଳିକ କହିଛନ୍ତି। ବର୍ତ୍ତମାନ ଟୁଟୁଗୁଡ଼ା ଓ ଗୋଚ୍ଛାଗୁଡ଼ା ଗ୍ରାମର ୭ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଶିକ୍ଷାକ୍ଷେତ୍ରରେ ଏହି ବିଦ୍ୟାଳୟ ଉପରେ ନିର୍ଭରଶୀଳ, ତେଣୁ ବ୍ୟକ୍ତିଗତ ଶତ୍ରୁତା କାରଣରୁ ବିଦ୍ୟାଳୟକୁ ବଦ୍‌ନାମ ନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ ମୋହନା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରାଙ୍କୁ ପଚାରିବାରୁ ସପ୍ତାହେ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଜି.ଉଦୟଗିରି,୯।୧୧(ଡି.ଏନ.ଏ.)**

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶକ୍ତିକାନ୍ତ ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଜି.ଉଦୟଗିରି ବିଧାୟକ ତଥା ରୋଗୀ କଲ୍ୟାଣ ସମିତି ଚେୟାରମ୍ୟାନ ସାଲୁଗା ପ୍ରଧାନ ଅଧକ୍ଷତା କରିଥିଲେ। ବିଡିଓ ଆଶିଷ କୁମାର ତ୍ରିପାଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ଆଡିଶନାଲ ତହସିଲଦାର ମାନସ ରଞ୍ଜନ ମଲ୍ଲିକ, ବ୍ଲକ ଅଧକ୍ଷ ହୃଦାନନ୍ଦ କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ୨୦୨୧-୨୦୨୨ ଆୟବ୍ୟୟ ଅଟକଳ ସହିତ, ଷ୍ଟାଫ୍ କ୍ୱାର୍ଟର ପୂର୍ଣ୍ଣାଙ୍ଗ କରିବା, ପୋଷ୍ଟମଟମ ଗୃହକୁ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ସ୍ୱାସ୍ଥ୍ୟକେନ୍ଦ୍ରରେ ଇଲେକ୍ଟ୍ରିଏବଂ ପାନୀୟ ଯୋଗାଣ ବ୍ୟବସ୍ଥାର ନବୀକରଣ କରିବା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ହାଇମାଷ୍ଟ ଲାଇଟ ଲଗାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଦେବନାଥ ଦଳବେହେରା, ବିଧାୟକ ପ୍ରତିନିଧି ଯମେଶ ଚନ୍ଦ୍ର ପ୍ରଧାନ, ଏବିଇଓ ବାଣୀ ଚରଣ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲାପାଳଙ୍କ ୯ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



କେଲୁଆପଲୀ ଉଚ୍ଚ ବିଦ୍ୟାଳୟ ଜିଲାପାଳ ପରିଦର୍ଶନ କରୁଛନ୍ତି।

**ଗୋପାଳପୁର,୯।୧୧(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୯ ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନ କରିବା ସହ ସମୀକ୍ଷା ଓ ତଦାରଖ କରିଛନ୍ତି। ପୂର୍ବାହ୍ନରେ କନିଷି ହାଟସ୍ଥିତ ବାଲାଜି ବିଦ୍ୟାପୀଠ, ପଞ୍ଚମା ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୋଳନ୍ଥରା ଚଟିସ୍ଥିତ ବିଶ୍ୱନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟ, ଶାସନପଦର ଉଚ୍ଚ ବିଦ୍ୟାଳୟ, କେଲୁଆପଲୀ ଉଚ୍ଚ ବିଦ୍ୟାଳୟ, ନ୍ୟାଶନାଲ ହାଇସ୍କୁଲ ଡୁରା, ଗୋପାଳପୁରସ୍ଥିତ ପିଏମ୍ ଉଚ୍ଚ ବିଦ୍ୟାଳୟ, କରାପଲ୍ଲୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବଡ଼କୁଶସ୍ଥଳୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ମାର୍ଟ କ୍ଲାସ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଲାବୋରେଟୋରି, ଶୌଚାଳୟ, ପାନୀୟ ଜଳ, ଖେଳ ପଡ଼ିଆ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବା ସହ ବୁଲି ଦେଖିଥିଲେ। ଏଥିସହ ଗୁଗଲ ଓ ୟୁଟ୍ୟୁବ୍‌ରେ ପାଠ୍ୟ ଖସଡ଼ା ଡାଉନଲୋଡ କରି ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ବୋର୍ଡରେ ଶିକ୍ଷକମାନଙ୍କୁ ଦେଖାଇବାକୁ କହିଥିଲେ। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଉକ୍ତ ୯ଟି ସ୍କୁଲକୁ ଲୋକାର୍ପଣ କରିବେ ବୋଲି ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୧୪ଟି ସ୍କୁଲ ସ୍ମାର୍ଟକ୍ଲାସରେ ରୂପାନ୍ତରିତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ ମହାପାତ୍ର, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, କେଲୁଆପଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ଗୋଳନ୍ଥରା ସରପଞ୍ଚ ସସ୍ମିତା ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ. ଡମ୍ବୁରୁ ରେଡ୍ଡୀ, ସମସ୍ତ ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ।

## ମମିତାଙ୍କୁ ନ୍ୟାୟ ଦାବିରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାଲିଗୁଡ଼ା/ବୁଗୁଡ଼ା, ୯।୧୧(ଡି.ଏନ.ଏ.)**

ମମିତାଙ୍କୁ ନ୍ୟାୟ ଦାବିରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ବହିଷ୍କୃତ କରିବା ପାଇଁ କନ୍ଧମାଳ ଜିଲା ବାଲିଗୁଡ଼ାରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ବାଲିଗୁଡ଼ାର ଟିକାବାଲି ବ୍ଲକ ସାମନାରେ ପ୍ରତିବାଦ ସଭାକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପ୍ରତିବାଦ ସଭାରେ ରାଜ୍ୟ ଏସ୍‌ସିସେଲ୍ ଉପସଭାପତି ରାମବିଶି ଦିଗାଳ, ଟିକାବାଲି ମଣ୍ଡଳ ସଭାପତି ଜିତେନ୍ଦ୍ର ଡାକୁଆ, ପାବୁରିଆ ମଣ୍ଡଳ ସଭାପତି ଲଳିତ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ମାନଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ଭାଜପା ପକ୍ଷରୁ ସୋମବାର ସ୍ଥାନୀୟ ହାଇସ୍କୁଲ ଛକରେ ଗୃହ ରାଷ୍ଟ୍ରମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଓ କର୍ମୀ ବୁଗୁଡ଼ା ସିନେମା ହଲ୍ ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦୁଇ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ବାସନ୍ଦ କରାଯିବ ବୋଲି ଘୋଷଣା କରି ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ଗଙ୍ଗାଧର ନାୟକ, ହରିକୃଷ୍ଣ ସାହୁ, ବିଷ୍ଣୁ ଚରଣ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାନ୍ତି, ହର ପ୍ରସାଦ ଦାଶ, ସୁଶାନ୍ତ କୁମାର ଡାକୁଆ, କେଦାର ମହାରଣା, ତ୍ରିଲୋଚନ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ତ୍ତିକ କୁମାର ମଙ୍ଗାଳ ପ୍ରମୁଖ ବହୁ ନେତା ଓ କର୍ମୀ ସାମିଲ୍ ହୋଇଥିଲେ।

## ଅଖିଳ ଭାରତୀୟ ପୂର୍ବ ସୈନିକ ପ୍ରସ୍ତୁତି ବୈଠକ

**କବିସୂର୍ଯ୍ୟନଗର,୯।୧୧(ଡି.ଏନ.ଏ.)**

କବିସୂର୍ଯ୍ୟନଗରରେ ନୂତନ ନିର୍ମିତ ମା' ହସ୍ପିଟାଲଠାରେ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ଶକ୍ତି, ମାନବ ଅଧିକାର ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଅବସର ସୈନିକ ସଂଘ, ଅଖିଳ ଭାରତୀୟ ପୂର୍ବ ସୈନିକ ସଂଘର ବନ୍ଧୁ ମିଳନ ଓ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଘୁମୁସର ଜିଲା ଉପସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ଉଦ୍ୟୋଗୀ ଇ. ମାହେଶ୍ୱରୀ ଦୋରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମସ୍ତ ସଂଘ କାର୍ଯ୍ୟକର୍ତ୍ତା ସଦସ୍ୟ ମିଳିତ ହୋଇ ନିଜ ଭାବ ଓ ଅନୁଭୂତି ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ଅଧିକାର ସଭାପତି ତଥା ମହିଳା ଶକ୍ତି ଆସ୍କା ବ୍ଲକ ସଭାପତି ପ୍ରଶାନ୍ତ କୁମାର ପାଢ଼ୀ, ବିଶ୍ୱ ମାନବ ଅଧିକାର କମିଶନ ଶେରଗଡ଼ ବ୍ଲକ ସଭାପତି ଦିଲ୍ଲୀପ କୁମାର



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସାହୁ, ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, କବିସୂର୍ଯ୍ୟନଗର ଅବସର ସୈନିକ ସଂଘ ସମ୍ପାଦକ ଉଦୟ ନାଥ ସ୍ୱାଇଁ, ଅବସର ସୈନିକ ସଂଘ ସଭାପତି ଡା. କଂଗ୍ରେସ ପ୍ରଧାନ, ଆଠଗଡ଼ ତାଲୁକା ବାଣାୟତ ସମାଜ ସଂଗଠନ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ଆରଏସଏସ ସେବକ ରାଜକୁମାର ୱାମାନ ଭୋସଲେ, କବିସୂର୍ଯ୍ୟନଗର ବିଏଚପି ସମ୍ପାଦକ ବଳରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୧୨ ରୁ ୧୪ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦ ଅଧିବେଶନରେ ଯୋଗଦେବାକୁ ମନୋନୀତ ସଭ୍ୟ ଚୟନ ଓ ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ହୋଇଥିଲା।

## ବସଷ୍ଟାଣ୍ଡ କାମ ଅଧା, ବୃଦ୍ଧି ପାଉଛି ଟ୍ରାଫିକ ସମସ୍ୟା

**ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)**

ମୋହନା ବ୍ଲକର ପ୍ରତି ଦିନ ଶତାଧିକ ଲୋକ ଯାତାୟାତ କରନ୍ତି। ଏହା ଜାତୀୟ ରାଜପଥ ୩୨୬ ହୋଇଥିବାରୁ ରାୟଗଡ଼ାଠାରୁ ନେଇ ବ୍ରହ୍ମପୁର ଓ ପାରଳାଖେମୁଣ୍ଡିକୁ ବହୁ ସଂଖ୍ୟାରେ ଗାଡି ଚଳାଚଳ ହେଉଛି । ହେଲେ ଆଜିକୁ ବହୁ ଅଭିଯୋଗ ହୋଇଥିଲେ ମଧ ବସଷ୍ଟାଣ୍ଡଟି ନିର୍ମାଣ ହୋଇପାରୁନି। ପୂର୍ବତନ ବିଧାୟିକା ବାସନ୍ତୀ ମଳିକଙ୍କ ସମୟରେ ମୁଖ୍ୟମନ୍ତ୍ରୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଯାହାଦ୍ୱାରା ଚତୁଃପାର୍ଶ୍ୱରେ ମାଟି ବିଛାଇ କାମ ଅଟକି ରହିଗଲା। ପୁଣି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ଦାଶରଥି ଗମାଙ୍ଗ, ସୁଖୀଶବର ଉପସ୍ଥିତିରେ ୧।୩।୨୦ରେ ଏହାର ଭିତ୍ତିପ୍ରସ୍ତର ହୋଇଥିଲା। ବସଷ୍ଟାଣ୍ଡ ଗୃହ ନିର୍ମାଣ ସହ ଚତୁଃପାର୍ଶ୍ୱରେ ପାଚେରି ପାଇଁ କିନ୍ତୁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କାମ ସରୁନି, ଯାହା ଦ୍ୱାରା ଗାଡି ଚାଳକମାନେ ରାସ୍ତା ଉପରେ ଗାଡି ରଖିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ପରିବା ବଜାର ନ ଥିବାରୁ ମୁଖ୍ୟ ରାସ୍ତା କଡ଼ରେ ଉଠା ବ୍ୟବସାୟୀ ଦୋକାନ ଖୋଲୁଥିବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଏହା ଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ମୋହନା ବିଡିଓ ସାର୍ଥକସ୍ୱରଭ ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇପାରି ନ ଥିଲା।

### ଭୁବନେଶ୍ୱରରୁ ଅପହୃତା ଛାତ୍ରୀ ରମ୍ଭାରୁ ଉଦ୍ଧାର

**ଗଞ୍ଜାମ,୯।୧୧(ଡି.ଏନ.ଏ.)**

ଭୁବନେଶ୍ୱର ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ କେହି ଅପହରଣ କରିଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ଅପହରଣକାରୀ ଏକ କାରରେ ଛାତ୍ରୀଙ୍କୁ ରମ୍ଭା ଆଣିଥିବା ପୋଲିସ ଖବର ପାଇ ସ୍ଥାନୀୟ ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରି ଭୁବନେଶ୍ୱର ନେଇଛି। ଅପହରଣକାରୀ ସ୍ଥାନୀୟ ଅଞ୍ଚଳର ଜଣେ ଶିକ୍ଷକ ବୋଲି ଜଣାପଡ଼ିଛି। ଶିକ୍ଷକ ଜଣକ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଶୀଘ୍ର ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ସାଇକେଲରେ ଭାରତ ଭ୍ରମଣ କରିବେ ସୁଦୀପ

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**

ସାଇକେଲରେ ଜାତୀୟ ପତାକା ଧରି ଭାରତ ଭ୍ରମଣର ଜିଜ୍ଞାସା ନେଇ ବାହାରିଛନ୍ତି କୋଲକତା ଯାଦବପୁର ଅଞ୍ଚଳର ସୁଦୀପ ଦାସ (୨୨)। ଗତ ୨ ତାରିଖରୁ ସେ ଯାଦବପୁରରୁ ସାଇକେଲରେ ଯାତ୍ରା ଆରମ୍ଭ କରିଛନ୍ତି। ଛାତ୍ର ସୁଦୀପ ମଙ୍ଗଳବାର ଛତ୍ରପୁର କଲେଜ ଛକଠାରେ ପହଞ୍ଚିଥିବା ବେଳେ ବିଶାଖାପାଟଣାମ ପର୍ଯ୍ୟନ୍ତ ଯିବେ ବୋଲି ସୂଚନା ଦେଇଛନ୍ତି ।

### ବିଜେଡିର ସାଙ୍ଗଠନିକ ବୈଠକ

**କୋଟଗଡ଼,୯।୧୧(ଡି.ଏନ.ଏ)**

କୋଟଗଡ଼ ବ୍ଲକ କୁତ୍ତାବାଲି ଗ୍ରାମପଞ୍ଚାୟତ ଠାରେ ଯୁବ ସଭାପତି କବିରାଜ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ଭଲ କରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପଞ୍ଚାୟତ ସ୍ତରୀୟ ଜିଲା ପରିଷଦ ଜୋନ କମିଟି ଗଠନ କରାଯାଇଥିଲା। ପଞ୍ଚାୟତ ସଭାପତି ବିନୋଦ ଘଡେଇ,ଏମ୍‌ପି ପ୍ରତିନିଧି ମନୋଜ ସାବତ, ଯୁବ ସଭାପତି କବିରାଜ ମଲ୍ଲିକ, ଗୌତମ ବାଗ୍ସିଙ୍ଗ ଓ ଦଳର ପ୍ରମୁଖ ଉପସ୍ଥିତ ଥିଲେ।

### ଆମ ପୋଲିସ ସମିତି ବୈଠକ

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**

ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ଆମ ପୋଲିସ ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଡି. ଲକ୍ଷ୍ମୀ ରେଡ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମବାସୀଙ୍କୁ ବିଭିନ୍ନ ବିଷୟ ନେଇ ସଚେତନ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ। ଗ୍ରାମରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ବୋଲି ଗ୍ରାମବାସୀ ଅନୁମାନ କରୁଛନ୍ତି, ସେମାନଙ୍କ ବିଷୟରେ ପୋଲିସକୁ ସୂଚନା ଦେବା ଓ ଅନ୍ୟ ଅସାମାଜିକ କାର୍ଯ୍ୟରେ ଜଡିତ ରହୁଥିବା ବ୍ୟକ୍ତିଙ୍କ ବିଷୟରେ ଜଣାଇବା ପାଇଁ କୁହାଯାଇଛି। ଏଥିସହ ମହିଳାମାନଙ୍କ ସୁରକ୍ଷା, ଘରୋଇ ହିଂସା ରୋକିବା, ଗୁଣି ଗାରେଡି ସନ୍ଦେହ ରୋକିବା, କୋଭିଡ ନିୟମ ମାନିବା ପାଇଁ ଥାନାଧିକାରୀ ଉପସ୍ଥିତ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଥାନା ଏସଆଇ ସିଲୁ ଧଳ, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡି, ଗ୍ରାମ୍ୟ କମିଟିର ସଭାପତି ଏସ. କାନ୍ତେୟା ରେଡ୍ଡି, ବି. ଶଙ୍କର ରେଡ୍ଡି, ସିଲୁ ରାଉଳ, ହାଡୁ ରେଡ୍ଡି ଓ ଜି. ହରେରାମ ରେଡ୍ଡିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘର ଦାବିପତ୍ର

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**

ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା ଲାଗି ଦୀର୍ଘଦିନ ହେଲା ବିବାହ ପ୍ରଶୋସନ ବନ୍ଦ ରହିଛି। ଏଥିଯୋଗୁ ଲାଇଟ ଆଣ୍ଡ ସାଉଣ୍ଡ ମାଲିକମାନଙ୍କ ରୋଜଗାର ବନ୍ଦ ହୋଇଯାଇଛି। ବର୍ତ୍ତମାନ ବିବାହ ତିଥି ସବୁ ଥିବାରୁ ବାହାଘର ଶୋଭାଯାତ୍ରାରେ ଲାଇଟ୍ ଓ ସାଉଣ୍ଡକୁ ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଛତ୍ରପୁର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିକ୍ଷୋଭ ପ୍ରଦର୍ଶନ ବେଳେ ଆର୍. କାନକା ରାଓ, ହାଡୁବନ୍ଧୁ ସେଠୀ, ପବିତ୍ର ରାଉଳ, ଅଶୋକ କୁମାର ବେହେରା, କୃଷ୍ଣ ଚନ୍ଦ୍ର ରଥ, ସନ୍ତୋଷ ରେଡ୍ଡି, ଗୋପାଳ କୃଷ୍ଣ ଶତପଥୀ, ପି. ରାମୁ, ଟି. ଭାସ୍କର, ପି. ୟୋଗେନ୍ଦ୍ର, ଚନ୍ଦ୍ରୟା ରେଡ୍ଡି, ନରସିଂହ ରେଡ୍ଡି, ବାଲାଜୀ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପୂର୍ବରୁ ଲିକ୍

**ନୟାଗଡ଼ ଅଫିସ,୯।୧୧:** ନୟାଗଡ଼ ମ୍ୟୁନିସିପାଲିଟି ପାଇଁ ୱାର୍ଡୱାରୀ ଚିଠା ସଂରକ୍ଷଣ ତାଲିକା ୧୬ଟି ୱାର୍ଡର ପ୍ରକାଶ ପାଇଛି। ତେବେ ଜିଲାପାଳଙ୍କ ଦସ୍ତଖତ ନ ଥାଇ ଏକ ପ୍ରକାରର ଚିଠାର ଜେରକ୍ସ ଜିଲା ପ୍ରକାଶନ ବିଜ୍ଞପ୍ତି କାଢ଼ିବାର ଅଧ ଘଣ୍ଟାଏ ପୂର୍ବରୁ ବିଭିନ୍ନ ମୋବାଇଲରେ ଘୂରି ବୁଲିଥିଲା। ଅଧ ଘଣ୍ଟାଏ ପରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ନୟାଗଡ଼ ମ୍ୟୁନିସିପାଲିଟିର ଅନୁସୂଚିତ ଜନଜାତି ମହିଳା ପାଇଁ ୱାର୍ଡ ନଂ. ୧ ଥିବାବେଳେ ୨, ୫, ୭, ୮, ୧୦ ଓ ୧୧ ନଂ. ୱାର୍ଡ ଅଣସଂରକ୍ଷିତ ରହିଛି।
୩ ଓ ୧୪ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ଥିବାବେଳେ ୪ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ସେହିପରି ୬, ୯, ୧୫ ଓ ୧୬ ଆଦି ୪ଟି ୱାର୍ଡ ଅଣସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅଛି। ଅନ୍ୟପକ୍ଷେ ୧୨ ଓ ୧୩ ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି।
ଏନେଇ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଚିଠା ସଂରକ୍ଷଣ ଘୂରି ବୁଲିଥିଲା, ଯାହାକି ନିର୍ବାଚନର ସ୍ୱଚ୍ଛତାକୁ ପଦାରେ ପକାଇଛି।

### ଅଟକ ଶାଶୁ ଜେଲ ଗଲେ
#### ଲିଜା ହତ୍ୟା ମାମଲା

**ନୟାଗଡ଼ ଅଫିସ,୯।୧୧:** ଶିମିଳିସାହି ଲିଜା ହତ୍ୟା ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ଅଟକ ରଖିଥିବା ଶାଶୁ ହାଡି ନାହାକ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୭ ତାରିଖରେ ୧୯ ବର୍ଷିୟା ଲିଜା ନାହାକ (ସୁଷମା)ଙ୍କୁ ମାରି ଝୁଲାଇ ଦିଆ ଯାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୬୬/୨୧) ରୁଜୁ କରି ତଦନ୍ତ କରିଥିଲା। ଶରଣକୁଳ ଥାନା କଟରାଝରି ଗାଁର ଲିଜା ଆଜିକୁ ୧ବର୍ଷ ତଳେ ନୟାଗଡ଼ ସଦର ଥାନା ଶିମିଳିସାହିର କୃଷ୍ଣ ନାୟକ(୨୭)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶାଶୁ ଘରର ଦାବି ମୁତାବକ ଯୌତୁକ ଦିଆ ଯାଇଥିଲା। ତେବେ ଅଧିକ ଯୌତୁକ ଆଣିବା ପାଇଁ ଲିଜାଙ୍କୁ ନିର୍ଯାତନା ଦିଆଯିବା ସହିତ ମାରି ଘରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା।

### ଭତ୍ତାରୁ ବଞ୍ଚିତ ବହୁ କଳାକାର
#### କଳା ସଂସ୍କୃତି ସଂଘର ବୈଠକ

**ଖଣ୍ଡପଡ଼ା,୯।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା କଳା, ସଂସ୍କୃତି ସଂଘର ୮୬ତମ ବୈଠକ ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ କଣ୍ଟିଲୋଠାରେ ଅନୁଷ୍ଠିତ ୮୫ତମ ଅଧିବେଶନର ବିବରଣୀ ପାଠ କରାଯାଇ ଆୟବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବହୁ ଯୋଗ୍ୟ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ସେମାନେ କିପରି ସେହି ସୁବିଧା ପାଇପାରିବେ, ସେ ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ସଂକୀର୍ତ୍ତନ ଗୁରୁ ଯୁଗଳ କିଶୋର ବାରିକଙ୍କୁ କବି ଗୌରବ ଉପାଧିରେ ବିଡିଓ ଅରୁଣିମା ସାହୁ ସମ୍ମାନିତ କରିଥିଲେ। ଆୟୋଜିତ ବୈଠକରେ ଗୁରୁ ଯୋଗୀନାଥ ପତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ଖୁଣ୍ଟିଆ, ପୂର୍ବତନ ଗୁରୁ ନଟବର ପ୍ରଧାନ, ସଦସ୍ୟ ଦୈତାରୀ ନାୟକ, ନିତ୍ୟାନନ୍ଦ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପ୍ରାର୍ଥୀ ହେବା ପାଇଁ ଲବି ଜୋରଦାର

- ଅଧ୍ୟକ୍ଷ ପଦ ପଛୁଆ ବର୍ଗ ପାଇଁ ସଂରକ୍ଷିତ
- ଆଶାୟୀଙ୍କ ସଂଖ୍ୟା ବଢ଼ୁଛି
- ଗାଁ ଗଣ୍ଡାରେ ଚାଲିଛି କର୍ମୀ ସମ୍ମିଳନୀ

**ନୟାଗଡ଼ ଅଫିସ,୯।୧୧**

ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ପଦ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ପରେ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଛି। ତେବେ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ। ଭାଜପା ଓ କଂଗ୍ରେସରେ ବି ପ୍ରାର୍ଥୀଙ୍କ ଅଭାବ ନାହିଁ। ହେଲେ ବିଜେଡି ଟିକେଟରେ ପ୍ରାର୍ଥୀ ହେବାକୁ ଏକାଧିକ କର୍ମୀ ଗୋଟିଚାଳନା କରୁଥିବା ଖବର ମିଳିଛି। ଏପରି କି ବିଭିନ୍ନ ସଭା ସମିତିରେ ଆଶାୟୀ ପ୍ରାର୍ଥୀମାନଙ୍କୁ ସ୍ଥାନୀୟ ବିଧାୟକଙ୍କ ସହ ଦେଖିବାକୁ ମିଳୁଛି। ଏହି ସୁଯୋଗରେ ଗାଁ ଗଣ୍ଡାରେ ଭୋଜିଭାତର ଆସର ଜମିଛି। କର୍ମୀ ସମ୍ମିଳନୀ, ପଥପ୍ରାନ୍ତ ସଭା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ହେଉଛି। ଏ ସବୁ ଭିତରେ କ୍ଷମତାରେ ରହିବାକୁ ଦଳ ବଦଳ ବଢ଼ି ଚାଲିଛି। ପଛୁଆ ବର୍ଗଙ୍କ ପାଇଁ ଅଧ୍ୟକ୍ଷ ପଦ ସଂରକ୍ଷଣ ପରେ ୬ଟି ଜୋନ ଚର୍ଚ୍ଚାକୁ ଆସିଛି। ପୂର୍ବରୁ ଚିଠା ପ୍ରସ୍ତାବରେ ଏହା ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ ଥିଲା। ଅନ୍ୟପକ୍ଷେ ୨୦୧୭ ନିର୍ବାଚନରେ ସେହି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା।

୨୪ ଜିଲା ପରିଷଦ ଜୋନ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ୩, ଅନୁସୂଚିତ ଜନଜାତିଙ୍କ ପାଇଁ ୨, ପଛୁଆ ବର୍ଗଙ୍କ ପାଇଁ ୬, ଅଣସଂରକ୍ଷିତ ୧୩ଟି ଜିଲା ପରିଷଦ ଜୋନ ରହିଛି। ଏଥିରୁ ଜିଲାର ଓଡ଼ଗାଁ ୧ ନଂ. ଜୋନ ପଛୁଆ ବର୍ଗ ମହିଳା, ଓଡ଼ଗାଁ ୨ ଜୋନ ମହିଳା, ଓଡ଼ଗାଁ ୩ନଂ. ଜୋନ୍ ଅନୁସୂଚିତ ଜାତି ମହିଳା, ଓଡ଼ଗାଁ ୪ନଂ. ଜୋନ୍ ପଛୁଆ ବର୍ଗ, ଖଣ୍ଡପଡ଼ା ୫ନଂ. ଜୋନ୍ ଅନୁସୂଚିତ ଜନଜାତି, ଖଣ୍ଡପଡ଼ା ୬ନଂ.ଜୋନ୍ ପଛୁଆ ବର୍ଗ ମହିଳା, ଖଣ୍ଡପଡ଼ା ୭ ନଂ. ଜୋନ ମହିଳା, ଗଣିଆ ୮ନଂ. ଜୋନ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଦଶପଲ୍ଲା ୯ନଂ. ଜୋନ୍ ପଛୁଆ ବର୍ଗ, ଦଶପଲ୍ଲା ୧୦ନଂ. ଜୋନ୍ ପଛୁଆ ବର୍ଗ ମହିଳା, ଦଶପଲ୍ଲା ୧୧ନଂ. ଜୋନ୍ ପଛୁଆ ବର୍ଗ, ନୟାଗଡ଼ ୧୨ ଓ ୧୩ ନଂ. ଜୋନ୍ ଅଣସଂରକ୍ଷିତ, ନୟାଗଡ଼ ୧୪ ନଂ. ଜୋନ୍ ଅନୁସୂଚିତ ଜାତି, ନୟାଗଡ଼ ୧୫ ନଂ ଜୋନ ଅଣସଂରକ୍ଷିତ, ନୂଆଗାଁ ୧୬ ନଂ ଜୋନ ମହିଳା, ନୂଆଗାଁ ୧୭ ନଂ ଜୋନ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଅନୁରୂପ ଭାବେ ସଂରକ୍ଷିତ ଅଛି। ଅନ୍ୟପକ୍ଷେ ଭାପୁର ୧୮, ୧୯ ଓ ୨୦ ନଂ. ଜୋନ୍ ଅଣସଂରକ୍ଷିତ, ରଣପୁର ୨୧ ନଂ. ଜୋନ୍ ମହିଳା, ରଣପୁର ୨୨ନଂ. ଜୋନ୍ ଅଣସଂରକ୍ଷିତ, ରଣପୁର ୨୩ ନଂ. ଜୋନ୍ ଅନୁସୂଚିତ ଜାତି ମହିଳା, ରଣପୁର ୨୪ ନଂ. ଜୋନ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ୨୪ ଜୋନ୍ ମଧ୍ୟରୁ ୧, ୪, ୬,୯, ୧୦, ୧୧ ନଂ. ଆଦି ୬ ଜୋନ୍ ଚର୍ଚ୍ଚାରେ ରହିଛି। କାରଣ ଏହି ୬ଟି ଜୋନ୍ ପଛୁଆ ବର୍ଗ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅଛି। କେବଳ ପଛୁଆ ବର୍ଗ ପାଇଁ ଅଧ୍ୟକ୍ଷ ପଦ ସଂରକ୍ଷଣ ଥିବାରୁ ପୁରୁଷ ଓ ମହିଳା ପ୍ରାର୍ଥୀ ହେବାକୁ ଅସୁବିଧା ନାହିଁ। ଏହି ୬ଟି ଜୋନ୍‌କୁ ଛାଡ଼ିଦେଲେ ୨, ୭, ୮, ୧୨, ୧୩, ୧୫, ୧୬, ୧୮, ୧୯, ୨୦, ୨୧, ୨୨ ଓ ୨୪ ନଂ. ଜୋନ୍‌ରେ ପଛୁଆ ବର୍ଗ ପୁରୁଷ ଓ ମହିଳା ପ୍ରାର୍ଥୀ ବିଜୟୀ ହେଲେ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ି ପାରିବେ। ତେବେ ଏହି ୧୧ଟି ଜୋନ୍ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ନାହିଁ। ଏହି ଜୋନ୍‌ଗୁଡ଼ିକରୁ କିଛି ମହିଳା ଓ ଆଉ କିଛି ଅଣସଂରକ୍ଷିତ ରହିଛି। ଅଣସଂରକ୍ଷିତ ଜୋନ୍‌ଗୁଡ଼ିକରେ ପଛୁଆ ବର୍ଗ ମହିଳା ଓ ପୁରୁଷ ପ୍ରାର୍ଥୀ ହୋଇ ପାରିବେ। କିନ୍ତୁ ମହିଳାଙ୍କ ପାଇଁ ସଂରକ୍ଷିତ ଜୋନ୍‌ରେ କେବଳ ପଛୁଆ ବର୍ଗର ମହିଳା ପ୍ରାର୍ଥୀ ହୋଇ ପାରିବେ। କିନ୍ତୁ ଏହି ଜୋନ୍‌ଗୁଡ଼ିକରେ ପଛୁଆ ବର୍ଗର ମହିଳା ଓ ପୁରୁଷଙ୍କ ପାଇଁ ଜିତିବା କାଠିକର ପାଠ ହେବ ବୋଲି କିଛି ରାଜନୈତିକ ବିଶାରଦ କହିଛନ୍ତି। କାରଣ ଏଠାରେ ସାଧାରଣ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀ ମଇଦାନକୁ ଓହ୍ଲାଇବେ।

# କୁରାଳ ନାଥିଆପଲ୍ଲୀରେ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

**ଓଡ଼ଗାଁ,୯।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଓ ତହସିଲ ଅଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରିଥିବା ପରିବାରକୁ ଉଚ୍ଛେଦ କରାଯାଇଛି। ଗତ କିଛିଦିନ ତଳେ ଏନ୍‌ଏସିର ଜାରିଙ୍ଗି ଓ ଦଳକ ମୌଜାରେ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ମଙ୍ଗଳବାର ଏହି ତହସିଲ ଅଧୀନ କୁରାଳ ମୌଜାର ନାଥିଆପଲ୍ଲୀ ସ୍କୁଲ ନିକଟରୁ ୮ ଡେସିମିଲ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ସୂଚନା ଅନୁଯାୟୀ, ଏହି ଜାଗାରେ ନାଥିଆପଲ୍ଲୀ ଗ୍ରାମର ଦେବରାଜ ନାୟକ ୪ ଡେସିମିଲ ଜମିରେ ଖଳାବାରୀ ଓ କମଳା ପାତ୍ର ଅବଶିଷ୍ଟ ୪ ଡେସିମିଲରେ ଚାଳଘର କରିଥିଲେ। ହେଲେ ସେହି ଜାଗାକୁ ସମ୍ପୃକ୍ତ ଗ୍ରାମର୪ ଜଣ ଭୂମିହୀନଙ୍କୁ ଜଣ ପିଛା ୩ ଡେସିମିଲ ଲେଖାଏ ବସୁନ୍ଧରା ଯୋଜନାରେ ପ୍ରଦାନ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ସେହି ସ୍ଥାନ ଖାଲି କରୁ ନ ଥିଲେ। ଫଳରେ ପଟ୍ଟା ପାଇଥିବା ହିତାଧିକାରୀ ଘର କରିବାରୁ ବଞ୍ଚିତ ହୋଇଥିଲେ। ଏନେଇ ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ନିକଟରେ ଅଭିଯୋଗ ହେବା ପରେ ତାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ନିରନ ନାୟକ, କୋମଣ୍ଡ ଆରଆଇ ସୁଧୀର କୁମାର ପରିଡ଼ା ପୋଲିସ ଫୋର୍ସ ସହିତ ଜେସିବି ଲଗାଇ ଚାଳ ଛପର ଘର ସହିତ ଖଳାବାରିକୁ ଉଚ୍ଛେଦ କରିଛନ୍ତି। ଅନ୍ୟପକ୍ଷେ ଓଡ଼ଗାଁ ଏନ୍‌ଏସି ଓ ତହସିଲ ଅଞ୍ଚଳରେ ବହୁ ବ୍ୟକ୍ତି ରାଜନୈତିକ ଛତ୍ରଛାୟାରେ ରହି ସରକାରୀ ଜାଗାକୁ ଜବରଦଖଲ କରିଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଆଇନ ସଚେତନତା ପଦଯାତ୍ରା




ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ନୟାଗଡ଼ ଅଫିସ,୯।୧୧**

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଇନ ସଚେତନତା ପଦଯାତ୍ରା ଜିଲା ଜଜ୍ ରୂପଶ୍ରୀ ଚୌଧୁରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ପରେ ନୟାଗଡ଼ ସହର ପରିକ୍ରମା କରିଥିଲା। ଏଥିରେ ଜିଲା ଜଜ୍ ଚୌଧୁରୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ସଚିବ ରଞ୍ଜୁଲତା ଲେଙ୍କା, ସବ୍‌ଜଜ୍ ପବିତ୍ରନନ୍ଦ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସ୍ଥାନୀୟ ଗ୍ରାମୀଣ ଆଇନ ସେବା କର୍ମୀ, ଏନ୍‌ସିସି ଓ ନର୍ସିଂ କଲେଜ ଛାତ୍ରୀଛାତ୍ର, ଜିଲା କୋର୍ଟ ପ୍ରାଧିକରଣଙ୍କ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ଶେଷ ହେବା ପରେ ସ୍ଥାନୀୟ ଜିଲା କୋର୍ଟ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଗାଁ ଗହଳିରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ଗ୍ରାମୀଣ ଆଇନ ସହାୟତା କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନଙ୍କୁ ପରାମର୍ଶ ଦିଆଯାଇଥିଲା।

### ଏନ୍‌ଏସି ଚିଠା ସଂରକ୍ଷଣ ତାଲିକା ପ୍ରକାଶ

**ରଣପୁର, ୯।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦରେ ହେବାକୁ ଥିବା ନିର୍ବାଚନ ପାଇ ସଂରକ୍ଷଣ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି ! ସମୁଦାୟ ୧୫ଟି ୱାର୍ଡ଼ ପାଇଁ ଏହି ଚିଠା ପ୍ରକାଶ ହୋଇଛି। ସେଗୁଡିକ ହେଲା ୱାର୍ଡ଼ ନଂ.୧ ପଛୁଆ ବର୍ଗ ମହିଳା, ୱାର୍ଡ଼ ନଂ.୨ ଅନୁସୂଚିତଜାତି, ୱାର୍ଡ଼ ନଂ. ୩ ପଛୁଆ ବର୍ଗ, ୱାର୍ଡ଼ ନଂ. ୪ ଅଣସଂରକ୍ଷିତ, ୱାର୍ଡ଼ ନଂ.୫ ପଛୁଆ ବର୍ଗ, ୱାର୍ଡ଼ ନଂ.୬ ପଛୁଆ ମହିଳା, ୱାର୍ଡ଼ ନଂ. ୭ ସଂରକ୍ଷିତ ମହିଳା, ୱାର୍ଡ଼ ୮ ଅଣସଂରକ୍ଷିତ ୱାର୍ଡ଼ ନଂ.୯ ଅଣ ସଂରକ୍ଷିତ, ୱାର୍ଡ଼ ୧୦ ଅନୁସୂଚିତଜନଜାତି ମହିଳା, ୱାର୍ଡ ନଂ. ୧୧ ଅଣ ସଂରକ୍ଷିତ ୱାର୍ଡ ୧୨ ସଂରକ୍ଷିତ ମହିଳା, ୱାର୍ଡ ନଂ,୧୩ ସଂରକ୍ଷିତ ମହିଳା ୱାଡ଼ ୧୪ ପଛୁଆ ବର୍ଗ ମହିଳା ୱାଡ଼ ୧୫ ଅନୁସୂଚିତଜନଜାତି ଙ୍କ ପାଇ ରହିଛି ବୋଲି ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ନଳକୂପ ସାମଗ୍ରୀ ଚୋରି, ବିଡିଓଙ୍କୁ ଲିଖିତ ଅଭିଯୋଗ

**ନୂଆଗାଁ,୯।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତରୁ ଚୋରି କରାଯାଇଥିବା ଏକ ନଳକୂପ ହ୍ୟାଣ୍ଡେଲକୁ ମଙ୍ଗଳବାର ବିକ୍ରି କରାଯାଉଥିବା ବେଳେ ଧରାପଡିଛି। ସେହି ସାମଗ୍ରୀକୁ ବିଡିଓଙ୍କ ଜିମା ଦିଆଯିବା ସହ ଜଣେ ବ୍ୟକ୍ତି ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାୟତ ପରିସରରେ ବହୁ ନଳକୂପ ସାମଗ୍ରୀ ରଖାଯାଇଛି। କେତେଜଣ ଅସାମାଜିକ ବ୍ୟକ୍ତି ସେହି ସାମଗ୍ରୀକୁ ଚୋରି କରି ବିଭିନ୍ନ ଲୋକଙ୍କୁ ବିକ୍ରି କରୁଛନ୍ତି ବୋଲି ପୂର୍ବରୁ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ସେମିତି ଘଟଣା ସାମ୍ନାକୁ ଆସିବା ପରେ ସଂପଡା ଗ୍ରାମର ମଦନ ସେଠୀଙ୍କ ସମେତ କେତେଜଣ ଲୋକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇ ନଳକୂପ ହ୍ୟାଣ୍ଡେଲକୁ ଉଦ୍ଧାର କରିବା ସହ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ନୂଆଗାଁ ଥାନାରେ ଚୋରି ଅଭିଯୋଗ କରାଯିବ ବୋଲି ବିଡିଓ ପ୍ରମୋଦ କୁମାର ନାୟକ କହିଛନ୍ତି।

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୯।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ବୁଧବାର ଜୀବନବିନ୍ଦୁ ଓ ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଜନସାଧାରଣ ରକ୍ତଦାନ କରିବେ ବୋଲି ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ମୋ ପରିବାର ଜୀବନବିନ୍ଦୁର ଅଧ୍ୟକ୍ଷ ଅରୂପ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ କଲେଜ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ମାନଗୋବିନ୍ଦ ରାଉତ, ଜାତୀୟ ସେବା ସଂସ୍ଥାର ସଂଯୋଜକ ହୃଷୀକେଶ ମିଶ୍ର, ଅଧ୍ୟାପିକା ସରଳା ବେହେରା, ଜୟଶ୍ରୀ ସାହୁ, ଅଧ୍ୟାପକ ଡ. ଅଶୋକ ପାତ୍ର, ରମେଶ ଚନ୍ଦ୍ର ସାହୁ, ସରୋଜ କୁମାର ମିଶ୍ର, ଓମ୍ ପ୍ରକାଶ ସାହୁ, ସୁମନ୍ତ କୁମାର ଜେନା, ସୁଜଳ କୁମାର ମହାରଣା, ପ୍ରକାଶ ଚନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ, କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଲକ୍ଷ୍ମୀଧର ଟିନରା, ବଡ଼ବାଣପୁର ସରପଞ୍ଚ ପ୍ରଦୀପ କୁମାର କର, ଖବରଦାତା ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା, ଅଧ୍ୟାପିକା ମାନସୀ ଦ୍ୱାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ରକ୍ତଦାନ ଶିବିର ପାଇଁ ଅନୁଷ୍ଠିତ ବୈଠକ।

# ଆବାସ ଯୋଜନାରେ ଟଙ୍କା ନ ମିଳିବାରୁ ଧାରଣା

**ଦଶପଲ୍ଲା,୯।୧୧(ଡି.ଏନ.ଏ.)**

ପକ୍କା ଘରଟିଏ ପାଇଁ ଦରଖାସ୍ତ କରି ୨୦୧୯ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ୧୧ ହିତାଧିକାରୀ। ପ୍ରଥମ କିସ୍ତି ୬୦ହଜାର, ଦ୍ୱିତୀୟ କିସ୍ତି ୪୦ହଜାର ପାଇ ଘର କାମ ଆଗେଇ ନେଇଥିଲେ। କିନ୍ତୁ ଛାତ ପଡିବା ବେଳକୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଆଉ ଟଙ୍କା ମିଳିବ ନାହିଁ ବୋଲି କହିଥିଲେ। କାରଣ, ସେମାନଙ୍କୁ ପୂର୍ବରୁ ଇନ୍ଦିରା ଆବାସ ମିଳିଥିଲା। ଏବେ ୧୧ନଂ.ୱାର୍ଡ କୃଷ୍ଣଚନ୍ଦ୍ରପୁର ପାଟଣାର ୧୧ ପରିବାର ଜରି ପାଲ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଏନ୍‌ଏସିଠାରୁ ଜିଲାପାଳଙ୍କ ଯାଏ ସମସ୍ତଙ୍କୁ ଏହି ପରିବାର ସଦସ୍ୟମାନେ ନିଜ ଦୁଃଖ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ସେମାନେ ମଙ୍ଗଳବାରଠାରୁ ଦଶପଲ୍ଲା ଏନ୍‌ଏସି ଅଫିସ ଆଗରେ ଧାରଣାରେ ବସିଛନ୍ତି। ଏହି ହିତାଧିକାରୀମାନେ ହେଲେ ସାବିତ୍ରୀ ବେୱା, ପ୍ରମିଳା ନାୟକ, ବିଦ୍ୟାଧର ନାୟକ, ଶ୍ରୀଧର ନାୟକ, କାମନା ନାୟକ, ପ୍ରମୋଦ ନାୟକ, ଶିଶୁଳା ନାୟକ, ବିଜୟଲକ୍ଷ୍ମୀ ନାୟକ। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର କୁହନ୍ତି ମୁଁ ଏ ନେଇ ଜିଲାପାଳଙ୍କୁ ଅବଗତ କରିଛି। ସେ ଯାହା ନିଷ୍ପତ୍ତି ନେବେ। ଏହି ରିପୋର୍ଟ ଲେଖା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିଲା।

# ଟ୍ରାକ୍ଟର ମାଲିକମାନେ ଜରିମାନା ଗଣିଲେ

**ନୂଆଗାଁ,୯।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନ ଟ୍ରାକ୍ଟର ମାଲିକମାନେ ରାଜସ୍ୱ ଫାଙ୍କିବା ସହ ଚୋରା ବାଲି, ପଥର କାରବାର କରୁଥିଲେ। ତେବେ ତହସିଲ ପକ୍ଷରୁ ଧରପଗଡ଼ ପରେ ଟ୍ରାକ୍ଟର ମାଲିକମାନେ ଜରିମାନା ଗଣିଛନ୍ତି। ସୂଚନା ଅନୁଯାୟୀ, ନୂଆଗାଁ ତହସିଲ କାର୍ଯ୍ୟାଳୟ ଅଧୀନରେ ୪ ଗୋଟି ରାଜସ୍ୱ କାର୍ଯ୍ୟାଳୟ ରହିଥିବା ବେଳେ ଟ୍ରାକ୍ଟର ମାଲିକମାନେ ବିଭାଗୀୟ କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତ କରି ଅବାଧରେ ବାଲି ବ୍ୟବସାୟ ଚଳାଇଥିଲେ। ଫଳରେ ତହସିଲ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିଲା। ହେଲେ ତହସିଲ କର୍ମଚାରୀମାନେ ଏବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛନ୍ତି। ଗତ ୮ ଦିନ ମଧ୍ୟରେ ମହିତମା ରାଜସ୍ୱ କାର୍ଯ୍ୟାଳୟ ଦ୍ୱାରା ସର୍ବାଧିକ ୯୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ନୂଆଗାଁ ରାଜସ୍ୱ କାର୍ଯ୍ୟାଳୟ ଦ୍ୱାରା ସର୍ବନିମ୍ନ ୮ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ବାହାଡ଼ାଝୋଲା କାର୍ଯ୍ୟାଳୟ ଦ୍ୱାରା ୨୪ ହଜାର ଓ ମହିପୁର କାର୍ଯ୍ୟାଳୟ ଦ୍ୱାରା ୧୪ ହଜାର ଟଙ୍କା ଆଦାୟ କରି ସର୍ବମୋଟ ୧ ଲକ୍ଷ ୩୮ ହଜାର ଟଙ୍କା ତହସିଲରେ ଜମା କରାଯାଇଛି। ଟ୍ରାକ୍ଟର ମାଲିକମାନେ ରାଜସ୍ୱ ଫାଙ୍କିବା ଏକ ଅପରାଧ। ଏପରି କାର୍ଯ୍ୟକୁ ରୋକିବା ନିହାତି ଜରୁରୀ ବୋଲି ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ କହିଛନ୍ତି।

# ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ଅର୍ଥନୀତି ଶୀର୍ଷକ ଆଲୋଚନାଚକ୍ର

**ନୟାଗଡ଼ ଅଫିସ,୯।୧୧**

ଶରଣକୂଳ ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗ ପକ୍ଷରୁ ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ଅର୍ଥନୀତି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରଫେସର ଚନ୍ଦ୍ର ଶେଖର ବାହିନୀପତି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଗୀତାଞ୍ଜଳି ବେହେରା, ଅଧ୍ୟାପକ ପୀତବାସ ବିଶ୍ୱାଳ, ବାପି ନାୟକ, ଶିକ୍ଷା ବିଭାଗ ମୁଖ୍ୟ ଡାକ୍ତର ବ୍ୟୋମକେଶ ରଥ ପ୍ରମୁଖ ଯୋଗ ଦେଇଥିଲେ।

# ସାଉଥ୍‌କୋ କାର୍ଯ୍ୟାଳୟ ଘେରିଲେ ବଜ୍ରଗୁମ୍ଫା ଲୋକ

## ୧୫ ବର୍ଷ ଧରି ଅନ୍ଧାରରେ କାଳାତିପାତ

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗ ଦ୍ୱାରା ଗତ ୧୫ ବର୍ଷ ତଳୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲେ ମଧ ସମ୍ପୃକ୍ତ ପରିବାରକୁ ପ୍ରତି ମାସରେ ହଜାର ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ଆସୁଛି। ଶହଶହ ଗରୀବ ପରିବାର ବର୍ତ୍ତମାନ୍ ସୁଦ୍ଧା ବିଦ୍ୟୁତ୍ ଆଲୋକ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଘରକୁ ବିଦ୍ୟୁତ୍ ତାର ସଂଯୋଗ ହୋଇଛି ଏବଂ ମିଟର୍ ମଧ ବସିଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏହା ଦେଖିବାକୁ ମିଳିଛି ଏହି ବ୍ଲକ ତଥା ସିଏଚ୍ ଟିକରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଜ୍ରଗୁମ୍ଫା ହରିଜନ ସାହିରେ। ସାହିରେ ୨୦ ରୁ ଊର୍ଦ୍ଧ୍ୱ ପରିବାର ରହିଛନ୍ତି। ସମସ୍ତେ ଗରୀବ ଶ୍ରେଣୀର। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣାଇଥିଲେ ମଧ ତାଙ୍କ କଥା କେହି ଶୁଣିବାକୁ ନାରାଜ। ଫଳରେ ସାହି ବାସିନ୍ଦାଙ୍କ ମଙ୍ଗଳବାର ଏକତ୍ରୀତ ହୋଇ ଦିଗପହଣ୍ଡି ସାଉଥ୍‌କୋ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଭାଜପା ନେତା ଉତ୍ତମ ପାଣିଗ୍ରାହୀ। ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ କାମା ସେଠୀଙ୍କ ସହିତ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ସାହି ଏବଂ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ପରିବାରଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ନହେଲେ ସେମାନେ ବାଧହୋଇ ସାଉଥ୍‌କୋ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଦିଗପହଣ୍ଡି ବିଡିଓଙ୍କ ସହିତ ମଧ ଆଲୋଚନା କରି ସେମାନଙ୍କର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଭାଜପା ନେତା ଦାବି କରିଛନ୍ତି। ଏହାର ବିହିତ ପଦକ୍ଷେପ ନ ନେଲେ ଭାଜପା ପକ୍ଷରୁ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବା ପାଇଁ ଉତ୍ତମ ପାଣିଗ୍ରାହୀ କହିଛନ୍ତି। ଏ ସମ୍ପର୍କରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଓ ବିଡିଓଙ୍କୁ ମଧ ପ୍ରଦାନ କରିଛନ୍ତି।

# ନିଖୋଜ ଚାଷୀଙ୍କ ଗଳିତ ମୃତଦେହ ବିଲରୁ ଜବତ

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗ୍ରାମ ନୂଆଁବନ୍ଧ ନିକଟସ୍ଥ ଏକ ଧାନ ବିଲରୁ ଜଣେ ଚାଷୀଙ୍କ ଗଳିତ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ଜଣକ ହେଲେ କୋଟିନଡା ଗ୍ରାମର ଅଙ୍ଗଦ ବେହେରା (୮୦)। ଥାନା ମାମଲା ନଂ.୧୮/୨୧ ଅନୁଯାୟୀ ମୃତଦେହକୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୩୦ରୁ ଅଙ୍ଗଦ ଗ୍ରାମରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମର କିଛି ବ୍ୟକ୍ତି ଧାନ ଜମିରେ ଅଙ୍ଗଦଙ୍କ ମୃତଦେହକୁ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। କୋଟିନଡ଼ା ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଷୋୟୀ ଏ ନେଇ ଦିଗପହଣ୍ଡି ପୋଲିସକୁ ଜଣାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।